# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୨୮/୨୦୨୩ (୧୮ ପୃଷ୍ଠା) | Bhubaneswar, Wednesday, June 28/2023 | Page 18 | ₹ 7.00

୪୯ଶ ଭାଗ ୨୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 213 | ମୂଲ୍ୟ ₹୭/-



DSPL-118

ଓଡ଼ିଶା ସରକାର

# ଏକାମ୍ର ପ୍ରକଳ୍ପର ଭୂମିପୂଜନ

## ବୁଧବାର, ୨୮ ଜୁନ ୨୦୨୩, ଦିବା ୧୦ ଘଟିକା, ଭୁବନେଶ୍ୱର



### ଏକାମ୍ର ପ୍ରକଳ୍ପର ବୈଶିଷ୍ଟ୍ୟ

- ଏକାମ୍ର ପ୍ରକଳ୍ପର ସ୍ଥାପତ୍ୟ, ପ୍ରତ୍ନତାତ୍ତ୍ୱିକ ଏବଂ ପ୍ରାଚୀନ ଐତିହ୍ୟର ପୁନରୁଦ୍ଧାର ।
- ଯାନବାହାନ ଯାତାୟତ ସୁବିଧା ପାଇଁ ୧୨-୧୮ ମିଟର ଚଉଡ଼ା ବିଶିଷ୍ଟ ମିଶ୍ରିତ ଟ୍ରାଫିକ ଲେନ୍ ନିର୍ମାଣ ।
- ପଥଚାରୀଙ୍କ ଗମନାଗମନ ପାଇଁ ୪-୧୦ ମିଟର ଚଉଡ଼ା ଚଲାପଥ ନିର୍ମାଣ ।
- ଏକାମ୍ର କ୍ଷେତ୍ରରେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ପାର୍କିଂ ସୁବିଧା ବାହ୍ୟପାର୍ଶ୍ୱକୁ ସ୍ଥାନାନ୍ତରଣ ।
- ଭକ୍ତ ମାନଙ୍କ ସୁବିଧାଜନକ ସମାଗମ ପାଇଁ ପରସ୍ପର ସଂଯୋଗୀ ଖୋଲା ସ୍ଥାନ ସୃଷ୍ଟି ।
- ତୀର୍ଥଯାତ୍ରୀଙ୍କ ସାମଗ୍ରୀ ରଖିବା ପାଇଁ ୩୦୦ ବର୍ଗ ମିଟର ଜାଗାର ବ୍ୟବସ୍ଥା ।
- ଜରୁରୀକାଳୀନ ସେବା ଏବଂ ସୁବିଧା ନିମନ୍ତେ ୧୬୦୦ ବର୍ଗ ମିଟରର ଏକ ସୂଚନା ଏବଂ ନିୟନ୍ତ୍ରଣ କେନ୍ଦ୍ରର ବିକାଶ ।
- ବିନ୍ଦୁସାଗର ଚାରିପଟେ ପଦଚାରୀଙ୍କ ପରିଭ୍ରମଣ ତଥା ରୀତିନୀତି ନିମନ୍ତେ ଏକ ସ୍ୱତନ୍ତ୍ର ଚଲାପଥ ନିର୍ମାଣ ।

ବିଭିନ୍ନ ଟିଭି ଚ୍ୟାନେଲ / ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏହି ଐତିହାସିକ ଶିଳାନ୍ୟାସର ସିଧା ପ୍ରସାରଣ ଦେଖିବା ପାଇଁ ବହୁ ସଂଖ୍ୟାରେ ଯୋଡ଼ି ହୁଅନ୍ତୁ ।

ୱେବ ପ୍ରସାରଣ ଦେଖିବା ପାଇଁ ଅନୁସରଣ କରନ୍ତୁ

ୟୁଟ୍ୟୁବ୍

ଟ୍ୱିଟର
https://twitter.com/SLTA_Lingaraj

ଫେସ୍‌ବୁକ
Shree Lingaraj Temple Office, Bhubaneswar

OIPR - 34161/13/0028/2324

## ଦୀପାବଳିରେ ନ୍ୟୁୟର୍କ ସ୍କୁଲ ଛୁଟି

**ନ୍ୟୁୟର୍କ,୨୭।୬:** ଏଣିକି ଦୀପାବଳି ଅବସରରେ ନ୍ୟୁୟର୍କରେ ସମସ୍ତ ସ୍କୁଲ ଛୁଟି ହେବା ନେଇ ସୋମବାର ମେୟର ଏରିକ୍ ଆଡାମ୍ସ ଘୋଷଣା କରିଛନ୍ତି। ନ୍ୟୁୟର୍କରେ ବ୍ରୁକ୍ଲିନ୍ କୁଇନ୍ସ ହଲିଡେ ବଦଳରେ ଦୀପାବଳି ଛୁଟି ପାଳନ କରାଯିବ। ପ୍ରତିବର୍ଷ ନ୍ୟୁୟର୍କରେ ଅନେକ ଲୋକ ଦୀପାବଳି ପାଳନ କରନ୍ତି। ଏ ନେଇ ଏରିକ୍ ଟୁଇଟରରେ ଏକ ପୋଷ୍ଟ ମଧ୍ୟ ଶେୟାର କରିଛନ୍ତି। ଏ ସମ୍ପର୍କିତ ଆଗତ ବିଲ୍‌ରେ ଗଭର୍ନର କାଥି ହୋଚୁକ୍ ସହମତି ପ୍ରଦାନ କରି ସ୍ୱାକ୍ଷର କରିବେ ବୋଲି ଆଶା ଥିବା ଏରିକ୍ କହିଛନ୍ତି।

## ନୋବେଲ ବିଜେତା ବୈଜ୍ଞାନିକ ଜନ୍ ଗୁଡ୍‌ଏନଫ୍‌ଙ୍କ ପରଲୋକ

**ୱାଶିଂଟନ୍,୨୭।୬:** ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଥିବା ଜନ୍ ଗୁଡ୍‌ଏନଫ୍‌ଙ୍କ ପରଲୋକ ଘଟିଛି। ତାଙ୍କୁ ୧୦୦ ବର୍ଷ ହୋଇଥିଲା।



ରବିବାର ଜନ୍‌ଙ୍କ ମୃତ୍ୟୁ ନେଇ ୟୁନିଭର୍ସିଟି ଅଫ୍ ଟେକ୍ସାସ୍ ପକ୍ଷରୁ ସୂଚନା ଦିଆଯାଇଛି। ଲିଥିୟମ୍-ଆୟନ୍ ବ୍ୟାଟେରି ଉଦ୍ଭାବନ କରିବା ନେଇ ଜନ୍‌ଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ୟୁନିଭର୍ସିଟି ଅଫ୍ ଟେକ୍ସାସ୍‌ରେ ଜନ୍ ଇଞ୍ଜିନିୟରିଂ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। ଜନ୍ ଅତି ବୁଦ୍ଧିମାନ ବୈଜ୍ଞାନିକ। ତାଙ୍କ ଉଦ୍ଭାବନ ଦ୍ୱାରା ବିଶ୍ୱବାସୀ ଆଜି ଉପକୃତ ବୋଲି ଅଷ୍ଟିନ୍‌ର ୟୁନିଭର୍ସିଟି ଅଫ୍ ଟେକ୍ସାସ୍ ଅଧ୍ୟକ୍ଷ ଜୟ୍ ହାର୍ଟଜେଲ କହିଛନ୍ତି।

## ଦୁର୍ଦ୍ଦାନ୍ତ ଗୁଫ୍ରାନ୍‌ଙ୍କୁ ଏନ୍‌କାଉଣ୍ଟର

**ଲକ୍ଷ୍ନୌ, ୨୭।୬:** ଉତ୍ତର ପ୍ରଦେଶ କୌଶାମ୍ବୀ ଜିଲାରେ ମଙ୍ଗଳବାର ଦୁର୍ଦ୍ଦାନ୍ତ ଅପରାଧୀ ଗୁଫ୍ରାନଙ୍କର ପୋଲିସ ଏନ୍‌କାଉଣ୍ଟରେ ମୃତ୍ୟୁ ଘଟିଛି। ଗୁଫ୍ରାନ୍ ବହୁ ଆପରାଧିକ କାରବାରରେ ଲିପ୍ତ ଥିବାବେଳେ ଏକାଧିକ ହତ୍ୟା ଓ ଡକାୟତି ମାମଲାରେ ପୋଲିସ ତାଙ୍କୁ ୱାଣ୍ଟେଡ୍ ବୋଲି ଘୋଷଣା କରିଥିଲା।



ଭୋର ୫ଟାବେଳେ ଉତ୍ତର ପ୍ରଦେଶ ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ ଟିମ୍ କୌଶାମ୍ବୀରେ ସର୍ଚ୍ଚ ଅଭିଯାନ ଆରମ୍ଭ କରିଥିଲା। ତଲାସିବେଳେ ଗୁଫ୍ରାନ୍ ଓ ତାଙ୍କ ଟିମ୍ ପ୍ରଥମେ ପୋଲିସ ଉପରକୁ ଗୁଳି ମାଡ଼ କରିଥିଲେ। ଏହାପରେ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିଯୋଗ ହୋଇଥିଲା। ପୋଲିସ ଗୁଳିରେ ଗୁଫ୍ରାନ୍ ଆହତ ହେବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

# ଦେଶରେ ୨ଟି ଆଇନ ଚାଲିବନି

## ୟୁସିସି ପ୍ରସଙ୍ଗ ଉଠାଇ ବିରୋଧୀଙ୍କୁ ଟାର୍ଗେଟ କଲେ ମୋଦି

**ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଭାରତର ସମସ୍ତ ନାଗରିକଙ୍କ ପାଇଁ ଗୋଟିଏ ଆଇନ ପ୍ରଚଳନ କରିବା ହେଉଛି ୟୁନିଫର୍ମ ସିଭିଲ୍ କୋଡ୍ ବା ଏକକ ଦେୱାନୀ ସଂହିତା (ୟୁସିସି)। ନିକଟରେ ୨୧ତମ ଆଇନ କମିଶନ ୟୁସିସି ଉପରେ ବିଭିନ୍ନ ପକ୍ଷ, ଧର୍ମୀୟ ସଂସ୍ଥା ଓ ସାଧାରଣ ଜନତାଙ୍କ ମତାମତ ଲୋଡ଼ିବା ପରଠୁ ଏହି ପ୍ରସଙ୍ଗରେ ଚର୍ଚ୍ଚା ଜୋର୍ ଧରିଛି। ବିରୋଧୀ ଦଳଗୁଡ଼ିକ ଏହା ଉପରେ ପ୍ରଶ୍ନ ଉଠାଉଥିବାବେଳେ ସେମାନେ ମୁସଲମାନ ସମ୍ପ୍ରଦାୟକୁ ବିଭ୍ରାନ୍ତ କରି ଉସୁକାଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନା କରିଛନ୍ତି।**


ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ,୨୭।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଏକକ ଦେୱାନୀ ସଂହିତା (ୟୁସିସି) ସପକ୍ଷରେ ଦୃଢ଼ ମତ ରଖିଛନ୍ତି। ଡିସେମ୍ବରରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଭୋପାଳରେ 'ମେରା ବୁଥ୍ ସବ୍‌ସେ ମଜବୁତ୍' କ୍ୟାମ୍ପେନ୍ ବେଳେ ଭାଜପା କର୍ମୀମାନଙ୍କୁ ସମ୍ବୋଧିତ କରି ମୋଦି କହିଛନ୍ତି, ଗୋଟିଏ ପରିବାରରେ ଯେପରି ଭିନ୍ନ ଭିନ୍ନ ନିୟମ ଚାଲେନାହିଁ, ସେହିପରି ଦେଶରେ ମଧ୍ୟ ୨ଟି ଆଇନ ଚାଲିପାରିବ ନାହିଁ। ମୁସଲମାନଙ୍କୁ ବୁଝିବାକୁ ପଡ଼ିବ ଯେ, ସେମାନଙ୍କୁ କେଉଁ ରାଜନୈତିକ ଦଳ ଉସୁକାଉଛି ଓ ନିଜ ସ୍ୱାର୍ଥ ପାଇଁ ଧ୍ୱଂସ କରୁଛି। ସମ୍ବିଧାନରେ ସମସ୍ତ ନାଗରିକଙ୍କ ପାଇଁ ସମାନ ଅଧିକାର ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସୁପ୍ରିମକୋର୍ଟ ମଧ୍ୟ ଏକ ସମାନ ନାଗରିକ ସଂହିତା ପ୍ରଣୟନ ଲାଗି ପରାମର୍ଶ ଦେଇଛନ୍ତି। ନିଷିଦ୍ଧ ଘୋଷିତ 'ତିନି ତଲାକ୍' ଇସ୍‌ଲାମ୍‌ର ଅବିଚ୍ଛେଦ୍ୟ ଅଙ୍ଗ କି? ଇଜିପ୍ଟ, ଇଣ୍ଡୋନେସିଆ, କାତାର, ଜୋର୍ଡାନ୍, ସିରିଆ, ବାଂଲାଦେଶ ଓ ପାକିସ୍ତାନ ଭଳି ମୁସଲମାନ ବହୁଳ ଦେଶଗୁଡ଼ିକରେ 'ତିନି ତଲାକ୍' ଦିଆଯାଉ ନାହିଁ। ଇଜିପ୍ଟର ମୋଟ ଜନସଂଖ୍ୟାର ୯୦% ହେଉଛନ୍ତି ସୁନ୍ନି ମୁସଲମାନ। ସେଠାରେ ୮୦-୯୦ ବର୍ଷ ପୂର୍ବେ ଟ୍ରିପଲ୍ ତଲାକ୍ ଉଚ୍ଛେଦ ହୋଇସାରିଛି। ଭାରତରେ ଯେଉଁମାନେ ଏହା ସପକ୍ଷରେ ଓକିଲାତି କରୁଛନ୍ତି, ସେମାନେ ଭୋଟବ୍ୟାଙ୍କ ପାଇଁ ଭୋକିଲା ଅଛନ୍ତି। ସେମାନେ ମୁସଲମାନ ଝିଅମାନଙ୍କ ସହ ଅତି ଅନ୍ୟାୟ କରୁଛନ୍ତି। ମୁଁ ଯେଉଁଠାକୁ ଗଲେ ବି ମୁସଲମାନ ଭଉଣୀ ଓ ଝିଅମାନେ ଭାଜପାକୁ ସମର୍ଥନ କରୁଛନ୍ତି। ଭାଜପାକୁ ଟାର୍ଗେଟ କରୁଥିବା ଲୋକେ ଯଦି ପ୍ରକୃତରେ ମୁସଲମାନଙ୍କ ଶୁଭଚିନ୍ତକ ହୋଇଥାନ୍ତେ, ତେବେ ଏହି ସମ୍ପ୍ରଦାୟର ଅଧିକାଂଶ ପରିବାର ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଏତେ ପଛାଇ ନ ଥାନ୍ତେ ବୋଲି କଂଗ୍ରେସକୁ ପରୋକ୍ଷରେ ଟାର୍ଗେଟ କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ୟୁସିସି ମନ୍ତବ୍ୟ ପରେ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ଦଳ ଡିଏମ୍‌କେ କହିଛି, ୟୁସିସି ପ୍ରଥମେ ହିନ୍ଦୁଙ୍କଠାରେ ଲାଗୁ ହେବା ଉଚିତ। ଏହା ପରେ ହିନ୍ଦୁମାନେ ମନ୍ଦିରଗୁଡ଼ିକରେ ପ୍ରାର୍ଥନା କରିବାକୁ ଏସ୍‌ସି/ଏସ୍‌ଟିଙ୍କ ସମେତ ସବୁ ଜାତିର ଲୋକଙ୍କୁ ଅନୁମତି ପ୍ରଦାନ କରନ୍ତୁ। ଆମେ ୟୁସିସି ଚାହୁଁନାହୁଁ। କାରଣ ସମ୍ବିଧାନ ସବୁ ଧର୍ମକୁ ସୁରକ୍ଷା ଦେଇଛି ବୋଲି ଡିଏମ୍‌କେ ନେତା ଟିକେଏସ୍ ଏଲାଙ୍ଗୋଭାନ୍ କହିଛନ୍ତି। ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି, ପ୍ରଧାନମନ୍ତ୍ରୀ ପ୍ରଥମେ ଦେଶରେ ଲାଗିରହିଥିବା ଦାରିଦ୍ର୍ୟ, ଦରଦାମ୍ ବୃଦ୍ଧି ଓ ବେରୋଜଗାରି ଉପରେ ଉତ୍ତର ଦିଅନ୍ତୁ। ସେ ମଣିପୁର ପ୍ରସଙ୍ଗରେ କିଛି କୁହନ୍ତି ନାହିଁ। ସାରା ରାଜ୍ୟ ଜଳୁଛି। ଏହି ସବୁ ପ୍ରସଙ୍ଗ ଉପରୁ ମୋଦି ଲୋକଙ୍କ ଧ୍ୟାନ ହଟାଉଛନ୍ତି। ହାଇଦ୍ରାବାଦ ଏମ୍‌ପି ତଥା ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ୍ ଓୱାଇସି କହିଛନ୍ତି, ମୋଦି ସରକାର ୟୁସିସି ନାମରେ ଦେଶର ବହୁଳବାଦକୁ ଛଡ଼ାଇନେବାକୁ ବସିଛନ୍ତି। ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ବିଜୟ କୁମାର ଚୌଧୁରୀ କହିଛନ୍ତି, ମୋଦି ସାମ୍ପ୍ରଦାୟିକ ଧ୍ରୁବୀକରଣ ପାଇଁ ୟୁସିସି ଉପରେ ହାତ ମାରୁଛନ୍ତି। ଏହା ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଥିଲେ, ୟୁସିସି ହେଉଛି ଭାରତୀୟ ସମ୍ବିଧାନର ଡିରେକ୍ଟିଭ୍ ପ୍ରିନ୍ସିପଲ୍ସର ଏକ ଅଂଶ। ବିରୋଧୀ ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଏହାକୁ ବଢ଼ାଇଚଢ଼ାଇ ପ୍ରସଙ୍ଗ କରୁଛନ୍ତି।

## ଖବରଦାତାଙ୍କୁ ଟ୍ରୋଲ୍‌ର ନିନ୍ଦାକଲା ହ୍ୱାଇଟ୍ ହାଉସ୍

ୱାଶିଂଟନ୍,୨୭।୬

### ମୋଦିଙ୍କୁ କରିଥିଲେ ପ୍ରଶ୍ନ


ସର୍ବିନା ସିଦ୍ଦିକି

ଆମେରିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସଂଖ୍ୟାଲଘୁଙ୍କ ଅଧିକାର ଉପରେ ପ୍ରଶ୍ନ କରିଥିବା ଜଣେ ମହିଳା ଖବରଦାତାଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ୍ କରିବା ଗ୍ରହଣୀୟ ନୁହେଁ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ନିନ୍ଦା କରାଯାଇଛି। ଗତ ସପ୍ତାହରେ ମୋଦି ଆମେରିକା ଗସ୍ତ କରିଥିଲେ। ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଥିବାବେଳେ ୱାଲ୍ ଷ୍ଟ୍ରିଟ୍ ଜର୍ନାଲ (ଡବ୍ଲୁଏସ୍‌ଜେ)ର ରିପୋର୍ଟର ସର୍ବିନା ସିଦ୍ଦିକି ମୋଦିଙ୍କୁ ପ୍ରଶ୍ନ କରିଥିଲେ, ଭାରତରେ ସଂଖ୍ୟାଲଘୁମାନଙ୍କ ଅଧିକାରଗୁଡ଼ିକର ସ୍ଥିତି କ'ଣ? ଏଥିରେ ଉନ୍ନତି ଆଣିବା ଏବଂ ଅଭିବ୍ୟକ୍ତି ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ଆପଣଙ୍କ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ସର୍ବିନା ପଚାରିଥିଲେ। ମୋଦି କହିଥିଲେ, ଗଣତନ୍ତ୍ର ଓ ମାନବ ଅଧିକାର ଉପରେ ଭାରତର ରେକର୍ଡ ଏବଂ ଆମ ସରକାରର ପ୍ରଦର୍ଶନ ବହୁତ ଭଲ। ଆମ ସରକାର 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ'ରେ ବିଶ୍ୱାସ କରେ। ଭାରତ ଏକ ଗଣତନ୍ତ୍ର ଏବଂ ବାଇଡେନ୍‌ଙ୍କ ମତରେ ଉଭୟ ଦେଶର ଡିଏନ୍‌ଏରେ ଗଣତନ୍ତ୍ର ରହିଛି। ଗଣତନ୍ତ୍ର ଆମ ଧମନିରେ ପ୍ରବାହିତ ହେଉଛି। ଆମେ ଗଣତନ୍ତ୍ରରେ ବସବାସ କରୁଛୁ। ଆମ ପୂର୍ବପୁରୁଷମାନେ ଏହାକୁ ଲିପିବଦ୍ଧ କରିଛନ୍ତି, ଯାହାକୁ ଆମେ ସମ୍ବିଧାନ ବୋଲି କହୁ। ଅନ୍ୟପକ୍ଷେ ମୋଦିଙ୍କୁ ପ୍ରଶ୍ନ କରିଥିବାରୁ ଏହାର ଦିନକ ପରେ ସର୍ବିନାଙ୍କୁ ଅନ୍‌ଲାଇନରେ ଦୁର୍ବ୍ୟବହାରର ଶିକାର ହେବାକୁ ପଡ଼ିଥିଲା। କେତେଜଣ ୟୁଜର ଏହି ପ୍ରଶ୍ନକୁ 'ଉଦ୍ଦେଶ୍ୟ ପ୍ରଣୋଦିତ' କହି ତାଙ୍କୁ ଜଣେ 'ପାକିସ୍ତାନୀ ଇସ୍‌ଲାମିଷ୍ଟ' ରୂପେ ଅଭିହିତ କରିଥିଲେ।

ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି କାରିନ୍ ଜିନ୍-ପିଏରେ ଏନେଇ କହିଛନ୍ତି, ଆମେ ହ୍ୱାଇଟ୍ ହାଉସ୍‌ରେ ରହିଛୁ। ଏହାର ପ୍ରଶାସନ ଅଧୀନରେ ଆମେ ଗଣମାଧ୍ୟମର ସ୍ୱାଧୀନତା ପ୍ରତି ପ୍ରତିଶ୍ରୁତିବଦ୍ଧ। ଏଥିଲାଗି ଗତ ସପ୍ତାହରେ ଆମେ ପ୍ରେସ୍ କନ୍‌ଫରେନ୍ସ କରାଇଥିଲୁ। ଜଣେ ଖବରଦାତା ନିଜ କର୍ତ୍ତବ୍ୟ ପାଳନ କରିବାବେଳେ ତାଙ୍କୁ ହଇରାଣ କରିବା ନିନ୍ଦନୀୟ। ଆମେରିକାର ରଣନୈତିକ ଯୋଗାଯୋଗ ପାଇଁ ଜାତୀୟ ସୁରକ୍ଷା ପରିଷଦ କୋ-ଅର୍ଡିନେଟର ଜନ୍ କିର୍ବିଙ୍କୁ ସୋମବାର ଏନେଇ ଖବରଦାତାମାନେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ କିର୍ବି କହିଥିଲେ, ମହିଳା ଖବରଦାତାଙ୍କୁ ହଇରାଣ କରାଯିବା ବିଷୟରେ ଆମେ ଅବଗତ ଅଛୁ। ଏହା ଗ୍ରହଣୀୟ ନୁହେଁ। କୌଣସି ସ୍ଥାନରେ କୌଣସି ପରିସ୍ଥିତିରେ ଖବରଦାତାମାନଙ୍କୁ ହଇରାଣ କରାଯିବା ସମ୍ପୂର୍ଣ୍ଣ ଭାବେ ନିନ୍ଦନୀୟ। ଗତ ସପ୍ତାହରେ ରାଜକୀୟ ଗସ୍ତ ବେଳେ ଦର୍ଶାଯାଇଥିବା ଗଣତାନ୍ତ୍ରିକ ସିଦ୍ଧାନ୍ତର ଏହା ପରିପନ୍ଥୀ। ଇତିମଧ୍ୟରେ ସାଉଥ୍ ଏସିଆନ୍ ଜର୍ନାଲିଷ୍ଟ ଆସୋସିଏଶନ୍ (ଏସ୍‌ଏଜେଏ) ମଧ୍ୟ ସର୍ବିନାଙ୍କୁ ସମର୍ଥନ କରିଛି। ପ୍ରେସ୍ ସ୍ୱାଧୀନତା ହେଉଛି ଗଣତନ୍ତ୍ରର ବୈଶିଷ୍ଟ୍ୟ ଏବଂ ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ନେତୃତ୍ୱ ନେଉଛନ୍ତି। ସର୍ବିନା ତାଙ୍କୁ ପ୍ରଶ୍ନ କରି ନିଜ କର୍ତ୍ତବ୍ୟ ପାଳନ କରିଛନ୍ତି ବୋଲି ଏସ୍‌ଏଜେଏ ପକ୍ଷରୁ ଟୁଇଟ୍ କରାଯାଇଛି।

## ଉଡ଼ନ୍ତା ବିମାନରେ ମଳତ୍ୟାଗ କରି ଯାତ୍ରୀ ଗିରଫ

ନୂଆଦିଲ୍ଲୀ,୨୭।୬

ମୁମ୍ବାଇ-ଦିଲ୍ଲୀ ଏୟାର ଇଣ୍ଡିଆ ବିମାନ ଏଆଇସି ୮୬୬ରେ ଗତ ୨୪ ତାରିଖରେ ଯାତ୍ରା କରୁଥିବା ଜଣେ ବ୍ୟକ୍ତି ଉଡ଼ନ୍ତା ବିମାନର ଫ୍ଲୋର୍‌ରେ ମଳତ୍ୟାଗ କରିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିଛି। ବିମାନରେ ରାମ ସିଂଙ୍କ ସିଟ୍ ନମ୍ବର ୧୭ଏଫ୍ ଥିଲା। ରାମଙ୍କ ଏପ୍ରକାର ବ୍ୟବହାର ପାଇଁ ଅନ୍ୟମାନଙ୍କ ଯାତ୍ରାରେ ବିଭ୍ରାଟ ସୃଷ୍ଟି ହେବା ନେଇ କ୍ୟାବିନ୍ କ୍ରିୟୁ ତାଙ୍କୁ ସତର୍କ କରାଇଥିଲେ। ପାଇଲଟ-ଇନ୍ କମାଣ୍ଡଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ଅବଗତ କରାଇବା ପରେ କମ୍ପାନୀକୁ ଏ ସମ୍ପର୍କରେ ତୁରନ୍ତ ସୂଚନା ଦିଆଯାଇଥିଲା। ବିମାନ ଦିଲ୍ଲୀ ଏୟାରପୋର୍ଟରେ ଅବତରଣ କଲାପରେ ବିମାନବନ୍ଦର କର୍ତ୍ତୃପକ୍ଷ ରାମଙ୍କୁ ଅଟକ ରଖି ଥାନାକୁ ନେଇଯାଇଥିଲେ। ରାମଙ୍କ ବିରୋଧରେ ମାମଲା ରୁଜୁ ପରେ ଗିରଫ କରାଯାଇଥିବା ପୋଲିସ କହିଛି। ଗତ ବର୍ଷ ନଭେମ୍ବର ୨୬ରେ ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ବିମାନରେ ଜଣେ ଯାତ୍ରୀ ନିଶାସକ୍ତ ଅବସ୍ଥାରେ ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରିଥିଲେ।

## ୫ ଲୁଟେରାଙ୍କୁ ଧରିବା ପାଇଁ ୧,୬୦୦ ଅଟକ

**ନୂଆଦିଲ୍ଲୀ, ୨୭।୬:** ଦିନଦ୍ୱିପହରେ ପ୍ରଗତି ମଇଦାନର ଜନଗହଳିପୂର୍ଣ୍ଣ ଅଞ୍ଚଳରେ କାର୍ ଅଟକାଇ ୨ ଲକ୍ଷ ଟଙ୍କା ଲୁଟ୍ ଘଟଣାକୁ ନେଇ ଦିଲ୍ଲୀ ପୋଲିସ ତତ୍ପର ହୋଇଉଠିଛି। ଲୁଟ୍‌ରେ ସମ୍ପୃକ୍ତ ୫ ଜଣଙ୍କୁ ଧରିବା ପୂର୍ବରୁ ପୋଲିସ ୧୬୦୦ ଜଣଙ୍କୁ ଅଟକ ରଖିବା ସହ ୨୦୦୦ ଗାଡ଼ି ଜବତ କରିଛି। ଚାନ୍ଦିନୀ ଚୌକରେ ଥିବା ଓମିୟା ଏଣ୍ଟରପ୍ରାଇଜେସ୍‌ର ଡେଲିଭରି ଏଜେଣ୍ଟ ପଟେଲ ସୁଜାନ କୁମାର ଏବଂ ତାଙ୍କ ସହଯୋଗୀ ଜିଗର ପଟେଲ ଶନିବାର କ୍ୟାବରେ ଗୁରୁଗ୍ରାମ ଯାଉଥିଲେ। ନୂଆଦିଲ୍ଲୀରୁ ସରାଇ କାଲେ ଖାନ ଏବଂ ନୋଏଡାକୁ ସଂଯୋଗ କରୁଥିବା କେନାଲରେ ୪ ଜଣ ଯୁବକ ଦୁଇଟି ବାଇକ୍‌ରେ ଆସି ତାଙ୍କୁ ଅଟକାଇ ସେମାନଙ୍କଠୁ ୨ ଲକ୍ଷ ଟଙ୍କା ଲୁଟି ନେଇ ଫେରାର୍ ହୋଇଯାଇଥିଲେ। ଗହଳି ରାସ୍ତାରେ କାର୍ ଅଟକାଇ ଟଙ୍କା ଲୁଟ୍ କରାଯିବାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଥିବାବେଳେ ୟୁଜର୍ସ ଦିଲ୍ଲୀ ପୋଲିସ କାର୍ଯ୍ୟ ପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ଦିଲ୍ଲୀ ପୋଲିସ ଦାୟିତ୍ୱ ନେଇଥିବା ଉପରାଜ୍ୟପାଳ ଭି.କେ. ସକ୍ସେନାଙ୍କ ଇସ୍ତଫା ଦାବି କରାଯାଉଛି।




## ହିନ୍ଦୁ ସହିଷ୍ଣୁ ବୋଲି ସେମାନଙ୍କ ପରୀକ୍ଷା ନିଆଯିବ କି

### 'ଆଦିପୁରୁଷ' ପ୍ରଯୋଜକଙ୍କୁ ହାଇକୋର୍ଟଙ୍କ ପ୍ରଶ୍ନ

**ଲକ୍ଷ୍ନୌ, ୨୭।୬:** ପାନ୍ ଇଣ୍ଡିଆ ଫିଲ୍ମ 'ଆଦିପୁରୁଷ'କୁ ବ୍ୟାନ୍ କରାଯିବା ନେଇ ଆଲ୍ଲାହାବାଦ ହାଇକୋର୍ଟରେ ଦାଏର ପିଟିଶନର ଶୁଣାଣି ମଙ୍ଗଳବାର ହୋଇଛି। ଫିଲ୍ମର ଡାଇଲଗ୍ ଓ କିଛି ସିନ୍‌କୁ ଅତି ନିମ୍ନ ମାନର ହୋଇଥିବା ଜଷ୍ଟିସ୍ ରାଜେଶ ସିଂ ଚୌହାନ ଏବଂ ଜଷ୍ଟିସ୍ ଶ୍ରୀ ପ୍ରକାଶ ସିଂଙ୍କ ଗଠିତ ଖଣ୍ଡପୀଠ ଶୁଣାଣିକରି କହିଛନ୍ତି। ଫିଲ୍ମର ସହ-ସଂଳାପ ଲେଖକ ମନୋଜ ମୁନ୍ତାଶିର ଶୁକ୍ଳାଙ୍କୁ ଖଣ୍ଡପୀଠ ପକ୍ଷଭୁକ୍ତ କରିଛନ୍ତି। ଏଥିସହ ସପ୍ତାହକ ମଧ୍ୟରେ ଏ ସମ୍ପର୍କରେ ଜଣାଇବା ଲାଗି ମନୋଜଙ୍କୁ ନୋଟିସ ମଧ୍ୟ ଜାରି କରାଯାଇଛି।



ରାମାୟଣକୁ ନେଇ ଲୋକଙ୍କ ମଧ୍ୟରେ ଭକ୍ତି ଭାବନା ରହିଥିବାବେଳେ ଫିଲ୍ମ 'ଆଦିପୁରୁଷ'ର ଡାଇଲଗ୍ ହିନ୍ଦୁ ଧର୍ମୀୟ ଭାବାବେଗକୁ ପ୍ରତିହତ କରିଛି। ହିନ୍ଦୁମାନେ ସହିଷ୍ଣୁ ବୋଲି ସେମାନଙ୍କ ପରୀକ୍ଷା ନିଆଯିବା ଠିକ୍ ବୋଲି କି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଫିଲ୍ମକୁ ସେନ୍‌ସର ବୋର୍ଡ ପ୍ରମାଣପତ୍ର ଦେବା ନେଇ ମଧ୍ୟ କୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଫିଲ୍ମ ଦେଖି କୌଣସି ବ୍ୟକ୍ତି ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରି ନ ଥିବା ଏକ ବଡ଼ କଥା । ଫିଲ୍ମରେ ଭଗବାନ ହନୁମାନ ଓ ସୀତାଙ୍କୁ ଗୁରୁତର ସହିତ ଚିତ୍ରଣ କରାଯାଇ ନ ଥିବାବେଳେ ଚଳଚ୍ଚିତ୍ରରେ ଏମିତି କିଛି ସିନ୍ ରହିଛି, ଯାହା ଏ କାଟେଗୋରି ବୋଲି ଖଣ୍ଡପୀଠ ଶୁଣାଣିରେ କହିଛନ୍ତି। ଅନ୍ୟପକ୍ଷେ ଫିଲ୍ମର ବ୍ୟାନ୍ ଦାବି କରିଥିବା ଆବେଦନକାରୀ ବୁଦ୍ଧିହୀନ ନୁହନ୍ତି ବୋଲି ଖଣ୍ଡପୀଠ କହିଛନ୍ତି। ତେବେ ଦର୍ଶକଙ୍କୁ ପ୍ରଭାବିତ କରୁଥିବା କିଛି ଡାଇଲଗ୍‌କୁ ଫିଲ୍ମରୁ ହଟାଇ ଦିଆଯାଇଥିବା ଅତିରିକ୍ତ ସଲିସିଟର ଜେନେରାଲ କୋର୍ଟରେ ନିଜ ପକ୍ଷ ରଖି କହିଥିଲେ।

## ପ୍ରତି ୫ ସେକେଣ୍ଡରେ ଫୁଟ୍‌ବଲ ପିଚ୍ ଆକାର ଜଙ୍ଗଲ କ୍ଷୟ

ପ୍ୟାରିସ,୨୭।୬

ବିଶ୍ୱ ପାଇଁ ଜଙ୍ଗଲ କ୍ଷୟ ଏକ ବଡ଼ ବିପଦ। ୨୦୨୨ରେ ନ୍ୟୁଜିଲାଣ୍ଡ ଆକାରର ଚିରହରିତ୍ ଅରଣ୍ୟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ଚାରଣ ଭୂମି ଓ କୃଷି କାର୍ଯ୍ୟ ଯୋଗୁ ଜଙ୍ଗଲର ଆୟତନ କ୍ରମଶଃ କମିବାରେ ଲାଗିଛି। ସାଟେଲାଇଟ୍ ଡେଟା ଅନୁସାରେ ଗଛ କାଟିବା ଏବଂ ବନାଗ୍ନି ଦ୍ୱାରା ପ୍ରତି ୫ ସେକେଣ୍ଡରେ ଫୁଟ୍‌ବଲ୍ ପିଚ୍ ଆକାରର ଜଙ୍ଗଲ କ୍ଷୟ ହୋଇଯାଉଛି। ପୂର୍ବ ଦିନ ତୁଳନାରେ ବର୍ତ୍ତମାନ ୧୦ ଗୁଣା ଜଙ୍ଗଲ ନଷ୍ଟ ହେଉଥିବା ୱାର୍ଲ୍ଡ ରିସୋର୍ସ ଇନ୍‌ଷ୍ଟିଚ୍ୟୁଟ (ଡବ୍ଲୁଆର୍‌ଆଇ) ପକ୍ଷରୁ କୁହାଯାଇଛି।

ଗତବର୍ଷ ଯେଉଁ ପରିମାଣର ଚିରହରିତ୍ ଅରଣ୍ୟ କ୍ଷୟ ହୋଇଥିଲା ସେଥିରୁ ୨.୭ ବିଲିୟନ୍ ଟନ୍ ପରିମାଣର ଅଙ୍ଗାରକାମ୍ଳ ନିର୍ଗତ ହୋଇଥିଲା। ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ର ଭାରତରେ ପ୍ରତିବର୍ଷ ଜୀବାଶ୍ମ ଇନ୍ଧନରୁ ସମାନ ପରିମାଣର ଅଙ୍ଗାରକାମ୍ଳ ବାୟୁମଣ୍ଡଳରେ ମିଶୁଥିବା ଡବ୍ଲୁଆର୍‌ଆଇ ସୂଚନା ଦେଇଛି। ବ୍ରାଜିଲରେ ପ୍ରତିବର୍ଷ ୪୩% ଚିରହରିତ୍ ଅରଣ୍ୟ କ୍ଷୟ ହେଉଥିବାବେଳେ ରିପବ୍ଲିକ୍ ଅଫ୍ କଙ୍ଗୋରେ ୧୩% ଏବଂ ବୋଲିଭିଆରେ ୯% ଜଙ୍ଗଲ କ୍ଷୟ ହେଉଛି।



ସାରା ବିଶ୍ୱ ଜଳବାୟୁ ପରିବର୍ତ୍ତନ ବିରୋଧରେ ସଂଗ୍ରାମ ଜାରି ରଖିଥିବାବେଳେ ଜଙ୍ଗଲ କ୍ଷୟ ଏକ ବଡ଼ ସମସ୍ୟା ବୋଲି ଡବ୍ଲୁଆର୍‌ଆଇର ଗ୍ଲୋବାଲ ଫରେଷ୍ଟ ୱାଚ୍ ନିର୍ଦ୍ଦେଶକ ମିକାଇଲା ୱେଇସେ କହିଛନ୍ତି। ୧୯୬୦ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ, ବାୟୁ ମଣ୍ଡଳରେ ଥିବା ମୋଟ ଅଙ୍ଗାରକାମ୍ଳର ୩୦% ବୃକ୍ଷ ଓ ମାଟି ଗ୍ରହଣ କରିଥାନ୍ତି। ବିଶ୍ୱର ମୋଟ ଜନସଂଖ୍ୟାର ଅଧା ଭାଗ ଲୋକେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଙ୍ଗଲ ଉପରେ ନିର୍ଭରଶୀଳ। ଜଙ୍ଗଲ କ୍ଷୟ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଆମାଜନ ଜଙ୍ଗଲ ଅଧିକ ପ୍ରଭାବିତ ହେବା ନେଇ ଆଶଙ୍କା ସୃଷ୍ଟି ହେଉଥିବାବେଳେ ଏଥିଯୋଗୁ ଖାଲି ଦକ୍ଷିଣ ଆମେରିକା ନୁହେଁ ବରଂ ସାରା ବିଶ୍ୱକୁ କୁପରିଣାମ ଭୋଗିବାକୁ ପଡ଼ିବ। କୋକୋଆ ଉତ୍ପାଦନ ଓ ସୁନା ଖଣି ବଲିଭିଆରେ ଜଙ୍ଗଲ କ୍ଷୟର ମୁଖ୍ୟ କାରଣ। ସେହିପରି ପେରୁ (୩.୯%), ମୋଲୋମ୍ବିଆ (୩୧.%କ), ଲାଓସ୍ (୨.୩%), କାମେରୁନ(୧.୯%)ପପୁଆ ନ୍ୟୁ ଗିନିଆ(୧,୮%) ଏବଂ ମାଲେସିଆରେ (୧.୭%) ଆଦି ଚିରହରିତ୍ ଅରଣ୍ୟ ଧୀରେ ଧୀରେ କ୍ଷୟ ହେବାରେ ଲାଗିଛି।

ଧରିତ୍ରୀ
DHARITRI



# ଅନିଶ୍ଚିତତାରେ ଭାରତ-ପାକିସ୍ତାନ ମ୍ୟାଚ୍

**ଦିନିକିଆ କ୍ରିକେଟ୍ ବିଶ୍ୱକପ୍**

## ଅକ୍ଟୋବର ୧୫ରେ ଖେଳାଯିବାକୁ ଚୂଡ଼ାନ୍ତ କରିଛି ଆଇସିସି

ମୁମ୍ବାଇ, ୨୭।୬(ପି.ଟି.)

ଆସନ୍ତା ଅକ୍ଟୋବର ୫ରୁ ଦିନିକିଆ କ୍ରିକେଟ ବିଶ୍ୱକପ୍-୨୦୨୩ ଆରମ୍ଭ ହୋଇ ନଭେମ୍ବର ୧୯ରେ ଶେଷ ହେବ। ମଙ୍ଗଳବାର ଏହାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ତେବେ ଅହମ୍ମଦାବାଦରେ ଅକ୍ଟୋବର ୧୫ରେ ଭାରତ-ପାକିସ୍ତାନ ମ୍ୟାଚ୍ ଖେଳାଯିବାକୁ ଇଣ୍ଟରନ୍ୟାଶନାଲ କ୍ରିକେଟ୍ କାଉନସିଲ୍(ଆଇସିସି) ଚୂଡ଼ାନ୍ତ କରିଥିବାବେଳେ ତାହା ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। କାରଣ ପାକିସ୍ତାନ ସୁରକ୍ଷା




ଦୃଷ୍ଟିକୋଣରୁ ଭାଜପା ଶାସିତ ରାଜ୍ୟ ଗୁଜରାଟର ଅହମ୍ମଦାବାଦସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ମ୍ୟାଚ୍ ନ ଖେଳିବାକୁ ଚାହୁଁଛି। ଏନେଇ ପୂର୍ବରୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଆଇସିସି ନିକଟରେ ଆପତ୍ତି ଉଠାଇ ଭେନ୍ୟୁ ପରିବର୍ତ୍ତନ କରିବାକୁ ଚାହିଁଥିଲା। କିନ୍ତୁ ତାହାକୁ ଆଇସିସି ଅଗ୍ରାହ୍ୟ କରିଦେଇଛି। ସେହିପରି ପାକିସ୍ତାନ ବେଙ୍ଗାଲୁରୁରେ ୨୦ ଅକ୍ଟୋବରରେ ଅଷ୍ଟ୍ରେଲିଆ ବିପକ୍ଷ ଏବଂ ଚେନ୍ନାଇରେ ୨୩ ଅକ୍ଟୋବରରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍ ଖେଳିବାକୁ ଆଇସିସି କାର୍ଯ୍ୟସୂଚୀ ପ୍ରକାଶ କରିଛି। କିନ୍ତୁ ଏହି ଦୁଇ ଭେନ୍ୟୁ ପରିବର୍ତ୍ତନ ☞ ପୃଷ୍ଠା-୨

### ଆଶଙ୍କାରେ ପିସିବି, ଆଇସିସି ଆଶାବାଦୀ

**ନୂଆଦିଲ୍ଲୀ/କରାଚୀ, ୨୭।୬(ପି.ଟି.):** ଭାରତରେ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ ବିଶ୍ୱକପ୍‌ରେ ପାକିସ୍ତାନର ଅଂଶଗ୍ରହଣ ଆଶଙ୍କାରେ ରହିଛି। ମଙ୍ଗଳବାର କାର୍ଯ୍ୟସୂଚୀ ପ୍ରକାଶ ପାଇବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ପକ୍ଷରୁ ଏମିତି ମତ ପ୍ରକାଶ ପାଇଛି। ପାକିସ୍ତାନ ସରକାରଙ୍କ ପକ୍ଷରୁ କ୍ଲିୟରାନ୍ସ ମିଳିଲେ ହିଁ ଭାରତରେ ହେବାକୁ ଥିବା ବିଶ୍ୱକପ୍‌ରେ ଦଳ ଯୋଗ ଦେଇପାରିବ ବୋଲି ପିସିବି କହିଛି। ତେବେ ବାବର ଆଜମଙ୍କ ନେତୃତ୍ୱାଧୀନ ପାକିସ୍ତାନ ଦଳର ଅଂଶଗ୍ରହଣ ନେଇ ଆଇସିସି ଆଶାବାଦୀ ରହିଛି। ପୂର୍ବରୁ ପିସିବି ପକ୍ଷରୁ ଭେନ୍ୟୁ ପରିବର୍ତ୍ତନ ନେଇ ଆଇସିସିକୁ ଅନୁରୋଧ କରାଯାଇଥିଲା। ଆଫଗାନିସ୍ତାନ ବିପକ୍ଷ ଚେନ୍ନାଇ ମ୍ୟାଚ୍ ଓ ଅଷ୍ଟ୍ରେଲିଆ ବିପକ୍ଷ ବେଙ୍ଗାଲୁରୁ ମ୍ୟାଚର ଭେନ୍ୟୁ ପରିବର୍ତ୍ତନ ପାଇଁ ଅନୁରୋଧ କରାଯାଇଥିଲା। ଆଇସିସି ଓ ବିସିସିଆଇ ପକ୍ଷରୁ ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯିବା ପରେ ମଙ୍ଗଳବାର କାର୍ଯ୍ୟସୂଚୀ ପ୍ରକାଶ ପାଇଥିଲା। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଚୁକ୍ତିରେ ପିସିବି ସ୍ୱାକ୍ଷର କରିଥିବା ଆଇସିସି ପକ୍ଷରୁ କୁହାଯାଇଛି। ନିଜ ଦେଶର ଆଇନକୁ ମାନିବା ସହିତ ପାକିସ୍ତାନ ଦଳ ଆଇସିସି ନିୟମ ମଧ୍ୟ ପାଳନ କରିବା ଉଚିତ ବୋଲି ବିବୃତିରେ ଉଲ୍ଲେଖ କରିଛି ଆଇସିସି।

## ୨୯ରେ 'ଇଦ୍-ଉଲ୍-ଜୁହା' ପାଇଁ ଛୁଟି ଘୋଷଣା

**ଭୁବନେଶ୍ୱର, ୨୭।୬(ସୁନିତ୍ ମିଶ୍ର):** ଚଳିତ ଜୁନ୍ ୨୯ ତାରିଖ(ଗୁରୁବାର) 'ଇଦ୍-ଉଲ୍-ଜୁହା' ପର୍ବ ପଡୁଥିବାରୁ ରାଜ୍ୟ ସରକାର ଏହି ଦିନଟିକୁ ଛୁଟି ଘୋଷଣା କରିଛନ୍ତି। ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜୁନ୍ ୩୦ (ଶୁକ୍ରବାର) ଦିନଟିକୁ 'ଇଦ୍-ଉଲ୍-ଜୁହା' ନିମନ୍ତେ ଛୁଟି ଘୋଷଣା କରାଯାଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶିତ ପରିବର୍ତ୍ତିତ ବିଜ୍ଞପ୍ତି ଅନୁସାରେ ଜୁନ୍ ୩୦ ତାରିଖ ପରିବର୍ତ୍ତେ ଜୁନ୍ ୨୯ ତାରିଖକୁ 'ଇଦ୍-ଉଲ୍-ଜୁହା' ପର୍ବ ନିମନ୍ତେ ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ପ୍ରାଣୀ ଆଇନ

## କେନ୍ଦ୍ର କହିଲା ଆଇଏଏସ୍ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

ଭୁବନେଶ୍ୱର, ୨୭।୬(ସୁନିତ୍ ମିଶ୍ର)

କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟ ଅଧୀନ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି) ପକ୍ଷରୁ ସୋମବାର ଓଡ଼ିଶା ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଏକ ଚିଠି ଲେଖାଯାଇ ଓଡ଼ିଶା କ୍ୟାଡରର ଜଣେ ଆଇଏଏସ୍ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ କେଉଁ ଆଇଏଏସ୍ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ଚିଠିରେ କାହାରି ନାମ ଦର୍ଶାଯାଇ ନାହିଁ। କିନ୍ତୁ ଗତ ୨୪ ତାରିଖରେ ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଭିଯୋଗ ସମ୍ବଳିତ ପେନ୍‌ଡ୍ରାଇଭ ଏବଂ ସିଡି ଆଧାରରେ ଦିଆଯାଇଥିବା ଅଭିଯୋଗକୁ ଭିତ୍ତିକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚିଠିରେ ☞ ପୃଷ୍ଠା-୨

**ନାମ ଉଲ୍ଲେଖ ନାହିଁ**


File No.104/37/2023-AVD-IA(Pt.3)
Government of India
Ministry of Personnel, Public Grievances and Pensions
Department of Personnel and Training
AVD.IA Section

Room No.270, North Block, New Delhi
Dated, the 26th June 2023

To

The Chief Secretary,
Government of Odisha,
Bhubaneswar-751001.

**Subject: Complaint against an IAS officer of Odisha Cadre.**

Sir,

The undersigned is directed to forward herewith a complaint dated 24.06.2023 along with a CD and a pen drive from Smt. Aparajita Sarangi, Hon'ble MP, Bhubaneswar and Sh. Manmohan Samal against **an IAS officer of Odisha Cadre** for action as appropriate.

Encl: As stated.

Yours faithfully

(Rupesh Kumar)
Under Secretary to the Government of India
23094799







**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ଦାରିଦ୍ର୍ୟ, ଦରଦାମ୍ ବୃଦ୍ଧି ଓ ବେରୋଜଗାରିକୁ ନେଇ ଉତ୍ତର ଦିଅନ୍ତୁ। ମଣିପୁର ଜଳୁଥିବାବେଳେ ସେ ମୁହଁ ଖୋଲୁନାହାନ୍ତି। ଏସବୁରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏକକ ଦେୱାନି ସଂହିତା (ୟୁସିସି) କଥା କହୁଛନ୍ତି।

–କେ.ସି. ବେଣୁଗୋପାଳ, କଂଗ୍ରେସ ସାଧାରଣ ସମ୍ପାଦକ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଣୀକି ଗୁଣ ଚିହ୍ନେ**
**ଧୂଆଁ ପତରକୁ ମୁଣି ଚିହ୍ନେ**
**ପୁରୁଣା ଚୋରକୁ ଚଉକିଆ ଚିହ୍ନେ।**

ଗୁଣୀ ବ୍ୟକ୍ତି ଗୁଣର ମହତ୍ତ୍ୱକୁ ଠିକ୍ ଚିହ୍ନିଥାନ୍ତି। ଧୂଆଁପତ୍ର ସେବନକାରୀ ବା ସେଥିରେ ଅଭ୍ୟସ୍ତ ଥିବା ବ୍ୟକ୍ତି ଧୂଆଁପତ୍ର ରଖାଯାଉଥିବା ମୁଣି ସହ ବେଶ୍ ଭଲଭାବେ ପରିଚିତ ହୋଇଥାନ୍ତି। ସେହିପରି ପୁରୁଣା ଚୋରକୁ କେବଳ ପୋଲିସ ହିଁ ସହଜରେ ଚିହ୍ନି ପାରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଗୋଡ଼କୁ ସୁନ୍ଦର ସରୁ ଅଳତା ଲୋ**
**ଗଳାକୁ ସୁନ୍ଦର ମାଳି**
**ହାତକୁ ସୁନ୍ଦର ରତନ ପଦକ**
**କାନକୁ ସୁନ୍ଦର ନୋଳି।**

ଅଳଙ୍କାର ହେଉଛି ନାରୀର ଭୂଷଣ। ନାରୀମାନେ ଗହଣା ପିନ୍ଧି ସଜେଇ ହେବାକୁ ଖୁବ୍ ପସନ୍ଦ କରିଥାନ୍ତି। ଯେବେଠାରୁ ନାରୀର ସୃଷ୍ଟି ସେବେଠାରୁ ସେ ଧାରଣ କରିଆସିଛି ବିଭିନ୍ନ ପ୍ରକାରର ଅଳଙ୍କାର ଓ ରହିଆସିଛି ସେଥିପ୍ରତି ଅଧିକ ଦୁର୍ବଳତା। ନାରୀର ବେଶଭୂଷା ଓ ଅଳଙ୍କାର ବିନ୍ୟାସ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ମୌଳିକ ସୁବିଧାରୁ ବଞ୍ଚିତ ନଗଡ଼ା ତୁମୁଣି ଆଦିବାସୀ

## ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

### ସ୍ଥିତି ପରଖିବା ପାଇଁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ

କଟକ,୨୭।୬ (କାର୍ତ୍ତିକ ସାହୁ)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ା ନିକଟ ତୁମୁଣି ଅଞ୍ଚଳର ଆଦିବାସୀଙ୍କୁ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଜଳଯୋଗାଣ ଆଦି ମୌଳିକ ସୁବିଧା ନ ମିଳିବା ନେଇ ହାଇକୋର୍ଟରେ ପୁଣି ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ହାଇକୋର୍ଟର ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ମଙ୍ଗଳବାର ମାମଲାର ଶୁଣାଣି କରି ଯାଜପୁର ଜିଲାପାଳଙ୍କୁ ସମ୍ପୃକ୍ତ ଅଞ୍ଚଳକୁ ଯାଇ ସ୍ଥିତି ପରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏସଂକ୍ରାନ୍ତରେ ରିପୋର୍ଟ ଦାଖଲ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ କେନ୍ଦ୍ର ଆଦିବାସୀ କଲ୍ୟାଣ ବିଭାଗକୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଅଗଷ୍ଟ ୨ ତାରିଖକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ା ନିକଟ ଚିଙ୍ଗୁଡ଼ିପାଳ ପଞ୍ଚାୟତ ତୁମୁଣି ଅଞ୍ଚଳରେ ୨୯ଟି ପରିବାରର ପ୍ରାୟ ୨୮୦ ଜୁଆଙ୍ଗ ସମ୍ପ୍ରଦାୟର ଆଦିବାସୀ ବାସ କରନ୍ତି। ଉକ୍ତ ଗ୍ରାମରେ ସ୍ୱାସ୍ଥ୍ୟସେବା, ରାଶନ ବିତରଣ କେନ୍ଦ୍ର, ସଡ଼କ ପଥ, ଶ୍ରମ କାର୍ଡ, ବିଦ୍ୟାଳୟ ଆଦି ମୌଳିକ ନାଗରିକ ସୁବିଧା ନାହିଁ। ଏପରିକି ଏହି ଲୋକମାନଙ୍କ ନିମନ୍ତେ ଉପଯୁକ୍ତ ଜଳ ଯୋଗାଣ ବ୍ୟବସ୍ଥା ନାହିଁ। ଏହାଦ୍ୱାରା ଅଧିକାଂଶ ଗ୍ରାମବାସୀ ସେମାନଙ୍କ ଗାଁ ଦେଇ ବହିଯାଉଥିବା ଜଳ ସ୍ରୋତ ବା ଚୁଆ ପାଣି ଉପରେ ନିର୍ଭର କରନ୍ତି। ଅପରିଷ୍କାର ଜଳରେ ଶିଶୁଠାରୁ ବୟସ୍କ ଯାଏ ଗାଧୋଇ ହୁଅନ୍ତି। ଗ୍ରୀଷ୍ମ ଋତୁରେ ଝରଣା ଶୁଖିଗଲେ ପରିସ୍ଥିତି ଅଧିକ ଖରାପ ହୁଏ। ଉପଯୁକ୍ତ ରାସ୍ତାର ଅଭାବ ହେତୁ ଗ୍ରାମବାସୀ ନିକଟସ୍ଥ ଡାକ୍ତରଖାନା, ବିଦ୍ୟାଳୟ, ୱାନ ଷ୍ଟପ ସେଣ୍ଟର୍, କାର୍ଯ୍ୟସ୍ଥଳୀ ଇତ୍ୟାଦିରେ ପହଞ୍ଚିବା କଷ୍ଟକର ହୋଇପଡ଼େ। ଏହି ଗ୍ରାମର ସ୍ୱାସ୍ଥ୍ୟସେବା ଅତ୍ୟନ୍ତ ଖରାପ। ଉପଯୁକ୍ତ ସ୍ୱାସ୍ଥ୍ୟସେବା ଅଭାବରୁ ଅଧିକାଂଶ ଗ୍ରାମବାସୀ ଆଧୁନିକ ପଦ୍ଧତି ବଦଳରେ ସେମାନଙ୍କ ପାରମ୍ପରିକ ଚିକିତ୍ସା ପଦ୍ଧତି ଉପରେ ନିର୍ଭରଶୀଳ। କୌଣସି ମହିଳାଙ୍କ ପ୍ରସବ ଡାକ୍ତରଖାନାରେ ହୁଏ ନାହିଁ। ନିକଟତମ ସ୍ୱାସ୍ଥ୍ୟକେନ୍ଦ୍ର କାଳିଆପାଣିରେ ରହିଛି ଯାହା ଉକ୍ତ ଗ୍ରାମଠାରୁ ୨୧ କିଲୋମିଟର ଦୂରରେ। ଅଧିକାଂଶ ଗ୍ରାମବାସୀଙ୍କ ଜବ୍ କାର୍ଡ ରହିଛି ହେଲେ ଏଗୁଡ଼ିକ ଗତ ତିନିରୁ ୪ବର୍ଷ ହେବ ଜଣେ ଠିକାଦାରଙ୍କ ନିକଟରେ ଅଛି। ଜବ୍‌କାର୍ଡଧାରୀମାନେ ତାଙ୍କୁ ଜବ୍‌କାର୍ଡ ଫେରାଇବାକୁ କହିଲେ, ତାହା ଫେରସ୍ତ ନ କରି ଓଲଟା ଧମକ ଦେଉଛନ୍ତି। ଆବେଦନକାରୀ ମଣ୍ଟୁ ଦାସ ମୌଳିକ ସୁବିଧା ଉପଲବ୍ଧ କରାଇବା ନିମନ୍ତେ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ସମ୍ପୃକ୍ତ ଅଞ୍ଚଳର ପ୍ରାମାଣିକ ଫଟୋଚିତ୍ର ମଧ୍ୟ ସେ ହାଇକୋର୍ଟଙ୍କ ନିକଟରେ ଅବଗତି ନିମନ୍ତେ ଉପସ୍ଥାପନ କରିଛନ୍ତି। ସେ ଏହି ମାମଲାରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ଶାସନ ସଚିବ, ଯାଜପୁର ଜିଲାପାଳ, ଯୁଗ୍ମ ଶ୍ରମ ଆୟୁକ୍ତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ସୁକିନ୍ଦା ବିଡିଓଙ୍କ ସମେତ ୧୩ ଜଣଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଫ୍ରାଜ୍ ସୁହେଲ୍ ମାମଲା ପରିଚାଳନା କରୁଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ସହଧର୍ମିଣୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହଧର୍ମିଣୀ ଯଶୋଦାବେନ ମୋଦି ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

ପୁରୀ,୨୭।୬(ଅଜିତ ମହାନ୍ତି)

ଶ୍ରୀକ୍ଷେତ୍ରରେ ସନ୍ଧ୍ୟା ଦର୍ଶନ ଅବସରରେ ଲକ୍ଷାଧିକ ଭକ୍ତ ଗୁଣ୍ଡିଚା ମନ୍ଦିର ଯାଇ ଚଳିତବର୍ଷ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶେଷ ଦର୍ଶନ କରିଛନ୍ତି। ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ ମଧ୍ୟ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହଧର୍ମିଣୀ ଯଶୋଦାବେନ ମୋଦି ସପରିବାର ପୁରୀ ଗସ୍ତରେ ଆସି ଶ୍ରୀଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ଯଶୋଦାବେନଙ୍କ ସହ ତାଙ୍କ ଭାଇ, ପୁତୁରା ଓ ବାପ ଘରର ପରିବାରବର୍ଗ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଯଶୋଦାବେନ ପରିବାର ସହ ଆସି ଶ୍ରୀଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର ଦେଇ ମନ୍ଦିର ଭିତରକୁ ଯାଇଥିଲେ। ସେଠାରେ ମହପ୍ରଭୁଙ୍କୁ ଦର୍ଶନ କରି ଆଶିଷ ନେଇଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ନାକଚଣା ଦେଇ ଗୁଣ୍ଡିଚା ମନ୍ଦିର ଭିତରୁ ପ୍ରସ୍ଥାନ କରିଥିଲେ। ନବମୀ ସନ୍ଧ୍ୟା ଦର୍ଶନରେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ସେ ବେଶ୍ ଭାବବିହ୍ୱଳ ହୋଇପଡିଥିଲେ। ଦର୍ଶନ ସାରି ଫେରିବା ପରେ ଶ୍ରୀମନ୍ଦିର ବୁଲିବା ସହ ରଥ ସମ୍ମୁଖରେ ପୂରା ପରିବାର ସହ ଫଟୋ ଉଠାଇଥିଲେ।

# ଏନ୍ଏମ୍‌ଡିସି, ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ମଧ୍ୟରେ ଚୁକ୍ତିନାମା

ଭୁବନେଶ୍ୱର,୨୭।୬(ଅନୁରାଧା ମହାରଣା)

ଜାତୀୟ ଖଣିଜ ବିକାଶ ନିଗମ(ଏନ୍ଏମ୍‌ଡିସି), ହାଇଦ୍ରାବାଦ ଏବଂ ବୈଜ୍ଞାନିକ ଓ ଶିଳ୍ପ ଅନୁସନ୍ଧାନ ପରିଷଦ- ଖଣିଜ ପଦାର୍ଥ ଏବଂ ସାମଗ୍ରୀ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ(ସିଏସ୍‌ଆଇଆର୍-ଆଇଏମ୍ଏମ୍‌ଟି) ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଲୁହାପଥର ଧୂଳି ଆବଦ୍ଧ ପାଇପ ସାହାଯ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବହନ ପାଇଁ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଲୁହାପଥର ଧୂଳି ଇଣ୍ଟର ପ୍ଲାଣ୍ଟ ଏବଂ ଇଣ୍ଟ୍ରା ପ୍ଲାଣ୍ଟ ପାଇପଲାଇନ ଭିତରେ ପରିବହନ ପାଇଁ ଡିଜାଇନ ପାରାମିଟର ପ୍ରତିଷ୍ଠା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଏନ୍ଏମ୍‌ଡିସି ଜିଏମ୍ ଏସ୍.କେ. ଚଉରାସିଆ, ଏନ୍ଏମ୍‌ଡିସି(ବାଣିଜ୍ୟିକ) ନିର୍ଦ୍ଦେଶକ ଦିଲୀପ କୁମାର ମହାନ୍ତି, ନିର୍ଦ୍ଦେଶକ (ଉତ୍ପାଦନ) ବିଶ୍ୱନାଥ ସୁରେଶ, ସିଜିଏମ୍ ଏସ୍.କେ.ଜୈନ, ବୈଜ୍ଞାନିକ ଡ. ଅଶୋକ ସାହୁ, ବୈଜ୍ଞାନିକ ସ୍ନେହାଶିଷ ବେହେରା, ଏନ୍ଏମ୍‌ଡିସି ଆର୍ ଆଣ୍ଡ ଡିର ଅନ୍ୟ ଅଧିକାରୀମାନେ ଏନ୍ଏମ୍‌ଡିସି ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଦିଲୀପ କୁମାର ମହାନ୍ତି ଶିଳ୍ପ ପାଇଁ ମୂଲ୍ୟ ଯୋଗକୁ ନେଇ ଆସୁଥିବା କାର୍ଯ୍ୟକ୍ଷମ ସମସ୍ୟାର ସମାଧାନ ଲାଗି ଶିଳ୍ପ ଏବଂ ଅନୁସନ୍ଧାନ ସଂସ୍ଥାଗୁଡ଼ିକ ମଧ୍ୟରେ ସହଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସୂଚନାଯୋଗ୍ୟ, ସିଏସ୍‌ଆଇଆର୍-ଆଇଏମ୍ଏମ୍‌ଟି ପୂର୍ବରୁ ଲୁହା ଓ ଇସ୍ପାତ ଶିଳ୍ପଗୁଡିକର ପାରସ୍ପରିକ ଆଗ୍ରହର ସହଭାଗୀ କାର୍ଯ୍ୟ ପାଇଁ ସହଯୋଗୀ ଚୁକ୍ତିନାମା ରହିଛି।

# ମାଲବାହୀ ବଗିକୁ ଛାଡ଼ି ୧ କି.ମି. ପଳାଇଲା ଇଞ୍ଜିନ

## ମୁହାଁମୁହିଁ ସ୍ଥିତିରୁ ବର୍ତ୍ତିଲା ୨ ମାଲବାହୀ ଟ୍ରେନ୍

ନନ୍ଦପୁର, ୨୭।୬ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସୀମାନ୍ତ ପାଡୁଆ ରେଳଷ୍ଟେଶନ ଓ ଦାରଲିପୁଟ ଷ୍ଟେଶନ ମଧ୍ୟଭାଗରେ ମଙ୍ଗଳବାର ଏକ ମାଲବାହୀ ଟ୍ରେନ୍‌ର ଇଞ୍ଜିନ ବଗିକୁ ଛାଡ଼ି ଚାଲିଯିବା ପରି ଘଟଣା ଦେଖିବାକୁ ମିଳିଛି। ଲୁହାପଥର ଧରି ଏହି ମାଲବାହୀ ଟ୍ରେନ୍‌ଟି ବିଶାଖାପାଟଣା ଅଭିମୁଖେ ଯାଉଥିଲା। ରେଳ ଧାରଣାର କେଏମ୍ ନଂ. ୧୨୮/୧୯ ନିକଟରେ ମାଲବାହୀ ଟ୍ରେନର ଇଞ୍ଜିନ ଓ ବଗି ଅଲଗା ହୋଇଯାଇଥିଲା। ଫଳରେ ଇଞ୍ଜିନ ପ୍ରାୟ ୧ କି.ମି. ଦୂର ଆଗକୁ ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ଏଥିଯୋଗୁ ଏହି ମାଲବାହୀ ଟ୍ରେନ୍‌ର ବଗିଗୁଡିକ ରେଳ ଧାରଣାରେ କିଛି ଦୂର ଗଡି ଅଟକିଯାଇଥିଲା। ମାଲବାହୀ ଟ୍ରେନ୍‌ର ଗତି ଧୀର ଏବଂ ଆଗକୁ ଦାରଲିପୁଟ ଷ୍ଟେଶନ ଥିବାରୁ ଉକ୍ତ ସ୍ଥାନ ଉଠାଣିଆ ଥିବାରୁ ଟ୍ରେନ୍ ଆଉ ଆଗକୁ ଗଡ଼ିପାରି ନ ଥିଲା। ସଂଯୋଗବଶତଃ ଠିକ୍ ଏହି ସମୟରେ ଅପରପାର୍ଶ୍ୱରୁ କୋରାପୁଟ ଅଭିମୁଖେ ଆଉ ଏକ ମାଲବାହୀ ଟ୍ରେନ୍ ଆସୁଥିଲା। ଏହାକୁ ଷ୍ଟେଶନ କର୍ତ୍ତୃପକ୍ଷ ଷ୍ଟେଶନ ପୂର୍ବରୁ ଅଟକାଇଦେଇଥିଲେ। ଫଳରେ ୨ ମାଲବାହୀ ଟ୍ରେନ୍ ମୁହାଁମୁହିଁ ସ୍ଥିତିରୁ ବର୍ତ୍ତିଯାଇଥିଲା। ଦାରଲିପୁଟ ଷ୍ଟେଶନ କର୍ତ୍ତୃପକ୍ଷ ଇଞ୍ଜିନ-ବଗି ଅଲଗା ହୋଇଥିବା ଟ୍ରେନ୍‌ର ଇଞ୍ଜିନକୁ ପଛୁଆ ଆଣି ବଗି ସହ ସଂଯୋଗ କରିବା ପରେ ଉଭୟ ମାଲବାହୀ ଟ୍ରେନ ସୁରକ୍ଷିତ ଭାବେ ନିଜ ନିଜ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା। ରେଳ ଧାରଣାରେ ଅଧିକ ଝଟକା ସୃଷ୍ଟି ହେବାରୁ ଏଭଳି ଇଞ୍ଜିନ ଓ ବଗି ଅଲଗା ହୋଇଯାଇଥିଲା ବୋଲି ଦାରଲିପୁଟ ଷ୍ଟେଶନ କର୍ତ୍ତୃପକ୍ଷ କହିଛନ୍ତି।



ଇଞ୍ଜିନ ଅଲଗା ହୋଇଯିବାରୁ ରେଳ ଧାରଣାରେ ରହିଥିବା ମାଲବାହୀ ଟ୍ରେନ୍।

# କୋଇଲା ବୋଝେଇ ଟ୍ରେନ୍ ୱାଗନ୍‌ରେ ନିଆଁ

## ୫ ଘଣ୍ଟା ଅଟକି ରହିଲା

ଖୁଣ୍ଟୁଣୀ, ୨୭।୬ (ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଜା ଆଠଗଡ଼ ଷ୍ଟେଶନରେ ଏକ କୋଇଲା ବୋଝେଇ ଟ୍ରେନ୍‌ର ଗୋଟିଏ ୱାଗନରେ ନିଆଁ ଲାଗିଯାଇଥିଲା। ଖବରପାଇ ଆଠଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ତାଳଚେରରୁ ଉକ୍ତ କୋଇଲା ବୋଝେଇ ଟ୍ରେନ୍ ଖୋର୍ଦ୍ଧା ଆସୁଥିବାବେଳେ ବାଟରେ ଏକ ବଗିରୁ ଧୂଆଁ ବାହାରୁଥିବା ପଛରେ ଥିବା ଗାର୍ଡ ଦେଖି ଚାଳକଙ୍କୁ ଖବର ଦେଇଥିଲେ। ମଧ୍ୟାହ୍ନ ୧୨ଟାରେ ଟ୍ରେନ୍‌କୁ ଚାଳକ ରାଜା ଆଠଗଡ଼ ଷ୍ଟେଶନରେ ଅଟକାଇଥିଲେ। ଏ ସମ୍ପର୍କରେ ଷ୍ଟେଶନ ମ୍ୟାନେଜର ଅନ୍ତର୍ଯ୍ୟାମୀ ନାୟକ ଜାଣିବା ପରେ ଆଠଗଡ଼ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ବିଦ୍ୟୁତ୍ ଲାଇନ୍ କଟାଯିବା ପରେ ଅଗ୍ନିଶମ କର୍ମଚାରୀ ଟ୍ରେନ୍ ୱାଗନ ଉପରକୁ ଯାଇ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ବିଶେଷ କ୍ଷତି ଘଟି ନ ଥିବା ଷ୍ଟେଶନ ମ୍ୟାନେଜର ନାୟକ କହିଛନ୍ତି। ପରେ ଟ୍ରେନ୍‌ଟି ଅପରାହ୍ନ ୫ଟାରେ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲା।



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅର୍ଥ ସମ୍ବନ୍ଧୀୟ କୌଣସି କଥା ବନ୍ଧୁଙ୍କ ନିକଟରୁ ଶୁଣିବାକୁ ପାଇ ଉଲ୍ଲସିତ ହେବେ। ଶୁକ୍ର ସହ ମଙ୍ଗଳଙ୍କ ସଂଯୋଗ ପରିବାରରେ ବନ୍ଧୁମିଳନ ସଙ୍ଗକୁ ଖୁସୀର ଆସର ଜମିବ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ କିମ୍ବା ସତର୍କତାର ସହ କାମ ନ କଲେ ଫସିଯାଇ ପାରନ୍ତି। ପାରିବାରିକ, ପ୍ରଶାସନିକ କ୍ଷେତ୍ର ପ୍ରାୟତଃ ମଧ୍ୟମ ପ୍ରକାରର ରହିବ।

**ବୃଷ**
ଆଜି ବୁଧାଦିତ୍ୟ ଯୋଗଙ୍କ ସୁପ୍ରଭାବରୁ ଅର୍ଥଲାଭ ସଙ୍ଗକୁ ସନ୍ତାନମାନଙ୍କ ଗୌରବରେ ନିଜକୁ ଗୌରବାନ୍ୱିତ ମନେକରିବେ। କିନ୍ତୁ ସହକର୍ମୀଙ୍କ ସହ ମତାନ୍ତର ଜନିତ ସମସ୍ୟା ବୃଦ୍ଧିର ସମ୍ଭାବନା ରହିଛି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କିଛି ଜିନିଷ ହଜାଇବା କାରଣରୁ ବିରସ ମନରେ କାଳ କାଟିବେ।

**ମିଥୁନ**
ଆକସ୍ମିକ ଭାବରେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ମଧ୍ୟାହ୍ନ ପରେ ଆଶା କରୁଥିବା ଦିଗରୁ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। ଶିଳ୍ପ, ବାଣିଜ୍ୟ, କଳ କାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। ପାରିବାରିକ କ୍ଷେତ୍ର ଗତାନୁଗତିକ ରୀତିରେ ଚାଲିବ।

**କର୍କଟ**
ଶୁକ୍ର ପ୍ରଭାବରୁ ନିଜର ଉଦାରତା ଓ ସହନଶୀଳତା ଗୁଣରୁ ସମସ୍ତଙ୍କର ଆଦରଣୀୟ ହେବେ। ତଥାପି ସାମୟିକ ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

**ସିଂହ**
ପ୍ରତ୍ୟେକ କାମକୁ ଦକ୍ଷତାର ସହ ସମ୍ପାଦନ କରିବାରେ ପ୍ରେରଣା ଯୋଗାଇବ। ତଥାପି ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମକୁ ଚଳାଇ ନେବେ। ଅସୁବିଧାଜନକ ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ।

**କନ୍ୟା**
ଆଜି ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ବିବାଦ କ୍ଷେତ୍ରରେ ବିଜୟୀ ହେବେ। ମନର ଅଶାନ୍ତିକୁ ପ୍ରକାଶ ନ କରି ଅନ୍ୟମାନଙ୍କ କାମରେ ନିଜକୁ ମଜ୍ଜାଇ ରଖି ପ୍ରଶଂସିତ ହେବେ। ପରିବାରର ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଅନ୍ୟମାନଙ୍କୁ ଖୁସିରେ ରଖିବା ସକାଶେ ଯେତେ ପ୍ରକାରର ଚେଷ୍ଟା କଲେ ମଧ୍ୟ ବିଫଳ ହୋଇପାରନ୍ତି।

**ତୁଳା**
ଆଜି କାର୍ଯ୍ୟବ୍ୟସ୍ତତା ଓ ମାନସିକ ଚାପ ବୃଦ୍ଧି ପାଇବା କାରଣରୁ ମନ ଅଶାନ୍ତ ରହିବ। ସମୟାନ୍ତରେ ଆକସ୍ମିକ ଭାବରେ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ନିଜ ଲୋକଙ୍କ ଅନାଦର ଭାବ ମନକୁ ସାମୟିକ ବ୍ୟଥିତ କରିପାରେ।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବା କାରଣରୁ ଠିକ୍ ନିଷ୍ପତ୍ତି ନେବା ସହଜସାଧ୍ୟ ନ ହୋଇପାରେ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ। ପାରିବାରିକ କ୍ଷେତ୍ରରେ ମିଶ୍ରିତ ଫଳ ଅନୁଭବ କରିବେ।

**ଧନୁ**
ଆଜି ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲରେ ଅତିବାହିତ ହେବ। ସକାଳୁଆ ଯାତ୍ରାରେ ଯେଉଁଥି ସକାଶେ ଯାଉଛନ୍ତି ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ପାରିବାରିକ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ମକର**
ଆଜି ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ପ୍ରକାଶନ, ସଂଗଠନ, ରାଜନୀତି, ପ୍ରତିଦ୍ୱନ୍ଦ୍ୱିତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବ୍ୟବସାୟିକ ସଫଳତା ମିଳିବ କିନ୍ତୁ ପୂର୍ଣ୍ଣ ସନ୍ତୋଷଜନକ ହେବ ନାହିଁ।

**କୁମ୍ଭ**
ଅସନ୍ତୋଷକୁ ବନ୍ଧୁଙ୍କ ସମ୍ମୁଖରେ ବଖାଣି ଓଲଟା ଫଳ ଭୋଗିବେ। ପରିବାର ସଦସ୍ୟଙ୍କ କାର୍ଯ୍ୟ ମନକୁ ନ ପାଇଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ। କେତେକ କାମ ଅଧାରେ ଅଟକି ଯିବା କାରଣରୁ ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ।

**ମୀନ**
ପ୍ରତ୍ୟେକ କାମ ଗତାନୁଗତିକ ରୀତିରେ ଗଡି ଚାଲିଲେ ମଧ୍ୟ ମନ ପ୍ରାୟତଃ ଭଲ ରହିବ ନାହିଁ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବଢିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ବାହୁଡ଼ାଯାତ୍ରା, ଆଷାଢ଼ ଶୁକ୍ଳ ଦଶମୀ ବୁଧବାର, ଜୁନ୍ ୨୮ ତାରିଖ, ରାଶିନକ୍ଷତ୍ର-ଚିତ୍ରା/ତୁଳା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ବିଦ୍ୟାରମ୍ଭ ପାଇଁ ଶୁଭଦିନ, ଦିବା ଘ.୦୭.୫୨ମି. ଗତେ ଘ.୦୮.୩୨ମି. ମଧ୍ୟେ, ଘ.୧୦.୧୦ମି. ଗତେ ଘ.୧୧.୨୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୯ମି. ଗତେ ଘ.୦୧.୨୮ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ୨୯ରେ 'ଇଦ୍-ଉଲ୍-ଜୁହା'...

ଛୁଟି ଘୋଷଣା କରାଯାଇଛି। ଏହି ଘୋଷଣା ଅନୁଯାୟୀ ଜୁନ୍ ୨୯ରେ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ, ରାଜ୍ୟରେ କାର୍ଯ୍ୟରତ ସମସ୍ତ ବ୍ୟାଙ୍କ ଓ ବ୍ୟାଙ୍କିଙ୍ଗ୍ ପ୍ରତିଷ୍ଠାନ ଏବଂ ରାଜସ୍ୱ ଓ ମାଜିଷ୍ଟ୍ରେରିଆଲ୍ କୋର୍ଟ (ଏକ୍‌ଜିକ୍ୟୁଟିଭ୍) ବନ୍ଦ ରହିବ।

### କେନ୍ଦ୍ର କହିଲା ଆଇଏଏସ୍...

ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ବିଭିନ୍ନ ଜିଲା ଗସ୍ତ କରି ସାଧାରଣ ସଭା ସହ ପ୍ରକଳ୍ପମାନ ଘୋଷଣା କରୁଥିବା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନଙ୍କୁ ପ୍ରତ୍ୟେକ ଦିନ ବିରୋଧୀ ଟାର୍ଗେଟ କରିବାରେ ଲାଗିଛନ୍ତି। ଜଣେ ଆଇଏଏସ୍ ଅଧିକାରୀ କିପରି ଏତେ ଟଙ୍କା ଖର୍ଚ୍ଚ କରି ସାଧାରଣ ସଭା ସହିତ ସବୁ ପ୍ରକଳ୍ପ ପାଇଁ ଆର୍ଥିକ ଘୋଷଣା କରୁଛନ୍ତି, ତାହା ହେଉଛି ବିରୋଧୀଙ୍କ ମୁଖ୍ୟ ଅଭିଯୋଗ। ରାଜ୍ୟରେ ମନ୍ତ୍ରୀ, ବିଧାୟକମାନେ ଥାଉଥାଉ ଜଣେ ସଚିବ ପାହ୍ୟା ଅଫିସରଙ୍କ ଲାଗି ଯେଉଁଭଳି ସୁରକ୍ଷା ବ୍ୟବସ୍ଥା ସହିତ ଲୋକ ବୁହା ହୋଇ ସଭାର ଆୟୋଜନ ହେଉଛି ତାହାକୁ ନେଇ ସେମାନେ ବାରମ୍ବାର ପ୍ରଶ୍ନ କରୁଛନ୍ତି। ପାଣ୍ଡିଆନଙ୍କ ଏଭଳି କାର୍ଯ୍ୟକ୍ରମକୁ ନେଇ ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ମିଳିତ ଭାବେ କେନ୍ଦ୍ର କାର୍ମିକ ମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କୁ ଗତ ୨୪ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଭାଜପା ନେତାଦ୍ୱୟଙ୍କ ଅଭିଯୋଗକୁ ଆଧାରକରି ମୁଖ୍ୟ ଶାସନ ସଚିବଙ୍କୁ ମନ୍ତ୍ରଣାଳୟ ପକ୍ଷରୁ ଚିଠି କରାଯାଇଥିବା ଜଣାପଡିଛି। ଭାଜପାର ଏହି ଦୁଇ ନେତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଓଡ଼ିଶାର ଜଣେ ଅଲ୍ ଇଣ୍ଡିଆ ସର୍ଭିସ୍ ଅଫିସର୍ ଏବେ ରାଜନୈତିକ କାର୍ଯ୍ୟକ୍ରମ କରିବା ସହ ବିଭିନ୍ନ ପ୍ରକଳ୍ପର ଘୋଷଣା ସହିତ ସାଧାରଣ ସଭାରେ ରାଜନେତାଙ୍କ ସ୍ୱରରେ ଭାଷଣ ରଖୁଛନ୍ତି। ୨୦୦୦ ବ୍ୟାଚ୍‌ର ଏହି ଆଇଏଏସ୍ ଅଫିସର ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପାଣ୍ଡିଆନ ଏବେ ସବୁଆଡ଼େ ଯିବା ଲାଗି ରାଜ୍ୟ ବିମାନ ଏବଂ ହେଲିକପ୍ଟର ବ୍ୟବହାର କରୁଛନ୍ତି। ଏହା ଭାରତୀୟ ଚାକିରି ସର୍ତ୍ତାବଳୀ ରୁଲ୍ସ, ୧୯୬୮ର ରୁଲ୍ ୫(୧), ରୁଲ୍ ୧୨(୧)ର ଖୋଲା ଉଲ୍ଲଂଘନ। ଏହାର ତୁରନ୍ତ ତଦନ୍ତ କରିବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ସେମାନେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ।

ଅନ୍ୟପକ୍ଷରେ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ମଧ୍ୟ ପାଣ୍ଡିଆନଙ୍କ ବିରୋଧରେ କେନ୍ଦ୍ରକୁ ଚିଠି ଲେଖିଛନ୍ତି। କେନ୍ଦ୍ର କାର୍ମିକ ଓ ପ୍ରଶିକ୍ଷଣ ବିଭାଗର ସଚିବଙ୍କୁ ସେ ଚିଠି ପଠାଇଛନ୍ତି। ସର୍ବଭାରତୀୟ କଣ୍ଡକ୍ଟ ରୁଲ୍ସ ଉଲ୍ଲଂଘନ ହେଉଥିବା ସେ ଅଭିଯୋଗ କରିଛନ୍ତି। ସର୍ଭିସ୍ କଣ୍ଡକ୍ଟ ରୁଲ୍ସ ଉଲ୍ଲଂଘନର ଏକାଧିକ ଉଦାହରଣ ମଧ୍ୟ ଦେଇଛନ୍ତି। ଦଳୀୟ ଚିହ୍ନ ସହ ସଚିବଙ୍କ ହୋର୍ଡିଂ ଲାଗିଥିବା ବିଜୟ ଜଣାଇଛନ୍ତି।

### ଅନିଶ୍ଚିତତାରେ ଭାରତ-ପାକିସ୍ତାନ...

ଅଗ୍ରାହ୍ୟ କରିଦିଆଯାଇଛି। ଏସବୁ କାରଣରୁ ପିସିବି ଦିନିକିଆ ବିଶ୍ୱକପ୍‌ରୁ ଓହରିଯାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଦିନିକିଆ ବିଶ୍ୱକପ୍ ଆୟୋଜକ ଦଳ ଭାରତର ଅନ୍ୟ ଖେଳସୂଚୀ ମଧ୍ୟ ଚୂଡ଼ାନ୍ତ ହୋଇଛି। ଅକ୍ଟୋବର ୮ ତାରିଖରେ ୫ ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷରୁ ଭାରତ ନିଜର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଚେନ୍ନାଇର ଚେପକ୍‌ରେ ଏହି ମ୍ୟାଚ୍ ଖେଳାଯିବ। ୩ ଦିନ ପରେ ଦିଲ୍ଲୀର ଫିରୋଜ ଶାହ କୋଟଲାରେ ଆଫଗାନିସ୍ତାନକୁ ଭେଟିବ ଘରୋଇ ଦଳ। ସ୍ପିନ୍ ବିଭାଗରେ ଉଭୟ ଦଳ ବେଶ୍ ଶକ୍ତିଶାଳୀ ହୋଇଥିବା ବେଳେ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ ଦେଖିବାକୁ ମିଳିପାରେ। ୧୯ ତାରିଖରେ ବାଂଲାଦେଶକୁ ଭେଟିବ ଭାରତ। ପୁଣେର ବ୍ୟାଟିଂ ସହାୟକ ଟ୍ରାକ୍‌ରେ ଏହି ମ୍ୟାଚ୍‌ଟି ଖେଳାଯିବ। ଏହାର ୩ ଦିନ ମଧ୍ୟରେ ଭାରତୀୟ ଦଳ ଶକ୍ତିଶାଳୀ ନ୍ୟୁଜିଲାଣ୍ଡକୁ ଧର୍ମଶାଳାରେ ଭେଟିବ। ଆଇସିସି ଟୁର୍ନାମେଣ୍ଟରେ ଭାରତ ବିପକ୍ଷରେ କିୱି ଦଳର ରେକର୍ଡ ଭାରତ ପାଇଁ ସାମାନ୍ୟ ଚିନ୍ତାର ବିଷୟ ରହିପାରେ। ଅକ୍ଟୋବର ୨୯ ତାରିଖରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଲକ୍ଷ୍ନୌରେ ଖେଳାଯିବ। ଆଇପିଏଲ୍‌ରେ ଏହି ଭେନ୍ୟୁରେ ରନ୍ ସଂଗ୍ରହ କାଠିକର ପାଠ ହୋଇଥିବା ବେଳେ ଉଭୟ ଦଳ ଏହାକୁ ନଜରରେ ରଖିବେ। କ୍ୱାଲିଫାୟର-୨ରେ ଥିବା ଦଳ ବିପକ୍ଷରେ ଭାରତ ନଭେମ୍ବର୨ରେ ୱାଙ୍ଖେଡେରେ ଖେଳିବ। ନଭେମ୍ବର ୫ରେ କୋଲକାତାର ଇଡେନ୍ ଗାର୍ଡେନ୍ସରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ୍ ଖେଳାଯିବ। ସେହିପରି ବେଙ୍ଗାଲୁରୁରେ ୧୧ ତାରିଖରେ କ୍ୱାଲିଫାୟର-୧ ଦଳ ବିପକ୍ଷରେ ଭାରତ ନିଜର ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ।

କୋଚ୍ ରାହୁଲ ଦ୍ରାବିଡ ଓ ଅଧିନାୟକ ରୋହିତ ଶର୍ମାଙ୍କ ଅଧୀନରେ ଭାରତୀୟ ଦଳ ଏହି ମେଗା ଟୁର୍ନାମେଣ୍ଟରେ ଖେଳିବ। ଉଭୟ ଏ ପର୍ଯ୍ୟନ୍ତ କୌଣସି କରିସ୍ମା ଦେଖାଇବାରେ ସଫଳ ହୋଇ ନ ଥିବା ବେଳେ ୧୨ ବର୍ଷ ଧରି ଆଇସିସି ଟ୍ରଫି ଜିତି ନ ଥିବା ଭାରତ ପାଇଁ ଏହି ଟୁର୍ନାମେଣ୍ଟ ଲିଟ୍‌ମସ ଟେଷ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

## ୧୨ଟାରେ ପହଣ୍ଡି, ୪ଟାରେ ରଥଟଣା

# ଆଜି ବାହୁଡ଼ିବେ ଚତୁର୍ଦ୍ଧାବିଗ୍ରହ


ବାହୁଡ଼ା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ସମ୍ମୁଖରେ ଥିବା ୩ ରଥରେ ଚାରମାଳ ଲଗାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

**ପୁରୀ,୨୭।୬(ଅଜିତ ମହାନ୍ତି)**

ଆଷାଢ଼ ମାସ ଶୁକ୍ଳ ଦ୍ୱିତୀୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭଉଣୀ ଭାଇଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରାରେ ଆଡ଼ପମଣ୍ଡପ ଅଭିମୁଖେ ଯାତ୍ରା କରି ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିଥିଲେ। ଦାରୁ ବିଗ୍ରହମାନେ ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦି ଆଡ଼ପ ମଣ୍ଡପରୁ କର୍ମବେଦି ଅଭିମୁଖେ ବୁଧବାର ଯାତ୍ରା କରିବେ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହାପ୍ରଭୁ ଆଡ଼ପ ମଣ୍ଡପରେ ଲୀଳା ସାରି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିବା ପାଇଁ ପ୍ରସ୍ତୁତ ଥିବାବେଳେ ଶ୍ରୀଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କୁ ସାଥିରେ ନେଇଯିବା ପାଇଁ ତିନି ରଥ ମଧ୍ୟ ପ୍ରସ୍ତୁତ ରହିଛନ୍ତି। ସେବାୟତମାନେ ଉତ୍କଣ୍ଠାର ସହ ମହାପ୍ରଭୁ ରଥକୁ ବିଜେ କରିବେ ବୋଲି ଚାହିଁ ରହିଛନ୍ତି। ସେହିପରି ଭକ୍ତମାନେ ମଧ୍ୟ ତାଙ୍କର ପ୍ରିୟ କାଳିଆ ସାଆନ୍ତେଙ୍କୁ ରଥରେ ବସାଇ ରଥ ଟାଣି ନେବାକୁ ବ୍ୟାକୁଳ ରହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାହୁଡ଼ା ଯାତ୍ରାର ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, ବୁଧବାର ସକାଳ ୪ଟାରେ ମଙ୍ଗଳ ଆଳତି, ୪ଟା ୧୫ରେ ମଇଲମ, ୪ଟା ୩୦ରେ ତଡ଼ପ ଲାଗି ଓ ରୋଷ ହୋମ ୪ଟା ୩୦, ଅବକାଶ ୫ଟା, ସୂର୍ଯ୍ୟ ପୂଜା ୫.୧୫, ଦ୍ୱାରପାଳ ପୂଜା ୫.୩୦ ହେବା ସହ ବେଶ ଶେଷ ୫ଟା ୩୦ହେବ। ସେହିପରି ଗୋପାଳ ବଲ୍ଲଭ ଓ ସକାଳ ଧୂପ ସକାଳ ୫ଟା ୪୫ ରୁ ୬ଟା ୪୫ଟା ପର୍ଯ୍ୟନ୍ତ। ମଙ୍ଗଳାର୍ପଣ ପୂର୍ବାହ୍ନ ୧୧ଟା ୪୫, ପରେ ଡୋର ଲାଗି ହୋଇ ମଧ୍ୟାହ୍ନ ୧୨ଟା ପହଣ୍ଡି ଆରମ୍ଭ ହୋଇ ୨.୩୦ରେ ପହଣ୍ଡି ଶେଷ ହେବ। ୨.୩୦ରୁ ୩ଟା ୩୦ପର୍ଯ୍ୟନ୍ତ ଛେରାପହଁରା, ଚାରମାଳ ଫିଟା, ଘୋଡ଼ା ଲାଗିବ ଅପରାହ୍ନ ୪ଟା। ଘୋଡ଼ା ଲାଗିବା ପରେ ଅପରାହ୍ନ ୪ଟାରୁ ରଥଟଣା ଆରମ୍ଭ ହେବ। ରଥଟଣା ସରିବା ପରେ ଅନ୍ୟାନ୍ୟ ନୀତି ରଥ ଉପରେ ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରଣ କରାଯାଇଥିବା ନୀତିନିର୍ଘଣ୍ଟର ଯଥେଷ୍ଟ ପୂର୍ବରୁ ମହାପ୍ରଭୁଙ୍କ ନୀତି ଆରମ୍ଭ ହେବ ବୋଲି ସେବାୟତମାନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏସ୍‌ପି କେ. ବିଶାଳ ସିଂ କହିଛନ୍ତି, ଶ୍ରୀଗୁଣ୍ଡିଚା ଯାତ୍ରା ପରି ବାହୁଡ଼ା ଯାତ୍ରାରେ ସେହିଭଳି ବ୍ୟବସ୍ଥା ରହିବ। ୧୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ଆମ୍ବୁଲାନ୍ସ ଯିବା ପାଇଁ ଗ୍ରୀନ କରିଡର କରାଯିବ। ମହାପ୍ରଭୁଙ୍କ କୃପାରୁ ଶ୍ରୀଗୁଣ୍ଡିଚା ଯାତ୍ରା ପରି ବାହୁଡା ଯାତ୍ରା ମଧ୍ୟ ଭଲରେ ସମ୍ପନ୍ନ ହେବ। ବାହୁଡ଼ା ଯାତ୍ରାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ରାତି ୧୨ଟାରୁ ଟ୍ରାଫିକ କଟକଣା ଲାଗୁ କରାଯିବ। ପାଣି ସିଞ୍ଚନ କରାଯିବ। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ସମସ୍ତେ ଆସି ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ନିଅନ୍ତୁ ବୋଲି ଏସ୍‌ପି କହିଛନ୍ତି।

# ମୋଦିଙ୍କ ଅମଳରେ କ୍ଷୀର ୫୦%ରୁ ଊର୍ଦ୍ଧ୍ୱ ମହଙ୍ଗା

**ନୂଆଦିଲ୍ଲୀ,୨୭।୬–(କୁଳଦୀପ ସିଂ)**

କିଛିମାସ ହେଲା କ୍ଷୀର ଦାମ୍ ବଢ଼ିଚାଲିଥିବାବେଳେ ଉତ୍ପାଦନ ବୃଦ୍ଧି କରି ଏହା ଉପରେ ଲଗାମ ଲଗାଇବା ପାଇଁ ଉଦ୍ୟମ କରାଯିବ ବୋଲି ମଙ୍ଗଳବାର କେନ୍ଦ୍ର ସରକାର କହିଛନ୍ତି। ତେବେ କେଉଁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କ୍ଷୀର ଦାମ୍ ହ୍ରାସ ପାଇବ ସେନେଇ ସରକାର କିଛି କହିନାହାନ୍ତି।

ଦେଶରେ କ୍ଷୀର ଦାମ୍ ହୁହୁ ହୋଇ ବଢୁଥିବା ବିଷୟ କେନ୍ଦ୍ର ପ୍ରାଣୀ ସମ୍ପଦ, ମତ୍ସ୍ୟପାଳନ ଓ ଡେଏରୀ ମନ୍ତ୍ରୀ ପୁରୁଷୋତ୍ତମ ରୁପାଲା ସ୍ୱୀକାର କରିଛନ୍ତି। ମୋଦି ସରକାରଙ୍କ ୯ ବର୍ଷ ଶାସନର ଉପଲବ୍ଧି ବତାଇବା ପାଇଁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, କ୍ଷୀର ଦାମ୍ ବଢୁଥିବା କଥା ମୁଁ ମାନୁଛି। କ୍ଷୀର ଉତ୍ପାଦନ ବୃଦ୍ଧି କରି ଏହାର ଦାମ୍‌କୁ ନିୟନ୍ତ୍ରଣ କରାଯିବ।



୨୦୧୪ ମେ'ରେ ମୋଦି ସରକାର କେନ୍ଦ୍ରରେ କ୍ଷମତାସୀନ ହେବାବେଳେ କ୍ଷୀର କେ.ଜି. ୩୮ ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ୫୭ ଟଙ୍କାକୁ ବୃଦ୍ଧି ପାଇଛି। ବୃହତ୍ ଦୁଗ୍ଧ ଉତ୍ପାଦନକାରୀ କମ୍ପାନୀ ଅମୂଲ ଓ ମଦର ଡେଏରୀ ଗତବର୍ଷଠାରୁ ଅନେକ ଥର ଦାମ୍ ବଢ଼ାଇସାରିଲେଣି। ରିପୋର୍ଟ ଅନୁସାରେ ମଦର ଡେଏରୀ ୨୦୨୨ ମାର୍ଚ୍ଚରୁ ଡିସେମ୍ବର ମଧ୍ୟରେ କ୍ଷୀର ଦାମ୍ ୧୦ ଟଙ୍କା ବଢ଼ାଇଥିଲା। ଗୋଖାଦ୍ୟ ମହଙ୍ଗା ହେବାରୁ କ୍ଷୀର ଦାମ୍ ବୃଦ୍ଧି ପାଉଥିବା କୁହାଯାଉଛି। ଏନେଇ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଶ୍ନ କରାଯିବାରୁ ସେ କହିଛନ୍ତି, ଗୋଖାଦ୍ୟ ଉପଲବ୍ଧତାରେ ଉନ୍ନତି ଆଣିବା ପାଇଁ ସରକାର ଏକ ନୂଆ ଯୋଜନାରେ ସବ୍‌ସିଡି ପ୍ରଦାନ କରୁଛନ୍ତି। କିନ୍ତୁ କ୍ଷୀର ଯୋଗାଣରେ ନିଅଣ୍ଟିଆ ସ୍ଥିତି ସୃଷ୍ଟି ହୋଇନାହିଁ। ଦେଶରେ ପର୍ଯ୍ୟାପ୍ତ ପରିମାଣର ଦୁଗ୍ଧ ପାଉଡର ରହିଛି। କ୍ଷୀର ଯୋଗାଣ ଶୃଙ୍ଖଳ ମଧ୍ୟ ସୁରୁଖୁରୁରେ ଚାଲିଛି। ଗତ ୯ ବର୍ଷ ମଧ୍ୟରେ ଦେଶରେ ଦୁଗ୍ଧ ଉତ୍ପାଦନ ୮୩ ନିୟୁତ ଟନ୍ ବୃଦ୍ଧି ପାଇ ୨୨୧ ନିୟୁତ ଟନ୍‌ରେ ପହଞ୍ଚିଛି। ୨୦୨୪ରେ ମୁଣ୍ଡ ପିଛା କ୍ଷୀର ବ୍ୟବହାର ୩୦୩ ଗ୍ରାମ ଥିବାବେଳେ ୨୦୨୨ରେ ଏହା ୪୪୯ ଗ୍ରାମରେ ପହଞ୍ଚିଲା ବୋଲି କେନ୍ଦ୍ରମନ୍ତ୍ରୀ ରୁପାଲା ସୂଚନା ଦେଇଛନ୍ତି।




## ଜୁଲାଇ ୩ରୁ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା

**କଟକ,୨୭।୬(ସୁପ୍ରିୟା ପ୍ରିୟଦର୍ଶିନୀ):** ଆସନ୍ତା ଜୁଲାଇ ୩ରୁ ୮ ତାରିଖ ପର୍ଯ୍ୟନ୍ତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଅନୁଷ୍ଠିତ ହେବ। ମୋଟ ୮୦ଟି କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବେ। ଏ ନେଇ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତବର୍ଷ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରୁ ୧୩୧୧ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟରୁ ୮୯୧୫ ଜଣ ଛାତ୍ରୀଛାତ୍ର ଉକ୍ତ ପରୀକ୍ଷା ଦେବେ ବୋଲି ବୋର୍ଡ ପକ୍ଷରୁ ଜଣାପଡିଛି। ଏନେଇ ବୋର୍ଡ ୱେବ୍‌ସାଇଟ୍‌ରେ www.bseodisha.ac.inରେ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ରହିଛି। ସ୍କୁଲ କର୍ତ୍ତୃପକ୍ଷ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରି ଛାତ୍ରୀଛାତ୍ରଙ୍କୁ ଦେବେ।

## ଜୁଲାଇ ୩ ଯାଏ ବର୍ଷା ନାହିଁ
## ୧୬ ଜିଲାରେ ନିଅଣ୍ଟିଆ

**ଭୁବନେଶ୍ୱର,୨୭।୬(ଅନିଲ ଦାସ):** ରାଜ୍ୟରେ ମୌସୁମୀଜନିତ ବର୍ଷା ଥମିଯାଇଛି। ଗତ ଦୁଇଦିନ ଧରି ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଭଲ ବର୍ଷା ହୋଇଥିବା ବେଳେ ଉପକୂଳରେ ନିଅଣ୍ଟିଆ ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ୨୭ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ବର୍ଷା ହୋଇଛି। ଏହି ସମୟରେ ରାଜ୍ୟରେ ୧୮୧.୬ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୧୪୬.୯ ମିଲିମିଟର। ୧୯%ରୁ କମ୍ କିମ୍ବା ବେଶି ବର୍ଷା ହେଲେ ଏହାକୁ ସ୍ୱାଭାବିକ ଧରାଯାଏ। ରାଜ୍ୟକୁ ମୌସୁମୀ ପ୍ରବେଶ କରିଥିଲେ ମଧ୍ୟ ୧୬ଟି ଜିଲାରେ ବର୍ଷାଭାବ ଦେଖାଦେଇଛି। ସେହି ଜିଲାଗୁଡ଼ିକ ହେଲା ବଲାଙ୍ଗୀର, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଗଜପତି, ଜଗତ୍‌ସିଂହପୁର, ଯାଜପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ପୁରୀ, ସୁବର୍ଣ୍ଣପୁର। ଏହି ସବୁ ଜିଲାରେ ବର୍ଷା ନ ଥିବାରୁ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଆସନ୍ତା ଜୁଲାଇ ୩ ଯାଏ ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇବ। ଗତ ୨୪ ଘଣ୍ଟାରେ ବାରିପଦାରେ ସର୍ବାଧିକ ୫୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୩, ବାଲେଶ୍ୱର ୨୯.୬, ଝାରସୁଗୁଡ଼ା ୩୮.୬, କେନ୍ଦୁଝର ୨୬.୭, ସମ୍ବଲପୁର ୧୨.୨, ହୀରାକୁଦ ୩୧, ତାଳଚେର ୨୫, ଭବାନୀପାଟଣା ୧୨.୮ ଏବଂ ଟିଟିଲାଗଡ଼ରେ ୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କୁ ଆଜୀବନ ଜେଲ

**ଭୁବନେଶ୍ୱର,୨୭।୬(ସତ୍ୟଜିତ୍ ରାଉତ)**

ସ୍ତ୍ରୀଙ୍କୁ ହତ୍ୟା କରିବା ମାମଲାରେ ରାୟଗଡ଼ା ଜିଲା ଗୁଣପୁରର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ (୭୮)ଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ହୋଇଛି। ଗତ ଶନିବାର ଏହି ମାମଲାରେ କୋର୍ଟ ଅଭିଯୁକ୍ତ ରାମମୂର୍ତ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାବେଳେ ମଙ୍ଗଳବାର ଦଣ୍ଡ ଘୋଷଣା କରିଛନ୍ତି। ଏଥିସହ ଆଇପିସି ଦଫା ୩୦୨ରେ ୫୦ ହଜାର ଓ ଦଫା ୨୦୧ରେ ୧୦ ହଜାର ଟଙ୍କା ଅର୍ଥଦଣ୍ଡରେ ମଧ୍ୟ ତାଙ୍କୁ ଦଣ୍ଡିତ କରାଯାଇଛି। ଏହି ଜରିମାନା ଅନାଦାୟେ ଉଭୟ ଦଫା ପାଇଁ ୧ବର୍ଷ ଓ ୬ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଭୁବନେଶ୍ୱର ତୃତୀୟ ଅତିରିକ୍ତ ଜିଲା ଦୌରାଜଜ୍ ସସ୍ମିତା ପାଢ଼ୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଭୁବନେଶ୍ୱର ଖାରବେଳନଗର ଥାନାସ୍ଥିତ ଏମ୍‌ଏଲ୍‌ଏ କଲୋନୀର ସରକାରୀ କ୍ୱାର୍ଟର୍ସ 'ଡିଏସ୍ –୧୮/୧'ରେ ସ୍ତ୍ରୀ ଶଶିରେଖାଙ୍କ ସହ ରାମମୂର୍ତ୍ତି ୧୯୯୦ ମସିହାରୁ ରହି ଆସୁଥିଲେ। ତେବେ ବିଭିନ୍ନ ସମୟରେ ସ୍ତ୍ରୀଙ୍କୁ ରାମମୂର୍ତ୍ତି ଗାଳିଗୁଲଜ କରିବା ସହ ମାଡ଼ ମାରୁଥିଲେ। ୧୯୯୫ ଅଗଷ୍ଟ ୨୯ ତାରିଖ ସକାଳେ ଗର୍ଭବତୀ ଥିବା ଶଶିରେଖା ନିଦରୁ ବିଳମ୍ବରେ ଉଠିବାରୁ ତାଙ୍କୁ ରାମମୂର୍ତ୍ତି ମାଡ଼ ମାରିଥିଲେ। ଏଥିସହ ଶଶିରେଖାଙ୍କୁ ବାଥରୁମ୍‌ରେ ପୂରାଇ କିରୋସିନ ଢ଼ାଳି ନିଆଁ ଲଗାଇଦେବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ଶଶିରେଖା ଆତ୍ମହତ୍ୟା କରିଥିବା ନେଇ ରାମମୂର୍ତ୍ତି ପୋଲିସକୁ ମିଥ୍ୟା ଖବର ଦେଇଥିଲେ। ପୋଲିସ ଶଶିରେଖାଙ୍କ ମୃତଦେହ ଜବତ କରିବା ପରେ ଏକ ଅପମୃତ୍ୟୁ ମାମଲା (ନଂ. ୦୬/୧୯୯୫) ରୁଜୁ କରି ତଦନ୍ତ ଚଳାଇଥିଲା। ରାମମୂର୍ତ୍ତି ଶଶିରେଖାଙ୍କ ମୁଣ୍ଡରେ ଶକ୍ତ ଆଘାତ ଦେବା ସହ ପୋଡ଼ି ହତ୍ୟା କରିଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୭୦/୧୯୯୫) ରୁଜୁ କରି ରାମମୂର୍ତ୍ତିଙ୍କୁ ଗିରଫ କରିଥିଲା। ପରେ ରାମମୂର୍ତ୍ତି ଜାମିନରେ ଆସିଥିବାବେଳେ ଶନିବାରଠାରୁ ଜେଲ ଯାଇଛନ୍ତି। ଏହି ମାମଲାରେ କୋର୍ଟ ୧୧ ଜଣ ସାକ୍ଷୀଙ୍କ ବୟାନ ଏବଂ ୧୫ଟି ଦସ୍ତାବିଜ୍ ଆଧାରରେ ରାୟ ଶୁଣାଇଥିଲେ। ସ୍ୱତନ୍ତ୍ର ସରକାରୀ ଓକିଲ ରଶ୍ମିରଞ୍ଜନ ବ୍ରହ୍ମା ମାମଲା ପରିଚାଳନା କରୁଥିଲେ।

**ସ୍ତ୍ରୀ ହତ୍ୟା ମାମଲା**


ରାମମୂର୍ତ୍ତି ଗମାଙ୍ଗ

ସୂଚନାଯୋଗ୍ୟ, ୧୯୯୦ରେ ରାମମୂର୍ତ୍ତି ଜନତା ଦଳ ପକ୍ଷରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ସେ ଜନତା ଦଳ ଛାଡ଼ି ୨୦୦୦ ମସିହାରେ ଭାଜପା ପକ୍ଷରୁ ନିର୍ବାଚନ ଜିତି ଦ୍ୱିତୀୟ ଥର ପାଇଁ ବିଧାୟକ ହୋଇଥିଲେ।

# ଦୁର୍ଘଟଣା ମୁକାବିଲା ପାଇଁ ଆସିବ ଏସ୍‌ଓପି

**ଭୁବନେଶ୍ୱର,୨୭।୬(ଅନିଲ ଦାସ)**

ଦିଗପହଣ୍ଡି ବସ୍ ଦୁର୍ଘଟଣା ପରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏକ ନୂତନ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁଅର(ଏସ୍‌ଓପି) କରିବାକୁ ନିଷ୍ପତ୍ତି ହୋଇଛି। ଦୁର୍ଘଟଣା ପରେ ତ୍ୱରିତ ପଦକ୍ଷେପ ନେବାକୁ ଏଥିରେ ବ୍ୟବସ୍ଥା କରାଯାଇଛି। ବିଭାଗରେ ଥିବା କଲ୍ ସେଣ୍ଟରକୁ ଖବର ଆସିବା ମାତ୍ରେ ଅଳ୍ପ କେଇ ସେକେଣ୍ଡରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଓ ଜରୁରିକାଳୀନ ସ୍ୱାସ୍ଥ୍ୟ ଟିମ୍ ନିକଟକୁ ଏସ୍‌ଏମ୍‌ଏସ୍ ପହଞ୍ଚିବ। ଏହି ଟିମ୍ ଦୁର୍ଘଟଣା ସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବେ। ଏହାଛଡ଼ା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ଏବଂ ପୂର୍ତ୍ତ ବିଭାଗକୁ ନେଇ ଏକ ସ୍ପେଶାଲ ଏକ୍ସପର୍ଟ ଟିମ୍ ଗଠନ କରାଯିବ। ଏହି ଟିମ୍ ଦୁର୍ଘଟଣା ସ୍ଥଳ ଯାଞ୍ଚ କରିବ। ଯାନବାହନଗୁଡ଼ିକର ଫିଟ୍‌ନେସ, ବୀମା ଇତ୍ୟାଦିକୁ 'ବାହନ' ପୋର୍ଟାଲ ସହ ସଂଯୋଗ କରାଯାଇଛି। ରାଜ୍ୟରେ ଥିବା ପ୍ରତ୍ୟେକ ଟୋଲ୍ ଗେଟ୍ ସହ ମଧ୍ୟ ବାହନ ପୋର୍ଟାଲ ସଂଯୋଗ ରହିଛି। କୌଣସି ଗାଡ଼ି ବିନା ବୀମା କିମ୍ବା ଫିଟ୍‌ନେସ୍‌ରେ ଯାତ୍ରା କରୁଥିଲେ ତାହା ତୁରନ୍ତ ବାହନ ପୋର୍ଟାଲକୁ ସୂଚନା ମିଳିବ। ଏ ନେଇ ଆର୍‌ଟିଓମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଚ୍ଛେଦ କରିବାକୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୬(ଅନିଲ ଦାସ)**

କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପୁଣିଥରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, କେନ୍ଦୁପତ୍ର ହେଉଛି ଲଘୁବନଜାତ ଦ୍ରବ୍ୟ। ଏହା ୮ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ କର୍ମଚାରୀଙ୍କ ପାଇଁ ଅର୍ଥନୈତିକ ମେରୁଦଣ୍ଡ। ରାଜ୍ୟରେ କେନ୍ଦୁପତ୍ର ତୋଳିବା ଓ ବାନ୍ଧିବା କାର୍ଯ୍ୟରେ ମୁଖ୍ୟତଃ ଅତି ଗରିବ ଆଦିବାସୀ ଓ ମହିଳାମାନେ ନିୟୋଜିତ ଥାଆନ୍ତି। ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ ଆଇନ–୨୦୦୬ ଆଧାରରେ ଆଦିବାସୀମାନେ କେନ୍ଦୁପତ୍ର ସଂଗ୍ରହ କରିଥାନ୍ତି। କେନ୍ଦୁପତ୍ର ଉପରୁ ୧୮ପ୍ରତିଶତ ଜିଏସ୍‌ଟି ଆଦାୟ ହେଉଛି। ଏହା ସିଧାସଳଖ କେନ୍ଦୁପତ୍ର ତୋଳାଳି, କର୍ମଚାରୀ ଓ ବନ୍ଧାଳିଙ୍କ ଜୀବନଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ତେଣୁ କେନ୍ଦୁପତ୍ର ତୋଳାଳିଙ୍କ ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦୁପତ୍ର ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ କରିବାକୁ ନବୀନ ଦାବି ଦୋହରାଇଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀ ୨୦୨୨ ନଭେମ୍ବର ୨୫ ତାରିଖରେ କେନ୍ଦ୍ରକୁ ଚିଠି ଲେଖି ଜିଏସ୍‌ଟି ଛାଡ଼ ପାଇଁ ଅନୁରୋଧ କରିଥିଲେ। ଏପରି କି ବିଜେଡି ଏମ୍‌ପିମାନେ ମଧ୍ୟ ପାର୍ଲାମେଣ୍ଟରେ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଛାଡ଼ ପାଇଁ ଦାବି କରି ଆସୁଛନ୍ତି।






ପ୍ରେମର ସାମର୍ଥ୍ୟ ଯୋଗୁ ଏବଂ ଆତ୍ମଦାନର ପ୍ରେରଣା ଯୋଗୁ ମନୁଷ୍ୟ ଦେବତାମାନଙ୍କ ସହ ସମାନ କ୍ଷମତାର ଅଧିକାରୀ ହୋଇପାରେ। କିନ୍ତୁ ସେ ଯେତେବେଳେ ନିଜର ଅହଂକାର ଓ ସ୍ୱାର୍ଥପରତାରୁ ମୁକ୍ତ ହୁଏ– ସେତେବେଳେ ସେ ଦେବତାଙ୍କଠାରୁ ମଧ୍ୟ ଅଧିକ କ୍ଷମତାଶାଳୀ ହୋଇପାରେ। –ଶ୍ରୀମା



# ପ୍ରାଣୀ ଆଇନ

ଜୁନ୍ ୭ ତାରିଖରେ ଲାଇଭ୍‌ଷ୍ଟକ ଆଣ୍ଡ୍ ଲାଇଭ୍‌ଷ୍ଟକ ପ୍ରଡକ୍ଟସ୍ (ଇମ୍ପୋର୍ଟେଶନ ଆଣ୍ଡ୍ ଏକ୍ସପୋର୍ଟେଶନ) ବିଲ୍ ବା ପ୍ରାଣୀଧନ ଓ ପ୍ରାଣୀଧନ ଉତ୍ପାଦ (ଆମଦାନୀ ଓ ରପ୍ତାନି) ବିଲ୍, ୨୦୨୩ର ଚିଠା କେନ୍ଦ୍ର ସରକାରଙ୍କ ଦ୍ୱାରା ସାର୍ବଜନୀନ କରାଯାଇଥିଲା। ମାତ୍ର ୧୦ ଦିନ ଭିତରେ ଜୁନ୍ ୧୭ ତାରିଖ ସୁଦ୍ଧା ଏହା ଉପରେ ପ୍ରସ୍ତାବ ଓ ଆପତ୍ତି ଦାଖଲ କରିବାକୁ ଜନସାଧାରଣଙ୍କୁ କୁହାଯାଇଥିଲା। ଏହିଭଳି ଆଇନକୁ ପ୍ରସ୍ତୁତ କରିବା ପାଇଁ ସରକାର ତାଙ୍କର ଅନେକ ଅଫିସରଙ୍କୁ ଲଗାଇ ଅନେକ ମାସ ଧରି ପ୍ରସ୍ତୁତ କରିଆସିଥିବେ। ତାହାପରେ, ହଠାତ୍, ୱେବ୍‌ସାଇଟ୍‌ରେ ପକାଇ ମାତ୍ର ୧୦ ଦିନ ଭିତରେ ଜନସାଧାରଣଙ୍କ ମତ ଲୋଡ଼ିଥିଲେ। ଏହିଭଳି କାର୍ଯ୍ୟ ଆଜିର ସରକାର ବାରମ୍ବାର କରିଆସୁଛନ୍ତି। ୧୨୫ ବର୍ଷର ପୁରୁଣା ପ୍ରାଣୀଧନ ଆଇନ ୧୮୯୮ ଏବଂ ପ୍ରାଣୀଧନ ଆମଦାନୀ ଆଇନ (ସଂଶୋଧନ) ୨୦୦୧ର ପୁନଃ ପ୍ରବର୍ତ୍ତନ ବୋଲି ମନେକରାଯାଉଥିବା ଏହି ନୂଆ ବିଲ୍‌ର ଚିଠାକୁ ନେଇ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା। ଯେଉଁମାନେ ପ୍ରାଣୀଧନ ସମ୍ପର୍କରେ କିଛି ଜାଣିଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହି ନୂତନ ଆଇନକୁ ବିରୋଧ କରିଥିଲେ। ପଶୁପ୍ରେମୀ ଏବଂ ପ୍ରାଣୀ ଅଧିକାର ଓ ସୁରକ୍ଷା ପାଇଁ ଲଢୁଥିବା କର୍ମୀ ତଥା ସଙ୍ଗଠନଗୁଡ଼ିକ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ମଧ୍ୟ ଦାବି କରିଥିଲେ। ତେବେ ମତାମତ ଦେବାର ତାରିଖ ଶେଷ ହେବା ପରେ ଜୁନ ୨୦ରେ ସରକାର ଉକ୍ତ ଚିଠାକୁ ପ୍ରତ୍ୟାହାର କରିନେଇଛନ୍ତି ବୋଲି ଜଣାପଡ଼ିଛି। ଆଇନ ପାସ କରି ତାହାକୁ ପ୍ରତ୍ୟାହାର କରିବା ହେଉ କିମ୍ବା ମତାମତ ଲୋଡ଼ି ପ୍ରତ୍ୟାହାର କରିବା ଏହି ସରକାରଙ୍କ ଚରିତ୍ରଗତ ଦୋଷ ହୋଇଗଲାଣି। ଏହି ଆଇନ ଯେ ଭିନ୍ନ ନାମ ଏବଂ ରୂପରେ ପୁନର୍ବାର ଆଗତ ହେବ ନାହିଁ ତାହା କହିବା କଷ୍ଟକର। ଏଭଳି ଆଇନ ଯଦି ଲାଗୁ ହୋଇଥାଆନ୍ତା, ତେବେ ଦେଶୀ ପ୍ରଜାତିର ପ୍ରାଣୀଙ୍କ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଥାଆନ୍ତା। ଗୋ ସମ୍ପଦ କ୍ଷେତ୍ରରେ ଦେଖାଯାଇଛି ଯେ, ବିଦେଶୀ ପ୍ରଜାତିର ଗାଈ ଆମଦାନୀ ଓ ଏହାର ବ୍ୟାପକ ପାଳନ ଯୋଗୁ ଦେଶୀ ଗାଈ ହଜିବାକୁ ବସିଲାଣି। ଦେଶୀ ଗାଈ ଜାଗାରେ ସଙ୍କର ପ୍ରଜାତିର ଗାଈ ବନ୍ଧାହେଲେଣି। କେବଳ ଗାଈ ନୁହେଁ, ଅନ୍ୟ ଜୀବଜନ୍ତୁଙ୍କ ଜିନ୍ ମଧ୍ୟ ପ୍ରଭାବିତ ହେବା ଲକ୍ଷ୍ୟ କରାଯାଉଛି। ବିଲୁପ୍ତପ୍ରାୟ କିମ୍ବା ଦେଶୀ ପ୍ରଜାତିର ପ୍ରାଣୀଙ୍କୁ ଆମଦାନୀ କିମ୍ବା ରପ୍ତାନି କଲେ ଭାରତର ନିଜସ୍ୱ ପ୍ରାଣୀଧନ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଅଛି। ଏହାବ୍ୟତୀତ ଆମଦାନୀ ହେଉଥିବା ପ୍ରାଣୀ ମଧ୍ୟ କ୍ଷତିଗ୍ରସ୍ତ ହେବେ। ଉଦାହରଣ ସ୍ୱରୂପ ଭାରତରେ ଆଫ୍ରିକୀୟ ଚିତା କଥା ବିଚାର କରାଯାଉ। ଏବେ କୁନୋ ଜାତୀୟ ଉଦ୍ୟାନରେ ପ୍ରାୟ ୪ଟି ଚିତା ମରିସାରିଲେଣି।

**ସରକାର ଏଭଳି ଦୁଷ୍ଟ ଆଇନ କେଉଁ କାରଣରୁ ଆଣିବାକୁ ଚିନ୍ତା କରିଥିଲେ ତାହା ବୁଝିବା କଷ୍ଟକର। ଅନୁମାନ କରାଯାଇପାରେ ଯେ, ବ୍ୟବସାୟିକ ଗୋଷ୍ଠୀଙ୍କର ପ୍ରଭାବରେ ଏଭଳି ନକାରାତ୍ମକ ଆଇନ ସୃଷ୍ଟି କରାଯାଉଛି।**

ପ୍ରାଣୀ ଆମଦାନୀ ଓ ରପ୍ତାନି ମଧ୍ୟ ଜୀବମଣ୍ଡଳରେ ଅସନ୍ତୁଳନ ଆଣିବାର ଅନେକ ଦୃଷ୍ଟାନ୍ତ ଅଛି। ଏଠାରେ ଏକ ବାସ୍ତବ କାହାଣୀକୁ ଉଲ୍ଲେଖ କରାଯାଇପାରେ। ୫୦ କି.ମି. ଚଉଡ଼ା ଏବଂ ୧୦ କି.ମି. ଲମ୍ବ ପ୍ରଶାନ୍ତ ମହାସାଗରୀୟ ଗୁଆମ ଦ୍ୱୀପ ବିଦେଶୀ ଜନ୍ତୁ ଆମଦାନୀ ଯୋଗୁ ନିଜସ୍ୱ ପରିବେଶକୁ ପ୍ରାୟ ଧ୍ୱଂସ କରିଦେଲାଣି। ଗବେଷକମାନଙ୍କ କହିବା ଅନୁଯାୟୀ, ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ, କୌଣସି ଏକ ମାଲବାହୀ ପାଣି ଜାହାଜରେ କେତୋଟି ସାପ ଏହି ଦ୍ୱୀପରେ ପହଞ୍ଚିଥିଲେ। ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଏହି ସାପର ବଂଶ ଏବେ ପ୍ରାୟ ୨୦ ଲକ୍ଷରେ ପହଞ୍ଚିଲାଣି। ଫଳସ୍ୱରୂପ, ଗୁଆମ ଦ୍ୱୀପର ପ୍ରାୟ ସବୁ ଚଢ଼େଇ ଆଜି ବିଲୁପ୍ତପ୍ରାୟ ହୋଇଗଲେଣି। କାରଣ ଏହି ସାପ ଗଛ ଚଢ଼ି ଚଢ଼େଇ ବସାରୁ ଅଣ୍ଡା ଖାଇ ଦେଉଛନ୍ତି। ଚଢ଼େଇ ନ ଥିବା ହେତୁ ଗଛର ମଞ୍ଜି କେହି ଖାଇଲେନି ଏବଂ ତାହା ଅନ୍ୟତ୍ର ସ୍ଥାନାନ୍ତର ହୋଇପାରିଲା ନାହିଁ। ଫଳସ୍ୱରୂପ, ଆଜି ଗୁଆମରେ ୯୨% ଜଙ୍ଗଲ ଧ୍ୱଂସ ହେବାକୁ ବସିଲାଣି ଏବଂ ସେହି ଦ୍ୱୀପରେ କୌଣସି ଚଢ଼େଇ ଶବ୍ଦ ଶୁଣିବାକୁ ମିଳୁନାହିଁ। ଏଭଳି କ୍ଷତି ଘଟିବା ପଛରେ ବାହାରୁ ଆସିଥିବା ପ୍ରାଣୀ ପ୍ରଜାତିର ପ୍ରଭାବ ଅଛି। ସେହିଭଳି ଜର୍ସି ଗାଈ ମଧ୍ୟ ଭାରତରେ ଦେଶୀ ଗାଈର ପରିବାରକୁ ବିଲୁପ୍ତ ପ୍ରାୟ କରିସାରିଲାଣି। ତେଣୁ ବିଦେଶୀ ଗାଈକୁ ଗୋମାତା କହିବା କେତେଦୂର ଯଥାର୍ଥ ତାହା ଚିନ୍ତା କରିବା ଦରକାର। ଏଭଳି ଆଇନ ଯଦି କେବେ ଆସିଲା, ତେବେ ପ୍ରାଣୀ ନିର୍ଯାତନା ବୃଦ୍ଧି ପାଇବ। ଅନ୍ୟ ଏକ ଦିଗରୁ ବିଚାର କଲେ ପ୍ରାଣୀ ଆମଦାନୀ ଓ ରପ୍ତାନି ଯୋଗୁ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଛି। ଯଥା, ଜୀବମାନଙ୍କଠାରୁ ସୃଷ୍ଟି ହେଉଥିବା ସ୍ୱାଇନ୍ ଫ୍ଲୁ, ବାର୍ଡ ଫ୍ଲୁ ଏବଂ କୋଭିଡ୍–୧୯ ଭୂତାଣୁ ଭଳି ଆହୁରି ଅନେକ ନୂଆ ରୋଗ ଗୋଟିଏ ଅଞ୍ଚଳରୁ ଅନ୍ୟ ଏକ ଅଞ୍ଚଳକୁ ବ୍ୟାପିବାର ସମ୍ଭାବନାକୁ ବି ଏଡ଼ାଇ ଦିଆଯାଇ ନ ପାରେ। ତେବେ ସରକାର ଏଭଳି ଦୁଷ୍ଟ ଆଇନ କେଉଁ କାରଣରୁ ଆଣିବାକୁ ଚିନ୍ତା କରିଥିଲେ ତାହା ବୁଝିବା କଷ୍ଟକର। ଅନୁମାନ କରାଯାଇପାରେ ଯେ, ବ୍ୟବସାୟିକ ଗୋଷ୍ଠୀଙ୍କର ପ୍ରଭାବରେ ଏଭଳି ନକାରାତ୍ମକ ଆଇନ ସୃଷ୍ଟି କରାଯାଉଛି।



# ଋଣ ଖିଲାପକାରୀଙ୍କ ସହ ସନ୍ଧି କାହିଁକି

ବୃହସ୍ପତି ସାମଲ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଜୁନ ୮, ୨୦୨୨ରେ ଜାରିକରିଥିବା ନୂତନ ନିୟମାବଳୀ ଅନୁଯାୟୀ ବ୍ୟାଙ୍କମାନେ ଏବେ ଅନାଦାୟ ଋଣ ପାଇଁ ଋଣ ଖିଲାପକାରୀଙ୍କ ସହ ଆପୋସ ବୁଝାମଣା ମାଧ୍ୟମରେ ଏକକାଳୀନ ସମାଧାନର ଉପାୟ ସ୍ଥିର କରିପାରିବେ। କିଛି ବ୍ୟାଙ୍କରଙ୍କ କହିବା କଥା ଖିଲାପକାରୀଙ୍କଠାରୁ ଋଣ ଆଦାୟ କରିବା ପାଇଁ ଅଯଥା ସମୟ ନଷ୍ଟ କରିବା, କୋର୍ଟ କଚେରି ଦୌଡ଼ି ଖର୍ଚ୍ଚାନ୍ତ ହେବା ଓ ବୃଥା ମାନବୀୟ ଶକ୍ତିର ଅପଚୟ କରିବା ଅପେକ୍ଷା ଆଶୁ ସମାଧାନ ପାଇଁ ଆପୋସ ବୁଝାମଣା ଅନେକାଂଶରେ ଭଲ। ଏହି ପରିପ୍ରେକ୍ଷୀରେ, ଋଣଗ୍ରାହୀଙ୍କ ବିରୁଦ୍ଧରେ ଚାଲିଥିବା ଆପରାଧିକ ଓ ଆଇନଗତ ମାମଲା ଯେପରି ପ୍ରଭାବିତ ନ ହୁଏ ସେଥିପ୍ରତି ବ୍ୟାଙ୍କମାନେ ସତର୍କ ଦୃଷ୍ଟି ରଖିବା ସହ ପ୍ରତ୍ୟେକ ଇଚ୍ଛାକୃତ ଖିଲାପକାରୀଙ୍କ ଋଣର ଆପୋସ ସମାଧାନ ପାଇଁ ବ୍ୟାଙ୍କିଙ୍ଗ ବୋର୍ଡର ଅନୁମୋଦନ ହାସଲ କରିବା ଜରୁରୀ ବୋଲି ଆରବିଆଇ ସତର୍କ କରାଇଛି। କିନ୍ତୁ, ଆଶ୍ଚର୍ଯ୍ୟର କଥା ହେଉଛି ୨୦୧୪ରୁ ଯୋଗ୍ୟ କର୍ମଚାରୀ କିମ୍ବା ଅଧିକାରୀଙ୍କୁ ବ୍ୟାଙ୍କିଂ ବୋର୍ଡର ନିର୍ଦ୍ଦେଶକ ପଦରେ ନିଯୁକ୍ତି ନ ଦେଇ, ଭାରତ ସରକାର ଶାସକ ଦଳର ରାଜନୈତିକ ସମର୍ଥକମାନଙ୍କୁ ଏହି ପଦବୀରେ ଥଇଥାନ କରିଛନ୍ତି। ତେଣୁ ଅଧିକାରୀ ଓ କର୍ମଚାରୀଙ୍କ ଭଳି ଉତ୍ତରଦାୟିତ୍ୱ ନ ଥିବା ରାଜନୈତିକ ସମର୍ଥକଙ୍କୁ ନେଇ ଅନାଦାୟ ଋଣର ଆପୋସ ସମାଧାନ ଉପରେ ବ୍ୟାଙ୍କିଙ୍ଗ ବୋର୍ଡ ନିଷ୍ପତ୍ତିର ସ୍ୱଚ୍ଛତା ସନ୍ଦେହ ଘେରରେ ରହିବା ସ୍ୱାଭାବିକ।

ସଂକ୍ଷେପରେ କହିବାକୁ ଗଲେ, କୌଣସି ଋଣର ସୁଧ, କିସ୍ତି କିମ୍ବା ମୂଳଧନର ପରିଶୋଧ ୯୦ ଦିନରୁ ଅଧିକ ବିଳମ୍ବିତ ହେଲେ ତାକୁ ଅନାଦାୟ ଋଣ ବା ଇଂଲିଶରେ ନନ୍–ପରଫରମିଂ ଆସେଟ (ଏନ୍‌ପିଏ) କିମ୍ବା ବ୍ୟାଡ ଲୋନ କୁହାଯାଏ। ଭାରତରେ ଅନାଦାୟ ଋଣ ମୋଟ ଋଣର ପ୍ରାୟ ୧୦ ପ୍ରତିଶତ। ପରିବର୍ତ୍ତିତ ଓ ଅଚିହ୍ନା ସମ୍ପତ୍ତିକୁ ମିଶାଇଲେ ଏହା ୧୫ରୁ ୨୦ ପ୍ରତିଶତ ହେବ। ଅନାଦାୟ ଋଣ ବୃଦ୍ଧିର ମୁଖ୍ୟ କାରଣଗୁଡ଼ିକ ମଧ୍ୟରେ ଅସମ୍ବନ୍ଧିତ ବ୍ୟବସାୟରେ ପାଣ୍ଠିର ବିବିଧୀକରଣ, ନୈତିକତା, କଠିନ ପରିଶ୍ରମ ଓ ତତ୍ପରତାର ଅଭାବ, ବ୍ୟବସାୟିକ ବାତାବରଣ ଓ ନିୟମାବଳୀରେ ଆକସ୍ମିକ ପରିବର୍ତ୍ତନ ଯୋଗୁ କ୍ଷତି, ଆଞ୍ଚଳିକ, ଜାତୀୟ ଅଥବା ଅନ୍ତର୍ଜାତୀୟ ଅର୍ଥନୈତିକ ସଙ୍କଟ, ସାଧାରଣ ଅର୍ଥନୈତିକ ଅଥବା ନିର୍ଦ୍ଦିଷ୍ଟ ଔଦ୍ୟୋଗିକ ଅଞ୍ଚଳରେ ମାନ୍ଦାବସ୍ଥା, ଔଦ୍ୟୋଗିକ କୁଶାସନ ଓ କୁପରିଚାଳନା, ନିର୍ଦ୍ଦିଷ୍ଟ ଔଦ୍ୟୋଗିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା, ସାମାଜିକ, ରାଜନୈତିକ, ସାଂସ୍କୃତିକ ତଥା ପରିବେଶଜନିତ କାରଣରୁ ଭୂମି ଅଧିଗ୍ରହଣରେ ଅହେତୁକ ବିଳମ୍ବତା, ଋଣ ପ୍ରଦାନରେ ସ୍ୱଚ୍ଛତାର ଅଭାବ ଏବଂ ବନ୍ୟା, ବାତ୍ୟା, ମହାମାରୀ, ଭୂମିକମ୍ପ ତଥା ସୁନାମି ଭଳି ଦୈବ ଦୁର୍ବିପାକ ଆଦି ପ୍ରମୁଖ। ଅନାଦାୟ ଋଣ ବ୍ୟାଙ୍କର ନେଟ୍ ଲାଭକୁ ପ୍ରଭାବିତ କରୁଥିବାରୁ ବ୍ୟାଙ୍କମାନେ ବାଧ୍ୟବାଧକତାରେ




ଚାପରେ ରହି ଲାଭାନ୍ତରର ସୁପରିଚାଳନା ପାଇଁ ଋଣ ସୁଧ ହାର ବୃଦ୍ଧି କରନ୍ତି ଏବଂ ଭଲ ଭଲ ପ୍ରୋଜେକ୍ଟରୁ ନିମ୍ନମାନର ପ୍ରୋଜେକ୍ଟ ଆଡକୁ ପାଣ୍ଠି ସଞ୍ଚାଳିତ କରିନିଅନ୍ତି। ଫଳରେ, ବୃହତ୍ତର ଜାତୀୟ ଅର୍ଥନୀତି ବାଧାପ୍ରାପ୍ତ ହୁଏ। ପୁଞ୍ଜିନିବେଶ ଅଟକିଯିବା ହେତୁ ବେରୋଜଗାରୀ ପ୍ରୋତ୍ସାହିତ ହେବାର ସମ୍ଭାବନା ବଢ଼ିଯାଏ। ଦିନକୁ ଦିନ ଅନାଦାୟ ଋଣର ମାତ୍ରା ବୃଦ୍ଧି ଯୋଗୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଖରାପ ଅବସ୍ଥାର ସମ୍ମୁଖୀନ ହୁଅନ୍ତି। ଫଳରେ, ସେମାନଙ୍କର ଅଂଶୀଦାରମାନଙ୍କୁ ଅର୍ଥାତ୍ ପରୋକ୍ଷରେ ଭାରତ ସରକାରଙ୍କୁ କମ୍ ଲାଭାଂଶ ପ୍ରଦାନ କରିଥାନ୍ତି; ଯାହା ସିଧାସଳଖ ସାମାଜିକ ତଥା ଭିତ୍ତିଭୂମି ଅନ୍ତର୍ନିର୍ମାଣ ଯୋଜନାଗୁଡିକର ଉନ୍ନତିରେ ବାଧା ସୃଷ୍ଟି କରି ସର୍ବୋପରି ରାଜନୈତିକ ଗତିବିଧିକୁ ମଧ୍ୟ ପ୍ରଭାବିତ କରିଥାଏ। ଅଧିକନ୍ତୁ, ଏହି ଅନାଦାୟ ଋଣ ପାଇଁ ବଢ଼ି ବଢ଼ି ଯାଉଥିବା ଆପରାଧିକ ଓ ଆଇନଗତ ମାମଲା ଯୋଗୁ ବିଚାରାଳୟଗୁଡ଼ିକ ଚାପରେ ରହିବାକୁ ବାଧ୍ୟ ହୁଅନ୍ତି; ଯାହା ସାଧାରଣ ଜନତା ପାଇଁ ନ୍ୟାୟିକ ପ୍ରକ୍ରିୟାକୁ ଶିଥିଳ କରେ।

ଆରବିଆଇର ତଥ୍ୟ ଅନୁସାରେ ଆର୍ଥିକ ବର୍ଷ ୨୦୨୧ – ୨୦୨୨ ସୁଦ୍ଧା ଗତ ଛଅ ବର୍ଷ ମଧ୍ୟରେ ଭାରତର ରାଷ୍ଟ୍ରାୟତ୍ତ ଓ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ଯଥାକ୍ରମେ ୮,୧୬,୪୨୧ କୋଟି ଓ ୧୧,୧୭,୮୮୩ କୋଟି, ଅର୍ଥାତ୍ ମୋଟ ୧୯,୩୪,୩୦୪ କୋଟି ଟଙ୍କାର ଅନାଦାୟ ଋଣ ଖାରଜ କରିଛନ୍ତି। ଏଥି ମଧ୍ୟରୁ ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଋଣ ନେଇଥିବା ଇଚ୍ଛାକୃତ ଋଣ ଖିଲାପକାରୀଙ୍କ ସଂଖ୍ୟା ୩୦ ଜୁନ ୨୦୨୨ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ୧୨୪୩୮ ଥିବାବେଳେ, ଘରୋଇ ବ୍ୟାଙ୍କରେ ୨୪୪୭; ଯାହା ୩୦ ଜୁନ ୨୦୧୭ରେ ଯଥାକ୍ରମେ ୮୦୪୫ ଓ ୧୬୧୬ ଥିଲା। ଅର୍ଥାତ୍, ଇଚ୍ଛାକୃତ ଋଣ ଖିଲାପକାରୀଙ୍କ ସଂଖ୍ୟାରେ କ୍ରମାଗତ ବୃଦ୍ଧି ଘଟୁଛି; ଯାହା ଭାରତୀୟ ଅର୍ଥନୀତି ପାଇଁ ଆଦୌ ଶୁଭଙ୍କର ନୁହେଁ। ୧୫ ଡିସେମ୍ବର ୨୦୨୨ ସୁଦ୍ଧା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବିଜୟ ମାଲ୍ୟା, ନୀରବ ମୋଦି, ମେହୁଲ ଚୋକ୍ସୀ ଭଳି ଇଚ୍ଛାକୃତ ଖିଲାପକାରୀଙ୍କଠାରୁ ୧୯୩୧୨.୨୦ କୋଟି ଟଙ୍କାର ସମ୍ପତ୍ତି ଜବତ କରି ୧୫୧୧୩ କୋଟି ଟଙ୍କା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପ୍ରତ୍ୟର୍ପଣ କରିଛନ୍ତି। ସେହି ତୁଳନାରେ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ଏହି ସମୟ ଭିତରେ ଖାରଜ କରିଥିବା ଋଣରୁ ମାତ୍ର ୧୩୨୦୩୬ କୋଟି ଟଙ୍କା ଆଦାୟ କରିପାରିଛନ୍ତି। ଅତଏବ, ବିଗତ ଛଅ ବର୍ଷ ମଧ୍ୟରେ ଖାରଜ ହୋଇଥିବା ମୋଟ ୧୯,୩୪,୩୦୪ କୋଟି ଟଙ୍କାର ଅନାଦାୟ ଋଣରୁ ମାତ୍ର ୧,୪୭,୧୪୯ କୋଟି ଟଙ୍କା (୭.୬୦%) ଅସୁଲି ହୋଇପାରିଛି, ଯାହା ନୈରାଶ୍ୟଜନକ। ଯାହା ଉପଲବ୍ଧି ହୁଏ, ଋଣ ଖିଲାପକାରୀଙ୍କ ବିରୁଦ୍ଧରେ ନିଆଯାଉଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସେଭଳି ଉତ୍ସାହପ୍ରଦ ନୁହେଁ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଆପୋସ ବୁଝାମଣା ଭିତ୍ତିରେ ନିର୍ଦ୍ଧାରିତ ଋଣ ରାଶି ପଇଠ ହେଲା ପରେ ସୁଧ ଏବଂ ମୂଳଧନ ବାବଦକୁ ଖିଲାପକାରୀ ଯେଉଁ ରିହାତି ପାଇଲେ, ତାହା ଖାରଜ ହେବ ନା ସମ୍ପୂର୍ଣ୍ଣ ଭାବେ ଛାଡ଼ କରିଦିଆଯିବ ? ଯଦି ସମ୍ପୂର୍ଣ୍ଣ ଭାବେ ଛାଡ଼ କରିଦିଆଯାଏ, ତେବେ ସେହି ପରିମାଣ ଅର୍ଥର ବୋଝ କିଏ ବହନ କରିବ – ନିର୍ଦ୍ଦିଷ୍ଟ ବ୍ୟାଙ୍କ, କେନ୍ଦ୍ର ସରକାର ନା ସାଧାରଣ ଟିକସଦାତା ? ସ୍ପଷ୍ଟ ଉତ୍ତର ରଖି ଏତିକି କହିହେବ ଯେ ଏହି ଅନାଦାୟ ରିହାତିର ବୋଝ ସିଧାସଳଖ ସାଧାରଣ ନାଗରିକ ଓ ଟିକସଦାତାଙ୍କ ଉପରେ ପଡ଼ିବା ସ୍ୱାଭାବିକ। ୩୧ ମାର୍ଚ୍ଚ ୨୦୧୪ ସୁଦ୍ଧା ଭାରତର ମୋଟ ଋଣ ପରିମାଣ ୫୫.୮୭ ଲକ୍ଷ କୋଟି ଥିଲା ବେଳେ ଗତ ୯ ବର୍ଷ ମଧ୍ୟରେ ଅର୍ଥାତ ୩୧ ମାର୍ଚ୍ଚ ୨୦୨୩ ସୁଦ୍ଧା ୯୯.୪୪ ଲକ୍ଷ କୋଟି ବଢି ଆଜିର ଦିନରେ ଭାରତ ସରକାରଙ୍କ ମୋଟ ଋଣର ପରିମାଣ ୧୫୫.୩୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅତଏବ, ଏହି ସମୟ ମଧ୍ୟରେ ଭାରତରେ ମୁଣ୍ଡ ପିଛା ଋଣ ଭାର ୨.୫୩ ଗୁଣ ବୃଦ୍ଧି ହୋଇ ୪୩୧୨୪ ରୁ ୧,୦୯,୩୭୩ ଟଙ୍କା ହୋଇଛି । ଅର୍ଥନୀତିର ଜଟିଳ ଅଙ୍କ ଜାଣି ନ ଥିବା ଭାରତର ଜଣେ ସାଧାରଣ ନାଗରିକ ଅଯଥାରେ ୧,୦୯,୩୭୩ ଟଙ୍କା ଋଣର ବୋଝ ମୁଣ୍ଡେଇ ସମୟ କାଟୁଛି। ତା'ବାଦ, ବୋଝ ଉପରେ ନଳିତା ବିଡ଼ା ଭଳି ଅନାଦାୟ ଋଣର ଦାଉ। ଗରିବ, ଖଟିଖିଆ ସାଧାରଣ ମଣିଷଟିଏ ବଞ୍ଚିବ କେମିତି ? ଆଇଏମ୍‌ଏଫ୍ ୨୦୨୨ର ରିପୋର୍ଟ ମୁତାବକ ଭାରତର ମୋଟ ଘରୋଇ ଉତ୍ପାଦର ୮୩ ପ୍ରତିଶତ ଋଣ। ଆପୋସ ବୁଝାମଣାରେ ଖିଲାପକାରୀଙ୍କୁ ରିହାତି ପ୍ରଦାନ ସହ ଅନାଦାୟ ଋଣର ଏକକାଳୀନ ହିସାବନିକାଶ ପରୋକ୍ଷରେ ଦେଶର ଋଣ ବୃଦ୍ଧିରେ ସହାୟକ ହେବ, ଯାହା ସିଧାସଳଖ ଭାବେ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ନାଗରିକଙ୍କୁ ପ୍ରଭାବିତ କରିବ।

**ସାଧାରଣ ସମ୍ପାଦକ କେନ୍ଦ୍ର ସରକାରୀ**
**କର୍ମଚାରୀ ଓ ଶ୍ରମିକ ପରିସଂଘ ଓଡ଼ିଶା ରାଜ୍ୟ**
**ସମନ୍ୱୟ ସମିତି, ଭୁବନେଶ୍ୱର**
**ମୋ. : ୯୪୩୭୦୨୨୬୬୯**



# ବିକଳ୍ପ ବାଟ ସନ୍ଧାନରେ

ଶୁଭନାରାୟଣ ଶତପଥୀ

ବାତାନୁକୂଳିତ କହିଲେ ସାଧାରଣତଃ ଏୟାର କଣ୍ଡିଶନିଂ ବା ଏସିର ବ୍ୟବହାର ବୋଲି ଆମେ ବୁଝିଥାଉ। ତେବେ ଏହି ଏସିର ବ୍ୟବହାର ଗ୍ରୀଷ୍ମମାସଗୁଡିକରେ ଅଧିକ ଦେଖିବାକୁ ମିଳିଥାଏ। ଅନେକ ବ୍ୟକ୍ତି ଏହାକୁ ବର୍ଷସାରା ବ୍ୟବହାର କରିଥାନ୍ତି। ପ୍ରକୃତି ସହିତ ଜଡିତ ହୋଇ ଋତୁକାଳୀନ ପାଗ ସହିତ ନିଜକୁ ଖାପଖୁଆଇ ମଣିଷ ଚଳିବା ଉଚିତ। ପାଗର ପରିବର୍ତ୍ତନରେ ପ୍ରକୃତିକୁ ସହଯୋଗ କରି ପ୍ରକୃତିର ଉପାଦାନଗୁଡିକ ସହିତ ଚଳିଲେ ଜୀବନ ଦୀର୍ଘ ଓ ସୁସ୍ଥ ହୋଇଥାଏ। କିନ୍ତୁ ବଢୁଥିବା ତାପମାତ୍ରାରେ ଅତିଷ୍ଠ ହୋଇ ବିଭିନ୍ନ ବର୍ଗର ପରିବାର, ବ୍ୟକ୍ତିବିଶେଷ, ଗୋଷ୍ଠୀ, ସରକାରୀ ଓ ବେସରକାରୀ ସଂସ୍ଥା ଆବଶ୍ୟକତା ଅନୁସାରେ ଅଫିସ, କଳକାରଖାନା, ପରିବହନ ସେବା ଓ ଅନ୍ୟାନ୍ୟ କାର୍ଯ୍ୟକ୍ଷେତ୍ରଗୁଡିକୁ ବାତାନୁକୂଳିତ କରୁଛନ୍ତି। ପ୍ରକାରାନ୍ତରେ ଏହି ସୁବିଧା ମଧ୍ୟ ପରିବେଶକୁ ଅଧିକ ପ୍ରଦୂଷିତ ଓ ଅସୁରକ୍ଷିତ କରିବାରେ ଲାଗିଛି।

କିଛିଲୋକ ଏସି ବ୍ୟବହାର କରି ପରିବେଶକୁ ଦୂଷିତ ଓ ଉଷ୍ମ କରିବାକୁ ଚାହୁଁ ନ ଥିବା ପରିପ୍ରେକ୍ଷୀରେ ଯେତେବେଳେ ସେମାନଙ୍କ ଘରଚାରିପାଖରେ ବସବାସ କରୁଥିବା ପରିବାରସମୂହ ଏସି ବ୍ୟବହାର କରନ୍ତି ସେତେବେଳେ ସେହି ଏସିଗୁଡିକରୁ ନିର୍ଗତ ଉତ୍ତାପ ଓ ଅଙ୍ଗାରକାମ୍ଳ ଗ୍ୟାସର ପ୍ରାଦୁର୍ଭାବ ସହ୍ୟ କରି ନ ପାରି ବାଧ୍ୟବାଧକତାରେ ସେହି ଲୋକମାନେ ତାଙ୍କ ଘରେ ଏସି ଲଗାଇଥାନ୍ତି । ସେହି ସମାନ ଉଦ୍ଦେଶ୍ୟ ନେଇ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଛାତ ଉପରେ ଘର ତୋଳିଥାନ୍ତି କିଛିଲୋକ। କାରଣ ତଳଘରଟିରେ ଗରମ ଅନୁଭୂତ ହେବନାହିଁ। କିନ୍ତୁ ଏବର୍ଷର ଗ୍ରୀଷ୍ମପ୍ରବାହ ଏହାକୁ ଭୁଲ ପ୍ରମାଣିତ କରୁଥିବାର ଅନୁଭବ କରୁଛେ ଆମେ। ତେବେ ଅନ୍ୟ ଏକ ଘଟଣା। ମାଧ ମହାନ୍ତି ଭାରି ଶୟନ ଓ ବିଳାସବ୍ୟସନ ପ୍ରିୟ ବ୍ୟକ୍ତି। ଗରମ ଅସହ୍ୟ ହେବାରୁ ଘରଣୀଙ୍କ ଦାବି ଅନୁସାରେ ଗତବର୍ଷ ଘରକୁ ଏସିଟେ ଆଣିଲେ। ଏସିଟା ଲାଗିଯିବା ପରେ ଏବେ ମାଧଙ୍କ ସ୍ଥାନ ସାମାଜିକ ଓ ଆର୍ଥିକ ସ୍ତରରେ ଟିକେଏ ଉଚ୍ଚା ହୋଇଛି ବା ଧନୀ ବ୍ୟକ୍ତିଙ୍କ ସମକକ୍ଷ ହୋଇଛି ବୋଲି ତାଙ୍କର ମତ। ଶୟନରେ ଆନନ୍ଦ, ଅତିଥିଙ୍କ ପସନ୍ଦ, ଘରଣୀଙ୍କୁ ସନ୍ତୁଷ୍ଟ, ମୋର ଏହି ଉନ୍ନତ ଚଳଣି ପାଇଁ ଗୌରବାନ୍ୱିତ ବୋଲି କୁହନ୍ତି ମାଧ ମହାନ୍ତି। ଇଏ ଗୋଟିଏ ଚିନ୍ତାଧାରାର ମଣିଷ। ଏହାର ବିପରୀତ ଚିନ୍ତାକୁ ନେଇ ବଞ୍ଚିଥିବା ମଣିଷ ହେଉଛନ୍ତି ସାଧୁ କାହାଳ। ଘର ଚାରିପାଖ, ବଗିଚାରେ ଗଛ ଲଗାଇ ପ୍ରାକୃତିକ ପରିବେଶରେ ବଞ୍ଚିଥିବା ବ୍ୟକ୍ତିତ୍ୱ। ଏହି ଗ୍ରୀଷ୍ମ ମାସରେ ଘରର ପଙ୍ଖାଟି ଖରାପ ହୋଇଗଲା। ସାଧୁବାବୁ ମେକାନିକ୍‌କୁ ଘରକୁ ଡାକି ଡାକି ନୟାନ୍ତ, ମେକାନିକ ଦେଖାନାହିଁ। ଶେଷରେ ପଙ୍ଖାନେଇ ବଜାରକୁ ଗଲେ ସଜାଡିବାକୁ। ଜଣେ ମେକାନିକ୍ ଦେଖି କହିଲେ, ଏ ପଙ୍ଖାର ମୋଟର କାମ ହେବ। ସମୟ ଲାଗିବ। ସାଧୁବାବୁ ଗୁହାରି କରିବାରୁ ସେ କହିଲେ, ମୁଁ ଆପଣଙ୍କ ମୋଟର କାମ କରି କେତେ ରୋଜଗାର କରିବି ? ନିରୁତ୍ସାହଜନକ ଉତ୍ତର ଶୁଣି ସାଧୁବାବୁ ପଙ୍ଖାଟିକୁ ଅନ୍ୟ ଏକ ମେକାନିକ୍ ନିକଟକୁ



ନେବାରୁ ସେ କହିଲେ, ମୋର ଚାରିଜଣ ମେକାନିକ୍ ଏସି କାମରେ ଦିନରାତି ବ୍ୟସ୍ତ। ପଙ୍ଖା, କୁଲର ସଜାଡିବାକୁ ସମୟ କାହିଁ ? ଖରାଦିନଟା ଯାଉ। ବିଚରା ସାଧୁବାବୁ ପଙ୍ଖାଟିକୁ ଧରି ଘରକୁ ଫେରିଲେ। ବାଟରେ ଏକ ଚା' ଦୋକାନୀ ପଚାରିଲା, ଭାଇ ଏ ପଙ୍ଖା ନେଇ ସଜାଡିବାକୁ ଯାଇଥିଲ କି? ସାଧୁବାବୁ ହଁ କହିଲେ। ଚା' ଦୋକାନୀଟି କହିଲା ଭାଇ ଆଉ କ'ଣ ଏ ପଙ୍ଖା ଯୁଗ ଅଛି ? ଏବେ ସବୁ ଏସି ବ୍ୟବହାର ହେଲାଣି ପରା। ତୁମେ ଏସିଟେ ନେଇ ଆସୁନ। ଯୁଗ ସହ ତାଳ ଦେଇ ଚାଲିବାକୁ ପଡିବନା। ସାଧୁବାବୁ ନିଶ୍ଚିତ ହୋଇଗଲେ ଯେ ରୋଜଗାର ଓ ଗ୍ରୀଷ୍ମକାଳରେ ଆବଶ୍ୟକତା ହେଉଛି ଏସି। ଅର୍ଥ ଯାଉ ପଛକେ ଥଣ୍ଡାପବନ ଓ ସମ୍ମାନ ମିଳୁ। ସାଧୁବାବୁ ଜାଣନ୍ତି, ଏବେ ଯେଉଁମାନେ ଏସି ବ୍ୟବହାର କରୁଛନ୍ତି ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ତାଙ୍କ ଜୀବନକାଳରେ ଭୂମିରେ ଚାରାଗଛଟିଏ ଲଗାଇ ନ ଥିବେ କି ପ୍ରକୃତିକୁ କେବେ ନିଜର କରି ନ ଥିବେ।

ଏକ ରିପୋର୍ଟରୁ ଜଣାଯାଏ ଯେ ଭାରତୀୟ ଗ୍ରାହକଙ୍କ ପରିବର୍ତ୍ତିତ ଜୀବନଶୈଳୀ, ଏକକ ପରିବାର ସଂଖ୍ୟାରେ ଅହେତୁକ ବୃଦ୍ଧି, ଏକକ ଜୀବନଶୈଳୀ, କର୍ମସଂସ୍ଥାନରେ ପରିବର୍ତ୍ତନ ବା ପଦୋନ୍ନତି ଏକ ସୁବିଧାପୂର୍ଣ୍ଣ ପରିବେଶକୁ ଖୋଜେ, ଯେଉଁଠି ସୁଲଭ ଓ ସ୍ୱାଚ୍ଛନ୍ଦ୍ୟ ଦ୍ରବ୍ୟର ଗ୍ରହଣୀୟତା ବଢେ ଓ ସମୟ, କଷ୍ଟ ହ୍ରାସ ପାଇଥାଏ। ଏହି କାରଣରୁ ଭାରତୀୟ ବଜାରରେ ଏସି ହୋଇଛି ଦ୍ରୁତ ଅଭିବୃଦ୍ଧିଶୀଳ ପଣ୍ୟ। ୨୦୨୨ର ଏସି ବଜାର ଆକଳନ ମୂଲ୍ୟ ୨୫୫.୩୧ ବିଲିୟନ ଡଲାରରୁ ବୃଦ୍ଧି ପାଇ ୨୦୨୮ ସୁଦ୍ଧା ୩୯୯.୮୮ ବିଲିୟନ ଡଲାରରେ ପହଞ୍ଚିବାର ପରିକଳ୍ପନା କରାଯାଇଛି, ଯାହାର ବାର୍ଷିକ ଚକ୍ରବୃଦ୍ଧି ଅଭିବୃଦ୍ଧି ହାର ୭.୮ ଶତକଡା। ସେହିପରି ଆନ୍ତର୍ଜାତିକ ଶକ୍ତି ସଂସ୍ଥା ରିପୋର୍ଟ ଅନୁସାରେ ୨୦୧୬ ରେ ପରିବାରସ୍ତରରେ ଏସିର ବ୍ୟବହାର ୩୦ ଶତକଡାରୁ ୨୦୫୦ ବେଳକୁ ୬୦ ଶତକଡାରେ ପହଞ୍ଚିବ। ଏହା ଅର୍ଥନୀତି ପାଇଁ ଶୁଭଙ୍କର ହୋଇପାରେ, କିନ୍ତୁ ପରିବେଶ ପ୍ରତି ଅଧିକ ବିପଦ।

ଏସିରୁ ନିର୍ଗତ କାର୍ବନ ଡାଇଅକ୍ସାଇଡ, କ୍ଲୋରୋଫ୍ଲୋର କାର୍ବନ ଓଜୋନ ସ୍ତର କ୍ଷୟର ଏକ କାରଣ। ସହରଗୁଡିକରେ ଏ ସ୍ଥିତି ଅଧିକ ଉତ୍କଟ। ତେବେ ଗାଁଗଣ୍ଡାରେ ଏସିର ବହୁଳ ବ୍ୟବହାର ମଧ୍ୟ ହେଲାଣି। ଭାରତୀୟଙ୍କ ଦୃଷ୍ଟିରେ ଏହି ବିଳାସ ସାମଗ୍ରୀ ଏବେ ଆବଶ୍ୟକତା ପାଲଟିବାରେ ଲାଗିଛି। ତେବେ ଆର୍ଥିକ ମାନଦଣ୍ଡରେ ଉନ୍ନତି ଅର୍ଥ ନୁହେଁ ଅଧିକ ବିଳାସବ୍ୟସନ ପ୍ରିୟ ହେବା। ବରଂ ପରିବେଶକୁ ଶୀତଳ କରିବାକୁ ପ୍ରାକୃତିକ ଓ ଚିରସ୍ଥାୟୀ ଉପାୟ ଅବଲମ୍ବନ କରିବାକୁ ପଡିବ। ଅଦ୍ୟାବଧି ଏସିର ବ୍ୟବହାରକୁ ନେଇ କୌଣସି ନୀତିଗତ କଟକଣା ନ ଥିବାରୁ ପ୍ରତ୍ୟେକ ଏସି ବ୍ୟବହାରକାରୀଙ୍କଠାରେ ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ହେବାର ଉତ୍ତରଦାୟିତ୍ୱ ପ୍ରାୟତଃ ଦେଖିବାକୁ ମିଳୁନି। ବେଳହୁଁ ଏଥିପ୍ରତି ସଭିଏଁ ଯତ୍ନବାନ ହେବା ଜରୁରୀ। ମାଧବାବୁ ବନାମ ସାଧୁବାବୁରେ କାହାର ସଂଖ୍ୟା ଆଗକୁ କେତେ ବଢିବ ତାହା ସମସ୍ତଙ୍କୁ ଜଣା, ଖାଲି ଅପେକ୍ଷା ଏକ ସୁସ୍ଥ ସମାଜକୁ ନା ଏକ ବିପର୍ଯ୍ୟୟପୂର୍ଣ୍ଣ ପରିବେଶକୁ ?

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ: ୯୪୩୮୪୩୨୦୨୩**

## ଏଇ ଭାରତରେ

ମାଞ୍ଜାପାଇ ବ୍ୟାଗ ନାଁ ଶୁଣିଛନ୍ତି କି ? ଏମିତି ଏକପ୍ରକାର ସୂତାବ୍ୟାଗ ପରିବେଶ ପ୍ରଦୂଷଣ ରୋକିବାରେ ମୁଖ୍ୟ ଭୂମିକା ନେଉଛି। ଏହି ବ୍ୟାଗ୍‌ର ରଙ୍ଗ ହଳଦିଆ। ଆଇଏଏସ୍ ଅଧିକାରୀ ସୁପ୍ରିୟା ସାହୁ ଏହାର ବ୍ୟବହାରକୁ ବ୍ୟାପକ କରିବାକୁ ଲାଗିପଡ଼ିଛନ୍ତି। ସୁପ୍ରିୟା ଏବେ ତାମିଲନାଡୁର ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ। ମାଞ୍ଜାପାଇ ବ୍ୟାଗ୍ ବହୁ ପୂର୍ବରୁ ଲୋକେ ବ୍ୟବହାର କରୁଥିଲେ। ଏହାକୁ ଲୋକପ୍ରିୟ କରିବା ଲାଗି ସୁପ୍ରିୟା ଓ ତାଙ୍କ ଟିମ୍ ମାଞ୍ଜାପାଇ ବ୍ୟାଗ ଅଭିଯାନ ଆରମ୍ଭ କରିଛନ୍ତି। ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକରୁ ଲୋକମାନଙ୍କୁ ଦୂରେଇ ନେବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। କେବଳ ଏତିକି ନୁହେଁ, ସୁପ୍ରିୟା ଏବଂ ତାଙ୍କ ଟିମ୍ ଗତ ୧୨ ମାସରେ ୧,୭୦୦ ଟନ୍ ବର୍ଜ୍ୟ ପ୍ଲାଷ୍ଟିକ ସଂଗ୍ରହ କରିସାରିଲେଣି। ସୁପ୍ରିୟା ମୁଖ୍ୟତଃ ସ୍କୁଲ ପିଲାମାନଙ୍କୁ ନେଇ ଏହି କାମ କରୁଛନ୍ତି ଓ ସେମାନଙ୍କ ଦ୍ୱାରା ୩୦୦୦ ଇକୋ କ୍ଲବ୍ ବି ଗଠନ କରିସାରିଛନ୍ତି। ଏହି ବ୍ୟାଗ୍‌କୁ ଏବେ ସେ ସବୁ ଜିଲାର ପଞ୍ଚାୟତ ଓ ଗାଁ ସ୍ତରରେ ପହଞ୍ଚାଇବା ଲାଗି ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜୁନ୍ ୧୯୯୮

- ବିଶିଷ୍ଟ ସାମ୍ବାଦିକ 'ମେନଷ୍ଟ୍ରିମ' ପତ୍ରିକାର ପ୍ରତିଷ୍ଠାତା ତଥା ପ୍ରସାର ଭାରତୀ ବୋର୍ଡର ପ୍ରଥମ ଅଧ୍ୟକ୍ଷ ନିଖିଳ ଚକ୍ରବର୍ତ୍ତୀଙ୍କ ୮୪ ବର୍ଷ ବୟସରେ ଦେହାନ୍ତ।
- ସିକିମ୍‌ର ପୂର୍ବତନ ରାଜ୍ୟପାଳ ତଥା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ହୋମି କେ.ଏଚ୍. ତାଲିଆର ଖାଁଙ୍କ ୮୧ ବର୍ଷ ବୟସରେ ପରଲୋକ।
- ଉତ୍ତରାଞ୍ଚଳ ତୁର୍କୀରେ ଭୟଙ୍କର ଭୂମିକମ୍ପ ଘଟି ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି।
- ପାକିସ୍ତାନରେ ଏକ ଆଣବିକ ଶକ୍ତିକେନ୍ଦ୍ର ପ୍ରତିଷ୍ଠା ପାଇଁ ସହାୟତା ଯୋଗାଇଦେବା ନିମନ୍ତେ ପାକିସ୍ତାନୀ କର୍ତ୍ତୃପକ୍ଷଙ୍କ ଅନୁରୋଧକୁ ରୁଷର ପ୍ରତ୍ୟାଖ୍ୟାନ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 9 | | | | 4 | 8 | | 1 |
| | | | | | | | 4 | |
| | | | | 5 | 6 | | | 3 |
| | | 5 | 1 | | | | | 4 |
| 4 | 1 | | | | | | 3 | |
| | | 6 | | | | | | |
| 8 | | | 6 | | 1 | | | |
| | | | | | 7 | 9 | | |
| | | 3 | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 2 | 1 | 7 | 4 | 5 | 6 | 9 |
| 1 | 7 | 6 | 9 | 3 | 5 | 8 | 4 | 2 |
| 4 | 5 | 9 | 6 | 8 | 2 | 3 | 7 | 1 |
| 7 | 9 | 5 | 3 | 2 | 6 | 1 | 8 | 4 |
| 3 | 2 | 4 | 8 | 5 | 1 | 6 | 9 | 7 |
| 6 | 8 | 1 | 7 | 4 | 9 | 2 | 3 | 5 |
| 9 | 4 | 3 | 5 | 1 | 8 | 7 | 2 | 6 |
| 2 | 1 | 8 | 4 | 6 | 7 | 9 | 5 | 3 |
| 5 | 6 | 7 | 2 | 9 | 3 | 4 | 1 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାକିସ୍ତାନ ପ୍ରତିରକ୍ଷା ଜୋନ୍ ବଢ଼ାଇବା ଭାରତ ପାଇଁ ଚିନ୍ତାଜନକ

ମହାଶୟ,

ଚଳିତ ବର୍ଷ ଉଭୟେ ଚାଇନା ଓ ପାକିସ୍ତାନ ସେମାନଙ୍କର ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇ ଦେଇଛନ୍ତି। ଏହା ନିଶ୍ଚିତ ଭାରତ ପାଇଁ ଚିନ୍ତାଜନକ। ଚାଇନା ପ୍ରତିବର୍ଷ ଭାରତ ପ୍ରତିରକ୍ଷା ଖର୍ଚ୍ଚ ତୁଳନାରେ ୩ ଗୁଣ ବଢ଼ାଉଛି। ସାମରିକ ଶକ୍ତିରେ ବଳୀୟାନ ହୋଇ ସାରା ବିଶ୍ୱରେ ବିସ୍ତାରବାଦ ନୀତି ପ୍ରୟୋଗରେ ଚାଇନା ଲାଗି ପଡ଼ିଛି। ସାମ୍ରାଜ୍ୟବାଦ ପିପାସୁ ନିଶା ଚାଇନା ରାଷ୍ଟ୍ରପତିଙ୍କୁ ପାଗଳ କରିଛି। ଚାଇନା ପକ୍ଷେ ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବା ବଡ଼ କଥା ନୁହେଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା, ବର୍ତ୍ତମାନ ପାକିସ୍ତାନର ଅର୍ଥନୈତିକ ସ୍ଥିତି ଅତ୍ୟନ୍ତ ସଙ୍ଗିନ। ଏହି ପରିସ୍ଥିତିରେ ପାକିସ୍ତାନ ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବା ବିସ୍ମୟଜନକ ମନେହୁଏ। ଭାରତ ଉପରେ ପ୍ରତିଶୋଧନେବାକୁ ପାକିସ୍ତାନ ତା'ର ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଉଛି,ଏଥିରେ ମଥ୍ୟା ନାହିଁ। ଯଦି ପାକିସ୍ତାନ ସେତିକି ଅର୍ଥ ଦେଶର ଭୋକିଲା ଲୋକଙ୍କ ପାଇଁ ଖର୍ଚ୍ଚ କରନ୍ତା,ଦେଶବାସୀ ଏହି ଦୁର୍ଦ୍ଦିନରୁ ରକ୍ଷା ପାଇପାରନ୍ତେ। ଦେଶବାସୀଙ୍କୁ ଭୋକ ଉପାସରେ ରଖି ନିଜର ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବା ଆଦୌ ଠିକ୍ ନୁହେଁ। ଭାରତ ପାକିସ୍ତାନର ପ୍ରତିରକ୍ଷା ଖର୍ଚ୍ଚ ପ୍ରତି ସତର୍କ ରହୁ।

**–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ,ପୁରୀ**

## ଚିରନ୍ତନୀ

ଏ ବଦନେ ତବ ନାମ
ଧରି ଯଦି କରେ ଅପମାନ,
ସେ ରସନା ଲଭୁ ମୋର
ସକଳ ରସର ଅବସାନ।

(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## କାର୍ଯ୍ୟରେ ଯୋଗଦେଲେ ସମବାୟ ସଚିବ ଅରବିନ୍ଦ ପାଢ଼ୀ

ଭୁବନେଶ୍ୱର,(ଅନିଲ ଦାସ): ସମବାୟ ବିଭାଗ ପ୍ରମୁଖ ସଚିବ ଭାବେ ଅରବିନ୍ଦ ପାଢ଼ୀ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟରେ ଯୋଗଦେବା ପରେ ବିଭାଗୀୟ ଅଧିକାରୀମାନଙ୍କ ସହ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସମୟାନୁବର୍ତ୍ତିତା, ସାଧୁତା ଏବଂ ଉତ୍ତରଦାୟୀକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ସେ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଶସ୍ୟବୀମା,ଇ-ନାମ୍ ଜରିଆରେ ଆନ୍ତଃ ରାଜ୍ୟ ବ୍ୟବସାୟ, ସମବାୟ ସମିତି ଭିତ୍ତିଭୂମି ଉପରେ ପ୍ରମୁଖ ଫୋକସ ରହିବ ବୋଲି ସେ କହିଛନ୍ତି। କୌଣସି କର୍ମଚାରୀ ମଦ, ପାନ, ବିଡ଼ି, ତମାଖୁ ସେବନକରି କାର୍ଯ୍ୟାଳୟକୁ ଆସିପାରିବେ ନାହିଁ ବୋଲି ସଚିବ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।



ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍)ର ସୁପ୍ରିମୋ ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ସୋମବାର ୨ଦିନିଆ ମହାରାଷ୍ଟ୍ର ଗସ୍ତରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଏକ ବିଶାଳ ଶୋଭାଯାତ୍ରା ସହ ମହାରାଷ୍ଟ୍ରର ଶୋଲାପୁର ଅଭିମୁଖେ ଯାଉଥିବା ଜଣାପଡ଼ିଛି। ଉମରଗା ଦେଇ ଯାଉଥିବା ସମୟରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ଅନ୍ୟମାନଙ୍କ ମଧ୍ୟରେ ବିଆର୍‌ଏସ୍‌ର ମନ୍ତ୍ରୀ,ଏମ୍‌ପି, ବିଧାୟକ,ଏମ୍‌ଏଲ୍‌ସି ପ୍ରମୁଖ ସାମିଲ ଅଛନ୍ତି।

# ଡ୍ରାଇଭର ଗିରଫ, ମାଲିକ ଫେରାର

## ଦିଗପହଣ୍ଡି ବସ୍ ଦୁର୍ଘଟଣା

### ଗାଡ଼ି ଚାଳକଙ୍କ ଆଖି ପଡିଯିବାରୁ ଦୁର୍ଘଟଣା ଘଟିଥିଲା: ଏସ୍‌ପି

ବ୍ରହ୍ମପୁର(ସୁବାସ ଚନ୍ଦ୍ର ପାଢ଼ୀ)/ଦିଗପହଣ୍ଡି (ଅଶେଷ ନାଥ ମିଶ୍ର),୨୭।୬

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଖେମୁଣ୍ଡି କଲେଜ ଛକରେ ରବିବାର ବିଳମ୍ବିତ ରାତିରେ ଓଏସ୍‌ଆରଟିସି ବସ ଧକ୍କାରେ ଘରୋଇ ମିନିବସ୍ ଚୁରମାର ହୋଇଯାଇଥିଲା। ବାହାଘର ପରେ ଝିଅ ବିଦା କରି ମିନିବସ୍‌ରେ ଆସୁଥିବା ୧୧ କନ୍ୟାଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଓଏସ୍‌ଆରଟିସି ବସ୍ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏଭଳି ହୃଦୟ ବିଦାରକ ଦୁର୍ଘଟଣା ଘଟିଥିଲା ବୋଲି ଜଣାପଡିଛି। ଗାଡ଼ି ଚଳାଇବା ବେଳେ ଓଏସଆରଟିସି ବସ୍ ଚାଳକଙ୍କ ଆଖି ବନ୍ଦ ହୋଇଯାଇଥିବାରୁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ଘଟଣା ପରେ ଭୁବନେଶ୍ୱର ଚାଲିଯାଇଥିବା ଓଏସ୍‌ଆରଟିସି ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣଙ୍କ କଟକ ବଡମ୍ବା ଥାନା ଅନ୍ତର୍ଗତ ଗୋପାଳପୁରର ମାନସ ପ୍ରଧାନ। ପୋଲିସ ନଂ ୨୩୨/୨୩ ରେ ମାମଲା ରୁଜୁ କରି ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗାଡ଼ି ଚଳାଇବା ବେଳେ ଉଭୟ ବସର ଚାଳକ ନିଶା ସେବନ କରି ନ ଥିବା ଜଣାପଡିଛି। ସେହିପରି ମିନିବସ୍ ମାଲିକ ବିନା ପରମିଟ ଓ ବୀମାରେ ରାଜପଥରେ ବସ୍ ଚଳାଉଥିଲେ ବୋଲି ସୂଚନା ମିଳିଛି। ମାଲିକ ଶେରଗଡର ପ୍ରଦୀପ କୁମାର ପାଣି ଘଟଣା ପରେ ଫେରାର ହୋଇଯାଇଛନ୍ତି। ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

# ପ୍ରକାଶ ପାଇଲା ଓଜେଏସ୍ ପ୍ରିଲିମିନାରି ଲିଖିତ ପରୀକ୍ଷାଫଳ

କଟକ,୨୭।୬(ସୁପ୍ରିୟା ପ୍ରିୟଦର୍ଶିନୀ): ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ନ୍ୟାୟିକ ସେବା(ଓଜେଏସ୍)୨୦୨୨ ପ୍ରିଲିମିନାରି ଲିଖିତ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ୯୯୪ ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫୬୨ ଜଣ ମହିଳା ଅଛନ୍ତି। ଏହି ପରୀକ୍ଷା ଗତମାସ ୨୧ ତାରିଖରେ ଅନୁଷ୍ଠିତ ହୋଇଥିଲା। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀ ଓଜେଏସ୍ ମେନ୍ ପରୀକ୍ଷା ଦେବେ। ମୁଖ୍ୟ ଲିଖିତ ପରୀକ୍ଷା ପାଇଁ ଯୋଗ୍ୟ ପରୀକ୍ଷାର୍ଥୀଙ୍କ ରୋଲ ନମ୍ବର ଓପିଏସ୍‌ସି ୱେବ୍‌ସାଇଟ୍ www.opsc.gov.inରେ ଉପଲବ୍ଧ ରହିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

SAMBALPUR UNIVERSITY
PRIVATE EXAMINATION CELL
Jyoti Vihar - 768019, Odisha
Letter No. 604/PEC Dt.27.6.23
Admission open for UG and PG courses from date 01.07.2023
Online Applications are invited for Admission-cum-Examination into PG and UG courses under Private Examination Cell of Sambalpur University.
UG Course : BA/B.Com. (Hons.)
PG Courses : PG in Commerce, Economics, Education, English, Hindi, History, IRPM, LLPM, Mathematics, Odia, Political Science, Public Administration and Sanskrit.
Last date of Online submission of application: 16th August 2023
Candidates are advised to visit Website of Private Examination Cell, Sambalpur University (pec.suniv.ac.in) for details information of admission procedure.
Sd./- Director, Private Examination Cell, S.U.

Required
Experienced Female Therapist for Saikrupa Panchakarma Spa, Bhubaneswar. Attractive Salary. Interested candidates Please Contact : 7328880289, 8984068077

"Arrise BPO Solutions Pvt. Ltd. is hiring Field Collection Executives and Field Team Leaders across locations pan-India for one of its leading NBFC Client.
Walk In Interview – 26th June 23 to 30th June 23.
Call : Sanjay Kamble 8080678029 / Gulam Husain 9326724966".

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ
ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପଦବୀ | ଚୁକ୍ତିଭିତ୍ତିକ (ସମାନ ଗ୍ରେଡ୍ / ସ୍କେଲ୍) | ଖାଲି ପଦବୀ | ବିଜ୍ଞାପନ ସଂ. |
|---|---|---|---|---|
| 1 | ଆଡଭାଇଜର (ଫ୍ରଡ୍ ରିସ୍କ ମ୍ୟାନେଜମେଣ୍ଟ) | ଟିଇଜିଏସ୍-VII ଜେନେରାଲ୍ ମ୍ୟାନେଜର | 01 | CRPD/SCO/ 2023-24/08 |
| 2 | ଭାଇସ୍ ପ୍ରେସିଡେଣ୍ଟ ଷ୍ଟ୍ରେସ୍‌ଡ ଏସେଟ୍‌ସ ମାର୍କେଟିଂ) | ଟିଇଜିଏସ୍-VI ଡେପୁଟି ଜେନେରାଲ୍ ମ୍ୟାନେଜର | 01 | CRPD/SCO/ 2023-24/06 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ ।
- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 17.06.2023 ରୁ 10.07.2023 ପର୍ଯ୍ୟନ୍ତ ।
ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ ।
ସ୍ଥାନ: ମୁମ୍ବାଇ
ତାରିଖ: 17.06.2023
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

SMILE GOLD jewellers
Rath Yatra Offers
Exchange your Old Gold and take New HUID HallMark Ornaments with Zero Making Charges.
This Offers Valid From
RathYatra to Sunabesa (Only at Old Gold )
Happy Rath Yatra
Celebrating the glory of Lord Jagannath.
Fancy Market, Saheed Nagar, Bhubaneswar || Mob: +91-9438019696

# ୩ ହଜାର ଯୁବତୀ ଯୁବକଙ୍କୁ ମିଳିବ ଶିକ୍ଷାଦାନ ତାଲିମ

## 'ଥିଙ୍କ୍ ଜୋନ୍' ସହ 'ମୋ କଲେଜ'ର ବୁଝାମଣାପତ୍ର ସ୍ୱାକ୍ଷରିତ



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ 'ମୋ କଲେଜ'ର ଅଧ୍ୟକ୍ଷ ଆକାଶ ଦାସ ନାୟକ ଏବଂ ଥିଙ୍କ୍ ଜୋନ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିନାୟକ ଆଚାର୍ଯ୍ୟ।

ଭୁବନେଶ୍ୱର,୨୭।୬(ଅନୁରାଧା ମହାରଣା)

'ମୋ କଲେଜ ଅଭିଯାନ ପରିଚାଳନା ସଙ୍ଗଠନ' ଏବଂ 'ଥିଙ୍କ୍ ଜୋନ୍' ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଥିଙ୍କ୍ ଜୋନ୍ ଫେଲୋଶିପ୍ ପ୍ରୋଗ୍ରାମ ନାମରେ ଏହି କାର୍ଯ୍ୟକ୍ରମ ଚାଲିବ। ମଙ୍ଗଳବାର 'ମୋ କଲେଜ ଅଭିଯାନ ପରିଚାଳନା ସଙ୍ଗଠନ'ର ଅଧ୍ୟକ୍ଷ ଆକାଶ ଦାସ ନାୟକ ଏବଂ ଥିଙ୍କ୍ ଜୋନ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିନାୟକ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଫେଲୋଶିପ୍ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ କଲେଜରୁ ୩ହଜାର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯିବ। ୧୮ରୁ ୨୬ ବର୍ଷ ବୟସର ଛାତ୍ରୀଛାତ୍ର କିମ୍ବା ସ୍ନାତକ ବା ସ୍ନାତକୋତ୍ତର ସାରିଥିବା ଯୁବତୀ ଯୁବକମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ। ଗ୍ରାମାଞ୍ଚଳ, ଅର୍ଦ୍ଧସହରାଞ୍ଚଳ, ବିଶେଷ ସୁବିଧା ନ ଥିବା ସହରାଞ୍ଚଳରୁ ଆସୁଥିବା ଛାତ୍ରୀଛାତ୍ରମାନେ ଆସନ୍ତା ୨ବର୍ଷ ପର୍ଯ୍ୟନ୍ତ ନିଜ ଅଞ୍ଚଳରେ ପିଲାଙ୍କୁ କିଭଳି ଗୁଣାତ୍ମକ ଶିକ୍ଷା ଦେଇପାରିବେ ତାହା ଉପରେ ପ୍ରଶିକ୍ଷଣ ଦିଆଯିବ। ପିଲାମାନେ ତାଲିମ ନେବା ପରେ ନିଜ ଅଞ୍ଚଳର ପ୍ରାୟ ୧୫ହଜାର କୁନି ପିଲାଙ୍କୁ ଭାଷା ଓ ଗଣିତ ପାଠ ପଢ଼ାଇବେ। କାର୍ଯ୍ୟକ୍ରମରେ ଯୋଗାଯୋଗ, ଡିଜିଟାଲ୍ ଦକ୍ଷତା ସହ ସୋସିଆଲ୍ ମିଡିଆର ବ୍ୟବହାର, ଅଣୁ ଉଦ୍ୟୋଗ, ଶ୍ରେଣୀଗୃହ ପରିଚାଳନା, ପ୍ରାଥମିକ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ, ଇଂଲିଶ ଓ ଗଣିତ ପାଠ ଶିଖାଇବା, ନେତୃତ୍ୱ ନେବା, ଖେଳକୁଦ ମାଧ୍ୟମରେ କୁନି ପିଲାଙ୍କୁ ଶିକ୍ଷା ଦେବାର ବିଭିନ୍ନ କୌଶଳ ଉପରେ ପ୍ରଶିକ୍ଷଣ ଦିଆଯିବ। କଟକ, କେନ୍ଦ୍ରାପଡ଼ା ଏବଂ ଖୋର୍ଦ୍ଧା ଜିଲାର ସମସ୍ତ କଲେଜରେ ଏହି କାର୍ଯ୍ୟକ୍ରମ ହେବ। ଛାତ୍ରୀଛାତ୍ରଙ୍କୁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ପ୍ରଶିକ୍ଷଣ ମିଳିବ। ମୋଟ୍ ୧୨୦ ଘଣ୍ଟା ସେମାନେ ଏହି ପ୍ରଶିକ୍ଷଣରେ ବିତାଇବେ। ମାଗଣାରେ ପ୍ରଶିକ୍ଷଣ ପ୍ରଦାନ ସହ ପ୍ରମାଣପତ୍ର ଦିଆଯିବ। ଏପରିକି ପିଲାଙ୍କୁ ପଢ଼ାଇବା ପାଇଁ ଯୁବତୀ ଯୁବକଙ୍କୁ ଆର୍ଥିକ ସହାୟତା ମିଳିବ। ଏହି ଏମ୍‌ଓୟୁ ସମ୍ପର୍କରେ 'ମୋ କଲେଜ' ଅଧ୍ୟକ୍ଷ ଦାସନାୟକ କହିଛନ୍ତି, ବର୍ତ୍ତମାନ ସମୟରେ ବୈଷୟିକ ଶିକ୍ଷାର ଗୁରୁତ୍ୱ ସବୁଠୁ ଅଧିକ ରହିଛି। ଛାତ୍ରୀଛାତ୍ରମାନେ ଏକ୍ଷେତ୍ରରେ ଅଧିକରୁ ଅଧିକ ଦକ୍ଷ ହେବା ଦରକାର। ଏସମ୍ପର୍କରେ ଥିଙ୍କ୍ ଜୋନ୍‌ର ପ୍ରତିଷ୍ଠାତା ଆଚାର୍ଯ୍ୟ କହିଲେ, ଏହି ପ୍ରଶିକ୍ଷଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ନିଜର ଭବିଷ୍ୟତ ଗଠନ ଦିଗରେ ସହଯୋଗ କରିବ।

ସୂଚନା ଥାଉ କି, ବର୍ତ୍ତମାନ ସୁଦ୍ଧା ଥିଙ୍କ୍ ଜୋନ୍ ଗ୍ରାମାଞ୍ଚଳ ଓ ସହରାଞ୍ଚଳରୁ ପ୍ରାୟ ୬ହଜାର ଯୁବତୀଯୁବକଙ୍କୁ ପ୍ରଶିକ୍ଷିତ କରିସାରିଛି। ଏମାନଙ୍କ ମଧ୍ୟରୁ ୪୨୧୪ ଛାତ୍ରୀଛାତ୍ର ଫେଲୋଶିପ୍ ପୂରଣ କରି ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି। ବର୍ତ୍ତମାନ ଏହାର କାର୍ଯ୍ୟକ୍ରମ ଭଦ୍ରକ, କଟକ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ଖୋର୍ଦ୍ଧା ଜିଲାରେ ଚାଲୁଛି।

## ବାହୁଡ଼ା, ସୁନାବେଶ ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ମାମଲା

# ଯାତ୍ରୀଙ୍କ ପାଇଁ ବ୍ୟବସ୍ଥା କର: ହାଇକୋର୍ଟ

କଟକ,୨୭।୬ (କାର୍ତ୍ତିକ ସାହୁ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଓ ସୁନାବେଶ ଉପଲକ୍ଷେ ପୁରୀକୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ନିମନ୍ତେ ରେଲୱେ ବୋର୍ଡକୁ ହାଇକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଯାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇଛନ୍ତି। ଦେଶ ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁସଂଖ୍ୟକ ଭକ୍ତଙ୍କ ଆଗମନ ଦୃଷ୍ଟିରୁ ବିଭିନ୍ନ ସ୍ଥାନରୁ ପୁରୀକୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ପାଇଁ ବ୍ୟବସ୍ଥା କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଟ୍ରେନ୍ ଚଳାଚଳ କରିବା ଓ ଏ ନେଇ ଯାତ୍ରୀଙ୍କୁ ଅବଗତ କରାଇବା ସହ ସେମାନଙ୍କ ନିମନ୍ତେ ବ୍ୟବସ୍ଥା କରିବାକୁ ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ବୁଧବାର ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା। ପରଦିନ ଅର୍ଥାତ ଗୁରୁବାର ତିନି ରଥରେ ଶ୍ରୀଜୀଉମାନଙ୍କ ସୁନାବେଶ। ଏହି ଦୁର୍ଲଭ ବେଶ ଦେଖିବା ନିମନ୍ତେ ବହୁସଂଖ୍ୟକ ଭକ୍ତଙ୍କ ସମାଗମ ହେବ। ରଥଯାତ୍ରାରେ ପୁରୀକୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ବ୍ୟବସ୍ଥା ହୋଇଥିଲାବେଳେ ବାହୁଡ଼ା ଯାତ୍ରା ଓ ସୁନାବେଶ ସମୟରେ ସ୍ୱତନ୍ତ୍ର ଟ୍ରେନ୍ ନାହିଁ। ଫଳରେ ବିଭିନ୍ନ ପ୍ରାନ୍ତରୁ ପୁରୀକୁ ଆସୁଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେବେ। ଏହାକୁ ଦୃଷ୍ଟିରେ ରଖି ସାମାଜିକ କର୍ମୀ ସରସ୍ୱତୀ ବେହେରା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରି ସ୍ୱତନ୍ତ୍ର ଟ୍ରେନ ଚଳାଚଳ ନିମନ୍ତେ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ କେ.କେ. ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

# ନକଲି ନୋଟ୍ କାରବାର, ଜଣେ ଗିରଫ

## ୧୦୦ଟି ୨୦୦ ଟଙ୍କିଆ ନକଲି ନୋଟ୍ ଜବତ

ଏମ୍.ରାମପୁର/କର୍ଲାମୁଣ୍ଡା,୨୭।୬
(ଶଶିଭୂଷଣ ପ୍ରହରାଜ/ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ମେଡ଼ିକାଲ ଛକରେ ମ. ରାମପୁର ପୋଲିସ ନକଲି ନୋଟ୍ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ କୁନ୍ଦେଇପାଲି ଗାଁର ବୀରେନ୍ଦ୍ର ସୁନା। ପୋଲିସ ବୀରେନ୍ଦ୍ରଙ୍କୁ ମ. ରାମପୁର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କେସିଙ୍ଗା ଏସ୍‌ଡିପିଓ ରୋହିତ ବର୍ମା ସୂଚନା ଦେଇଛନ୍ତି। ବୀରେନ୍ଦ୍ର ସୋମବାର ସନ୍ଧ୍ୟାରେ ରିଷିଡା ମେଡିକାଲ ନିକଟରେ ଏକ କଳା ରଙ୍ଗର ପଲିଥିନ୍‌ରେ ନକଲି ନୋଟ୍ ଧରି ଠିଆ ହୋଇଥିଲେ। କୌଣସି ସୂତ୍ରରୁ ଖବର ପାଇ ରିଷିଡା ଫାଣ୍ଡି ଅଧିକାରୀ ବିପିନ ବିହାରୀ ମିଶ୍ର ଓ କନଷ୍ଟେବଲ ରାମଲାଲ ମଲ୍ଲିକ ବୀରେନ୍ଦ୍ରଙ୍କୁ କାବୁ କରିଥିଲେ। ପରେ ବୀରେନ୍ଦ୍ରଙ୍କ ଘରୁ ୧୦୦ଟି ୨୦୦ ଟଙ୍କିଆ ନକଲି ନୋଟ୍ ଓ ଏକ ମୋବାଇଲ ଜବତ କରି ତାଙ୍କୁ ଗିରଫ କରିଥିଲା। ନକଲି ନୋଟ୍ କାରବାରର ତଦନ୍ତ କଲେ ଆହୁରି ତଥ୍ୟ ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ନବରଙ୍ଗପୁର ଅତିରିକ୍ତ ଉପଜିଲାପାଳଙ୍କୁ ବାଧ୍ୟତାମୂଳକ ଅବସର

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇଥିଲେ ପ୍ରଶାନ୍ତ ରାଉତ

ଭୁବନେଶ୍ୱର,୨୭।୬
(ସତ୍ୟଜିତ୍ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିବା ନବରଙ୍ଗପୁରର କୋଟିପତି ଅତିରିକ୍ତ ଉପଜିଲାପାଳ ପ୍ରଶାନ୍ତ ରାଉତଙ୍କୁ ରାଜ୍ୟ ସରକାର ମଙ୍ଗଳବାର ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଅପାରଗତା ଓ ଦୁର୍ନୀତି ପାଇଁ ପ୍ରଶାନ୍ତଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୁର୍ନୀତିଗ୍ରସ୍ତ ଓ ଅପାରଗ ଅଧିକାରୀଙ୍କ ବିରୋଧରେ ଶୂନ୍ୟ ସହିଷ୍ଣୁତା ନୀତି ଅବଲମ୍ବନ ସ୍ୱରୂପ ରାଜ୍ୟ ସରକାରୀ ୨୦୧୯ରୁ ୧୮୮ ଜଣ ଅଧିକାରୀଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଭିଜିଲାନ୍ସ ଟିମ୍ ଶୁକ୍ରବାର ପ୍ରଶାନ୍ତଙ୍କ ଘର ସମେତ ନବରଙ୍ଗପୁର, ଭୁବନେଶ୍ୱର ଓ ଭଦ୍ରକର ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରି ବିପୁଳ ସମ୍ପତ୍ତି ଠାବ କରିଥିଲା। ଏପରିକି ଘରୁ ନଗଦ ୩.୦୨ କୋଟି ଟଙ୍କା ମିଳିବା ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ଚଢ଼ାଉରେ ପ୍ରଶାନ୍ତଙ୍କ ଠାରୁ ୫କୋଟି ୨୧ଲକ୍ଷ ୯ ହଜାର ୬୫୯ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିଲା, ଯାହା ତାଙ୍କ ଆୟଠାରୁ ୫୦୬ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଥିଲା। ଏନେଇ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୫/୨୦୨୩) ରୁଜୁ କରାଯାଇ ପ୍ରଶାନ୍ତଙ୍କୁ ଶନିବାର ଗିରଫ କରାଯାଇ ଜେଲ ପଠାଯାଇଛି। ଏହି ମାମଲାରେ ଭିଜିଲାନ୍ସ ଅଧିକ ତଦନ୍ତ ଜାରି ରଖିଛି।

ବିଜ୍ଞପ୍ତି
ବାହାନଗା ବଜାର (ବାଲେଶ୍ୱର)ର
ଦୁଃଖଦ ରେଳ ଦୁର୍ଘଟଣାରେ ମୃତକଙ୍କ ସମ୍ପର୍କୀୟ/ଆତ୍ମୀୟଙ୍କ ନିମନ୍ତେ
ଏତଦ୍ୱାରା 02.06.2023ରେ ବାହାନଗା ବଜାର, ଜିଲ୍ଲା-ବାଲେଶ୍ୱର (ଓଡ଼ିଶା)ରେ 12841 ଶାଲିମାର-ଏମ୍‌ଜିଆର ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍ ଏବଂ 12864 ଏସ୍‌ଏମ୍‌ଭିବି-ହାଓଡ଼ା ଏକ୍ସପ୍ରେସ୍ ମଧ୍ୟରେ ସଂଘଟିତ ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ/ଆତ୍ମୀୟମାନଙ୍କୁ ଅଚିହ୍ନା ମୃତକଙ୍କ ସହ ସମ୍ପର୍କ ସିଦ୍ଧ କରିବା ନିମନ୍ତେ ନିଜର ଡିଏନ୍‌ଏ ନମୁନା ପ୍ରଦାନ କରିବାକୁ ଭାରତୀୟ ରେଳ ଅନୁରୋଧ ଜଣାଉଛି।
ସ୍ଥାନ
ଆକାଡେମିକ ବ୍ଲକ (କମିଟି ରୁମ),
AIIMS, ଭୁବନେଶ୍ୱର
ଦୟାକରି ନିମ୍ନଲିଖିତ ବ୍ୟକ୍ତିମାନଙ୍କ ସହ ଯୋଗାଯୋଗ କରନ୍ତୁ:
139
ଭାରତୀୟ ରେଳ ହେଲ୍‌ପ୍‌ଲାଇନ୍
ଶ୍ରୀ ଦିଗମ୍ବର ପାଢ଼ି, ସହାୟକ କାର୍ମିକ ଅଧିକାରୀ
ମୋବାଇଲ-8455887604
ଶ୍ରୀ ବିଶ୍ୱନାଥ ପାଢ଼ି, ସହାୟକ ବାଣିଜ୍ୟ ପ୍ରବନ୍ଧକ
ମୋବାଇଲ-8455885967
ଶ୍ରୀ ବି.ତପନ କୁମାର, ଲୋକସମ୍ପର୍କ ଅଧିକାରୀ
ମୋବାଇଲ-8455885040
ଶ୍ରୀ ବିକାଶ କୁମାର, ଲୋକସମ୍ପର୍କ ଅଧିକାରୀ
ମୋବାଇଲ-8455885041
ଭୁବନେଶ୍ୱର ରେଳ ଷ୍ଟେସନଠାରେ ସହାୟତା: 0674-2534027
ପୂର୍ବ ତଟ ରେଳପଥ କଣ୍ଟ୍ରୋଲ ରୁମ୍, ଭୁବନେଶ୍ୱରଠାରେ ସହାୟତା: 8455885999
ଏବଂ ଖୋର୍ଦ୍ଧା ରୋଡ଼ଠାରେ ସହାୟତା: 8455887999
ଭାରତୀୟ ରେଳ
D-9/23

## ସଂକ୍ଷେପରେ

### ଘରକୁ ଧକ୍କା ଦେଲା ଟ୍ରକ୍: ହେଲ୍ପର ଆହତ



**ବୋଲଗଡ଼,୨୭।୬(ଦେବବ୍ରତ ହୋତା):** ବଲାଙ୍ଗିର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ଥାନା ଦିଘିରି ଗ୍ରାମ ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ରାସ୍ତାପାର୍ଶ୍ୱ ଘର ଆଡ଼କୁ ମାଡିଯିବା ସହ ଧକ୍କା ଦେଇଥିଲା। ଫଳରେ ଘରର ଆଂଶିକ କ୍ଷତି ହୋଇଥିବା ବେଳେ ଟ୍ରକ୍‌ର ସମ୍ମୁଖ ଭାଙ୍ଗିରୁଜି ଯାଇଛି। ଟ୍ରକ୍ ହେଲ୍ପରଙ୍କ ଗୋଡ ଏବଂ ମୁଣ୍ଡରେ ଆଘାତ ଲାଗିବାରୁ ତାଙ୍କୁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଛି। ସୁଚନା ଅନୁଯାୟୀ, ଟ୍ରକ୍( ଓଆର୍ ୦୧ ଡି ୬୬୦୯)ଟି ଲୁହାଛଡ ବୋଝେଇ କରି ଭୁବନେଶ୍ୱର ପଟୁ ଭଞ୍ଜନଗର ଅଭିମୁଖେ ଯାଉଥିଲା। ଦିଘିରି ବଜାର ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ବିଦ୍ୟୁତ୍ ଖୁଣ୍ଟରେ ଘସି ହୋଇ ଏକ ଜରାଜୀର୍ଣ୍ଣ ଘରକୁ ଧକ୍କା ଦେଇଥିଲା।

### ମଦ ଜବତ, ୩ ଗିରଫ

**ଖୋର୍ଦ୍ଧା,୨୭।୬(ପ୍ରଭାତ ପାଣିଗ୍ରାହୀ):** ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଦେଶୀ ମଦ ରନ୍ଧା ଚାଲିଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ମଧ ଚଢ଼ାଉ ଜାରି ରହିଛି। ମଙ୍ଗଳବାର ଖୋର୍ଦ୍ଧା ଅବକାରୀ ପୋଲିସ (ମୋବାଇଲ ୟୁନିଟ) ଜଙ୍କିଆ ଏବଂ ବେଗୁନିଆ ଥାନା ଅଞ୍ଚଳରେ ଚଢ଼ାଉ କରି ୮୫ ଲିଟର ରନ୍ଧା ଦେଶୀମଦ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଜଙ୍କିଆ ଥାନା ଟାଙ୍କୋଳ ଗ୍ରାମର ବ୍ରଜକିଶୋର ସାହୁ, କମାଗୁରୁର ସଂଗ୍ରାମ ବାରିକ ଓ ଯଦୁମଣି ରଣସିଂ। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ୩ଟି ମାମଲା(ନଂ. ୪୮,୪୯, ୫୦/୨୩) ରୁଜୁ ହୋଇଛି। ନୀଲିମା ଜୟନ୍ତୀ, ରୋହିତ କୁମାର ଦାନଶାନାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା।

### ଦଧିବାମନ ଦେବଙ୍କ ଅଷ୍ଟମ ବାର୍ଷିକ ଜନ୍ମୋତ୍ସବ

**ବୋଲଗଡ଼,୨୭।୬(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ଅସରଳା ଗ୍ରାମର ଆରାଧ୍ୟ ଠାକୁର ଦଧିବାମନ ଦେବଙ୍କ ଅଷ୍ଟମ ବାର୍ଷିକ ଜନ୍ମୋତ୍ସବ ପାଳନ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସମେତ ଆମନ୍ତ୍ରିତ ଅତିଥିମାନେ ଯୋଗଦେଇଥିଲେ। ଠାକୁରଙ୍କ ସମସ୍ତ ରୀତିନୀତି ପାଳନ ପୂର୍ବକ ଯଜ୍ଞ କାର୍ଯ୍ୟକ୍ରମର ରବିବାର ଅଙ୍କୁରାରୋପଣ ହୋଇଥିଲା। ସୋମବାର ପ୍ରାତଃରେ କଳସ ଯାତ୍ରା, ଶାଳାମଣ୍ଡନ ପରେ ଦେବତା ଆବାହନ, ଅଗ୍ନିସଂସ୍କାର, ଗୀତା ଆହୁତି ଏବଂ ଅପରାହ୍ନରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା।

### ଘର ତାଲା ଭାଙ୍ଗି ଚୋରି

**ଝାଁଳା,୨୭।୬(ବୁଲା ବାରିକ):** ଇନ୍‌ଫୋଭ୍ୟାଲି ଥାନା ଅଧୀନ ଝାଁଳା ଗ୍ରାମର ଅଜୟ ପ୍ରଧାନଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାଗହଣା, ଟଙ୍କା ଚୋରି କରିନେଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଅଜୟ ଗତ ରବିବାର ବିବାହ ଉତ୍ସବରେ ଯୋଗଦେବା ପାଇଁ ଡେଲାଙ୍ଗ ନିକଟ ଏକ ଗ୍ରାମକୁ ଯାଇଥିଲେ। ଘରର ତାଲା ଭଙ୍ଗା ହୋଇଥିବା ନେଇ ମଙ୍ଗଳବାର ଅଜୟଙ୍କ ଘରେ ଭଡ଼ାରେ ରହୁଥିବା ଲୋକେ ଦେଖିବାକୁ ପାଇଥିଲେ। ସ୍ଥାନୀୟ ବାସିନ୍ଦା ଓ ଅଜୟଙ୍କୁ ଫୋନରେ ଜଣାଇଥିଲେ।

# ସରିଲା ସନ୍ଧ୍ୟା ଦର୍ଶନ, ଆଜି ବାହୁଡ଼ିବେ ପୂର୍ଣ୍ଣବିଗ୍ରହ

**ଖୋର୍ଦ୍ଧା,୨୭।୬(ପ୍ରଭାତ ପାଣିଗ୍ରାହୀ)**

ଆଡ଼ପ ମଣ୍ଡପରେ ମଙ୍ଗଳବାର ଥିଲା ମହାପ୍ରଭୁଙ୍କ ଶେଷ ସନ୍ଧ୍ୟା ଦର୍ଶନ। ଏହି ଦର୍ଶନ ହେଉଛି ଦେବଦୁର୍ଲ୍ଲଭ ଦର୍ଶନ। କୋହଲିଆ ପାଗ ସାଙ୍ଗକୁ ଗୁଳୁଗୁଳି ସତ୍ତ୍ୱେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ପ୍ରକାଶ ପାଇଥିଲା। ନବମୀ ସନ୍ଧ୍ୟା ଦର୍ଶନରେ ମହାପ୍ରଭୁଙ୍କୁ ଦର୍ଶନ କରି ଶ୍ରଦ୍ଧାଳୁ ନିଜକୁ କୃତାର୍ଥ ମନେକରିଛନ୍ତି। ଆଡ଼ପ ମଣ୍ଡପରେ ଶ୍ରୀଜୀଉଙ୍କ ନବମୀ ଦର୍ଶନ କଲେ ସାତ୍ତ୍ୱିକତା ଭାବ ଜାଗ୍ରତ ହୋଇଥାଏ। ମନରେ ଶାନ୍ତି, ସଦ୍‌ଭାବ ଓ ଆଧ୍ୟାତ୍ମିକ ଭାବ ଜାତ ହୋଇଥାଏ। କୁହାଯାଏ, ଶ୍ରୀମନ୍ଦିରରେ ଦଶବର୍ଷ ଦର୍ଶନ କଲେ ଯାହା ଫଳ ମିଳେ, ଗୁଣ୍ଡିଚା ମନ୍ଦିରରେ ଏକ ଦିବସୀୟ ଦର୍ଶନରେ ସେତିକି ଫଳ ମିଳିଥାଏ। ଦିନ ଅପେକ୍ଷା ରାତି ତଥା ସନ୍ଧ୍ୟା ଦର୍ଶନରେ ଅଧିକ ପୁଣ୍ୟ ମିଳିଥାଏ ବୋଲି କୁହାଯାଏ। ନବଦିନାତ୍ମକ ଯାତ୍ରାର ଅଷ୍ଟମ ସନ୍ଧ୍ୟାରେ ସନ୍ଧ୍ୟା ଦର୍ଶନ ହେଉଥିବା ବେଳେ ଏହା ହେଉଛି ଶେଷ ଆଡ଼ପ ଦର୍ଶନ। ତେଣୁ ସନ୍ଧ୍ୟା ଦର୍ଶନ ଲାଗି ଶତାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି, ଶ୍ରୀଗୁଣ୍ଡିଚା ମଣ୍ଡପରେ ଏକ ସପ୍ତାହ ଧରି ଯେଉଁମାନେ ମହାପ୍ରଭୁଙ୍କ ଦର୍ଶନ କରନ୍ତି ସେମାନେ ଅଶେଷ ପୁଣ୍ୟ ପ୍ରାପ୍ତ କରିଥାନ୍ତି। ସେମାନେ ସପ୍ତପୁରୁଷ ସହ ନିଜେ ଚିରକାଳ ବୈକୁଣ୍ଠରେ ବାସ କରନ୍ତି। ନବମୀ ତିଥିରେ ମହାପ୍ରଭୁଙ୍କ ଦର୍ଶନର ଏକ ସ୍ୱତନ୍ତ୍ରତା ରହିଛି। ଏହି ଦିନ ଯେଉଁମାନେ ମହାପ୍ରଭୁଙ୍କ ଦର୍ଶନ ସାରି ବ୍ରାହ୍ମଣଙ୍କୁ ଅନ୍ନଦାନ, ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରନ୍ତି, ସେମାନେ ସପରିବାର ପୁଣ୍ୟଫଳ ପ୍ରାପ୍ତ କରନ୍ତି। ଏହି ସନ୍ଧ୍ୟା ଦର୍ଶନ ହେଉଛି ଶ୍ରୀଜୀଉମାନଙ୍କ ଆଡ଼ପମଣ୍ଡପ ଅବସ୍ଥାନର ଶେଷ ସନ୍ଧ୍ୟା। ଭକ୍ତଗଣଙ୍କୁ ଶେଷ ଦର୍ଶନ ଦେଇ ସେମାନଙ୍କ ଭାବ ଅନୁସାରେ ଫଳ ପ୍ରଦାନ କରିଥାନ୍ତି ମହାପ୍ରଭୁ। ସେହିପରି ବୁଦ୍ଧିଜୀବୀ ଶକ୍ତିଶଙ୍କର ମିଶ୍ର କୁହନ୍ତି, ସ୍କନ୍ଦପୁରାଣ ଓ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ, ଯଜ୍ଞବେଦିରେ ଶ୍ରୀବିଗ୍ରହଙ୍କ ବିଜେ ସମୟରେ ନବମୀ ତିଥି ଦର୍ଶନ ଅତ୍ୟନ୍ତ ପୁଣ୍ୟଦାୟକ। ଏହି ଦିନ ଗୁଣ୍ଡିଚା ମଣ୍ଡପରେ ବ୍ରାହ୍ମଣମାନଙ୍କୁ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦାନ ଦକ୍ଷିଣା ଦେଲେ ଅତ୍ୟନ୍ତ ଫଳପ୍ରଦ ହୋଇଥାଏ। ଏହି ଦର୍ଶନ ଦେବଦୁର୍ଲ୍ଲଭ। ସାମାଜିକ କର୍ମୀ ପ୍ରଦୀପ ବେହେରା କୁହନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତିରେ ରଥାରୂଢ ଠାକୁର, ଆଡପ ଦର୍ଶନ ପୁଣି ଶେଷ ଦିନ ନବମୀ ଦର୍ଶନର ବିଶେଷତା ରହିଛି। ଆଡ଼ପ ଦର୍ଶନରେ ଏକ ଅପୂର୍ବ ଆନନ୍ଦ ମିଳେ। ନବମୀ ଦର୍ଶନର ମହତ୍ତ୍ୱକୁ ଅନୁଭବ କରି ପ୍ରତିବର୍ଷ ଏହି ଦର୍ଶନ କରିବାକୁ ଅପେକ୍ଷା କରିବାକୁ ରହିଥାଏ। ଆଷାଢ ଶୁକ୍ଳ ନବମୀ ତିଥିରେ ଦର୍ଶନ କଲେ ବହୁ ପୁଣ୍ୟ ମିଳେ। ଏହି ଦିନ ସନ୍ଧ୍ୟା ଦର୍ଶନ ସହ ଶେଷ ହୋଇଥାଏ ଆଡ଼ପ ଦର୍ଶନ। ବରିଷ୍ଠ ବୁଦ୍ଧିଜୀବୀ ବୈକୁଣ୍ଠନାଥ ମହାପାତ୍ର କୁହନ୍ତି, ପ୍ରତିବର୍ଷ ରଥଯାତ୍ରା ସମୟରେ ଜାଗୁଳିପାଟଣା ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ଆଡ଼ପ ଦର୍ଶନ କରିଥାଏ। ନବମୀ ଦିନ ଯେଉଁଠି ଥିଲେ ବି ଏହି ସନ୍ଧ୍ୟା ଦର୍ଶନକୁ ହାତଛଡା କରି ନ ଥାଏ। ଏହି ଦର୍ଶନ ହେଉଛି ମହାପ୍ରଭୁଙ୍କ ଆଡ଼ପର ଶେଷ ଦର୍ଶନ। କୁହାଯାଏ, ସାନ୍ଧ୍ୟ ଦର୍ଶନରେ ଅଶେଷ ପୁଣ୍ୟପ୍ରାପ୍ତି ହୋଇଥାଏ।

## ଶୃଙ୍ଖଳିତ ରଥଟଣାକୁ ଗୁରୁତ୍ୱ

**ଖୋର୍ଦ୍ଧା,୨୭।୬(ପ୍ରଭାତ ପାଣିଗ୍ରାହୀ):** ଆଡ଼ପ ମଣ୍ଡପରେ ଶେଷ ହୋଇଛି ଶ୍ରୀଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣବିଗ୍ରହ)ଙ୍କ ଲୀଳା। ମଙ୍ଗଳବାର ଭକ୍ତଙ୍କୁ ସନ୍ଧ୍ୟା ଦର୍ଶନ ଦେଇଥିଲେ ମହାପ୍ରଭୁ। ନବଦିନାତ୍ମକ ଯାତ୍ରା ସାରି ବୁଧବାର ରତ୍ନବେଦିକୁ ବାହୁଡ଼ିବେ ମହାପ୍ରଭୁ। ଏଥିଲାଗି ଆଡ଼ପ ମଣ୍ଡପ ନିକଟରେ ଅପେକ୍ଷା କରି ରହିଛି ନନ୍ଦିଘୋଷ ରଥ। ବାହୁଡ଼ା ଯାତ୍ରା ଲାଗି ଆଡ଼ପ ମଣ୍ଡପରେ ସଅଳ ନୀତି, ଶୃଙ୍ଖଳିତ ରଥଟଣା, ଭିଡ଼ ନିୟନ୍ତ୍ରଣ ଉପରେ ଉପରେ ଗୁରୁତ୍ୱ ଦିଆଯାଇଛି। ଭୋର ୪ଟାରେ ଦ୍ୱାରଫିଟା, ମଇଲମ, ଅବକାଶ ନୀତି ପରେ ଅନ୍ୟାନ୍ୟ ନୀତି ହୋଇ ମଧ୍ୟାହ୍ନ ଧୂପ ପରେ ପ୍ରସ୍ତୁତି ଆରମ୍ଭ ହେବ। ଅନ୍ୟ ନୀତି ସମାପନ ପରେ ଅପରାହ୍ନ ୨ଟାରୁ ପହଣ୍ଡି ଆରମ୍ଭ ହେବ। ଅପରାହ୍ନ ୪ଟାରେ ଛେରାପହଁରା, ଚାରମାଳ ଫିଟା ଯାଇ ଘୋଡ଼ା ଯୋଚାଯିବ। ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହେବ ବୋଲି ମନ୍ଦିର ମୁଖ୍ୟ ପୂଜକ କମଳଲୋଚନ ମହାରାଜ ସୂଚନା ଦେଇଛନ୍ତି। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ୨ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ସଦର ଏସ୍‌ଡିପିଓ ଦିଲୀପ ଦାସ ସୂଚନା ଦେଇଛନ୍ତି।



ଜଟଣୀ: ନବନିର୍ମାଣ ଯୁବଛାତ୍ର ସଙ୍ଗଠନ ପକ୍ଷରୁ ୭ଦଫା ଦାବିରେ ବିଦ୍ୟୁତ୍ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

## ୭ ଦଫା ଦାବିରେ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ

**ଜଟଣୀ,୨୭।୬(ରବୀନ୍ଦ୍ର ନାଥ ମହାକୁଡ଼)**

ନବନିର୍ମାଣ ଯୁବଛାତ୍ର ସଙ୍ଗଠନ ପକ୍ଷରୁ ୭ଦଫା ଦାବିରେ ମଙ୍ଗଳବାର ଜଟଣୀ ବଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଲୋ-ଭଲ୍ଟେଜ ସମସ୍ୟା ଦୂର କରିବା, ବିଦ୍ୟୁତ୍ ମିଟରରେ ଉପୁଜୁଥିବା ସମସ୍ୟାର ସମାଧାନ, ପ୍ରତି ଉପଭୋକ୍ତାଙ୍କ ୨୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ମୂଲ୍ୟ ଛାଡ଼, ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ଲଗାଇବା, ଚାଷୀ ଏବଂ ଗରିବ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲ୍ ପାଇଁ ସଂଯୋଗ ବିଚ୍ଛିନ୍ନ ନ କରିବା, ବିଦ୍ୟୁତ୍ ସେବା ଭିତ୍ତିଭୂମି ସଜାଡ଼ିବା ପାଇଁ ୨୦ହଜାର କୋଟି ଟଙ୍କା ଖର୍ଚ୍ଚ ପରେ ମଧ ସମସ୍ୟାରେ ସୁଧାର ନ ଆସିବା ଆଦି ଦାବିରେ ନବନିର୍ମାଣ ଯୁବଛାତ୍ର ସଙ୍ଗଠନ ରାଜ୍ୟ ସଂଯୋଜକ ମନୱର ଅଲ୍ଲିଙ୍କ ନେତୃତ୍ୱରେ ଘେରାଉ କରାଯାଇଥିଲା। ଏହି ଘେରାଉରେ ସ୍ଥାନୀୟ ଅଞ୍ଚଳର ବହୁ ସମର୍ଥକଙ୍କ ସମେତ ଆଇନୀଜୀବୀ ଜୟପ୍ରକାଶ ତ୍ରିବେଦୀ, ଭୁବନେଶ୍ୱର ସଂଯୋଜକ ଅମିତ ଜେନା, ରାମ ମହାରଣା, ସ୍ୱରୂପ ଦାସ, ସୁଭାଶିଷ ପରିଡା, ଏମ୍.ଡି. ମନୱର, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଆଗାମୀ ଦିନରେ ଉକ୍ତ ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ରାଜ୍ୟ ସଂଯୋଜକ ମନୱର କହିଛନ୍ତି।

## ସ୍ତ୍ରୀଙ୍କୁ ଆକ୍ରମଣ ଉଦ୍ୟମ, ସ୍ୱାମୀ ଗିରଫ

**ବାଲୁଗାଁ,୨୭।୬(ସଂଗ୍ରାମ ପାଇକରାୟ)**

ସ୍ତ୍ରୀଙ୍କୁ ବାରମ୍ବାର ମରଣାନ୍ତକ ଆକ୍ରମଣ ଉଦ୍ୟମ ଅଭିଯୋଗରେ ସ୍ୱାମୀ କୈଳାଶ ଚନ୍ଦ୍ର ମିଶ୍ରଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି ବାଲୁଗାଁ ଥାନା ପୋଲିସ। ଏନେଇ ଥାନାରେ ଏକ ମାମଲା (ନଂ.୧୩୮/୨୩) ରୁଜୁ ହୋଇଛି। ଅଭିଯୋଗ ମୁତାବକ, ବାଣପୁର ଅଞ୍ଚଳର କୈଳାଶ ବାଲୁଗାଁ ଥାନା ଅଧୀନ ବଡ଼କୁଳ ଗ୍ରାମରେ ବିବାହ କରିଥିଲେ। ତେବେ ବିବାହ ପରେ କୌଣସି କାରଣକୁ ନେଇ କୈଳାଶ ତାଙ୍କ ସ୍ତ୍ରୀଙ୍କୁ ବାରମ୍ବାର ମରଣାନ୍ତକ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ। ଏନେଇ ବାଣପୁର ଥାନାରେ ମାମଲା ରୁଜୁ ହୋଇଛି। ପରବର୍ତ୍ତୀ ସମୟରେ ମହିଳା ଜଣଙ୍କ ବାପଘରେ ଆସି ରହିଥିଲେ। ସୋମବାର ବିଳମ୍ବିତ ରାତିରେ ସମ୍ପୃକ୍ତା ମହିଳା ଓ ତାଙ୍କ ମା' ଘରେ ଶୋଇଥିବା ବେଳେ କୈଳାଶ ଘର ଆଜବେଷ୍ଟସ୍ ଖୋଲି ମାରଣାସ୍ତ୍ର ସହ ଘର ଭିତରକୁ ପ୍ରବେଶ ପାଇଁ ଉଦ୍ୟମ କରିଥିଲେ। ଏହା ଦେଖି ମହିଳା ଜଣଙ୍କ ଚିତ୍କାର କରିବାରୁ କୈଳାଶ ସେଠାରୁ ପଳାଇ ଆସିଥିଲେ। ଖବରପାଇ ନାଭାଲ ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର ସାହୁ ଏବଂ ବାଲୁଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଅଭିଯୁକ୍ତ କୈଳାଶଙ୍କୁ ଧରିଥିଲା।

## ଖାଲଖମାରେ ଭର୍ତ୍ତି ଡାଲହଣା ରାସ୍ତା



**ନିରାକାରପୁର,୨୭।୬(ମାନସ ଚନ୍ଦ୍ର ପଟ୍ଟନାୟକ )**

### ମରାମତି ପାଇଁ ଅଞ୍ଚଳବାସୀଙ୍କ ଦାବି

ଲୋକଙ୍କ ସୁବିଧା ଓ ସୁରକ୍ଷିତ ଗମନାଗମନ ପାଇଁ ସରକାର ବିଭିନ୍ନ ଯୋଜନା କରିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ରାଜନୈତିକ ଛକାପଞ୍ଝା ଓ ସ୍ଥାନୀୟ ପ୍ରଶାସନର ଅବହେଳାରୁ ରାସ୍ତାଗୁଡ଼ିକର ମରାମତି ହୋଇପାରୁ ନାହିଁ। ଫଳରେ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ଲେଣ୍ଡୋ ପଞ୍ଚାୟତ ଅନ୍ତର୍ଗତ କୁନିଆ ସାମନ୍ତରାୟଠାରୁ ଦିବ୍ୟସିଂପୁର ଏବଂ ଓରବରସିଂକୁ ସଂଯୋଗ କରୁଥିବା ଡାଲହଣା ରାସ୍ତା କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହି ରାସ୍ତାଟି ୧୬ନମ୍ବର ଜାତୀୟ ରାଜପଥର ଗୋଳବାଇଛକ ଓ ବକୁ ଦେଇ ନୂଆଜଗନ୍ନାଥ ସଡ଼କକୁ ସଂଯୋଗ କରୁଥିବାରୁ ଦୈନିକ ଯାନବାହନ ସହିତ ଲୋକେ ଯାତାୟାତ କରିଥାନ୍ତି। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ରାସ୍ତାଟି ଶୋଚନୀୟ ହୋଇପଡ଼ିଛି। ବନ୍ୟା ହେଲେ ରାସ୍ତାଟି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଥାଏ। ରାସ୍ତା ଖାଲଖମା ହୋଇ ପଡ଼ିରହିଛି। ଏବେ ମୌସୁମୀ ବର୍ଷା ପ୍ରଭାବରେ ଖାଲଖମାରେ ବର୍ଷାଜଳ ଭର୍ତ୍ତି ହେବାରୁ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଏପରିକି ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଅନ୍ୟପକ୍ଷରେ ଉଭୟ ପାର୍ଶ୍ୱର ଅନାବନା ଗୁଳ୍ମଲତା ମାଡିଯିବାରୁ ରାସ୍ତାଟି ସଂକୀର୍ଣ୍ଣ ହେବାରେ ଲାଗିଛି। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ତୁରନ୍ତ ଉକ୍ତ ରାସ୍ତାର ମରାମତି କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ନିବେଦନ କରିଛନ୍ତି।

## ବିଦ୍ୟାର୍ଥୀଙ୍କ ଶାରୀରିକ ଅଭିବୃଦ୍ଧିର ସହାୟକ ହୁଏ କ୍ରୀଡ଼ା



ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ବୋଲଗଡ଼,୨୭।୬(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗେଡ଼ିଆପଲ୍ଲି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳମଣି ବରାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ମହାନ୍ତି ଯୋଗଦେଇଥିଲେ। ମୁଖ୍ୟ ବକ୍ତା ପୂର୍ବତନ ପ୍ରଧାନ ଶିକ୍ଷକ ରମାକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ସ୍ଥାନୀୟ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, ସମିତି ସଭ୍ୟ ରଞ୍ଜନ କୁମାର ପଣ୍ଡା, ପୂର୍ବତନ ପ୍ରଧାନ ଶିକ୍ଷକ ସୁଦର୍ଶନ ଦାସ, ପରିଚାଳନା କମିଟି ସଭାପତି ଦିଲ୍ଲୀପ କୁମାର ପଣ୍ଡା, ସହ ଗୋଷ୍ଠୀ ଶିକ୍ଷାଅଧିକାରୀ ପଦ୍ମ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ହୋଇଥିବା କ୍ରୀଡ଼ାରେ ଭାଗ ନେଇ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ମହାନ୍ତି ବିଦ୍ୟାର୍ଥୀଙ୍କ ମାନସିକ ଓ ଶାରୀରିକ ଅଭିବୃଦ୍ଧି ପାଇଁ କ୍ରିଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶିକ୍ଷୟିତ୍ରୀ ପ୍ରଣତି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ବସନ୍ତ କର ଧନ୍ୟବାଦ ଦେଇଥିଲେ।

## 'ପ୍ରତିଭାକୁ ପ୍ରସ୍ଫୁଟିତ କରିଥାଏ ସମ୍ବର୍ଦ୍ଧନା'

**ବୋଲଗଡ଼,୨୭।୬(ଦେବବ୍ରତ ହୋତା)**

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ସଂପୁର ସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ନାଚୁଣୀ ସ୍ଥିତ ସ୍ମାର୍ଟ ସେବା ଆଣ୍ଡ ଏଜୁକେଶନ ଚାରିଟେବୁଲ ଟ୍ରଷ୍ଟ ମିଳିତ ସହଯୋଗରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ପୂର୍ବତନ ଇଂରାଜୀ ପ୍ରଶିକ୍ଷକ ପ୍ରଦୀପ କୁମାର ପରିଡ଼ା ମୁଖ୍ୟ ଅତିଥି, ସ୍ମାର୍ଟ ସେବା ଆଣ୍ଡ ଏଜୁକେଶନ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସୁରେଶ କୁମାର ଦାଶ ମୁଖ୍ୟ ବକ୍ତା, ନାଚୁଣୀ ସ୍ଥିତ ବ୍ରିଟ୍ ବାର୍ଡ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ମୋନାଲି ହୋତା, ନୂଆସାହି ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ସେଠୀ, ବିଦ୍ୟାଳୟ ପରିଚାଳନା ପରିଷଦର ଅଧ୍ୟକ୍ଷା ବିନୋଦିନୀ ଦତ୍ତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସମ୍ବର୍ଦ୍ଧନା ପ୍ରତିଭାକୁ ପ୍ରସ୍ଫୁଟିତ କରିଥାଏ ବୋଲି କହିଥିଲେ। ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ଓ ଶିକ୍ଷକ ବିଭୁପ୍ରସାଦ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଚିତ୍ର କୁମାର ଘଡ଼େଇ ସ୍ୱାଗତ ଭାଷଣ ଏବଂ ଶ୍ରୋତାଲିନୀ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ବିଦ୍ୟାଳୟର ୨୦୨୩ ମାଟ୍ରିକ୍ ଟପ୍ପର ଶିବାନୀ ଜେନାଙ୍କୁ ମୁକୁଟ ପିନ୍ଧାଇ ଉତ୍ତରୀୟ, ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏତଦ୍ ବ୍ୟତୀତ ୨୦୨୩ ବାର୍ଷିକ ପରୀକ୍ଷାରେ ପ୍ରଥମରୁ ନବମ ଯାଏ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବିଶ୍ୱଜିତ୍ ସରୋଜ କୁମାର ଧନ୍ୟବାଦ ଦେଇଥିଲେ। ଶ୍ରଦ୍ଧାଞ୍ଜଳି ବେହେରା, ସୌଦାମିନୀ ସୁବୁଦ୍ଧି, ସୌଦାମିନୀ ପରିଡ଼ା, ସମ୍ବିତ କେଦାରକର ଓ ସ୍ନେହଲତା ପାଇକରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

# ଧରାପଡ଼ିଲେ ୫ ରାଜପଥ ଲୁଟେରା



ଗିରଫ ୫ ଅଭିଯୁକ୍ତ ଏବଂ ଜବତ ହୋଇଥିବା କାତି, ଲୁହାରଡ।

**ଖୋର୍ଦ୍ଧା,୨୭।୬(ପ୍ରଭାତ ପାଣିଗ୍ରାହୀ):** ରାଜପଥରେ ଏକ ଡକାୟତ ଦଳ ମାଲବାହୀ ଗାଡିକୁ ଅଟକାଇ ଲୁଟ୍‌ପାଟ କରୁଥିଲେ। ଏମାନଙ୍କ ଭୟରେ ବିଳମ୍ବିତ ରାତିରେ ଲୋକେ ଯିବାକୁ ଭୟ କରୁଥିଲେ। ଫଳରେ ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଥିଲା। ସୋମବାର ବିଳମ୍ବିତ ରାତିରେ ଜଟଣୀ ବାଇପାସ୍ ଗୋଶାଳା ପଡିଆରେ କେତେଜଣ ଦୁର୍ବୃତ୍ତ ୧୬ ନମ୍ବର ଜାତୀୟ ରାଜପଥରେ ଚଳନ୍ତା ମାଲବାହୀ ଗାଡିରୁ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ମାଡ଼ି ବସିଥିଲା ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ। ଘଟଣାସ୍ଥଳରୁ ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ କାମନାବର ସାହିର କୁନା ନାୟକ(୨୪), ପୂର୍ଣ୍ଣଚନ୍ଦ୍ର ନାୟକ(୩୫), ଅରାଙ୍ଗର ଲିପୁ ପାଇକରାୟ(୩୬), ମୁକୁନ୍ଦପ୍ରସାଦର ମହମ୍ମଦ ଖାନ ଓରଫ କାଲୁ ଏବଂ ଫାରୁକ ଖାନ। ଏମାନଙ୍କ ଠାରୁ ୨ଟି କାତି ଏବଂ ଲୁହାରଡ୍ ଜବତ ହୋଇଛି। ଏନେଇ ଥାନାରେ ଦଫା ୩୯୯/୪୦୨ଆଇପିସିରେ ଏକ ମାମଲା(ନଂ.୨୯୦/୨୩) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

ସୂଚନା ମୁତାବକ, ସୋମବାର ରାତି ପ୍ରାୟ ୧ଟାରେ ଗେଶାଳା ପଡିଆରେ କେତେଜଣ ଦୁର୍ବୃତ୍ତ ରାଜପଥରେ ଡକାୟତି ଲାଗି ଯୋଜନା କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ଥାନାଧିକାରୀ ତାରିକ ଅହମ୍ମଦ, ଏସ୍‌ଆଇ ବିନାୟକ ମନ୍ତ୍ରୀ, କନ୍‌ଷ୍ଟେବଲ ଅବଦୁଲ ମାସିଖାନ, ପି.କେ.ହରିଚନ୍ଦନ, ଆରବିଏନ ଷ୍ଟାଫଙ୍କୁ ନେଇ ଗଠିତ ଟିମ୍ ଅଚାନକ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଦୁର୍ବୃତ୍ତମାନେ ଖସିଯବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଚାରିପଟୁ ଘେରିଯାଇ କାବୁ କରିଥିଲେ। ରାଜପଥରେ ଡକାୟତି ପାଇଁ ଯୋଜନା କରୁଥିବା ଜେରା ବେଳେ ପୋଲିସ ଆଗରେ ସ୍ୱୀକାର କରିଥିଲେ। ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଖୋର୍ଦ୍ଧାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି।

## ଫେରାର ଅଭିଯୁକ୍ତ ଗିରଫ

**ଜଟଣୀ,୨୭।୬(ରବୀନ୍ଦ୍ର ନାଥ ମହାକୁଡ଼)**

ଏକ ଚୋରି ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଜଟଣୀ ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବଡ଼ତୋଟା ଗ୍ରାମ ନାୟକସାହିର ପପେଇ ଓରଫ ବବୁଜି ନାୟକ(୨୫)। ପ୍ରକାଶ ଯେ, ଗତ ମେ' ୧୩ ତାରିଖ ରାତିରେ ସରୋଜ ଦାସ ବଡ଼ତୋଟା ଗ୍ରାମରେ ଚନ୍ଦନ ଯାତ୍ରା ଦେଖି ଫେରିବା ବେଳେ କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରିବା ସହ ଟଙ୍କା ଓ ମୋବାଇଲ ଫୋନ ଛଡାଇ ନେଇଯାଇଥିଲେ। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ ପୋଲିସ ପୂର୍ବରୁ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ଟଙ୍କା ଏବଂ ମୋବାଇଲ ଫୋନ ଜବତ କରିଥିଲା। ତେବେ ଏହି ଘଟଣାରେ ଫେରାର ଥିବା ପପେଇଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୧୭୭/୨୩) ରୁଜୁ ହୋଇଛି। ଜଟଣୀ ଥାନାରେ ଅଭିଯୁକ୍ତ ପପେଇଙ୍କ ନାମରେ ପୂର୍ବରୁ ୪ଟି ମାମଲା ରହିଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜୟ ମା' ବହୁଚରା ମାତାଜୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ଇନ୍ଦ୍ରଧନୁ ମାର୍କେଟ, ପାଣିଟାଙ୍କି ନିକଟ, ସକାଳ ୬ଟା ୩୦।
- ଶହୀଦନଗର ସାଂସ୍କୃତିକ ସମିତି ଆନୁକୂଲ୍ୟରେ ବାହୁଡ଼ା ଯାତ୍ରା, ମା' ଖଣ୍ଡୁଆଳୀ ମନ୍ଦିର, ଅପରାହ୍ନ ୩ଟା।
- ଏକାମ୍ର ପ୍ରକଳ୍ପର ଭୂମିପୂଜନ ଯଜ୍ଞ, ଲିଙ୍ଗରାଜ ମନ୍ଦିର ନିକଟ, ସନ୍ଧ୍ୟା ୬ଟା।
- ରୁଦ୍ରାକ୍ଷ ଫାଉଣ୍ଡେଶନର ୧୦ମ ନିନାଦ ନୃତ୍ୟ ମହୋତ୍ସବ, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।
- ୧୩ତମ ମାର୍ଗି ନୃତ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

## ସଂକ୍ଷେପରେ

### ପୁଣି ଅସୁସ୍ଥ ହଳଦିଆ ଆନାକୋଣ୍ଡା

ବାରଙ୍ଗ,୨୭।୬(ଲିଙ୍ଗରାଜ ରାଉତ)- ନନ୍ଦନକାନନର ସରୀସୃପ ଉଦ୍ୟାନର ୪୫ନମ୍ବର (ଖ)ଏନକ୍ଲୋଜରରେ ରହୁଥିବା ଏକ ବୟସ୍କ ଆନାକୋଣ୍ଡା ପୁଣିଥରେ ଅସୁସ୍ଥ ହୋଇପଡିଛି। ସାପଟି ୭ଦିନ ହେବ ରକ୍ତଝାଡ଼ାରେ ପୀଡ଼ିତ ଥିବା ସହ ଥଣ୍ଡାରେ ଆକ୍ରାନ୍ତ ହୋଇଛି। ସେ ଠିକ୍ ଭାବେ ଖିଆପିଆ କରିପାରୁ ନାହିଁ। ପୂର୍ବରୁ ନନ୍ଦନକାନନରେ ମୃତ୍ୟୁବରଣ କରିଥିବା ଆନାକୋଣ୍ଡାଠାରେ ଏହି ସମାନ ଲକ୍ଷଣ ଦେଖାଯାଇଥିଲା। ଏବେ ଏହି ଆନାକୋଣ୍ଡାକୁ ଏଭଳି ଅବସ୍ଥା ହେବାରୁ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତା ବଢାଇଛି। ଏହି ଅସୁସ୍ଥ ଆନାକୋଣ୍ଡା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ନନ୍ଦନକାନନ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଉଥିଲେ ମଧ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନାହିଁ। ଏହି ଆନାକୋଣ୍ଡାଟି ପୂର୍ବରୁ ମଧ ଥରେ ଅସୁସ୍ଥ ହୋଇଥିଲା। ଏବେ ନନ୍ଦନକାନନରେ ୧୧ଟି ଆନାକୋଣ୍ଡା ଅଛନ୍ତି।

### ନିଶାମୁକ୍ତ ଭାରତ ପାଇଁ ଶପଥପାଠ କଲେ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୭।୬(ବନ୍ଦନା ସେଠୀ)- ଶ୍ରୀଜୟଦେବ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ 'ଡ୍ରଗ୍ସ ଅପବ୍ୟବହାର ଓ ଅବୈଧ କାରବାର ବିରୋଧରେ ଅନ୍ତର୍ଜାତୀୟ ଦିବସ' ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଡ. ସନ୍ତୋଷ କୁମାର ସେଠୀ ଉଦ୍‌ଘାଟନ କରି ନିଶାସେବନ କିପରି ମାନବ ସମାଜର ଭବିଷ୍ୟତକୁ ଅନ୍ଧକାରାଚ୍ଛନ୍ନ କରୁଛି ତାହା ସୂଚାଇଥିଲେ। ଏଥିସହ ନିଶାମୁକ୍ତ ଭାରତ ପାଇଁ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ଉଦ୍ଭିଦ ବିଜ୍ଞାନ ଅଧାପକ ଡ. ଅରୁଣ କୁମାର ରଥ ନିଶାସେବନର ଅପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଧିକାରୀ ଅଧାପିକା ଜ୍ୟୋତ୍ସ୍ନା ପୃଷ୍ଟି ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରୀଛାତ୍ରମାନେ ନିଶାସେବନରୁ ନିଜକୁ ଦୂରେଇ ରହିବା ସହ ଏହାକୁ ବିରୋଧ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ତ୍ରିଲୋଚନ ପ୍ରଧାନ ଏବଂ ଅଧାପକ ହିମାଂଶୁ ଶେଖର ନାୟକ ପରିଚାଳନା କରିଥିଲେ।

# ବାପା, ଭାଉଜଙ୍କୁ ଖଣ୍ଡାରେ ହାଣିଲେ

**ପାରିବାରିକ ବିବାଦର କରୁଣ ପରିଣତି**

- ଦୁଇ ଭାଇ ଓ ସହଯୋଗୀଙ୍କୁ ଖୋଜୁଛି ପୋଲିସ
- କିଛିଦିନ ହେଲା ପରିବାରରେ ଲାଗି ରହିଥିଲା ବିବାଦ

ଭୁବନେଶ୍ୱର,୨୭।୬(ସତ୍ୟଜିତ୍ ରାଉତ):

କିଛିଦିନ ହେଲା ଏକ ପରିବାର ମଧ୍ୟରେ ଲାଗି ରହିଥିବା ବିବାଦ ମଙ୍ଗଳବାର କରୁଣ ପରିଣତିର ରୂପ ନେଇଛି। ବାପା ଓ ଭାଉଜଙ୍କୁ ଦୁଇ ଭାଇ ଓ ସହଯୋଗୀମାନେ ଖଣ୍ଡାରେ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି। ଖାରବେଳଗନଗର ଥାନା ଅନ୍ତର୍ଗତ ତାରିଣୀବସ୍ତି ନିକଟ ପ୍ରେସକ୍ଲବ ପଛପଟେ ରାତି ପ୍ରାୟ ୧୦ଟା ବେଳେ ଏଭଳି ଘଟଣା ଘଟିଛି। ଏହି ଆକ୍ରମଣରେ ବାପା ରବି ନାୟକ ଓ ଭାଉଜ ଲକ୍ଷ୍ମୀପ୍ରିୟା ପତି ଗୁରୁତର ହୋଇଛନ୍ତି। ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କୁ ସ୍ଥାନୀୟ ଲୋକ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଅପରପକ୍ଷରେ ଆକ୍ରମଣକାରୀ ଦ୍ୱିତୀୟ ନମ୍ବର ଭାଇ ପ୍ରମୋଦ, ପଞ୍ଚମ ନମ୍ବର ଭାଇ ମୁକେଶ ଓ ସହଯୋଗୀମାନେ ଘଟଣାସ୍ଥଳ ଛାଡ଼ି ଫେରାର ହୋଇଯାଇଛନ୍ତି। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଏକାଧିକ ଲୋକଙ୍କୁ ପଚରାଉଚରା କରି ତଦନ୍ତ ଆରମ୍ଭ କରିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଏସଂକ୍ରାନ୍ତରେ ମାମଲା ରୁଜୁ ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଆହତ ରବି ପରିବାର ସହ କେଦାରପଲ୍ଲୀ ବସ୍ତିରେ ରହି ଆସୁଛନ୍ତି। ତୃତୀୟ ନମ୍ବର ପୁଅ ରାକେଶଙ୍କ ପାଖରେ ରବି କିଛି ବର୍ଷ ହେବ ରହୁଛନ୍ତି। ତେବେ ରାକେଶଙ୍କ ପରିବାର ସହ ପ୍ରମୋଦ ଓ ମୁକେଶଙ୍କ ବିବାଦ ଲାଗି ରହୁଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ହେଉଥିଲା। ତେବେ ଝଗଡ଼ା ଅତ୍ୟଧିକ ହେବାରୁ ରାକେଶଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ପ୍ରେସକ୍ଲବ ପଛପଟସ୍ଥିତ ବାପଘରକୁ ପଳାଇ ଆସିଥିଲେ। ଏପରିକି ସେ ତାଙ୍କ ସହ ଶ୍ୱଶୁର ରବି, ସ୍ୱାମୀ ରାକେଶ ଓ ପିଲାମାନଙ୍କୁ ମଧ ନେଇ ଆସିଥିଲେ। ତେବେ ପ୍ରମୋଦ ଓ ମୁକେଶ ରାକେଶଙ୍କ ପରିବାର ଉପରେ ଆକ୍ରମଣ କରିବାକୁ ଯୋଜନା କରିଥିଲେ। ଦୁଇ ଭାଇ ଓ ତାଙ୍କ ସହଯୋଗୀମାନେ ରାତି ପ୍ରାୟ ୧୦ଟା ବେଳେ ଲକ୍ଷ୍ମୀପ୍ରିୟାଙ୍କ ବାପଘରକୁ ଆସିଥିଲେ। ଏହି ସମୟରେ ରାକେଶ ସେଠାରେ ନ ଥିଲେ। ସେମାନେ ଲକ୍ଷ୍ମୀପ୍ରିୟାଙ୍କୁ ଗାଳିଗୁଲଜ କରିବା ସହ ହଠାତ୍ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ସମୟରେ ରବି ସେଠରେ ପହଞ୍ଚି ବିରୋଧ କରିବାରୁ ପ୍ରମୋଦ ଓ ମୁକେଶ ତାଙ୍କୁ ମଧ ଖଣ୍ଡାରେ ଗୋଡ଼ାଇ ହାଣିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିଯିବାରୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ତେବେ କ୍ୟାପିଟାଲ ହସ୍ପିଟାଲରେ ଗୁରୁତର ରବିଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଏନେଇ ପ୍ରାଥମିକ ତଦନ୍ତ ଜାରି ରହିବା ସହ ଅଭିଯୁକ୍ତମାନଙ୍କୁ ଧରିବାକୁ ପ୍ରୟାସ ଜାରି ରହିଥିବା ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି।



ଚିକିତ୍ସାଧୀନ ରବି ନାୟକ ଓ ଲକ୍ଷ୍ମୀପ୍ରିୟା ପତି।

# ମହାପ୍ରଭୁଙ୍କୁ ଦର୍ଶନକଲେ ଗଜପତି, ପରିବାର



ମହାପ୍ରଭୁଙ୍କ ଦର୍ଶନ ସାରି ଗଜପତି ଦିବ୍ୟସିଂହଦେବ ପରିବାର ସହ ଫେରୁଛନ୍ତି। (ଫଟୋ-ଯଜ୍ଞେଶ୍ୱର)

ପୁରୀ,୨୭।୬(ଅଜିତ ମହାନ୍ତି)

ପବିତ୍ର ସନ୍ଧ୍ୟା ଦର୍ଶନ ଅବସରରେ ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟ ସିଂହଦେବ, ମହାରାଣୀ ଏବଂ ପରିବାସ ସହ ଗୁଣ୍ଡିଚା ମନ୍ଦିର ଯାଇ ଜନ୍ମବେଦିରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ଦର୍ଶନ ସମୟରେ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ସହ ତାଙ୍କ ସହଧର୍ମିଣୀ ଓ ଝିଅମାନେ ଆସି ଆଡ଼ପମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ତେବେ ଗଜପତି ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ସେବାୟତମାନେ ଗଜପତି ଏବଂ ତାଙ୍କ ପରିବାର ଲୋକଙ୍କୁ ପାଛୋଟି ନେଇଥିଲେ। ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଗଜପତି, ମହାରାଣୀ ଏବଂ ରାଜ ପରିବାର ଶ୍ରୀଗୁଣ୍ଡିଚା ମନ୍ଦିର ପରିସରକୁ ଯାଇଥିଲେ। ସିଂହଦ୍ୱାର ଦେଇ ପ୍ରବେଶ ପରେ ମହାରାଜା ପ୍ରଥମେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ଗରୁଡ଼ସ୍ତମ୍ଭ ଦେଇ ରତ୍ନସିଂହାସନ ନିକଟକୁ ଯାଇଥିଲେ। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସୁଭଦ୍ରାଙ୍କୁ ଦର୍ଶନ କରି ପ୍ରଣାମ କରିଥିଲେ। ଗଜପତି ମହାରାଜା ପରିବାର ସହ ଗର୍ଭଗୃହ ନିକଟକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଗଜପତି ମହାରାଜା ୩୦ମିନିଟ୍‌ରୁ ଅଧିକ ସମୟ ଗୁଣ୍ଡିଚା ମନ୍ଦିରରେ ବିତାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ଦର୍ଶନ ସାରି ସିଂହଦ୍ୱାର ଦେଇ ବାହାରକୁ ବାହାରିଥିଲେ। ଏ ନେଇ ଗଜପତି ମହାରାଜା କହିଛନ୍ତି, ସନ୍ଧ୍ୟା ଦର୍ଶନ ଅବସରରେ ଆଡ଼ପମଣ୍ଡପକୁ ଆସି ସପରିବାର ମହାପ୍ରଭୁଙ୍କୁ ଦର୍ଶନ କରିଥିଲୁ। ପ୍ରତ୍ୟେକ ବର୍ଷ ସୁଯୋଗ ମିଳେ ନାହିଁ। ମହାପ୍ରଭୁଙ୍କ କୃପା ହେଲେ କେଉଁ କେଉଁ ବର୍ଷ ମହାପ୍ରଭୁଙ୍କ ଦର୍ଶନ ଆଡ଼ପମଣ୍ଡପରେ ମିଳେ। ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ଗର୍ଭ ଗୃହକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବାର ସୌଭାଗ୍ୟ ଭକ୍ତମାନେ ପାଉଛନ୍ତି। ମହାପ୍ରଭୁଙ୍କ ନୀତିକାନ୍ତି ଭଲ ଭାବେ ଚାଲିଛି। ବାହୁଡ଼ାରେ ମଧ ମହାପ୍ରଭୁଙ୍କ ନୀତି ଶୃଙ୍ଖଳିତ ହେବ ବୋଲି ଆଶା ରହିଛି।

# ରଞ୍ଜନା ଗହ୍ୱରଙ୍କୁ ମାର୍ଗି ଜୀବନବ୍ୟାପୀ ସାଧନା ସମ୍ମାନ

**୧୩ତମ ମାର୍ଗି ଉତ୍ସବ ଆରମ୍ଭ**

ଭୁବନେଶ୍ୱର,୨୭।୬(ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟାନୁଷ୍ଠାନ 'ନୃତ୍ୟଶାଳା' ଆନୁକୂଲ୍ୟରେ ଏବଂ 'କଳାକୃତି' ସହଯୋଗରେ ମଙ୍ଗଳବାର ରବୀନ୍ଦ୍ରମଣ୍ଡପରେ ୧୩ତମ 'ମାର୍ଗି ଉତ୍ସବ' ଆରମ୍ଭ ହୋଇଛି। ୨ଦିନ ହେବାକୁ ଥିବା ଏହି ଉତ୍ସବର ପ୍ରଥମ ସନ୍ଧ୍ୟାରେ ଅତିଥିରୂପେ ବିଧାୟକ ପ୍ରତାପ ଜେନା, ଅବସରପ୍ରାପ୍ତ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ, ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ମର୍ଦ୍ଦଳଗୁରୁ ଧନେଶ୍ୱର ସ୍ୱାଇଁ, ନୃତ୍ୟଶାଳା ନିର୍ଦ୍ଦେଶକ ଅଶୋକ କୁମାର ଘୋଷାଲ ଯୋଗଦେଇଥିଲେ। ଏହି ଅବସରରେ ଜୀବନ ବ୍ୟାପୀ ସାଧନ ପାଇଁ ନୃତ୍ୟଶିଳ୍ପୀ ଓ ଗୁରୁ ପଦ୍ମଶ୍ରୀ ରଞ୍ଜନା ଗହ୍ୱରଙ୍କୁ ମାର୍ଗି ଜୀବନ ବ୍ୟାପୀ ସମ୍ମାନ-୨୦୨୩ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭିକ କାର୍ଯ୍ୟକ୍ରମ ନୃତ୍ୟଶିଳ୍ପୀ ରଞ୍ଜନାଙ୍କ ନୃତ୍ୟରୁ ଆରମ୍ଭ ହୋଇଥିଲା। ସେ ମଙ୍ଗଳା ଚରଣ ନୃତ୍ୟରେ ଜଗନ୍ନାଥଙ୍କୁ ସ୍ମରଣ କରିଥିଲେ। ପରେ ସେ ଜୟଦେବ ରଚନାରୁ ଶ୍ରୀଗୀତ ଗୋବିନ୍ଦ ମହାକାବ୍ୟରୁ 'ରତି ସୁଖ ସାରେ.... ରଚିତ ଶ୍ଳୋକରେ ନୃତ୍ୟ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ଓ ରାଧାଙ୍କର ଅବ୍ୟକ୍ତ ଲୀଳାକୁ ମଧୁମୟ ଭାବେ ନୃତ୍ୟରେ ପ୍ରଦର୍ଶନ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଯାହାକି ରାଗ-କଲ୍ୟାଣୀ, ରାଗ-ଏକତାଳି ଉପରେ ପର୍ଯ୍ୟବସିତ ଥିଲା। ଏହି ନୃତ୍ୟର ସଂଯୋଜନା ଗୁରୁ ମାୟାଧର ରାଉତ କରିଥିଲେ। ଦ୍ୱିତୀୟ ଚରଣରେ ଶିଳ୍ପୀ ବନ୍ଦିତା ଘୋଷାଲ ଗୋପାଳକୃଷ୍ଣଙ୍କ ରଚନାରୁ 'ମୁଁ ଜାଣିଜାଣି କରିଛି ମାନ...' ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ରାଧାକୃଷ୍ଣଙ୍କ ପ୍ରେମମୟ ଅଭିମାନର ସୋପାନକୁ ନୃତ୍ୟରେ ପରଷିଥିଲେ, ଯାହାକି ତାଳ-ଏକତାଳି ଉପରେ ନିବଦ୍ଧ ଥିଲା। ଗୁରୁ ଅଶୋକ କୁମାର ଘୋଷାଲ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ପରେ ପୁରାତନ କବି ବନମାଳି ଦାସଙ୍କ ରଚନାରୁ 'ସଙ୍ଗିନୀରେ ଚାହଁ ବେଣୁପାଣିକୁ... ଗୀତର ନୃତ୍ୟରେ ଶିଳ୍ପୀ ବିନୋଦ କେଭିନ ବଚନ ଏକକ ନୃତ୍ୟ ପରିବେଷଣ କରିଥିଲେ। ଏହା ରାଗ-କଳାବତୀ, ତାଳ-ଏକତାଳି ଉପରେ ନିବଦ୍ଧ ଥିଲା। ଏହି ନୃତ୍ୟକୁ ସଙ୍ଗୀତ ସଂଯୋଜନା ବାଳକୃଷ୍ଣ ଦାସ କରିଥିବା ବେଳେ ନୃତ୍ୟ ସଂଯୋଜନା କରିଥିଲେ ଗୁରୁ ମାୟାଧର ରାଉତ। ଦ୍ୱୈତ୍ୟ ନୃତ୍ୟ ପର୍ଯ୍ୟାୟରେ ଶଚିକାନ୍ତ ପ୍ରଧାନ ଓ ସ୍ୱାଗତିକା ପ୍ରଧାନ ଯୁଗ୍ମନୃତ୍ୟରେ ଶିବ ପଞ୍ଚକ ପରିବେଷଣ କରିଥିଲେ। ମହାଦେବଙ୍କ ମହିମା ଆଧାରିତ ଏହି ନୃତ୍ୟର ସଙ୍ଗୀତ ନିର୍ଦ୍ଦେଶନା ବାଳକୃଷ୍ଣ ଦାସ ଦେଇଥିବା ବେଳେ ନୃତ୍ୟ ସଂଯୋଜନା କରିଥିଲେ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନ। ଶେଷରେ ପ୍ରଜ୍ଞାନୃତ୍ୟାୟନର ଶିଳ୍ପୀମାନେ ଦଳଗତ ନୃତ୍ୟରେ ଦଶ ମହାବିଦ୍ୟା ପରିବେଷଣ କରିଥିଲେ। ଦୁର୍ଗାଙ୍କ ୧୦ ରୂପର ମହିମାକୁ ଅତି ଚମତ୍କାର ଭାବେ ଶିଳ୍ପୀମାନେ ପରିବେଷଣ କରିଥିଲେ। ଦଶ ମହାବିଦ୍ୟା ନୃତ୍ୟରେ ନୃତ୍ୟ ସଂଯୋଜନା ଗୁରୁ ଦୁର୍ଗାଚରଣ ରଣବୀର କରିଥିବା ବେଳେ ଗୁରୁ ସ୍ୱୟଂପ୍ରଜ୍ଞା ସାହୁ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। କାର୍ଯ୍ୟକ୍ରମକୁ ମଧୁସ୍ମିତା ମହାନ୍ତି ସଂଯୋଜନା ଏବଂ ଗୁରୁ ରମେଶ ଚନ୍ଦ୍ର ଜେନା ଆଲୋକ ସମ୍ପାଦନା କରିଥିଲେ।



ଶଚିକାନ୍ତ ପ୍ରଧାନ ଓ ସ୍ୱାଗତିକା ପ୍ରଧାନ ଶିବ ପଞ୍ଚକ ପରିବେଷଣ କରୁଛନ୍ତି। (ଫଟୋ-ମୌସମ୍)

# ୧ରୁ ପଛୁଆ ବର୍ଗ ସର୍ଭେ ଫର୍ମ ଯାଞ୍ଚ

**୬ ଏସଏମ୍‌ଟିଏଏସ୍‌ଙ୍କୁ ନିଯୁକ୍ତ କଲା ବିଏମ୍‌ସି**

ଭୁବନେଶ୍ୱର,୨୭।୬(ବନ୍ଦନା ସେଠୀ)

ରାଜ୍ୟରେ ପଛୁଆବର୍ଗ ଲୋକଙ୍କ ସର୍ବେକ୍ଷଣ କାର୍ଯ୍ୟକ୍ରମ ସମାପ୍ତ ହୋଇଛି। ଏହି କ୍ରମରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ବସବାସ କରୁଥିବା ପଛୁଆ ବର୍ଗ ଲୋକଙ୍କର ସାମାଜିକ ଓ ଶୈକ୍ଷିକ ସ୍ଥିତି ସମ୍ପର୍କରେ ଅବଗତ ହେବା ପାଇଁ ବିଏମ୍‌ସି ପକ୍ଷରୁ ସର୍ଭେ କରାଯାଇଥିଲା। ଏବେ ସର୍ଭେ ଫର୍ମ ବା ଆଇସିଆର୍ (ଇଣ୍ଟେଲିଜେଣ୍ଟ କ୍ୟାରେକ୍ଟର ରିଡିମ୍) ଫର୍ମଗୁଡ଼ିକୁ ଯାଞ୍ଚ କରାଯିବ। ଜୁଲାଇ ୧ରୁ ଏହି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ବିଏମ୍‌ସି ପକ୍ଷରୁ ପ୍ରତି ଜୋନ୍‌ରେ ୨ଜଣ ଲେଖାଏ ଏନ୍ୟୁମରେଟର ବା ଷ୍ଟେଟ୍ ଲେବଲ ମାଷ୍ଟର ଟ୍ରେନର୍ସ (ଏସ୍‌ଏମ୍‌ଟିଏଏସ୍)ଙ୍କୁ ନିଯୁକ୍ତ କରାଯାଇଛି। ଦକ୍ଷିଣ ପୂର୍ବ ଜୋନ୍‌ରେ ତୁଳସୀ ବଢ଼େଇ ଓ ଇତିଶ୍ରୀ ପ୍ରଧାନ, ଉତ୍ତର ଜୋନ୍‌ରେ ମଧୁସ୍ମିତା କହଁର ଓ ମୋନିକା ପ୍ରିୟଦର୍ଶିନୀ ଏବଂ ଦକ୍ଷିଣ ପଶ୍ଚିମ ଜୋନ୍‌ରେ ପି. ତପସ୍ୱିନୀ ରେଡ୍ଡୀ ଓ ସୁପ୍ରିୟା ଦେହୁରିଙ୍କୁ ଏସ୍‌ଏମ୍‌ଟିଏଏସ୍ ଭାବେ ନିଯୁକ୍ତ କରାଯାଇଛି। କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତି ଜୋନ୍‌କୁ ୨ଟି ଲେଖାଏ କମ୍ପ୍ୟୁଟର ପ୍ରଦାନ କରାଯିବ। ଏସ୍‌ଏମ୍‌ଟିଏଏସ୍‌ମାନେ ସେମାନଙ୍କ ଜୋନ୍ ଅଫିସ୍‌ରେ ବସି ଏହି କାର୍ଯ୍ୟ ସମ୍ପନ୍ନ କରିବେ। ଏଥିସହ କୌଣସି ପ୍ରକାର ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ସ୍ଥାନୀୟ ପୋଲିସ ସହିତ ଯୋଗାଯୋଗ କରି ଆବଶ୍ୟକ ସଂଖ୍ୟକ ପୋଲିସ ନିଯୁକ୍ତ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ନିର୍ଦ୍ଧାରିତ ସମୟ ମଧ୍ୟରେ ଯାଞ୍ଚ ପ୍ରକ୍ରିୟା ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# 'ଆମ୍‌ସାର୍ ଆକ୍ଟ ଅଣଦେଖା ନ ହେଉ'

ପୁରୁଣା ଭୁବନେଶ୍ୱର,୨୭।୬
(ସୁବାସ ଚନ୍ଦ୍ର ପ୍ରଧାନ):

ଏକାମ୍ର କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପ ସହ ଉନ୍ନୟନ କାର୍ଯ୍ୟ ଜାରି ରହିଛି। ତେବେ ଏହି କ୍ଷେତ୍ରରେ ୨୦୧୭ ଆମ୍‌ସାର ଆକ୍ଟ ସଂଶୋଧନକୁ ଅଣଦେଖା ହେଉଥିବା ନେଇ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆମ୍‌ସାର ସଂଶୋଧନ ଅନୁଯାୟୀ ଯେକୌଣସି ଐତିହ୍ୟ କ୍ଷେତ୍ରରେ ୧୦୦ ମିଟର ପରିଧି ମଧ୍ୟରେ ୧ଫୁଟରୁ ଅଧିକ ଖନନ କାର୍ଯ୍ୟ କରାଯାଇପାରିବ ନାହିଁ। ଏହା ମଧ୍ୟରେ ନିର୍ମାଣ ସମ୍ପୂର୍ଣ୍ଣ ବେଆଇନ। ହେଲେ ୧୦୦ରୁ ୨୦୦ ମିଟର ରେଗୁଲେଟେଡ ଏରିଆ ମଧ୍ୟରେ ଏଏସ୍‌ଆଇ ଓ ଏନ୍‌ଏମ୍‌ଏ କର୍ତ୍ତୃପକ୍ଷଙ୍କ ଅନୁମତି ପରେ ଆବଶ୍ୟକସ୍ଥଳେ ନିର୍ମାଣ କାର୍ଯ୍ୟ ହେବା ନେଇ ସର୍କୁଲାର ରହିଛି। ମାତ୍ର ସେହି ପ୍ରକଳ୍ପ ଏବଂ ବ୍ୟୟବରାଦ କେନ୍ଦ୍ରୀୟ ଯୋଜନାର ପାଣ୍ଠି ହେବା ଆବଶ୍ୟକ। ଏକାମ୍ର କ୍ଷେତ୍ରର ବିକାଶ ଯୋଜନାରେ ନିର୍ମାଣ ଓ ଖନନ କାର୍ଯ୍ୟ ଐତିହ୍ୟସ୍ଥଳୀର ୧୦୦ମିଟର ପରିଧି ମଧ୍ୟରେ ହେଉଥିବା ଜଣାପଡ଼ିଛି। ଅନନ୍ତ ବାସୁଦେବ ମନ୍ଦିର ନିକଟ ଓ ଚକ୍ର ମହାଦେବ ମନ୍ଦିର ପରିସରରେ ବହୁ ଅବୈଧ ନିର୍ମାଣ ଗଢିଉଠିଛି। ଏଠାରେ ରୋଷଘର ନିର୍ମାଣ ନେଇ ସବୁଜ ସଙ୍କେତ ମିଳିଛି। ଯେଉଁ ଯୋଜନା ଆମସାର ଆକ୍ଟକୁ ଉଲ୍ଲଂଘନ କରୁଥିବା ନେଇ ପୂଜାପଣ୍ଡା ନିଯୋଗ ପକ୍ଷରୁ ଦାବି ହୋଇଆସୁଛି। ଗଙ୍ଗା ଯମୁନା ପୁଷ୍କରିଣୀରୁ ଜଳ ନିଷ୍କାସନ ପଥରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। କେଦାରଗୌରୀ ମନ୍ଦିର ନିକଟରେ ଅବୈଧ ନିର୍ମାଣ ଗଢିଉଠିଛି। କଲ୍ୟାଣ ମଣ୍ଡପ, ଦୋକାନ ବଜାର ଗଢିଉଠିବାରୁ ଧାର୍ମିକ ପରିବେଶ ନଷ୍ଟ ହେଉଥିବା ସ୍ଥାନୀୟ ବୁଦ୍ଧିଜୀବୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଏ ସମ୍ପର୍କରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅଶୋକ କର କହିଛନ୍ତି, ଐତିହ୍ୟ କ୍ଷେତ୍ରରେ ଆମ୍‌ସାର ଆକ୍ଟ ଉଲ୍ଲଂଘନ ପାଇଁ ଦଣ୍ଡବିଧାନ ରହିଛି। ବେଆଇନ ଖନନ କିମ୍ବା ନିର୍ମାଣ ନେଇ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ପୂଜାପଣ୍ଡା ନିଯୋଗ ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି, ଐତିହ୍ୟସ୍ଥଳରେ ପୂର୍ବରୁ ନ ଥିବା ଯୋଜନାକୁ ସମ୍ପ୍ରତି ନୂଆ ଯୋଜନାରେ ସାମିଲ କରିବା ଦ୍ୱାରା ଆମ୍‌ସାର ଆକ୍ଟ ଉଲ୍ଲଂଘନ ହେଉଛି।

# ନନ୍ଦନକାନନ ହାତକୁ ଆସିଲା ପାର୍କିଂ ବ୍ୟବସ୍ଥା

- କର୍ତ୍ତୃପକ୍ଷ ଗୁରୁତ୍ୱ ନ ଦେବାରୁ ଠିକାଦାର ଛାଡ଼ିଲେ
- ପୁଣି ଟେଣ୍ଡର ପାଇଁ ଉଦ୍ୟମ

ବାରଙ୍ଗ,୨୭।୬(ଲିଙ୍ଗରାଜ ରାଉତ)

ଘରୋଇକରଣରେ ଦିଆଯାଇଥିବା ବହୁତଳ ପାର୍କିଂ ବ୍ୟବସ୍ଥା ପୁଣିଥରେ ନନ୍ଦନକାନନ ହାତକୁ ଫେରିଆସିଛି। ବ୍ୟବସାୟିକ କ୍ଷତି ସହ ନନ୍ଦନକାନନ ପକ୍ଷରୁ ଅସହଯୋଗ କରାଯାଇଥିବାର ଦର୍ଶାଇଥିବା ଠିକାଦାର ପାର୍କିଂ ପ୍ରତି ମୁହଁ ଫେରାଇନେଇଛନ୍ତି। ଫଳରେ ନନ୍ଦନକାନନ ନିଜ ଦାୟିତ୍ୱରେ ମଙ୍ଗଳବାରଠାରୁ ପାର୍କିଂ ଚଳାଇବା ଆରମ୍ଭ କରିଛି। ତେବେ ପରିଚାଳନାଗତ ତ୍ରୁଟି ଏହାର ମୁଖ୍ୟକାରଣ ବୋଲି ଚର୍ଚ୍ଚା ଜୋର ଧରିଛି । ପ୍ରକାଶ ଯେ, ଗ୍ଲୋବାଲ କନଷ୍ଟ୍ରକଶନ ପ୍ରାଇଭେଟ ଲିମିଟେଡ ନାମକ କମ୍ପାନୀ ଟେଣ୍ଡର ମାଧ୍ୟମରେ ନନ୍ଦନକାନନର ବହୁତଳ ପାର୍କିଂ ବ୍ୟବସ୍ଥାକୁ ଚଳାଇବା ପାଇଁ ନେଇଥିଲେ। ବାର୍ଷିକ ୧କୋଟି ୨୦ଲକ୍ଷ ଟଙ୍କା ପ୍ରଦାନ କରିବା ନିମନ୍ତେ ନନ୍ଦନକାନନ ସହ ଚୁକ୍ତି କରି ୩ବର୍ଷ ପର୍ଯ୍ୟନ୍ତ ଚଳାଇବା ପାଇଁ ନେଇଥିଲେ। ଏହାକୁ ୨୭ମେ ୨୦୨୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ନେଇଥିବା ଠିକାଦାର ବ୍ୟବସାୟିକ କ୍ଷତି ଓ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଅସହଯୋଗ ଦର୍ଶାଇ ଛାଡିଦେଇଛନ୍ତି। ଫଳରେ ନନ୍ଦନକାନନ କର୍ତ୍ତୃପକ୍ଷ ମଙ୍ଗଳବାରଠାରୁ ଏହାକୁ ନିଜେ ଚଳାଇଛି। ନନ୍ଦନକାନନ ପକ୍ଷରୁ ନୂଆକରି କରାଯାଇଥିବା ପ୍ରସ୍ଥାନ ଗେଟ ନ ଖୋଲିବା, ପାର୍କିଂ ସ୍ଥାନରେ ଗାଡି ନ ରହି ରାସ୍ତାପାର୍ଶ୍ୱରେ ରହିବା, ନନ୍ଦନକାନନର ଦଖଲରେ ଥିବା ୫ନଂ. ପ୍ଲଟରେ ଜଣେ ହୋଟେଲ ମାଲିକ ପାର୍କିଂ କରି ପଇସା ଆଦାୟ କରିବା ଭଳି ଠିକାଦାର ପକ୍ଷରୁ ପର୍ଯ୍ୟାୟକ୍ରମେ କରାଯାଇଥିବା ଅଭିଯୋଗ ଉପରେ ନନ୍ଦନକାନନ କର୍ତ୍ତୃପକ୍ଷ ଗୁରୁତ୍ୱ ନ ଦେବାରୁ ବ୍ୟବସାୟିକ କ୍ଷତି ହୋଇଥିଲା ବୋଲି ଠିକାଦାର ଜଣଙ୍କ ଲିଖିତ ଭାବେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପାଖରେ ଅଭିଯୋଗ କରିଥିଲେ। ଏବେ ବି ସୁଦ୍ଧା ଠିକାଦାର ପାର୍କିଂ ବାବଦକୁ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନନ୍ଦନକାନନକୁ ପୈଠ କରିବାକୁ ଥିବାର ଜଣାପଡ଼ିଛି। ଅନ୍ୟପଟେ ଏହାକୁ ପୁନଃ ଟେଣ୍ଡର କରିବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଉଦ୍ୟମ ଆରମ୍ଭ କରିଛି।

# ରାସ୍ତା ଖାଲଖମା, ଅତିଷ୍ଠ ହେଲେଣି ରାଜଧାନୀବାସୀ



ଭୁବନେଶ୍ୱର,୨୭।୬(ଅଭିଜିତ ଦାସ):

ରାଜଧାନୀର ବିଭିନ୍ନ ରାସ୍ତାଗୁଡିକ ଏବେ ଖାଲଖାମାରେ ଭର୍ତ୍ତି। ଅନେକ ସ୍ଥାନରେ ଅଣ୍ଡରଗ୍ରାଉଣ୍ଡ କେବୁଲିଂ କାମ ସହ ବିଏମ୍‌ସି, ବିଡିଏ ଓ ପୂର୍ତ୍ତ ବିଭାଗର ପକ୍ଷରୁ ଡ୍ରେନ୍ କାର୍ଯ୍ୟ ଚାଲୁଥିବାରୁ ଏବେ ରାସ୍ତାଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅପରପକ୍ଷରେ ବର୍ଷା ଯୋଗୁ ରାସ୍ତାରେ ପାଣି ଜମି ଲୋକମାନେ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ବିଶେଷକରି ପଳାଶୁଣୀଠାରୁ ଝାରପଡ଼ା ପର୍ଯ୍ୟନ୍ତ ସଂଯୋଗ କରୁଥିବା କେନାଲ ରାସ୍ତାରେ ଯିବା ଆସିବା କଷ୍ଟକର ହୋଇପଡୁଛି। ଷ୍ଟ୍ରିଟ୍‌ଲାଇଟ ଥିଲେ ମଧ ଗଛ ଅଢୁଆଳରେ ଲୁଚିଯାଉଛି। ସ୍ୱେରେଜ ବିଭାଗର କାମ ବର୍ଷ ବର୍ଷ ଧରି ଚାଲୁଥିବା ବେଳେ ବର୍ତ୍ତମାନ ମୌସୁମୀ ଯୋଗୁଁ ରାସ୍ତାରେ ପାଣି ଜମି ରହୁଛି। ଖାଲଖମାରେ ଜମିରହିଥିବା ପାଣିରେ ଜଣାପଡୁନାହିଁ ରାସ୍ତା ଓ ଡ୍ରେନ୍। ସ୍ଥାନୀୟଲୋକ ବାରମ୍ବାର ଅଭିଯୋଗ କରୁଥିଲେ ମଧ ସ୍ଥିତି ବଦଳିବା ପରିବର୍ତ୍ତେ ବଢିଚାଲିଛି। ସେହିପରି ସମାନ ପରିସ୍ଥିତି ରାମ ମନ୍ଦିର ପଛପଟ ରାସ୍ତା। ପ୍ରତି ବର୍ଷ କୋଟି କୋଟି ଟଙ୍କା ରାସ୍ତା ନିର୍ମାଣ ଲାଗି ଖର୍ଚ୍ଚ କରାଯାଉଥିଲେ ହେଁ ରାସ୍ତାର ଅବସ୍ଥା ସୁଧୁରିବାରେ ନାଁ ଧରୁନାହିଁ। କହିବାକୁ ଗଲେ ରାସ୍ତାର ଏଭଳି ଅବସ୍ଥାରେ ରାଜଧାନୀବାସୀ ଏକ ପ୍ରକାର ଅତିଷ୍ଠ ହୋଇପଡ଼ିଲେଣି ବୋଲି ଲୋକମାନେ ମତ ପ୍ରକାଶ କରିଛନ୍ତି।

**ଏମାନଙ୍କ ମତରେ....**

**ଡ୍ରେନ୍ ରାସ୍ତା କିଛି ଜଣାପଡୁନି**

ବର୍ଷବର୍ଷ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଖୋଳାଖୋଳି କରିବା ଦ୍ୱାରା ଯିବା ଆସିବାରେ ଅସୁବିଧା ହେଉଛି। ଅପରପକ୍ଷରେ ବର୍ତ୍ତମାନ କିଛି ଦିନଧରି ବର୍ଷା ଫଳରେ ଖୋଳା ହୋଇଥିବା ରାସ୍ତାରେ ପାଣି ଜମି ରହିଥିବାରୁ ଡ୍ରେନ୍ ଓ ରାସ୍ତା କିଛି ଜଣାପଡୁନାହିଁ। ବର୍ଷା ଦିନରେ ଘରୁ ବାହାରିବା ଏକ ପ୍ରକାର କଷ୍ଟକର ହୋଇପଡୁଛି। ଏପରି କି ଖୋଳାହୋଇଥିବା ନାଳରେ ମାଟି ଠିକ୍ ଭାବେ ପକାଯାଇ ନ ଥିବାରୁ ଗାଡ଼ି ମୋଟର ଚଳାଇବା କଷ୍ଟକର ହୋଇପଡୁଛି। ବର୍ଷାଦିନ ପୂର୍ବରୁ କାମ ନ ସାରିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ଜୀବନ ରଞ୍ଜନ ବେହେରା କହିଛନ୍ତି।

**ଅନ୍ଧାରରେ ରହୁଛି କେନାଲ ବନ୍ଧ ରାସ୍ତା**

ଦୀର୍ଘ ଦିନ ଧରି ପଳାଶୁଣୀ-ବରଗଡ଼ କେନାଲ ବନ୍ଧ ରାସ୍ତା ଅନ୍ଧକାରରେ ରହୁଛି। ଷ୍ଟ୍ରିଟ୍ ଲାଇଟ ଥିଲେ ମଧ ଅଧିକାଂଶ ସ୍ଥାନରେ ଗଛଡାଳ ମଧ୍ୟରେ ଲୁଚି ଯାଉଥିବାରୁ ସମ୍ପୂର୍ଣ୍ଣ ରାସ୍ତାରେ ରାତିରେ ଯିବା ଆସିବା ସମ୍ଭବପର ହେଉ ନାହିଁ। ବିଶେଷକରି ରାସ୍ତାର ସବୁଆଡ଼େ ଖୋଳା ଯାଇଥିବାରୁ ବର୍ଷା ପରେ ଖାଲଖମା କିଛି ଜଣାପଡୁ ନାହିଁ। ସ୍ଥାନୀୟ କର୍ପୋରେଟରଙ୍କୁ ଜଣାଇଥିଲେ ମଧ ଖାଲି ପ୍ରହସନ କଥା କହୁଛନ୍ତି ବୋଲି ସ୍ଥାନୀୟ ଦୋକାନୀ ବିଶ୍ୱଜିତ୍ ମିଶ୍ର କହିଛନ୍ତି।

**ସମନ୍ୱୟ ଅଭାବରୁ କାମ ସରିପାରୁନାହିଁ**

ନାମ ଗୋପନ ରଖି ପୂର୍ତ୍ତ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ରାଜଧାନୀ ଭୁବନେଶ୍ୱର ୩୬୦ କିଲୋମିଟର ରାସ୍ତାର ଡ୍ରେନ୍ ପୂର୍ତ୍ତ ବିଭାଗ ଅଧୀନରେ ଆସୁଛି। ମୌସୁମୀ ଆସିବାର ପୂର୍ବରୁ ଉଭୟ ବିଏମ୍‌ସି ଓ ବିଡିଏକୁ ମଧ ଅବଗତ କରାଯାଇଥିଲା। ଏହା ସହିତ ଅଣ୍ଡରଗ୍ରାଉଣ୍ଡ କେବୁଲିଂର କମ୍ପାନୀଗୁଡ଼ିକୁ ତ୍ୱରିତ ଭାବେ ରାସ୍ତାର ପୁନରୁଦ୍ଧାର କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ବିଭାଗ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ କାମ ଠିକ୍ ସମୟରେ ସରିପାରୁ ନାହିଁ।

## ଛୁରାମାଡ଼ରେ ପୁତୁରା ଗୁରୁତର, ୨ ଅଟକ

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାକୃଷ୍ଣପୁର (ଅଡାଳ) ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ମଧ୍ୟାହ୍ନରେ ଦାଦାର ଛୁରା ମାଡ଼ରେ ପୁତୁରା ଗୁରୁତର ହୋଇଛନ୍ତି। ଆହତ ପୁତୁରା ହେଲେ ଅର୍ଜୁନ ସ୍ୱାଇଁ। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଖୁଣ୍ଟୁଣୀ ପୋଲିସ ଅର୍ଜୁନଙ୍କ ଦୁଇ ଦାଦାଙ୍କୁ ଥାନାରେ ଅଟକ ରଖିଛି। ପୋଲିସ ସୂତ୍ରରୁ ପ୍ରକାଶ, ଜନ୍ମେଶ୍ୱର ଓ ତାଙ୍କ ସାନଭାଇଙ୍କ ମଧ୍ୟରେ ଦୀର୍ଘଦିନ ଧରି ଜମିବାଡ଼ିକୁ ନେଇ ଶତ୍ରୁତା ଲାଗି ରହିଥିଲା। ମଙ୍ଗଳବାର ଜନ୍ମେଶ୍ୱର ନିଜ ପରିବାର ସହ ବାହୁଡ଼ା ଯାତ୍ରା ଦେଖିବା ପାଇଁ ପୁରୀ ଯାଇଥିଲେ। ଏହାର ସୁଯୋଗ ନେଇ ଜନ୍ମେଶ୍ୱରଙ୍କ ସାନପୁଅ ଅର୍ଜୁନଙ୍କୁ ତାଙ୍କର ଦୁଇ ଦାଦା ଓ ଦାଦା ପୁଅ ଭାଇ ମିଶି ସଂଘବଦ୍ଧ ଭାବେ ଛୁରିରେ ଆକ୍ରମଣ କରିଥିଲେ।

### ସଂକ୍ଷେପରେ

## ମୋ ବସ୍‌ରୁ ଚୋରି, ୪ ଅଭିଯୁକ୍ତ ଗିରଫ

କଟକ,୨୭।୬ (କାର୍ତ୍ତିକ ସାହୁ): ମୋ ବସ୍‌ରୁ ଚୋରି କରିବା ଅଭିଯୋଗରେ ବାଦାମବାଡ଼ି ପୋଲିସ ୪ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦରଘାବଜାର ଥାନା ଅଧୀନ କେଶରପୁରର ହଲିମ ଖାନ୍, ଦଶପଲ୍ଲା ଥାନା ସୁବଳିଆ ଗ୍ରାମର ଜିତୁ ମିଶ୍ର, ବିଞ୍ଝାରପୁର ଥାନା ଅନ୍ତର୍ଗତ କଡ଼ିମହଲା ଗ୍ରାମର ସେକ୍ ରିଆଜୁଦ୍ଦିନ ଓ ବାଙ୍କିପାଳର ସେକ୍ ନିଜାମୁଦ୍ଦିନ। ସେମାନଙ୍କଠାରୁ ଗୋଟିଏ ପର୍ସ ଓ ୪ଟି ମୋବାଇଲ୍ ଫୋନ୍ ଜବତ ହୋଇଛି। ଅଭିଯୋଗ ଅନୁଯାୟୀ, ଚାରବାଟିଆ ଜଗନ୍ନାଥପଡ଼ାର ବିଜନ ବାସିନୀ ଦାସ(୬୨) ଗତ ୨୩ ତାରିଖ ଅପରାହ୍ଣରେ ମୋ ବସ୍‌ରେ ଚୌଦ୍ୱାରରୁ ବାଦାମବାଡ଼ି ଆସୁଥିଲେ। ସେଠାରୁ ସେ ଆଉ ଏକ ମୋ ବସ୍‌ରେ ଖପୁରିଆ ଛକ ଯାଇଥିଲେ। ସେଠାରେ କଣ୍ଡକ୍ଟରଙ୍କୁ ଟଙ୍କା ଦେବାକୁ ଖୋଜିଲା ବେଳକୁ ତାଙ୍କର ୨ଟିଯାକ ପର୍ସ ମିଳିଲା ନାହିଁ। ସେ ଗୋଟିକରେ ୩୦ ହଜାର ଓ ଅନ୍ୟଟିରେ ୭୭୦ ଟଙ୍କା ସମେତ ଅନ୍ୟାନ୍ୟ କାଗଜପତ୍ର ରଖିଥିଲେ। ଏନେଇ ସେ ବାଦାମବାଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

## ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କ ଦାୟିତ୍ୱ ଗ୍ରହଣ

କଟକ,୨୭।୬ (କାର୍ତ୍ତିକ ସାହୁ): ଡ୍ରିମ୍ସ



ଶିକ୍ଷାନୁଷ୍ଠାନ ସମୂହର ନିର୍ଦ୍ଦେଶିକା ଭାବେ ଚିନ୍ମୟୀ ରଥ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ ଶିକ୍ଷାନୁଷ୍ଠାନ ପରିସରସ୍ଥ ଦୁଇ ବରପୁତ୍ର ଉତ୍କଳଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରଶାସନିକ ଭବନଠାରେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ସେ ବିଭିନ୍ନ ଉଇଙ୍ଗକୁ ଯାଇ ଅଧକ୍ଷ, ଅଧାପିକା, ଅଧାପକ ଓ କର୍ମଚାରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଥିଲେ। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଫେସର ସୁଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବଜରଙ୍ଗ ଦଳ ପକ୍ଷରୁ କମିଶନରଙ୍କୁ ଦାବିପତ୍ର

କଟକ,୨୭।୬(ସୁପ୍ରିୟା ପ୍ରିୟଦର୍ଶିନୀ): ବିଭିନ୍ନ ଦାବି ପୂରଣ ପାଇଁ ବଜରଙ୍ଗ ଦଳ ପକ୍ଷରୁ କଟକ ମହାନଗର ନିଗମ(ସିଏମ୍‌ସି) କମିଶନରଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉଦ୍ଦେଶ୍ୟମୂଳକ ଭାବେ ଗୋରୁଗୁଡ଼ିକୁ ରାସ୍ତା ଉପରେ ଛଡାଯାଉଛି। କେତେକ ନିର୍ଦ୍ଦିଷ୍ଟ ହୋଟେଲରେ ଗୋମାଂସ ବିକ୍ରି କରାଯାଉଥିଲେ ମଧ ଯାଞ୍ଚ କରାଯାଉନାହିଁ। ତୁରନ୍ତ ଏଦିଗରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି ହୋଇଛି। ନଚେତ୍ ବଜରଙ୍ଗ ଦଳ ତରଫରୁ ଏକ ବିଶାଳ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବଜରଙ୍ଗ ଦଳର କଟକ ମହାନଗର ସଂଯୋଜକ ଅସିତ କୁମାର ସ୍ୱାଇଁ, ସହ ସଂଯୋଜକ ବିକାଶ ନାୟକ, ଆନନ୍ଦ ପାଣିଗ୍ରାହୀ, ଗୌରବ ପାତ୍ର, ସଞ୍ଜୟ ସିଂ ଓ ପୂର୍ବତନ ସଂଯୋଜକ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଠିକା ସଂସ୍ଥାକୁ ନେଇ ହଟ୍ଟଗୋଳ

### ସିଏମ୍‌ସି କାଉନ୍‌ସିଲ ବୈଠକ

- ମେୟରଙ୍କୁ ଘେରିଲେ ବିରୋଧୀ କର୍ପୋରେଟର
- ବିରୋଧ ପରେ ସ୍ଥଗିତ ରହିଲା ଟେଣ୍ଡର

କଟକ,୨୭।୬(ସୁପ୍ରିୟା ପ୍ରିୟଦର୍ଶିନୀ)



ବୈଠକରେ ମେୟର ଓ କର୍ପୋରେଟରମାନଙ୍କ ମଧ୍ୟରେ କଥା କଟାକଟି।

କଟକ ମହାନଗର ନିଗମ(ସିଏମ୍‌ସି)ର ୧୪ତମ କାଉନସିଲ ବୈଠକ ସ୍ଥାନୀୟ ବିଜୁଭବନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏକ ସଂସ୍ଥାକୁ ଟେଣ୍ଡର ଦେବାକୁ ନେଇ ଭାଜପା ଓ କଂଗ୍ରେସ କର୍ପୋରେଟର ହଟ୍ଟଗୋଳ କରିଥିଲେ। ଏଥିସହ ବାଲିଯାତ୍ରା ଓ ଜଳଛତ୍ର ନେଇ ବୈଠକରେ ହୋହାଲ୍ଲା ହୋଇଥିଲା। ଏପରି କି ମେୟର ଓ ବିରୋଧୀ କର୍ପୋରେଟରଙ୍କ ମଧ୍ୟରେ କଥା କଟାକଟି ହେବାରୁ ବୈଠକ କିଛି ସମୟ ପାଇଁ ସ୍ଥଗିତ ରହିଥିଲା।

ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡେପୁଟି କମିଶନର ଅଜୟ ମହାନ୍ତି ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। କିଛି ସମୟ ବୈଠକ ଚାଲିବା ପରେ ଭାଜପା କର୍ପୋରେଟରମାନେ ଏକ ସଂସ୍ଥାକୁ ଦିଆଯାଇଥିବା ଟେଣ୍ଡର ବାତିଲ କରିବା ସହ ଏହାର ତଦନ୍ତ ଦାବି କରିଥିଲେ। ଭାଜପା କର୍ପୋରେଟରଙ୍କ ସହ କଂଗ୍ରେସ କର୍ପୋରେଟର ମିଶି ଗୃହରେ ତମ୍ବିତୋଫାନ କରିଥିଲେ। ବିରୋଧୀଙ୍କ କହିବାନୁଯାୟୀ, କାମ ପାଇଁ ଉକ୍ତ ସଂସ୍ଥାକୁ କେଉଁ ଆଧାରରେ ଟେଣ୍ଡର ଦିଆଯାଇଛି। ସ୍ୱାମୀ ସିଏମ୍‌ସିରେ ଚାକିରି କରିଥିବାବେଳେ ସ୍ତ୍ରୀ ନାମରେ ସଂସ୍ଥାକରି କାମ କରାଯାଉଛି ବୋଲି ବିରୋଧୀ କହିଥିଲେ। ଏହି ସଂସ୍ଥାର ଟେଣ୍ଡର ବାତିଲ କରାଯାଉ ବୋଲି ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏଥିରେ ଶାସକ ଦଳର କେତେଜଣ କର୍ପୋରେଟର ସ୍ୱର ମିଳାଇଥିଲେ। ସେହିପରି ବାଲିଯାତ୍ରା ଅଡିଟ୍ ରିପୋର୍ଟ, ଜଳଛତ୍ର, ପଙ୍କୋଦ୍ଧାର ନେଇ ମଧ ବିରୋଧୀ କର୍ପୋରେଟ ମେୟରଙ୍କୁ ଘେରିଥିଲେ। ଏଥିରେ ମେୟର ଉତ୍‌କ୍ଷିପ୍ତ ଗୃହ ତ୍ୟାଗ କରିଥିଲେ। କିଛି ସମୟ ପାଇଁ ବୈଠକ ସ୍ଥଗିତ ରହିଥିଲା। କିଛି ସମୟପରେ ମେୟର କମିଶନର ନିଖିଲ ପଓ୍ୱନ କଲ୍ୟାଣ ଆସି ବୈଠକ କରିଥିଲେ। ମେୟର ଟେଣ୍ଡର ପାସ୍ ନ କରିବାକୁ ନିଷ୍ପତ୍ତି ନେଇଥିଲେ। ଉକ୍ତ ସଂସ୍ଥା ସଂକ୍ରାନ୍ତରେ ବିଧିବଦ୍ଧ ଭାବେ ଅନୁଧ୍ୟାନ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର ହୋଇଥିଲା। ଏନେଇ ମେୟର ସିଂ କହିଛନ୍ତି, ଗୃହରେ ଆନ୍ଦୋଳନ କରିବା ପାଇଁ ସମସ୍ତଙ୍କର ଅଧିକାର ରହିଛି। ଯଦି ସିଏମ୍‌ସିର ଭୁଲ୍ ରହିଛି, ତାହାକୁ ସମୀକ୍ଷା କରିବାକୁ ସମୟ ଦେବା ଦରକାର। ଯଦି ଏତେ ତରବର ଭାବରେ ଏଭଳି ଗୃହକୁ ବନ୍ଦ ରଖୁଛନ୍ତି, ତାହାହେଲେ ଆଇନର ଆଶ୍ରୟ ମଧ ନେଇପାରିବେ ବୋଲି ସେ କହିଛନ୍ତି। ମୁଲତବୀ ପରେ ପୁଣି ସ୍ୱାଭାବିକ ଭାବରେ ବୈଠକ ହୋଇଥିଲା। ଏଥିରେ ସବୁ ୱାର୍ଡର ସମସ୍ୟା ସମ୍ପର୍କରେ କର୍ପୋରେଟରମାନେ ମତ ଉପସ୍ଥାପନ କରିଥିଲେ। ବିଶେଷକରି ବିଭିନ୍ନ ୱାର୍ଡରେ ଅଙ୍ଗନୱାଡି ନିର୍ମାଣ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସେବା, ପରିମଳ, ନାଳ ସଫା, ସହରକୁ ଜଳବନ୍ଦୀ ମୁକ୍ତ କରିବା ପାଇଁ ବିଭିନ୍ନ ବିଭାଗ ସହ ଆଲୋଚନା ହୋଇଥିଲା।

### ଜୁଲାଇ ୧ରୁ ବଣ୍ଟନ ହେବ ଚାରା

ବନ ମହୋତ୍ସବ ପାଇଁ ସିଏମ୍‌ସି ପକ୍ଷରୁ ବନ ବିଭାଗ ସହ ମିଶି ଯୋଜନା ପ୍ରସ୍ତୁତ କରାଯାଇଛି। ଆସନ୍ତା ଜୁଲାଇ ୧ରୁ ପ୍ରତ୍ୟେକ ଘରେ ମାଗଣାରେ ୪/୫ଟି ଚାରା ବଣ୍ଟନ କରାଯିବ। ଆଧାର କାର୍ଡ ଦେଖାଇ ଲୋକମାନେ ଚାରା ନେଇପାରିବେ। ଏଥିପାଇଁ ୧୦ରୁ ୧୫ ଲକ୍ଷ ଚାରା ପାଇଁ ସିଏମ୍‌ସି ପକ୍ଷରୁ ବନ ବିଭାଗକୁ କୁହାଯାଇଛି। ସେହିପରି ପ୍ରତି ୱାର୍ଡର ଫାଙ୍କା ସ୍ଥାନରେ ଚାରା ରୋପଣ କରାଯିବ ବୋଲି କମିଶନର ସୂଚନା ଦେଇଛନ୍ତି।

### ଏନ୍‌ଆଇଟି ସହ ସ୍ୱାକ୍ଷରିତ ହେବ ଚୁକ୍ତି

ବିଭିନ୍ନ କାମର ଅଟକଳଠାରୁ ଆରମ୍ଭ କରି କାମ ଶେଷ ହେବା ପର୍ଯ୍ୟନ୍ତ ସବୁ କିଛି ଯାଞ୍ଚ କରାଯିବ। ଏପରି କି ସିଏମ୍‌ସିର କ୍ୱାଲିଟି ଅଡିଟ୍, ସିଭ୍ୟୁଲ୍ ମନିଟରିଂ, ଷ୍ଟ୍ରକଚରାଲ୍ ଷ୍ଟାବିଲିଟି ପରି କାର୍ଯ୍ୟର ତଦାରଖ କରାଯିବ। ଏଥିପାଇଁ ସିଏମ୍‌ସି ରାଉରକେଲାର ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏନ୍‌ଆଇଟି) ସହ ଏକ ଚୁକ୍ତିନାମା ସ୍ୱାକ୍ଷର କରିବ ବୋଲି ମେୟର ଘୋଷଣା କରିଛନ୍ତି। ସେ କହିଛନ୍ତି, ସିଏମ୍‌ସି ବିଭିନ୍ନ କାମର ମାନ ବୃଦ୍ଧି ପାଇଁ ଏନ୍‌ଆଇଟି ବୈଷୟିକ ପରାମର୍ଶ ଦେବ। ଏଥିସହ ମନିଟରିଂ ସେଣ୍ଟର୍ ଖୋଲିବାକୁ ଏନ୍‌ଆଇଟିକୁ ପ୍ରସ୍ତାବ ଦିଆଯାଇଛି। ୫୯ଟି ୱାର୍ଡରେ ବିଭିନ୍ନ ଏଜେନ୍ସି ବା ଠିକାଦାରଙ୍କ ଦ୍ୱାରା କରାଯାଉଥିବା ରାସ୍ତା, ଗୃହ, ଜଳଯୋଗାଣ, ଆଲୋକୀକରଣ, ବର୍ଷା ଓ ବର୍ଜ୍ୟଜଳ ନିଷ୍କାସନ ପରି ବିଭିନ୍ନ କାମକୁ ଦେଖିବ। ଏହାସହ ଏନ୍‌ଆଇଟି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକ ଯେଭଳି ଶେଷ ହେବ, ତାହା ଉପରେ ଗୁରୁତ୍ୱ ଦେବ।

### ମୌସୁମୀରେ ଜଳଛତ୍ର ନେଇ ପ୍ରତିବାଦ

ଚଳିତବର୍ଷ ସିଏମ୍‌ସି ପକ୍ଷରୁ ଗୋଟିଏ ସ୍ଥାନରେ ବି ଜଳଛତ୍ର ଖୋଲାଯାଇ ନ ଥିଲା। ଫଳରେ ଭାଜପା କର୍ପୋରେଟର ଦୀପକ ଦାସ ହାତରେ ଏକ ମାଠିଆ ଧରି କାଉନ୍‌ସିଲ ବୈଠକରେ ପ୍ରତିବାଦ କରିଥିଲେ। ହେଲେ ଏବେ ମୌସୁମୀ ସମୟରେ ଜଳଛତ୍ର ନେଇ ପ୍ରତିବାଦ କରିବା କୌତୂହଳ କଥା ବୋଲି ଶାସକ ଦଳ ପକ୍ଷରୁ କୁହାଯାଇଥିଲା।

### ପଙ୍କୋଦ୍ଧାର ପାଇଁ ୨କୋଟି ଖର୍ଚ୍ଚ

ଚଳିତବର୍ଷ କେତେ ପ୍ରତିଶତ ପଙ୍କୋଦ୍ଧାର ହୋଇଛି ଓ ଏହା କେବେ ସରିବ ବୋଲି ବୈଠକରେ କର୍ପୋରେଟରମାନେ ପ୍ରଶ୍ନ କରିଥିଲେ। ଏ ନେଇ ବିଭାଗୀୟ ଅଧିକାରୀ କହିଥିଲେ, ସହରକୁ ୬ଟି ଜୋନ୍‌ରେ ବିଭକ୍ତ କରାଯାଇ ୩ଟି ଏଜେନ୍ସି ଜରିଆରେ ସହର ସଫେଇ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାୟ ପଙ୍କୋଦ୍ଧାର କାମ ଶେଷ ହେବା କଥା। ପ୍ରଥମ ପର୍ଯ୍ୟାୟ କାମ ବିଳମ୍ବ ହୋଇଥିଲା। କମିଶନରଙ୍କ ନେତୃତ୍ୱରେ ବୈଠକ ହେବା ପରେ ପଙ୍କୋଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଛି। ଏପରି କି ୩ ଏଜେନ୍ସି ବାବଦରେ ସିଏମ୍‌ସି ଯନ୍ତ୍ରୀ ବିଭାଗ ମଧ ହସ୍ତକ୍ଷେପ କରି ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚ କଲାଣି ବୋଲି ଯନ୍ତ୍ରୀ ସୂଚନା ଦେଇଛନ୍ତି।

## ସରପଞ୍ଚଙ୍କୁ ଆକ୍ରମଣ, ୨ ମାମଲା ରୁଜୁ

କଣ୍ଟାପଡା, ୨୭।୬(ସୁର ନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣବାଟୀ ପଞ୍ଚାୟତର ସରପଞ୍ଚ ସଞ୍ଜୟ ରାଉତରାୟଙ୍କୁ ବ୍ରାହ୍ମଣବାଟୀ ଗ୍ରାମର ୨ ଭାଇ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏ ନେଇ ସରପଞ୍ଚ ରାଉତରାୟ ମଙ୍ଗଳବାର ଗୋବିନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୨୯/୨୩) ରୁଜୁ କରିଛି। ଅପରପକ୍ଷରେ ସାନଭାଇଙ୍କୁ ସରପଞ୍ଚ ମାଡ ମାରିଥିବା ନେଇ ବଡଭାଇ ଅଭିଯୋଗ କରିବା ପରେ ପୋଲିସ ଆଉ ଏକ ମାମଲା (ନଂ.୧୩୦/୨୩) ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ମଙ୍ଗଳବାର ସକାଳ ୮ଟାରେ ସରପଞ୍ଚ ରାଉତରାୟ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିବାବେଳେ ବାଟରେ ସୁବ୍ରତ ପାତ୍ର ଓ ତାଙ୍କ ସାନଭାଇ ସ୍ନେହାଂଶୁ ପାତ୍ର ତାଙ୍କୁ ଲୁହାରଡ ଏବଂ କାଠଫାଳିଆରେ ଆକ୍ରମଣ କରିଥିଲେ। ଚିକିତ୍ସାଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ପରେ ଏବେ ଘରକୁ ଫେରିଛନ୍ତି। ଅପରପକ୍ଷେ ସ୍ନେହାଂଶୁ ନିଜ ବଗିଚାକୁ ଯାଉଥିବାବେଳେ ବାଟରେ ସାନମୂଳାଇ ଗ୍ରାମର ପରମେଶ୍ୱର ଦାସ ଓ ସରପଞ୍ଚ ରାଉତରାୟ ତାଙ୍କୁ ଅଟକାଇ ମାଡ ମାରିଥିଲେ। ସେହି ସମୟରେ ବଡଭାଇ ସୁବ୍ରତ ବଗିଚାକୁ ଆସୁଥିବାବେଳେ ସାନଭାଇଙ୍କୁ ଆକ୍ରମଣ କରାଯାଉଥିବା ଦେଖି ଆକ୍ରମଣକାରୀଙ୍କୁ ଅଟକାଇଥିଲେ। ଏହି ସମୟରେ ରାଉତରାୟ ଏକ ଠେଙ୍ଗାରେ ତାଙ୍କୁ ପିଟି ଦେଇଥିଲେ ବୋଲି ସୁବ୍ରତ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏନେଇ ଥାନାଧିକାରୀ ରବିନାରାୟଣ ବେହେରା କହିଛନ୍ତି, ଉଭୟ ପକ୍ଷର ଅଭିଯୋଗ ଆଧାରରେ ଦୁଇଟି ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

## ମାଟ୍ରିକ ପରୀକ୍ଷାର୍ଥୀ ସମ୍ବର୍ଦ୍ଧିତ

କଟକ,୨୭।୬(ସୁପ୍ରିୟା ପ୍ରିୟଦର୍ଶିନୀ)

ରେଭେନ୍‌ଶା କଲିଜିଏଟ୍ ସ୍କୁଲର ନେତାଜୀ ଅଡିଟୋରିୟମରେ ମଙ୍ଗଳବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ–୧ ଗ୍ରେଡ୍ ପାଇଥିବା ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଡ. ଅନୁସ୍ମିତା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୁଷ୍ପାଞ୍ଜଳି ସିଂ, ସଦସ୍ୟା ପ୍ରଭାସିନୀ ରାଉତ, ଶିକ୍ଷକ ନନ୍ଦନ ମହାନ୍ତି, ବିଶ୍ୱନାଥ ମିଶ୍ର, ସଂଘମିତ୍ରା ପଟ୍ଟନାୟକ, ପୁଷ୍ପାଞ୍ଜଳି ବେହେରା, ମଧୁସ୍ମିତା ମହାନ୍ତି, ସନ୍ତୋଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଅଘୋଷିତ ବିଦ୍ୟୁତ୍ କାଟ୍ ପ୍ରତିବାଦରେ କଟକ ନଗର କଂଗ୍ରେସ କମିଟି ପକ୍ଷରୁ ରାଣୀହାଟସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ କରାଯାଉ

କଟକ,୨୭।୬ (କାର୍ତ୍ତିକ ସାହୁ)

ରାଜ୍ୟ ସରକାର ଓ ଟାଟା ପାୱାର ମିଳିତ ଭାବେ ରାଜ୍ୟବାସୀଙ୍କୁ ବିଜୁଳି ନିର୍ଯାତନା ଦେଉଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ରାଜ୍ୟରେ ଅଘୋଷିତ ବିଦ୍ୟୁତ୍ କାଟ୍ ପ୍ରତିବାଦରେ କଟକ ନଗର କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ବିକ୍ଷୋଭ କରାଯାଇଥିଲା। ନଗର କଂଗ୍ରେସ କମିଟି ସଭାପତି ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କଲେଜ ଛକଠାରୁ ବାହାରି ରାଣୀହାଟସ୍ଥିତ ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଦେଶ କଂଗ୍ରେସ ପର୍ଯ୍ୟବେକ୍ଷକ ମନୋରଞ୍ଜନ ଦାସ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପିସିସି ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବାଙ୍କନିଧି ବେହେରା ପ୍ରମୁଖ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏହି ଅବସରରେ ନିର୍ବାହୀ ଯନ୍ତ୍ରୀଙ୍କୁ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଅଭିଯୁକ୍ତଙ୍କୁ ଆଜୀବନ ଜେଲ

### ମହିଳାଙ୍କୁ ହତ୍ୟା ମାମଲା

କଟକ,୨୭।୬ (କାର୍ତ୍ତିକ ସାହୁ)

ନିଆଳି ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ହତ୍ୟା କରିବା ଘଟଣାରେ କଟକ ଜିଲା ଓ ଦୌରାଜଜ୍ ଅଭିଯୁକ୍ତ ଦିଲ୍ଲୀପ କୁମାର ସ୍ୱାଇଁଙ୍କୁ ଆଜୀବନ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ନିଆଳି ଅଞ୍ଚଳର ଦିଲ୍ଲୀପ ଓ ଜ୍ଞାନରଞ୍ଜନ ସ୍ୱାଇଁ ଗୋଟିଏ ଗ୍ରାମର ବାସିନ୍ଦା। ଦିଲ୍ଲୀପଙ୍କ ଜମିରେ ଜ୍ଞାନରଞ୍ଜନ ପରିବା ଚାଷ କରନ୍ତି। ଉଭୟଙ୍କ ମଧ୍ୟରେ ବ୍ୟକ୍ତିଗତ ବିବାଦ ଦେଖାଦେଇଥିଲା। ୨୦୧୫ ଫେବୃୟାରୀ ୩ରେ ଜ୍ଞାନରଞ୍ଜନ ଘରେ ନ ଥିବାବେଳେ ତାଙ୍କ ସ୍ତ୍ରୀ କୁନିଲତାଙ୍କୁ ଦିଲ୍ଲୀପ ହତ୍ୟା କରିଥିବା ନେଇ ସେ ନିଆଳି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଦିଲ୍ଲୀପଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ କଟକ ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ମାମଲାର ବିଚାର ଚାଲିଥିଲା। ବିଚାରପତି ୧୭ ଜଣ ସାକ୍ଷୀ ଓ ପ୍ରାୟ ୧୫ରୁ ୨୦ଟି ତଥ୍ୟକୁ ଆଧାର କରି ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର କ୍ଷେତ୍ରମୋହନ ବେହେରା ମାମଲା ପରିଚାଳନା କରୁଥିଲେ।

## ବସ୍ତି ଉଚ୍ଛେଦ ନିଷ୍ପତ୍ତି ପ୍ରତିବାଦରେ ବିକ୍ଷୋଭ

କଟକ,୨୭।୬ (ସୁପ୍ରିୟା ପ୍ରିୟଦର୍ଶିନୀ)



ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ।

ଜଗନ୍ନାଥ ରୋଡ ବସ୍ତି ଉଚ୍ଛେଦ ନିଷ୍ପତ୍ତି ପ୍ରତିବାଦରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ କଟକ ମହାନଗର ନିଗମ(ସିଏମ୍‌ସି) ଅଫିସ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବସ୍ତିବାସିନ୍ଦାଙ୍କ ପାଇଁ ଥିବା ସିଏମ୍‌ସି ଆଇନ ୨୦୧୭ ଓ ୨୦୨୧ ସଂଶୋଧନ ଅନୁଯାୟୀ ନିକଟ କର୍ମସ୍ଥଳୀରେ ଥଇଥାନ କରିବା, ଆଇନ ସମ୍ମତ ଥଇଥାନ କରି ସମସ୍ତ ବସ୍ତିବାସିନ୍ଦାଙ୍କୁ ପଟ୍ଟା ନ ଦେବା ପର୍ଯ୍ୟନ୍ତ ବସ୍ତି ଉଚ୍ଛେଦ ବନ୍ଦ କରିବା ପାଇଁ ବିକ୍ଷୋଭକାରୀମାନେ ଦାବି କରିଛନ୍ତି। ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବାମପନ୍ଥୀ ନେତା ବିଶ୍ୱାବସୁ ଦାସ, ଶ୍ରମିକ ନେତା ରାଜକିଶୋର ମଲ୍ଲିକ ଯୋଗଦେଇ ବେଆଇନ ଉଚ୍ଛେଦରୁ ସିଏମ୍‌ସି ନିବୃତ୍ତ ରହିବାକୁ ଦାବି କରିଥିଲେ। ବସ୍ତିନେତା ଦୀପକ ଦାସ, ସୁକାନ୍ତ ନାୟକ, ସ୍ୱାଧିନୀ ବେହେରା, ସିପ୍ରା ମହାନ୍ତି, ଉଦୟ ଟୁଡୁ, ଲିପିନା ନାୟକ, ସୁଜାତା ମହାପାତ୍ର, ଲକ୍ଷ୍ମୀ ସିଂ, ଶିବ ବେହେରା, ସାବିତ୍ରୀ ପାତ୍ର ଓ ସସ୍ମିତା ସିଂ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

ସୂଚନାଯୋଗ୍ୟ, ନୂଆବଜାର ଜଗନ୍ନାଥ ରୋଡ ବସ୍ତିରେ ୧୨୨ରୁ ଊର୍ଦ୍ଧ୍ୱ ଶ୍ରମଜୀବୀ ପରିବାର କୁଡିଆ ଘରେ ୪୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହିଆସୁଛନ୍ତି। ବସ୍ତିବାସିନ୍ଦା ସ୍ଥାନୀୟ ଅଞ୍ଚଳରେ କାମ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏଭଳିସ୍ଥଳେ ବସ୍ତିବାସିନ୍ଦାଙ୍କୁ ସିଏମ୍‌ସି ପକ୍ଷରୁ ଅନ୍ୟତ୍ର ଦୂର ଜାଗାକୁ ଯିବାକୁ କୁହାଯାଇଛି। ଯଦି ବସ୍ତି ଉଚ୍ଛେଦ କରି ଦୂରକୁ ନିଆଯାଏ, ତା'ହେଲେ ସେମାନେ ଜୀବିକା ହରାଇ ଅସୁବିଧାର ସମ୍ମୁଖୀନ ହେବେ। ଏଭଳି ସ୍ଥଳେ ସେମାନଙ୍କ ଜୀବନ ଜୀବିକାକୁ ପ୍ରାଥମିକତା ଦେବା ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି।


କଟକ ହରିପୁର-ଦୋଳମୁଣ୍ଡାଇସ୍ଥିତ ପତିତପାବନ ଆଡପ ମଣ୍ଡପରେ ମଙ୍ଗଳବାର ଶ୍ରୀଜୀଉଙ୍କ ସନ୍ଧ୍ୟା ଦର୍ଶନ।



ଅଘୋଷିତ ବିଦ୍ୟୁତ୍ କାଟ୍ ଓ ମାସିକ ୨୦୦ ୟୁନିଟ୍ ବିଦ୍ୟୁତ୍ ଛାଡ ଦାବିରେ ସିପିଆଇ(ଏମ୍) ପକ୍ଷରୁ କଟକ ମହାନଦୀ ବିହାରସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।



ଜାତୀୟ ଶିକ୍ଷାନୀତି-୨୦୨୦ ବାତିଲ ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୬।୨୦୨୩

| | |
|---|---|
| ୧,୪୬,୭୫୩ ଟଙ୍କା | |
| ସୁନା | ୩.୨୨୦ ଗ୍ରାମ୍ |
| ରୁପା | ୩୦.୬୦୦ ଗ୍ରାମ୍ |

# ଆଡ଼ପମଣ୍ଡପରେ ଶେଷ ଦର୍ଶନ କଲେ ଶ୍ରଦ୍ଧାଳୁ

**ପୁରୀ,୨୭।୬(ଅଜିତ ମହାନ୍ତି)**



ନବଦିନ ଯାତ୍ରାରେ ଆସିଥିବା ଶ୍ରୀବିଗ୍ରହମାନେ ଆଷାଢ଼ ଶୁକ୍ଳ ଦଶମୀ ତିଥିରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ, ଯାହା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତେବେ ମଙ୍ଗଳବାର ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଶେଷ ଦର୍ଶନ କରିଛନ୍ତି ଭକ୍ତ ଏବଂ ଶ୍ରଦ୍ଧାଳୁ। ଦିନସାରା ପାଗ ଶୁଖିଲା ଥିବାରୁ ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟାରିକେଡ୍ ଦେଇ ଭକ୍ତମାନେ ଶୃଙ୍ଖଳାର ସହ ଧାଡ଼ିରେ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ତେବେ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ପ୍ରଶାସନ ପକ୍ଷରୁ ସନ୍ଧ୍ୟା ଦର୍ଶନକୁ ଅପରାହ୍ନ ୫ଟାରେ ବନ୍ଦ କରାଯାଇଥିଲା। ଫଳରେ ଶହ ଶହ ଭକ୍ତ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇଥିଲେ, ଯାହାକୁ ନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ଅନେକ ନୀତିକାନ୍ତି ରହିଥିବାରୁ ସନ୍ଧ୍ୟା ଦର୍ଶନକୁ ୫ଟାରେ ବନ୍ଦ କରାଯାଇଛି। ୫ଟା ପରେ ଭକ୍ତଙ୍କ ଦର୍ଶନ ବନ୍ଦ ପରେ ମହାପ୍ରଭୁଙ୍କ ବିଶେଷ ନୀତି ଆରମ୍ଭ ହୋଇଥିଲା।

ସୂଚନା ଅନୁଯାୟୀ, ଶ୍ରୀବିଗ୍ରହଙ୍କ ବାହୁଡ଼ା ଯାତ୍ରାର ନୀତିକୁ ଦୃଷ୍ଟିରେ ରଖି ପ୍ରଶାସନ ଏବଂ ଦଇତାପତିମାନଙ୍କ ମଧ୍ୟରେ ଆଲୋଚନା କରାଯାଇ ନୀତି ଶୃଙ୍ଖଳିତ ତଥା ଶୀଘ୍ର କରିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ତେଣୁ ନୀତି ପାଇଁ ସନ୍ଧ୍ୟା ଦର୍ଶନକୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟା ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ବିଶ୍ୱାସ ରହିଛି, ଆଡ଼ପ ମଣ୍ଡପରେ ସନ୍ଧ୍ୟା ଦର୍ଶନ ଦିନ ମହାପ୍ରଭୁଙ୍କୁ ଦର୍ଶନ କଲେ ପୁଣ୍ୟ ମିଳିଥାଏ। ତେଣୁ ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ କରିବା ପାଇଁ ମଙ୍ଗଳବାର ଲକ୍ଷାଧିକ ଭକ୍ତଙ୍କ ସୁଅ ଛୁଟିଥିଲା। ଅପରପକ୍ଷେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ବ୍ୟାରିକେଡ୍ କରାଯାଇଥିଲା। ଭକ୍ତମାନେ ବ୍ୟାରିକେଡ ଦେଇ ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରକୁ ଯାଇଥିଲେ। ନିଷ୍ପତ୍ତି ଅନୁଯାୟୀ, ସକାଳୁ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ ମଧ୍ୟ ଧାଡ଼ି କରି ଯାଇଥିଲେ। ତେବେ ଭକ୍ତଙ୍କ ସମାଗମ ଏତେ ରହିଥିଲା ଯେ, ଧାଡ଼ି ଭୋଳାନାଥ ସ୍କୁଲ ସମ୍ମୁଖ ପର୍ଯ୍ୟନ୍ତ ଲମ୍ବା ଲାଇନ ରହିଥିଲା। ଦିନତମାମ ଭକ୍ତମାନେ ଗୁଣ୍ଡିଚା ମନ୍ଦିରକୁ ଯାଇ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିଥିଲେ। ତେବେ ପ୍ରଶାସନର ନିଷ୍ପତ୍ତି ଅନୁସାରେ ୫ଟାରେ ଦର୍ଶନ ବନ୍ଦ କରାଯାଇଥିଲା। ଶେଷ ସମୟରେ ବ୍ୟାରିକେଡ ପରିସରରେ ଥିବା ଭକ୍ତମାନଙ୍କୁ କେବଳ ଗୁଣ୍ଡିଚା ମନ୍ଦିର ଭିତରକୁ ଦର୍ଶନ ପାଇଁ ଛଡ଼ାଯାଇଥିଲା। ବ୍ୟାରିକେଡ ଭିତରେ ଥିବା ଭକ୍ତମାନେ ମନ୍ଦିର ପରିସରକୁ ଯିବାପରେ ଗୁଣ୍ଡିଚା ମନ୍ଦିରର ସିଂହଦ୍ୱାରକୁ ବନ୍ଦ କରାଯାଇଥିଲା। ଅପରପକ୍ଷେ ବ୍ୟାରିକେଡ ବାହାରେ ଥିବା ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ନ ପାଇ ମନଦୁଃଖରେ ଅନେକ ସମୟ ଧରି ମନ୍ଦିର ନିକଟରେ ଠିଆ ହେବା ପରେ ବାଧହୋଇ ଫେରିଯାଇଥିଲେ। ତେବେ ସନ୍ଧ୍ୟା ପୂର୍ବରୁ ଦର୍ଶନ ବନ୍ଦ କରାଯିବାକୁ ଭକ୍ତମାନେ ନାପସନ୍ଦ କରିବା ସହ ପ୍ରଶାସନର ଏପରି ନିଷ୍ପତ୍ତିକୁ ବିରୋଧ କରି ଅସନ୍ତୋଷ ପ୍ରକାଶ କରିଥିଲେ।

ଗଞ୍ଜାମରୁ ଆସିଥିବା ହେମଲତା ବେହେରା କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ପାଇଁ ବହୁ ଦୂରରୁ ଆସିଥିଲି। ପୁରୀରେ ୪ଟାରେ ପହଞ୍ଚି କେଉଁ ରାସ୍ତା ଦେଇ ଦର୍ଶନ କରାଯାଉଛି ଖୋଜିବା ବେଳେ ଜାଣିପାରି ନଥିଲୁ। ଶେଷରେ ଦର୍ଶନ ପାଇଁ ବ୍ୟାରିକେଡ ପାଖରେ ପହଞ୍ଚିବା ବେଳକୁ ଦର୍ଶନ ବନ୍ଦ

### ସନ୍ଧ୍ୟା ପୂର୍ବରୁ ଦର୍ଶନ ବନ୍ଦ କରିବାରୁ ଭକ୍ତ ଅସନ୍ତୋଷ

ବୋଲି କହିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବାର ଆଶା ଆଶାରେ ରହିଗଲା। ଜୀବନର ଶେଷ ବୟସରେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦେଖିବା ପାଇଁ ବହୁତ ଇଚ୍ଛା ଥିଲା। ସେହିପରି କଟକରୁ ଆସିଥିବା ଗୋପାଳ ନାୟକ କହିଛନ୍ତି, ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲି। ସନ୍ଧ୍ୟା ପୂର୍ବରୁ ପ୍ରଶାସନ ସନ୍ଧ୍ୟା ଦର୍ଶନ ବନ୍ଦ କରିବା ନିଷ୍ପତ୍ତି ଠିକ୍ ନୁହେଁ। ଏଥିଯୋଗୁ ଅନେକ ଭକ୍ତ ଦର୍ଶନରୁ ବଞ୍ଚିତ ହେଲେ। ମହାପ୍ରଭୁଙ୍କ ଦର୍ଶନ ନ ପାଇ ମନ ଦୁଃଖ ରହିଛି। ଆସନ୍ତାକାଲି ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ କରିବି। ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ ଶୃଙ୍ଖଳିତ ଭାବେ ହୋଇଛି। ଭକ୍ତମାନେ ଗରୁଡ଼ ସ୍ତମ୍ଭ ନିକଟରେ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି। ସମସ୍ତ ସମନ୍ୱୟ ରଖି କାର୍ଯ୍ୟ ଚାଲିଛି। ମହାପ୍ରଭୁଙ୍କ ନୀତି ଶୃଙ୍ଖଳିତ ଭାବରେ ହେଉଛି। ସେନାପଟା ଲାଗି କରାଯିବ। ନୀତି ଶୀଘ୍ର ସରିଲେ ବାହୁଡା ପାଇଁ ନୀତି ସଅଳରେ ପହଣ୍ଡି ଆରମ୍ଭ ହେବ। ଏସ୍‌ପି କେ. ବିଶାଲ ସିଂ କହିଛନ୍ତି, ସନ୍ଧ୍ୟା ଦର୍ଶନ ଶୃଙ୍ଖଳିତ ଭାବେ ଶ୍ରଦ୍ଧାଳୁ କରିଛନ୍ତି। ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମହାପ୍ରଭୁଙ୍କ କୃପାରୁ ସମସ୍ତ ନୀତି ଶୃଙ୍ଖଳିତ ଭାବେ ହେବ।

## 'ଦୟାନିଧି ସଙ୍ଗୀତ ସୁଧା'ର ଭକ୍ତିସଙ୍ଗୀତ କାର୍ଯ୍ୟକ୍ରମ

**ପୁରୀ ଅଫିସ,୨୭।୬(ଅଜିତ୍ ମହାନ୍ତି)**

ଶ୍ରୀକ୍ଷେତ୍ରରେ ପବିତ୍ର ଘୋଷଯାତ୍ରା ଅବସରରେ ପୁରୀ ବଡ଼ଶଙ୍ଖ ନିକଟ ସୂଚନାକେନ୍ଦ୍ରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗୀତ ଅନୁଷ୍ଠାନ 'ଦୟାନିଧି ସଙ୍ଗୀତ ସୁଧା' ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତିସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିଛି। ଗୁରୁ ପ୍ରକାଶ ରଥଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀ ସ୍ୱାଗତିକା ଦାସ, ପ୍ରିତମ୍ ବରାଡ଼, ଶୁଭଶ୍ରୀ ପ୍ରଧାନ, ଆୟୁଷ ଅଂଶୁମାନ ନାୟକ, ଶ୍ରୀଜଲ ମହାପାତ୍ର, ସମ୍ପ୍ରିତା ପାତ୍ର, ଓମ୍ ସ୍ୱରୂପ ନାୟକ, ଶ୍ୱେତା ସମର୍ପିତା ପାତ୍ର, ଆରୟାନ୍ ପଣ୍ଡା, ଆଦ୍ୟାଶା ଦାସ, ଟ୍ୱିଙ୍କିଲ୍ ପାତ୍ର ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ଶାରଦା ପ୍ରସନ୍ନ ମିଶ୍ର, ବୃନ୍ଦାବନ ସାହୁ, ଅର୍ଜୁନ, ପ୍ରଶାନ୍ତ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ବହୁ ସଂଖ୍ୟକ ଜଗନ୍ନାଥପ୍ରେମୀ ଏହି ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମକୁ ଉପଭୋଗ କରିବା ଭକ୍ତିର ସଙ୍ଗୀତ ଶୁଣି ମନ୍ତ୍ର ମୁଗ୍ଧ ହୋଇଯାଇଥିଲେ। ଏଥିସହ ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ପର୍ଯ୍ୟଟକମାନେ ପ୍ରଶଂସା କରିଥିଲେ। ଅନୁଷ୍ଠାନ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଏହା ଆଉ କିଛିଦିନ ଚାଲିବ।

## ସଂକ୍ଷେପରେ

### ୩ ଛାତ୍ରଙ୍କଠୁ ଫୋନ ଛଡ଼ାଇଲେ ୩ ଦୁର୍ବୃତ୍ତ

**ନିମାପଡ଼ା,୨୭।୬(ବିଚିତ୍ରାନନ୍ଦ ସାହୁ):** ୩ କଲେଜ ଛାତ୍ରଙ୍କୁ ଧମକ ଦେଇ, ମାଡ଼ ମାରି ତାଙ୍କଠୁ ୩ ଦୁର୍ବୃତ୍ତ ଫୋନ ନେଇଯାଇଥିବା ସେମାନେ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ନିମାପଡ଼ା ଥାନା ଅଧୀନ ଜେଲରୋଡ଼ର ଦପିରେଣ୍ଟା, ଅଲନ୍ଧା ଗ୍ରାମ୍ୟ ରାସ୍ତା ନିକଟରେ ନିମାପଡ଼ା କଲେଜରେ ଅଧ୍ୟୟନରତ ୩ କଲେଜ ଛାତ୍ର ହେଲେ ବିଷ୍ଣୁପୁର ଗ୍ରାମର ଅନନ୍ତ ନାରାୟଣ ସାହୁ, ଧିରପୁର ଗ୍ରାମର କମଳ ପ୍ରସାଦ ଦାସ ଓ ନାକଡିହ ଗ୍ରାମର ଓମ୍ ପ୍ରିତମ୍। ଖବରପାଇ ପୋଲିସ ଘଟଣାସ୍ଥଳରେ ତଦନ୍ତ ଚଳାଇଛି। ଏହି ୩ ଛାତ୍ର ସାଇକେଲ ଯୋଗେ ଜେଲରୋଡ଼ରେ ଯାଉଥିଲେ। ୩ ଦୁର୍ବୃତ୍ତ ଗୋଟିଏ ବାଇକ୍‌ରେ ପିଛା କରି ସେମାନଙ୍କଠାରୁ ଫୋନ ଛଡ଼ାଇ ନେଇଥିଲେ। ସେହିପରି ଗତ କିଛିଦିନ ତଳେ ସ୍ପଷ୍ଟ ଦିବାଲୋକରେ ଜଣେ କଲେଜ ଛାତ୍ରୀ ସାଇକେଲରେ ଯାଉଥିବାବେଳେ ଏକ ବାଇକ୍‌ରେ ୨ ଦୁର୍ବୃତ୍ତ ତାଙ୍କଠାରୁ ମୋବାଇଲ ଛଡ଼ାଇ ନେଇଥିଲେ। ଏନେଇ ଛାତ୍ରୀଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ଏହି ଫୋନ ଚୋରି କରୁଥିବା ଦୁର୍ବୃତ୍ତଙ୍କୁ ଠାବ କରି ଗିରଫ କରିବା ପାଇଁ ବିଭିନ୍ନ ମହଲରୁ ପୋଲିସ ନିକଟରେ ଦାବି ହେଉଛି।

### ରେଡକ୍ରସ ଶାଖାର ଚାରାରୋପଣ

**ବଳଙ୍ଗା,୨୭।୬(କେଦାରେଶ୍ୱର ନନ୍ଦ):** ବଳଙ୍ଗା ମହାବିଦ୍ୟାଳୟର ରେଡ଼କ୍ରସ ଶାଖା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ତଥା ସାମାଜିକ ବନୀକରଣ କାର୍ଯ୍ୟ ନାମାଙ୍କିତ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ସ୍ଥାନୀୟ ଅଞ୍ଚଳରେ ମୌସୁମୀ ଆଗମନକୁ ପାଥେୟ କରି ପୂର୍ବରୁ ରୋପିତ ବୃକ୍ଷର ଯତ୍ନ ନେବା ସହିତ ପ୍ରାୟ ୧୦୦ ଚାରାରୋପଣ କରାଯାଇଛି। ମହାବିଦ୍ୟାଳୟର ରେଡକ୍ରସ ସଂଯୋଜକ ତଥା ଶିକ୍ଷା ଅଧାପକ ନୀଳକଣ୍ଠ ମିଶ୍ର ସଂଯୋଜନା କରିଥିବାବେଳେ ଅଧକ୍ଷ ପ୍ରଭାତ ସାହୁ ଉକ୍ତ କଲ୍ୟାଣକାରୀ କାର୍ଯ୍ୟରେ ସାମିଲ ହେବା ସହ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ସମୁଦାୟ ପ୍ରାଙ୍ଗଣକୁ ସବୁଜିମା କରିବା ନେଇ ରେଡ଼କ୍ରସ ଶାଖାର ଲକ୍ଷ୍ୟ ରହିଥିବା ସଂଯୋଜକ ମିଶ୍ର ପ୍ରକାଶ କରିଥିଲେ।

## ବିଶେଷଜ୍ଞ ନ ଥିବା, ଗୃହ ନିର୍ମାଣ କାର୍ଯ୍ୟରେ ବିଳମ୍ବ ନେଇ ଉଦ୍‌ବେଗ



ଡେଲାଙ୍ଗ ରେଗୀ କଲ୍ୟାଣ ସମିତି ବୈଠକରେ ଯୋଗଦେଇଥିବା ବିଧାୟକ ରୁଦ୍ରପ୍ରତାପ ମହାରଥୀ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ଡେଲାଙ୍ଗ,୨୭।୬(ରଶ୍ମିରଞ୍ଜନ ପ୍ରଧାନ)**

ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଶେଷଜ୍ଞ, ସ୍ତ୍ରୀରୋଗ ବିଶେଷଜ୍ଞ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ନ ଥିବାବେଳେ ରୋଗୀମାନେ ଚିକିତ୍ସା ପାଇଁ ପୁରୀ, ଭୁବନେଶ୍ୱର ଓ ଜଟଣୀ ଯାଉଛନ୍ତି। ଏନେଇ ବୈଠକରେ ବିଧାୟକଙ୍କୁ ଅବଗତ କରାଯାଇଥିଲା। ଡାକ୍ତରଖାନା ପରିସରରେ ଥିବା ପୁରୁଣା ଗୃହକୁ ଭାଙ୍ଗି ନୂତନ ଗୃହ ନିର୍ମାଣ କରିବାରେ ବିଳମ୍ବ ହେଉଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

### ରୋଗୀ କଲ୍ୟାଣ ସମିତି ବୈଠକ

ଯଥାଶୀଘ୍ର ଡାକ୍ତର ପଦବୀ ପୂରଣ କରିବାକୁ ବିଧାୟକ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ ତ୍ରିପାଠୀ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ ନାୟକ, ସିଡିପିଓ ଜାପାନୀ ମିତ୍ର, ଆୟୁଷ ଡାକ୍ତର ସୋନୀ ସାମନ୍ତରାୟ, ସିଆର୍‌ସିସି ପବିତ୍ର ପଣ୍ଡା, ଜେଇ ସ୍ୱାଗତିକା ପ୍ରଧାନ, ସ୍ଥାନୀୟ ସରପଞ୍ଚ ଦୀପକ ସାହୁ, ବିପିଏମ୍ ଦିଲୀପ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ରୋଗୀ କଲ୍ୟାଣ ସମିତିର ବଜେଟ ଅଟକଳ ବ୍ୟୟ ଖସଡ଼ା ପ୍ରସ୍ତୁତ କରାଯାଇଥିବାବେଳେ ବିଧାୟକ ମହାରଥୀ ଡାକ୍ତରଖାନା ପରିସରରେ ଥଣ୍ଡା ଓ ଗରମ ପାନୀୟ ଜଳ ବ୍ୟବସ୍ଥା ପାଇଁ ମେଶିନର ସୁବିଧା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଏହା ସହିତ ଡାକ୍ତରଖାନା ପରିସରରେ ଓଡ଼ିଆ ଭାଷାରେ ସମସ୍ତ ସୂଚନା ଫଳକ ଲଗାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଡାକ୍ତରଖାନାରେ ପ୍ରବେଶ ଦ୍ୱାର ଥିବାବେଳେ ଏକ ପ୍ରସ୍ଥାନ ଗେଟ୍‌ର ସୁବିଧା କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା।

## ଚୋରି ଘଟଣା: ଫେରାର ଅଭିଯୁକ୍ତ ଗିରଫ

**ଜଟଣୀ,୨୭।୬(ରବୀନ୍ଦ୍ର ନାଥ ମହାକୁଡ଼)**

ଏକ ଚୋରି ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଜଟଣୀ ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବଡ଼ତୋଟା ଗ୍ରାମ ନାୟକସାହିର ପପେଇ ଓରଫ ବବୁଜି ନାୟକ(୨୫)। ପ୍ରକାଶ ଯେ, ଗତ ମେ' ୧୩ ତାରିଖ ରାତିରେ ସରୋଜ ଦାସ ବଡ଼ତୋଟା ଗ୍ରାମରେ ଚନ୍ଦନ ଯାତ୍ରା ଦେଖି ଫେରିବା ବେଳେ କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରିବା ସହ ଟଙ୍କା ଓ ମୋବାଇଲ ଫୋନ ଛଡାଇ ନେଇଯାଇଥିଲେ। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ ପୋଲିସ ପୂର୍ବରୁ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ଟଙ୍କା ଏବଂ ମୋବାଇଲ ଫୋନ ଜବତ କରିଥିଲା। ତେବେ ଏହି ଘଟଣାରେ ଫେରାର ଥିବା ପପେଇଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୧୭୭/୨୩) ରୁଜୁ ହୋଇଛି। ଜଟଣୀ ଥାନାରେ ଅଭିଯୁକ୍ତ ପପେଇଙ୍କ ନାମରେ ପୂର୍ବରୁ ୪ଟି ମାମଲା ରହିଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି।

## ଗୁଣ୍ଡିଚା ମନ୍ଦିରକୁ ଗଲେ ତିନି ଆଖଡ଼ାର ନିଶାନ



ବିଭିନ୍ନ ମଠର ମୁଖ୍ୟମାନେ ହନୁମାନଙ୍କ ନିଶାନ ସହିତ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

**ପୁରୀ,୨୭।୬(ଅଜିତ୍ ମହାନ୍ତି):** ଆଷାଢ଼ ମାସ ଶୁକ୍ଳ ନବମୀ ତିଥି ଅବସରରେ ପରମ୍ପରା ଅନୁଯାୟୀ ୩ଟି ଆଖଡ଼ାର ହନୁମାନଙ୍କ ନିଶାନ ଶୋଭାଯାତ୍ରା ସମ୍ପନ୍ନ ହୋଇଛି। ବଡ଼ ଆଖଡ଼ା, ହାତୀ ଆଖଡ଼ା ଏବଂ ନିର୍ମୋହି ଆଖଡ଼ା ପକ୍ଷରୁ ନିଶାନ ସହ ମଠର ମହନ୍ତମାନେ ସନ୍ଧ୍ୟା ଦର୍ଶନ ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସୂଚନା ଅନୁଯାୟୀ, ଆଜକୁ ୬୦୦ ବର୍ଷ ପୂର୍ବେ, ଯେତେବେଳେ ରାମାନନ୍ଦ ଆଚାର୍ଯ୍ୟ ଜଗନ୍ନାଥ ଧାମକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଇଥିଲେ। ସେତେବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆଡ଼ପ ମଣ୍ଡପରେ ଅବସ୍ଥାନ କରିଥିଲେ। ତେଣୁ ସେହି ସମୟରେ ରାମାନନ୍ଦ ଆଚାର୍ଯ୍ୟ ବଡ଼ ଆଖଡ଼ା ମଠ ଶାଖା ଦଶାବତାର ମଠରେ ଅବସ୍ଥାନ କରିଥିଲେ ଏବଂ ସନ୍ଧ୍ୟା ଦର୍ଶନ ଅର୍ଥାତ ଆଷାଢ଼ ଶୁକ୍ଳ ନବମୀ ତିଥିରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆଡ଼ପ ମଣ୍ଡପକୁ ଯାଇଥିଲେ। ସେ ଯିବା ସମୟରେ ତିନିଗୋଟି ଆଖଡ଼ା ଯଥା ବଡ଼ ଆଖଡ଼ା, ହାତୀ ଆଖଡ଼ା ଏବଂ ନିର୍ମୋହି ଆଖଡ଼ାର ନିଶାନକୁ ସାଥିରେ ନେଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହି ପରମ୍ପରାକୁ ପାଥେୟ କରି ମଙ୍ଗଳବାର ନବମୀ ତିଥିରେ ହାତୀ ଆଖଡା ମଠର ମହନ୍ତ ସୁଖରାମ ଦାସ, ବଡ଼ ଆଖଡ଼ା ମଠର ମହନ୍ତ ହରି ନାରାୟଣ ଦାସ ଏବଂ ନିର୍ମୋହି ମଠର ବାବନ ଚରଣ ଦାସଙ୍କ ସମେତ ପୁରୀରେ ଥିବା ସମସ୍ତ ରାମାନନ୍ଦୀ ମଠର ମହନ୍ତମାନେ ସେମାନଙ୍କ ନିଶାନ ସହ ଆଡ଼ପ ମଣ୍ଡପ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ।

## ଆଇଆର୍‌ଆର୍‌ଆଇ ମୁଖ୍ୟଙ୍କ ପ୍ରଦର୍ଶିତ ଧାଡ଼ିବୁଣା କ୍ଷେତ ପରିଦର୍ଶନ



ଫିଲିପାଇନ୍ସରୁ ଆଇଆର୍‌ଆର୍‌ଆଇର ଡାଇରେକ୍ଟର କ୍ୱାହାନା ଓ ଅନ୍ୟମାନେ କ୍ଷେତ ଦେଖୁଛନ୍ତି।

**ଡେଲାଙ୍ଗ,୨୭।୬(ରଶ୍ମିରଞ୍ଜନ ପ୍ରଧାନ)**

ଦିନକୁ ଦିନ ମୁଣ୍ଡପିଛା ଜମିର ଆୟତନ କମୁଥିବାବେଳେ କୃଷି ଉପକରଣ ଓ ବିନିଯୋଗ ସାମଗ୍ରୀର ମୂଲ୍ୟ ବଢ଼ି ଚାଲିଛି। ପାରମ୍ପରିକ ପଦ୍ଧତି ଚାଷରେ ଉତ୍ପାଦନ ହ୍ରାସ ପାଉଛି। ସେଥିପାଇଁ ନୂତନ ଜ୍ଞାନକୌଶଳ ଓ ଯନ୍ତ୍ରପାତିକୁ ଆପଣେଇବା ଅପରିହାର୍ଯ୍ୟ ହୋଇପଡ଼ିଛି। ଡିଏସ୍‌ଆର୍ ଓଡ଼ିଶା ଓ ସିସା ପ୍ରୋଜେକ୍ଟ ମାଧ୍ୟମରେ ଚାଷ କରିବାକୁ ତରବୋଇଠାରେ ଆୟୋଜିତ ପ୍ରଦର୍ଶିତ ଧାଡ଼ିବୁଣା ଧାନକ୍ଷେତ ପରିଦର୍ଶନରେ ଯୋଗଦେଇ କୃଷି ବିଶେଷଜ୍ଞ ଏହି ପରାମର୍ଶ ଦେଇଛନ୍ତି। ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଆଇଆର୍‌ଆର୍‌ଆଇ), ଦକ୍ଷିଣ ଏସିଆ ଖାଦ୍ୟ ଶସ୍ୟ ଉତ୍ପାଦନ ପ୍ରୋତ୍ସାହନ (ସିସା), କୀଟନାଶକ ଉତ୍ପାଦକ ବେୟର, ଓଡ଼ିଶା ସରକାରଙ୍କ କୃଷି ବିଭାଗ ଓ ମହିଳା ମିଶନ ଶକ୍ତି ସଂସ୍ଥାର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିସାର କୃଷି ବିଶେଷଜ୍ଞ ଡ. ଅଶୋକ ଯାଦବ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଏଥିରେ ଫିଲିପାଇନ୍ସରୁ ଆଇଆର୍‌ଆର୍‌ଆଇର ଡାଇରେକ୍ଟର କ୍ୱାହାନା, ସୁଶ୍ରୀ ସୁଗନ୍ଧା ମୁନ୍‌ସୀ, ସ୍ଥାନୀୟ ବୈଷୟିକ କୃଷି ପରାମର୍ଶଦାତା ଅଶୋକ ପ୍ରଧାନ, ଉପଦେଷ୍ଟା ସ୍ୱରୂପ ବେହେରା ପ୍ରମୁଖଙ୍କ ସହିତ ମହିଳା ଓ ପୁରୁଷ ଚାଷୀ ପ୍ରଦର୍ଶିତ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶ୍ରମଜୀବୀଙ୍କ ମେରୁଦଣ୍ଡ ସ୍ୱାସ୍ଥ୍ୟର ସୁରକ୍ଷା, ଜଳ, ଶ୍ରମ ମୂଲ୍ୟ ଓ ଉତ୍ପାଦନ ଖର୍ଚ୍ଚ ସଞ୍ଚୟ ପାଇଁ ଧାନରୁଆ ପରିବର୍ତ୍ତେ ଧାଡ଼ିବୁଣା ପଦ୍ଧତିର କୌଶଳ ଓ ଲାଭ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଧାଡ଼ିବୁଣା ଧାନଚାଷ ଦ୍ୱାରା ଅଧିକ ଉତ୍ପାଦନ କରି ଲାଭବାନ ହୋଇଥିବା ଅଭିଜ୍ଞ ଚାଷୀ ସେମାନଙ୍କ ଅନୁଭୂତି ପ୍ରକାଶ କରିଥିଲେ। ଏହା ସହିତ ଆବଶ୍ୟକ ଯନ୍ତ୍ରପାତି ସମ୍ପର୍କରେ ଅବଗତ ହୋଇଥିଲେ। ଆଇଆର୍‌ଆର୍‌ଆଇ ଡାଇରେକ୍ଟର କ୍ୱାହାନା ସ୍ଥାନୀୟ ମହିଳା ଓ ପୁରୁଷ ଚାଷୀଙ୍କୁ ଧାନଚାଷ, ଅମଳ ପରେ ସଂଗ୍ରହ, ସଂରକ୍ଷଣ ସମ୍ପର୍କରେ ପଚାରି ବୁଝିଥିଲେ।

# ଲୋକାର୍ପଣ ସତ୍ତ୍ୱେ ପାଠପଢ଼ା ନେଇ ଆଶଙ୍କା

### ତରଙ୍ଗିରା ଆଦର୍ଶ ବିଦ୍ୟାଳୟ

- ବର୍ଷେ ହେଲା ବାଳିକା ବିଦ୍ୟାଳୟରେ ପଢୁଛନ୍ତି ଛାତ୍ରୀଛାତ୍ର
- ୬ ସ୍ଥାୟୀ, ୨ ଅସ୍ଥାୟୀ ଶିକ୍ଷକଙ୍କୁ ନେଇ ଚାଲିଛି ଶିକ୍ଷାଦାନ

**ଗୋପ,୨୭।୬ (ଭାରତୀ ଭୂଷଣ ଉପାଧ୍ୟାୟ)**



ଗୋପର ବାଳିକା ବିଦ୍ୟାଳୟରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପଢୁଛନ୍ତି।

ପୁରୀ ଜିଲା ଗୋପ ବ୍ଲକ ଏରବଙ୍ଗ ପଞ୍ଚାୟତ ଅନ୍ତର୍ଗତ ତରଙ୍ଗିରାରେ ନବନିର୍ମିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଗତ ୨୪ ତାରିଖରେ ଛାତ୍ରୀଛାତ୍ରଙ୍କ ଲାଗି ଲୋକାର୍ପଣ କରିଥିଲେ। ହେଲେ ୨୦୨୨-୨୩ ଆର୍ଥିକ ବର୍ଷରେ ଏହା ଖୋଲିଥିବା ବେଳେ ଅଧ୍ୟୟନରତ ଛାତ୍ରୀଛାତ୍ର ସ୍କୁଲ ମୁହଁ ଦେଖିପାରି ନ ଥିବା ଓ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ସ୍କୁଲରେ ପାଠପଢ଼ା ନେଇ ଆଶଙ୍କା ଦେଖାଦେଇଛି। ପ୍ରକାଶ ଯେ, ଗତ ୨ଦିନ ତଳେ ତରଙ୍ଗିରାରେ ଆଦର୍ଶ ବିଦ୍ୟାଳୟର ଲୋକାର୍ପଣ ଉତ୍ସବ ହୋଇଥିଲା। ହେଲେ ଅଧାପନ୍ତରିଆ କାର୍ଯ୍ୟ ହୋଇ ଆଗକୁ କେବଳ ନୂତନ ଭାବେ ସଜାଯାଇ ଏହାକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ତରଙ୍ଗିରାରେ ଆଦର୍ଶ ବିଦ୍ୟାଳୟ ଖୋଲିବା ନିଷ୍ପତ୍ତି ପରେ ସ୍କୁଲ ଗୃହ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଟେଣ୍ଡର ଡାକିବା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଅସାଧୁ ମେଣ୍ଟ ଯୋଗୁ ସମୟ ଅନୁଯାୟୀ ଗୃହ କାର୍ଯ୍ୟ ଶେଷ ହୋଇପାରି ନ ଥିଲା। ହେଲେ ତରବରିଆ ଭାବେ ଏହି ଅଧାପନ୍ତରିଆ ସ୍କୁଲ ଗୃହକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଉଦ୍‌ଘାଟନ କରିଥିଲେ। କିନ୍ତୁ ଛାତ୍ରୀଛାତ୍ରମାନେ ଗତ ଏକ ବର୍ଷ ହେବ ଅସ୍ଥାୟୀ ଭାବେ ଚାଲିଥିବା ଗୋପ ବାଳିକା ବିଦ୍ୟାଳୟରେ ପାଠ ପଢୁଛନ୍ତି। ୨୦୨୨-୨୦୨୩ ଆର୍ଥିକ ବର୍ଷରେ ୧୬୨ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ଆନୁଷଙ୍ଗିକ ବ୍ୟବସ୍ଥା କିଛି ହୋଇ ନ ଥିବା ଜଣାପଡ଼ିଛି। ମାତ୍ର ୬ଜଣ ସ୍ଥାୟୀ ଶିକ୍ଷକ ଶିକ୍ଷୟିତ୍ରୀ ସହିତ ୨ଜଣ ଅସ୍ଥାୟୀ ଶିକ୍ଷକରେ ଶିକ୍ଷାଦାନ ଚାଲିଛି। ନୂତନ ଆଦର୍ଶ ବିଦ୍ୟାଳୟରେ ସ୍ଥାୟୀ ବିଦ୍ୟୁତ୍ ସେବା, ସଂଯୋଗୀକରଣ ରାସ୍ତା, ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଲାଗି ଚେୟାର, ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା, ଛାତ୍ରୀଛାତ୍ର ରହିବା ପାଇଁ ହଷ୍ଟେଲ ଓ ଅନ୍ୟାନ୍ୟ ସୁବିଧା ନାହିଁ। ଏପରିକି ସ୍କୁଲ ଗୃହ ନିର୍ମାଣରେ ପିଇବା ପାଣି ପାଇପ୍, ନିମ୍ନମାନର କାର୍ଯ୍ୟ ନେଇ ଅଭିଯୋଗ ହେଉଥିବା ବେଳେ ସ୍କୁଲର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତରବରିଆ ଭାବେ ଏହି ଆଦର୍ଶ ବିଦ୍ୟାଳୟକୁ ଲୋକାର୍ପିତ କରାଯିବା ଓ ଗୃହ ନିର୍ମାଣ କାର୍ଯ୍ୟ ଉପରେ ତଦନ୍ତ କରିବାକୁ ଦାବି କରାଯାଇଛି। ଅପରପକ୍ଷେ ଏବେ ଛାତ୍ରୀଛାତ୍ରମାନେ ପଢୁଥିବା ସ୍କୁଲ ଗୃହ ମଧ୍ୟ ଭାଙ୍ଗିରୁଜି ଯାଇଥିବା ବେଳେ ଦୟନୀୟ ଅବସ୍ଥାରେ ରହିଛି।

### ଏମାନେ ଯାହା କୁହନ୍ତି...



ସ୍କୁଲର ଅଧିକାଂଶ କାର୍ଯ୍ୟ ହୋଇଯାଇଥିବା ବେଳେ ଛୋଟ କାର୍ଯ୍ୟ କିଛି ରହିଛି। ଗୃହ ନିର୍ମାଣ କାର୍ଯ୍ୟ ସହିତ ବାକି ଥିବା କାର୍ଯ୍ୟ ଖୁବ୍‌ଶୀଘ୍ର କରାଯିବ। ଅନ୍ୟାନ୍ୟ ଅଭିଯୋଗ ଉପରେ କିଛି କହି ନ ଥିଲେ।

**– ହରିଶ୍ଚନ୍ଦ୍ର ପୂର୍ତ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ, କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗ**



ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ସରିବା ପରେ ମଧ୍ୟ ପାଠପଢ଼ା ହେବା ସମ୍ଭବପର ନୁହେଁ। କାରଣ ଗୃହ ନିର୍ମାଣ ଶେଷ ହୋଇଥିବାବେଳେ ଆହୁରି ଅନେକ କାର୍ଯ୍ୟ ରହିଛି। ମୁଖ୍ୟ ସଂଯୋଗୀକରଣ ରାସ୍ତା, ବିଦ୍ୟୁତ, ପାଚେରି ସହିତ ଅନ୍ୟାନ୍ୟ ସ୍କୁଲ ଜିନିଷ ନାହିଁ। ବର୍ଷେ ହେବ ଅସ୍ଥାୟୀ ଭାବେ ଏକ ବିଦ୍ୟାଳୟରେ ଚାଲୁଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସଂଖ୍ୟା କମ ରହିଥିବା ବେଳେ ତୁରନ୍ତ ସମସ୍ତ ସମସ୍ୟାର ପ୍ରତିକାର କରିବା ଦରକାର।

**–ଚିନ୍ମୟ ସେନାପତି, ପ୍ରଧାନ ଶିକ୍ଷକ, ଆଦର୍ଶ ବିଦ୍ୟାଳୟ**



ଆଦର୍ଶ ବିଦ୍ୟାଳୟରେ ଉ ଚ୍ଛ କେ । ଟି ର ପାଠପଢ଼ା ହେଉଛି। ନୂତନ ସ୍କୁଲ ଗୃହକୁ ଯାଇପାରି ନ ଥିବାରୁ ମନରେ ପାଠପଢ଼ା ପ୍ରତି ଆଗ୍ରହ କମିଯାଉଛି। କାରଣ ପାଠପଢ଼ା ଲାଗି ପରିବେଶ ସୁନ୍ଦର ହେବା ଆବଶ୍ୟକ ରହିଛି। ନିହାତି ସରକାର ଦୃଷ୍ଟି ଦେବା ଦରକାର। କାହିଁକି ନା ଏପର୍ଯ୍ୟନ୍ତ ଆମେ ନୂଆ ସ୍କୁଲ ଦେଖିପାରିଲୁ ନାହିଁ।

**– ଆଦିତ୍ୟ ରଞ୍ଜନ ରାଉତରାୟ, ଛାତ୍ର**



ଆଦର୍ଶ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ସୁଯୋଗ ପାଇଥିବାରୁ ବହୁତ ଖୁସି। କିନ୍ତୁ ସରକାର ଶିକ୍ଷା ବ୍ୟବସ୍ଥା ସହିତ ଅନ୍ୟାନ୍ୟ ସମସ୍ୟା ପ୍ରତି ଗୁରୁତ୍ୱ ଦିଅନ୍ତୁ। ଶିକ୍ଷା ଲାଗି ଉଚ୍ଚ ମାନର ଭିତ୍ତିଭୂମି ଜରୁରୀ। ତେଣୁ ଶୀଘ୍ର ଆଦର୍ଶ ବିଦ୍ୟାଳୟର ସମସ୍ତ କାର୍ଯ୍ୟ ସରିଯାଉ। ଯେତେ ଶୀଘ୍ର କାର୍ଯ୍ୟ ସରିବ, ଆମେ ସେତେ ଶୀଘ୍ର ସେଠାରେ ପାଠ ପଢ଼ିବାର ସୁଯୋଗ ପାଇବୁ।

**– ଆଲିସା ପ୍ରିୟଦର୍ଶିନୀ, ଛାତ୍ରୀ**



ଏକାମ୍ର ପ୍ରକଳ୍ପର ମଡେଲ। (ଫଟୋ- ମୌସମ୍)



ଯଜ୍ଞ ଅବସରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏବଂ ଅନ୍ୟମାନେ।

# ଶିବ ନାମରେ କମ୍ପୁଛି ଏକାମ୍ର କ୍ଷେତ୍ର



ଉତ୍ସବରେ ସଂକୀର୍ତ୍ତନ ପରିବେଷଣ କରାଯାଉଛି।

ଭୁବନେଶ୍ୱର(ଶର୍ମିଷ୍ଠା ପାଣିଗ୍ରାହୀ)/ ପୁରୁଣା ଭୁବନେଶ୍ୱର, ୨୭।୬ (ସୁବାସ ଚନ୍ଦ୍ର ପ୍ରଧାନ)

**ଏକାମ୍ର ପ୍ରକଳ୍ପ ଭୂମିପୂଜନ କାର୍ଯ୍ୟକ୍ରମ**
- **ସରିଲା କଳସ ପୂଜା, ଯଜ୍ଞ ପୂର୍ଣ୍ଣାହୁତି**
- **ଆଜି ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ**

ଶିବ ନାମରେ କମ୍ପିଉଠୁଛି ଏକାମ୍ର କ୍ଷେତ୍ର। ମନ୍ତ୍ର, ଭଜନ, ଜଣାଣରେ ଭାବ ବିହ୍ୱଳ ହେଉଛନ୍ତି ଭକ୍ତ। ସକାଳେ ଓ ସନ୍ଧ୍ୟାରେ ଭକ୍ତଙ୍କ ଭିଡ଼ ଲାଗି ରହୁଛି। ପ୍ରଥମ ଦିନ ଅପେକ୍ଷା ଦ୍ୱିତୀୟ ଦିନ ମଙ୍ଗଳବାର ଭକ୍ତଙ୍କ ସଂଖ୍ୟା ବଢ଼ିଥିବା ଦେଖିବାକୁ ମିଳିଛି। ୩ଦିନ ଧରି ହେବାକୁ ଥିବା ଏକାମ୍ର ପ୍ରକଳ୍ପ ଭୂମିପୂଜନ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି ଅନେକ ଶ୍ରଦ୍ଧାଳୁ। ମଙ୍ଗଳବାର ସକାଳ ୬ଟାରେ କଳସ ପୂଜା ହୋଇଥିଲା। ଏହାପରେ ବିନ୍ଦୁସାଗର ଘାଟରେ ସୂର୍ଯ୍ୟ ପୂଜା, ଗୋମାତା ପୂଜା ହୋଇଥିଲା। ଅପରାହ୍ନ ୩ଟା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ସେହିପରି ସନ୍ଧ୍ୟା ୭ଟା ୧୦ରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ରୀତିନୀତି ଏକ ପବିତ୍ର ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ବିଏମ୍‌ସି ମାର୍କେଟ କମ୍ପ୍ଲେକ୍ସ ପରିସରରେ ଆୟୋଜିତ ସ୍କାଏ ପ୍ରୋଜେକ୍ସନ୍, ପ୍ରଦର୍ଶନୀ ଏବଂ ପ୍ରୋଜେକ୍ସନ ମ୍ୟାପିଂ ଦିନର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା। ଭୁବନେଶ୍ୱରର ଐତିହ୍ୟ ଓ ସଂସ୍କୃତିକୁ ନେଇ ପ୍ରସ୍ତୁତ ଏହି ଦୃଶ୍ୟମାନ ଚିତ୍ତାକର୍ଷକ ପ୍ରଦର୍ଶନ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଦର୍ଶକମାନଙ୍କୁ ଭୁବନେଶ୍ୱର ସହରର ଐତିହାସିକ ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲା। ସହରର ଐତିହ୍ୟପୂର୍ଣ୍ଣ ସ୍ଥାପତ୍ୟ ଏବଂ କଳାତ୍ମକ ପରମ୍ପରାର ସାକ୍ଷୀ ଥିବା ପରିଦର୍ଶକମାନେ ଏହାକୁ ମନଭରି ଉପଭୋଗ କରିଥିଲେ। ଦିନସାରା ମୁଖ୍ୟ ମଞ୍ଚରେ ପରିବେଷିତ ଚିତ୍ତାକର୍ଷକ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଭୁବନେଶ୍ୱରର ସମୃଦ୍ଧ କଳା ଐତିହ୍ୟର ଏକ ପ୍ରମାଣ ଭାବେ ଏହି ପ୍ରଦର୍ଶନଗୁଡ଼ିକ ଦର୍ଶକଙ୍କୁ ଆମୋଦିତ କରୁଛି । ଆଲୋକମାଳାରେ ସଜ୍ଜିତ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର, ବିନ୍ଦୁ ସାଗର ଏବଂ ଅନେକ ଛୋଟ ମନ୍ଦିର ଖୁବ୍ ଆକର୍ଷଣୀୟ ଲାଗୁଛି। ଏହି ପ୍ରାଚୀନ ସଂରଚନାଗୁଡ଼ିକର ଉଜ୍ଜ୍ୱଳ ସ୍ଥାପତ୍ୟ ଏବଂ ଆଧ୍ୟାତ୍ମିକ ଆଭା ପରିଦର୍ଶକ ଓ ଭକ୍ତଙ୍କୁ ବିମୋହିତ କରୁଛି। ପ୍ରକଳ୍ପ ପରିଯୋଜନାକୁ ପ୍ରଦର୍ଶିତ କରୁଥିବା ଏକାମ୍ର କ୍ଷେତ୍ର ପ୍ରୋଜେକ୍ଟ ମ୍ୟାପିଂ ଅନେକ ପରିଦର୍ଶକଙ୍କୁ ଆକର୍ଷିତ କରିଥିଲା। ବୁଧବାର ସକାଳ ୮ଟା ୩୦ରେ ଭୂମିପୂଜନ ଉତ୍ସବ ସମ୍ପନ୍ନ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ୫-ଟି ସଚିବ ଭି.କେ.ପାଣ୍ଡିଆନ, ଡିସିପି ପ୍ରତୀକ ସିଂ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଭକ୍ତିଭାବ ଭରିଲା ଭଜନ ସମାରୋହ





ଉପାସନା ସାହୁ ଏବଂ ଅଭିଜିତ ମିଶ୍ର ଭଜନ ପରିବେଷଣ କରୁଛନ୍ତି।

ସନ୍ଧ୍ୟାରେ ଲିଙ୍ଗରାଜ ମନ୍ଦିର ନିକଟରେ ଭଜନ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ କଣ୍ଠଶିଳ୍ପୀ ଅଭିଜିତ ମିଶ୍ର, ଉପାସନା ସାହୁ, ପଣ୍ଡିତ ନୀଳାଦ୍ରି କୁମାର ଏବଂ ମହାଲକ୍ଷ୍ମୀ ଆୟାର ପ୍ରମୁଖ ପ୍ରଖ୍ୟାତ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ସେମାନଙ୍କର ସୁମଧୁର ସ୍ୱର ଓ ଭକ୍ତିପୂତ ଉପସ୍ଥାପନା ଦର୍ଶକଙ୍କୁ ବିମୁଗ୍ଧ କରିବା ସହ କାର୍ଯ୍ୟକ୍ରମର ଆଧ୍ୟାତ୍ମିକ ମହତ୍ତ୍ୱ ସହିତ ଶାନ୍ତି ଏବଂ ଭକ୍ତିର ବାତାବରଣ ସୃଷ୍ଟି କରିଥିଲା। ପ୍ରସିଦ୍ଧ କଣ୍ଠଶିଳ୍ପୀ ଏ. ହରିହରନ୍ ବୁଧବାର ସନ୍ଧ୍ୟା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିବେ।



କାର୍ଯ୍ୟକ୍ରମରେ ବାଦ୍ୟ ପରିବେଷଣ କରାଯାଉଛି।

# ବେସରକାରୀ ଅଧ୍ୟାପକ - ପୋଲିସ ଧସ୍ତାଧସ୍ତି



ଲୋୟର ପିଏମ୍‌ଜିରେ ବିକ୍ଷୋଭ ବେଳେ ଅଧ୍ୟାପିକା ଅଧ୍ୟାପକଙ୍କ ସହ ପୋଲିସର ଧସ୍ତାଧସ୍ତି। (ଫଟୋ- ମନୋରଞ୍ଜନ)

ଭୁବନେଶ୍ୱର,୨୭।୬(ଅଭିଜିତ ଦାସ)

**୧୦ରୁ ଉର୍ଦ୍ଧ୍ୱ ଆନ୍ଦୋଳନକାରୀ, ୪ରୁ ଅଧିକ ପୋଲିସ ଆହତ**

ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଙ୍ଗଳବାର ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଆନ୍ଦୋଳନ ବେଳେ ଅଧ୍ୟାପିକା ଅଧ୍ୟାପକ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ଏଥିରେ କେତେଜଣ ଅଧ୍ୟାପିକା ଅଧ୍ୟାପକ ଓ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ୨୦୦୮ରୁ ୨୦୧୩ ମସିହା ମଧ୍ୟରେ ପ୍ରତିଷ୍ଠା ହୋଇଥିବା ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ ନିମନ୍ତେ ଉଚ୍ଚଶିକ୍ଷା ବିଭାଗର ନୂତନ ଗ୍ରାଣ୍ଟ-ଇନ୍-ଏଡ୍ ନୀତିକୁ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ବିରୋଧ କରିଛି। ୨୦୦୮ ମସିହା ପରବର୍ତ୍ତୀ ସମସ୍ତ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀଙ୍କୁ ସେମାନଙ୍କର ପ୍ରାପ୍ୟ ଦେବା ସହ ସ୍ଥାୟୀ ନିଯୁକ୍ତି ଲାଗି ରାଜ୍ୟ ସରକାର ପଦକ୍ଷେପ ନେବାକୁ ସଂଘ ଦାବି କରିଛି। ଏନେଇ ସଂଘ ପକ୍ଷରୁ ମଙ୍ଗଳବାର ଲୋୟର ପିଏମ୍‌ଜିରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ ପୋଲିସ ପକ୍ଷରୁ ଜାରି ହୋଇଥିବା ୧୪୪ ଧାରାକୁ ଆନ୍ଦୋଳନକାରୀମାନେ ଅମାନ୍ୟ କରି ବିଧାନସଭା ଆଡ଼କୁ ମାଡ଼ିଆସିଥିଲେ। ଏପରିକି ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ୪ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ଅଧ୍ୟାପିକା ଅଧ୍ୟାପକ ଆହତ ହୋଇଥିବା ଜଣାପଡ଼ିଛି।

## ୯ ଅଧ୍ୟାପକ ଗିରଫ

ଭୁବନେଶ୍ୱର,୨୭।୬ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଙ୍ଗଳବାର ପୋଲିସ ଓ ବେସରକାରୀ ଅଧ୍ୟାପକ ସଂଘ ମଧ୍ୟରେ ଧସ୍ତାଧସ୍ତିବେଳେ ଉଭୟ ପକ୍ଷରୁ ଅନେକ ଆହତ ହୋଇଛନ୍ତି। ତେବେ ୧୪୪ ଧାରା ଉଲ୍ଲଂଘନ ସହ ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ସଂଘ ବିରୋଧରେ କମିଶନରେଟ୍ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆନ୍ଦୋଳନକାରୀ ୯ଜଣ ଅଧ୍ୟାପକଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଶ୍ୱରଞ୍ଜନ ଦାସ, ସୁଶାନ୍ତ କୁମାର ପରିଡ଼ା, କୃତ୍ତିବାସ ପ୍ରଧାନ, ରାଜକିଶୋର ପାତ୍ର, ତାପସ କୁମାର ପାତ୍ର, ପ୍ରିୟବ୍ରତ ମହାପାତ୍ର, କରୁଣାକର ନାୟକ, ଅରୁଣ କୁମାର ରାମ ଓ ପ୍ରଦୀପ କୁମାର ମାଝି। ଏ ନେଇ ପୋଲିସ ଏକ ମାମଲା (ନଂ. ୪୦୩/୨୦୨୩) ରୁଜୁ ତଦନ୍ତ ଜାରି ରଖିଛି। ଏହି ଘଟଣାରେ ୪ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ ହୋଇଥିବା ଥାନାଧିକାରୀ ପଦ୍ମନାଭ ପ୍ରଧାନ ସୂଚନା ଦେଇଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କମଳା



@ ପୀତବାସ



@ ରବୀନ୍ଦ୍ରନାଥ



@ କିଶନ



@ ରଞ୍ଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସାରେଗାମାପା ଲିଟିଲ୍ ଚାମ୍ପ୍-୨୦୨୩ର ଅଡିସନ




ଭୁବନେଶ୍ୱର,୨୭।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଜୀ-ସାର୍ଥକରେ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି ସାନପିଲାଙ୍କ ପାଇଁ ଓଡ଼ିଶାର ସବୁଠାରୁ ବଡ ସିଙ୍ଗିଙ୍ଗ ରିୟାଲିଟି ଶୋ 'ସାରେଗାମାପା ଲିଟିଲ ଚାମ୍ପ ୨୦୨୩ - ଆଜି ଛୋଟ କଲି ଉସ୍ତାଦ'। ଏହି ମେଗା ରିଆଲିଟି ଶୋ' ପୁଣିଥରେ ଦର୍ଶକଙ୍କ ପାଖକୁ ଫେରୁଛି। ଜୀ ସାର୍ଥକ ପକ୍ଷରୁ ଏନେଇ ଘୋଷଣା କରାଯାଇଛି। ସ୍ୱର ଓ ସଂଗୀତକୁ ଭଲ ପାଉଥିବା ଏବଂ ଏଥିରେ କ୍ୟାରିୟର ରଖିବାକୁ ଚାହୁଁଥିବା କୁନି କଳାକାରଙ୍କ ପାଇଁ ଏହି ଶୋ' ଏକ ବଡ ପ୍ଲାଟ୍‌ଫର୍ମ। ଏଥିରେ ଭାଗ ନେବା ପାଇଁ ବୟସ ସୀମା ୫ ବର୍ଷରୁ ୧୫ ବର୍ଷ ରହିଛି। ଏଥିପାଇଁ ଅଡିସନ ଖୁବଶୀଘ୍ର ଓଡ଼ିଶାର କିଛି ପ୍ରମୁଖ ସହରରେ ଭିନ୍ନ ଭିନ୍ନ ତାରିଖରେ ହେବାକୁ ଯାଉଛି। ଜୁଲାଇ ୧ରେ ପୁରୀର ସୁଭାଷ ବୋଷ ଛକ ନିକଟରେ ଥିବା ସଂସ୍କୃତି ଭବନ ଓ ଜୁଲାଇ ୨ରେ ଭୁବନେଶ୍ୱର ୟୁନିଟ-୧ସ୍ଥିତ କସ୍ତୁରବା ନାରୀ ମହଲରେ ଅଡିସନ ହେବାର କାର୍ଯ୍ୟକ୍ରମ ରହିଛି।

## ସଂକ୍ଷେପରେ

### ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା

କଟକ,୨୭।୬(ସୁପ୍ରିୟା ପ୍ରିୟଦର୍ଶିନୀ)- କଟକ ମିଶନ ରୋଡସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧକ୍ଷା ଏମ୍. ତୃପ୍ତିରାଣୀଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ୍ ସୁରେନ୍ଦ୍ର କୁମାର ନନ୍ଦ, ଷ୍ଟିୱାର୍ଟ ସ୍କୁଲ ସମୂହର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଆଡ୍‌ଭୋକେଟ୍ ବିଭୁଦତ୍ତ ଦାସ, ଡାୟୋସେସିଆନ ଶିକ୍ଷା ବୋର୍ଡର ସମ୍ପାଦକ ଏଫ୍.ସି. ନର୍ଥ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ତୃପ୍ତିରାଣୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମୌସୁମୀ ଦାସ, ସୁମିତ୍ରା ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ଅଭା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ୫-ଟି ରୂପାନ୍ତରଣରେ ସାମିଲ ହେଲା କଳିଙ୍ଗ ପବ୍ଲିକ ସ୍କୁଲ

ଚୌଦ୍ୱାର,୨୭।୬(ଆଶୁତୋଷ ଦାସ)- ଚୌଦ୍ୱାରର ସର୍ବପୁରାତନ ଇଂଲିଶ ମାଧମ ବିଦ୍ୟାଳୟ କଳିଙ୍ଗ ପବ୍ଲିକ ସରକାରୀ ହାଇସ୍କୁଲ ୫-ଟି ରୂପାନ୍ତରଣରେ ସାମିଲ ହୋଇଛି। ଫଳରେ ଏହାର ଆନୁଷଙ୍ଗିକ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ନିମନ୍ତେ ଏକ ଜରୁରୀ ବୈଠକ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଶୀଲ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ବିଡିଓ ଆଶୁତୋଷ ମିଶ୍ର, ବ୍ଲକ ଶିକ୍ଷାଧିକାରୀ ସରୋଜିନୀ ସାହୁ, କଳିଙ୍ଗ ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଗୌତମ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ରୂପାନ୍ତରଣ ପ୍ରକ୍ରିୟାରେ ବିଦ୍ୟାଳୟଟିକୁ ସାମିଲ କରାଯାଇ ଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ଏଥିସହ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦିଗରେ ସମସ୍ତ ସହଯୋଗ କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ପରିଚାଳନା କମିଟି ସଭାପତି ଜୟଶ୍ରୀ ମହାନ୍ତି, ସଞ୍ଜୟ ମହାନ୍ତି, ସରୋଜ କୁମାର ଦୀକ୍ଷିତ, ପୁରାତନ ଛାତ୍ର ସତ୍ୟବ୍ରତ ଦାସ, ଭାରତୀ ମହାନ୍ତି, ଜୟ ସିଂଙ୍କ ସମେତ ବହୁ ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଏଥିରେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାତ୍ର ଧନ୍ୟବାଦ ଦେଇଥିଲେ। ଅନୁରୂପ ଭାବେ ଚୌଦ୍ୱାର ବାଳିକା ଉଚ୍ଚ ବିଦ୍ୟାଳୟ ମଧ ୫-ଟି ରୁପାନ୍ତରଣରେ ସାମିଲ ହୋଇଥିବା ଜଣାପଡିଛି।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ବାଙ୍କୀ,୨୭।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ବ୍ଲକ ଗୋପାଳପୁର ଗୋବିନ୍ଦ ରଥ ଏମ୍ଇ ସ୍କୁଲ୍‌ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମାନଗୋବିନ୍ଦ ସାହୁଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ସମୟରେ ସ୍ତ୍ରୀ ସାବିତ୍ରୀ ସାହୁଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସେ ଜଣେ ଆଦର୍ଶ ଶିକ୍ଷକଥିଲେ। ସାହୁ ବାଙ୍କୀ ତୈଳିକ ବୈଶ୍ୟ ମହାସଂଘର ସଭାପତି ଓ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସତ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ମନୋଜ ମୁଖାଗ୍ନି ପ୍ରଦାନ କରିଥିଲେ। ତାଙ୍କ ମୃତ୍ୟୁରେ ବାଙ୍କୀ ଓ ଡମପଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଯୋଗଦାନ

ବାଙ୍କୀ,୨୭।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)- ବାଙ୍କୀ ଏନ୍‌ଏସିର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ସମ୍ପଦ କୁମାର ସ୍ୱାଇଁ ମଙ୍ଗଳବାର ଯୋଗଦାନ କରିଛନ୍ତି। ସେ ଏହା ପୂର୍ବରୁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଭାବେ କାର୍ଯ୍ୟ କରୁଥିଲେ। ଅପରପକ୍ଷେ ଏଠାରେ କାର୍ଯ୍ୟରତ ଅଜିତ୍ ନାରାୟଣ ପ୍ରସାଦ ଗିରିଙ୍କ ବଦଳି ପଟ୍ଟାମୁଣ୍ଡାଇ ହୋଇଯାଇଛି। ଏନେଇ ଗିରି ଏନ୍‌ଏସି କାର୍ଯ୍ୟାଳୟରେ ସ୍ୱାଇଁଙ୍କୁ କାର୍ଯ୍ୟଭାର ହସ୍ତାନ୍ତର କରିଛନ୍ତି। ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଇଁଙ୍କୁ କର୍ମଚାରୀ ସଂଘ ସଭାପତି ତଥା ନଗରପାଳଙ୍କ ପ୍ରତିନିଧି କାଉନସିଲର ସନାତନ ବେହେରା ସ୍ୱାଗତ କରିଥିଲେ। ଉପନଗରପାଳ ସନ୍ତୋଷ କୁମାର ରଣା ବିଦାୟୀ ନିର୍ବାହୀ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ କାଉନ୍‌ସିଲର ରାଜେନ୍ଦ୍ର ମହାପାତ୍ର, ପୂର୍ବତନ ଉପନଗରପାଳ ତଥା ନଗର ବିଜେଡି କାର୍ଯ୍ୟକାରୀ ସଭାପତି ଭାଗୀରଥି ବିଶ୍ୱାଳ ଓ କାଉନସିଲର ସନାତନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କଳାରେ ୯୬.୯୬%, ବିଜ୍ଞାନ ୯୭.୮୧%, ବାଣିଜ୍ୟ ୯୬.୩୨% ପାସ୍

**ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶ**

- ଚିନ୍ମୟୀ ବେହେରା ଶ୍ରେଷ୍ଠ ଗ୍ରାଜୁଏଟ୍

ସାଲେପୁର,୨୭।୬(ଅରବିନ୍ଦ ଭୂୟାଁ)


ଖବରଦାତା ସମ୍ମିଳନୀରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଓ କଲେଜ ଅଧକ୍ଷା ଡ. ସଂଗୀତା ମିଶ୍ର ଓ ଅନ୍ୟମାନେ ।

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶ ପାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ୩ଟି ବିଭାଗର ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିଥିଲେ। ଚଳିତ ବର୍ଷ ଯୁକ୍ତ ୩ ପରୀକ୍ଷାରେ ମୋଟ୍ ୩ ବିଭାଗରେ ୬୫୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୬୩୮ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ୨୦ଜଣ ଫେଲ୍ ହୋଇଥିବାବେଳେ ୪୧୦ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀ ଡିଷ୍ଟିଂଶନ୍, ୧୮୯ଜଣ ପ୍ରଥମ ଶ୍ରେଣୀ, ୩୯ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ କଲେଜର ସମୁଦାୟ ପାସ୍ ହାର ୯୬.୯୬ ପ୍ରତିଶତ ରହିଛି। କଲେଜର ବେଷ୍ଟ ଗ୍ରାଜୁଏଟ୍ ଭାବେ ଚିନ୍ମୟୀ ବେହେରା ସମ୍ମାନିତ ହୋଇଛନ୍ତି। ଯୁକ୍ତ ୩ କଳାରେ ୨୪୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିରୁ ୨୩୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ୮ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ଏଥିରେ ୧୩୮ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଂଶନ୍, ୭୯ ପ୍ରଥମ ଶ୍ରେଣୀ, ୧୫ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ପାସ୍‌ହାର ଶତକଡ଼ା ୯୬.୬୭ ରହିଛି। ଅର୍ଥନୀତି ସମ୍ମାନରେ କ୍ରୀତିକ୍ ଦାସ, ଶିକ୍ଷା ସମ୍ମାନରେ ଅନ୍ନପୂର୍ଣ୍ଣା ସାହୁ, ଇଂଲିଶ୍ ସମ୍ମାନରେ ସୁଶ୍ରୀସଂଗୀତା ଦାସ, ଇତିହାସ ସମ୍ମାନରେ ଦୂରୀ ଅଫ୍‌ସାନା ବିବି, ଗୃହ ବିଜ୍ଞାନ ସମ୍ମାନରେ ଯୁଗ୍ମ ଭାବେ ଶୁଭଲକ୍ଷ୍ମୀ ଓଝା ଓ ଭବାନୀ ସ୍ୱାଇଁ, ଓଡ଼ିଆ ସମ୍ମାନରେ ଭାସ୍କର ଚନ୍ଦ୍ର ସାହୁ, ଫିଲୋଶିପ ସମ୍ମାନରେ ଅନନ୍ୟା ଶତପଥୀ, ରାଜନୀତି ବିଜ୍ଞାନ ସମ୍ମାନରେ ପ୍ରିୟଙ୍କା ନାୟକ, ସଂସ୍କୃତ ସମ୍ମାନରେ ଲଗ୍ନଜିତା ପଣ୍ଡା ଏବଂ ସୋସିଓଲୋଜିରେ ମଧୁସ୍ମିତା ରାଉତ ଟପ୍ପର ହୋଇଥିବାବେଳେ ଅନ୍ନପୂର୍ଣ୍ଣା ସାହୁ କଳାବିଭାଗରେ ଟପ୍ପର ହୋଇଛନ୍ତି। ସେହିପରି ଯୁକ୍ତ ୩ ବିଜ୍ଞାନରେ ସାଲେପୁର କଲେଜରେ ମୋଟ୍ ୨୨୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୨୨୩ଜଣ


ଚିନ୍ମୟୀ ବେହେରା

ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ୫ଜଣ ଫେଲ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୫୬ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଂଶନ, ପ୍ରଥମ ଶ୍ରେଣୀରେ ୬୭ଜଣ କୃତକାର୍ଯ୍ୟ ହୋଇଥିବାବେଳେ ସଫଳତା ହାର ୯୭.୮୧ପ୍ରତିଶତ ରହିଛି। ଉଦ୍ଭିଦ ବିଜ୍ଞାନରେ ଧରିତ୍ରୀ ଲେଙ୍କା, ରସାୟନ ବିଜ୍ଞାନରେ ଈପ୍‌ସିତା ଦାସ, ଗଣିତରେ ଅନସୂୟା ପରମାଣିକ, ପଦାର୍ଥ ବିଜ୍ଞାନରେ ଲକ୍ଷ୍ମୀକାନ୍ତ ମାଥାନ୍,ଗଣିତରେ ବାସନ୍ତୀ ଗୋସ୍ୱାମୀ, ପ୍ରାଣୀ ବିଜ୍ଞାନରେ ଚିନ୍ମୟୀ ବେହେରା ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟରେ ମୋଟ୍ ୧୯୦ଜଣ ପରୀକ୍ଷା ଦେଇଥିବାବେଳେ ୧୮୩ ଜଣ କୃତକାର୍ଯ୍ୟ ହୋଇଛନ୍ତି ଓ ୭ଜଣ ଫେଲ୍ ହୋଇଛନ୍ତି। ସେଥିରୁ ୧୧୬ ପ୍ରଥମ ଶ୍ରେଣୀ ଡିଷ୍ଟିଂଶନ୍, ୪୩ ପ୍ରଥମ ଶ୍ରେଣୀରେ, ୨୪ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସମୁଦାୟ ପାସ୍ ହାର ୯୬.୩୨ ରହିଛି। ବାଣିଜ୍ୟରେ କରିସ୍ମା ମଲ୍ଲିକ କଲେଜ ଟପ୍ପର ହୋଇଛନ୍ତି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ କଲେଜ ଅଧକ୍ଷା ଡ. ସଂଗୀତା ମିଶ୍ର, ପରିଚାଳନା କମିଟିର ସଭାପତି ମନୋରଞ୍ଜନ ଦାଶ, କଲେଜ ପ୍ରଶାସନିକ ଅଧିକାରୀ ଡ. ପ୍ରସନ୍ନ କୁମାର ମହାପାତ୍ର, ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ଜେନା, ଉପପରୀକ୍ଷା ନିୟନ୍ତ୍ରକ ଡ. ସ୍ୱାତୀ ପଣ୍ଡା, ତୁଷାର କୁମାର ମହାନ୍ତି ଓ୍ କରୁଣାକର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ତିଗିରିଆ ବ୍ଲକର ୨ ଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ

ତିଗିରିଆ, ୨୭।୬(ଜାଫର ଖାଁ)

ତିଗିରିଆ ବ୍ଲକର ୨ ଜଣ ଛାତ୍ରୀ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ଯୁକ୍ତ ୩ ପରୀକ୍ଷାରେ କୃତିତ୍ୱ ହାସଲ କରି ସ୍ୱର୍ଣ୍ଣ ପଦକ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ବ୍ଲକ ନୂଆପାଟଣା ଚୈତନ୍ୟ ସାହୁ କଳା ଓ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ ଯୁକ୍ତ ୩ କଳା ଛାତ୍ରୀ ଶର୍ମିଷ୍ଠା ସାହୁ ବିଶ୍ୱବିଦ୍ୟାଳୟ ଅଧୀନରେ ଓଡ଼ିଆ ସମ୍ମାନରେ ପ୍ରଥମ ସ୍ଥାନ ହାସ କରିଛନ୍ତି। ଶର୍ମିଷ୍ଠା ହେଉଛନ୍ତି ତିଗିରିଆ ବ୍ଲକ କଳିବିର ଗ୍ରାମର ସନ୍ତୋଷ ସାହୁଙ୍କ କନ୍ୟା । ଆଗକୁ ସେ ଶିକ୍ଷକତା କରିବେ ବୋଲି ପ୍ରକାଶ କରିଛନ୍ତି । ଅନ୍ୟ ଛାତ୍ରୀ ଜଣଙ୍କ ହେଲେ ତିଗିରିଆ ବ୍ଲକ ଗଦାଧରପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଡିପୁର ଗ୍ରାମର ବିଜ୍ଞାନ ବିଭାଗ ଛାତ୍ରୀ ରୋଜାଲିନ ମନ୍ତ୍ରୀ । ସେ ବଡମ୍ବା ବ୍ଲକ ବିଧାରପୁରସ୍ଥିତ ଆର.ପି ଆବାସିକ ଡିଗ୍ରୀ ବିଜ୍ଞାନ ମହାବିଦ୍ୟାଳୟରେ ଯୁକ୍ତ ୩ ଗଣିତ ସମ୍ମାନର ଛାତ୍ରୀ। ସେ ଏହି ବିଭାଗରେ ବିଶ୍ୱବିଦ୍ୟାଳୟରୁ ଟପ୍ପର ହୋଇଛନ୍ତି। ଉଭୟ ଛାତ୍ରୀଙ୍କୁ ତିଗିରିଆ ବ୍ଲକ ଛାତ୍ର ବିଜେଡି ତରଫରୁ ସମ୍ବର୍ଦ୍ଧିତ କରାଯାଇଛି।


ଶର୍ମିଷ୍ଠା ସାହୁ


ରୋଜାଲିନ ମନ୍ତ୍ରୀ

# ଶ୍ୟାମସୁନ୍ଦର ସ୍ୱାଇଁଙ୍କୁ 'ସେବା ରତ୍ନମଣି ସମ୍ମାନ'

ମାହାଙ୍ଗା,୨୭।୬(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତ ଇନ୍ଦା ଗ୍ରାମର ସାମାଜିକ କର୍ମୀ ଶ୍ୟାମସୁନ୍ଦର ସ୍ୱାଇଁଙ୍କୁ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ କଲ୍‌ଚରାଲ ଡେଭଲପମେଣ୍ଟ ଫାଉଣ୍ଡେଶନ ଫେଷ୍ଟିଭାଲ ପକ୍ଷରୁ 'ସେବା ରତ୍ନମଣି ସମ୍ମାନ'ରେ ସମ୍ମାନିତ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ ଯୋଗୁ ତାଙ୍କୁ ସମ୍ମାନିତ କରାଯାଇଥିବା ଜଣାପଡ଼ିଛି।



ସାମାଜିକ କର୍ମୀ ଶ୍ୟାମସୁନ୍ଦର ସ୍ୱାଇଁଙ୍କୁ 'ସେବା ରତ୍ନମଣି ସମ୍ମାନ'ରେ ସମ୍ମାନିତ କରାଯାଉଛି ।

# ଗମନାଗମନ, ଜବରଦଖଲ ଉଚ୍ଛେଦ ଉପରେ ଗୁରୁତ୍ୱାରୋପ

**ଅଚ୍ୟୁତାନନ୍ଦଙ୍କ ପୀଠ ଗସ୍ତ କଲେ ଜିଲାପାଳ**

ନେମାଳ,୨୭।୬ (କିରଣ ଶଙ୍କର ନାୟକ)

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠକୁ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଗସ୍ତର ୧ ମାସ ପରେ ମଧ କୌଣସି ସହାୟତା ଘୋଷଣା କରାଯାଇନାହିଁ। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ମଙ୍ଗଳବାର ପୀଠ ଗସ୍ତରେ ଆସି ଏନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ପୀଠକୁ ଗମନାଗମନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ରାସ୍ତାଘାଟଗୁଡ଼ିକରୁ ଜବରଦଖଲ ଉଚ୍ଛେଦ ସହ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ


ନେମାଳ ପୀଠରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟମାନେ ।

ଦେଇଛନ୍ତି । ଏହି ରାସ୍ତା ନିର୍ମାଣରେ ଜମି ହରାଉଥିବା ବ୍ୟକ୍ତିମାନଙ୍କ ସହ ଆଲୋଚନା କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସମସ୍ତ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଯଥାଶୀଘ୍ର ଏହି ପୀଠର ବିକାଶ ପାଇଁ ବିକଳ୍ପ ରାସ୍ତା ନିର୍ମାଣ କରାଯିବ। ଏହାପରେ ଆବଶକ ଜମି ଅଧିଗ୍ରହଣ କରାଯାଇ ପୀଠର ସୁବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ଚୟନୀ ପ୍ରକାଶ କରିଛନ୍ତି । ଚୟନୀଙ୍କ ଏହି ଗସ୍ତ ସମୟରେ ଉପଜିଲାପାଳ କମଳଜିତ୍ ଦାସ, ନିଶ୍ଚିନ୍ତକୋଇଲି ତହସିଲଦାର ଦିଲୀପ ନାୟକ, କଟକ ସଦର ଅତିରିକ୍ତ ତହସିଲଦାର କ୍ରିଷ୍ଣା ପାଢୀଙ୍କ ସମେତ ଯୁବନେତା ଅମୀୟ ପ୍ରସାଦ ମହାନ୍ତି, ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# 'କେନ୍ଦ୍ରୀୟ ଯୋଜନା ସମ୍ପର୍କିତ ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଅ'

ମଙ୍ଗୁଳି-ଜଗତପୁର,୨୭।୬ (ମାନସ ସାମଲ)

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ୯ବର୍ଷ ପୂର୍ତ୍ତି ଉପଲକ୍ଷେ ଜଗତପୁର ଥାନା ଅଧୀନ ଗୁଜରପୁର ପଞ୍ଚାୟତସ୍ଥିତ ଏକ କଲ୍ୟାଣ ମଣ୍ଡପରେ ସାଲେପୁର ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ବହୁଗ୍ରାମ ମଣ୍ଡଳସ୍ତରୀୟ ସାଧାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସୁଜିତ୍ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ, କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ସମ୍ପର୍କିତ ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଅ। ଏଥିସହ ଲୋକଙ୍କ ସେବାରେ ସାମିଲ ହେବାକୁ କର୍ମୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟ ଅତିଥି ଭାବେ ଜିଲା ମହିଳା ମୋର୍ଚ୍ଚା ଉପସଭାପତି ପୂର୍ଣ୍ଣିମା ବସ୍ତିଆ, ମହାଜନପୁର ପଞ୍ଚାୟତ ସଭାପତି ଅମ୍ବିକା କର, ବହୁଗ୍ରାମ ମହିଳା ମୋର୍ଚ୍ଚା ସଭାପତି ତୁଳସୀ ଦାସ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୀତାଞ୍ଜଳି ପ୍ରଧାନ, ଜିଲା କୋଷାଧକ୍ଷ ଲକ୍ଷ୍ମୀଧର ନାଥ ପ୍ରମୁଖ ଯୋଗଦେଇଥିଲେ। ଏହି ସଭାରେ ସରପଞ୍ଚ ଚିତ୍ତ ରଞ୍ଜନ ନନ୍ଦୀ, ଗୌରାଙ୍ଗ ପରିଡ଼ା, ଫରଜନ ଖାନ୍, ମାନସ କରଣ, ପୂର୍ବତନ ସମିତି ସଭ୍ୟ ଜିତନ ପାତ୍ର, ବିଶ୍ୱଜିତ୍ ସାମନ୍ତରାୟ, ରବୀନ୍ଦ୍ର ଦାସ, ସ୍ମୃତି ରଞ୍ଜନ ମହାନ୍ତି, ପବିତ୍ର ରଞ୍ଜନ ବେହେରା, ବହୁଗ୍ରାମ ମଣ୍ଡଳ ପ୍ରଭାରୀ ସେକ୍ ନଜିବୁଲ୍ଲାଙ୍କ ସମେତ ଶତାଧିକକର୍ମୀ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଭଜନ ସମାରୋହ ଉଦ୍‌ଯାପିତ

ଆଠଗଡ଼, ୨୭।୬(ସତ୍ୟ ପ୍ରକାଶ ରଥ)

ଆଠଗଡ଼ ବ୍ଲକରେ ଶ୍ରୀ ଜଗନ୍ନାଥ ସେବା ସଂସ୍ଥା ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ଗୁଣ୍ଡିଚା ଭଜନ ସମାରୋହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଘୋଷଯାତ୍ରାଠାରୁ ୮ ଦିନ ବ୍ୟାପୀ ଏହି ସମାରୋହ ଆୟୋଜନ କରାଯାଇଥିଲା। ଉଦଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଆଠଗଡ ଏନ୍‌ଏସି ନଗରପାଳ ସସ୍ମିତା ରାଉତ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ହେମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଧାନାଥ ଦାସ ସଭାପତିତ୍ୱ କରିଥିରେ। ଆଠଗଡ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ବିଶି, ତହସିଲଦାର ପ୍ରିୟବ୍ରତ ଦାସ ,ସେବା ସଂସ୍ଥାର ସହ ସମ୍ପାଦକ ଅଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସେବା ସଂସ୍ଥାର ସମ୍ପାଦକ ପାର୍ଥ ସାରଥୀ ପଟ୍ଟନାୟକ ସଂଯୋଜନା କରିଥିଲେ। ଏହି ଭଜନ ସମାରୋହରେ ରାଜ୍ୟର ପ୍ରତିଷ୍ଠିତ କଳାକାରମାନେ ଯୋଗଦେଇଥିଲେ। ପରିବ୍ରାଜକ ପ୍ରମୋଦ କୁମାର ମାଳିକା ତତ୍ତ୍ୱ ଉପରେ ପ୍ରବଚନ ଦେଇଥିଲେ। ଏହା ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

# ଚୋରି ଘଟଣାରେ ୨ ଗିରଫ

**୨ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଗଲା**

ଖୁଣ୍ଟୁଣୀ,୨୭।୬(ସଚ୍ଚିଦାନନ୍ଦ ପଣ୍ଡା)

ଚୋରି ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଦ୍ୱାରାବତୀପୁର ଗ୍ରାମର କାହ୍ନୁ ଚରଣ ରଣା ଓ ନିହାର ସେନାପତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଜଣ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇ ଦିଆଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ରବିବାର ରାତିରେ ଖୁଣ୍ଟୁଣୀ ଥାନା ଅଧୀନ ଦ୍ୱାରାବତୀପୁର ଗ୍ରାମର ବିନୋଦ ବେହେରାଙ୍କ ତେଜରାତି ଦୋକାନର ତାଲା ଭାଙ୍ଗି ଅଭିଯୁକ୍ତମାନେ ୫ ହଜାର ଟଙ୍କା ନେଇଯିବା ସହ ଅନେକ ସାମଗ୍ରୀ ଦୋକାନ ପଛ ପଟ ବିଲରେ ପକାଇ ଦେଇଥିଲେ। ଏ ନେଇ ବିନୋଦ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୨୨/୨୩) ରୁଜୁ କରିଥିଲା।

# ପ୍ରକୃତି ସୁରକ୍ଷା ଚିନ୍ତାରେ ଶିକ୍ଷୟିତ୍ରୀ

ବାଙ୍କୀ,୨୭।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର):


ଶିକ୍ଷୟିତ୍ରୀ ନିବେଦିତା ପାଇକରାୟ ଫଳମଞ୍ଜିକୁ ଖରାରେ ଶୁଖାଉଛନ୍ତି।

ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ହେଉଛି। ତେଣୁ ପରିବେଶର ସୁରକ୍ଷା ପାଇଁ ବିଶ୍ୱର ପରିବେଶବିତ୍‌ମାନେ ସମସ୍ତ ଦେଶକୁ ସତର୍କ କରାଉଛନ୍ତି। ପରିବେଶ ବିଗିଡିଲେ ବିପର୍ଯ୍ୟସ୍ତ ସୁନିଶ୍ଚିତ। ଖାଦ୍ୟ ଅଭାବରୁ ପଶୁପକ୍ଷୀ ଜଙ୍ଗଲ ଛାଡ଼ି ଗାଁ ଓ ସହର ମୁହାଁ ହୋଇ ଧନଜୀବନ ନଷ୍ଟ କରୁଛନ୍ତି। ତେଣୁ ପରିବେଶର ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି ଡମପଡ଼ା ବ୍ଲକ ଅନ୍ତର୍ଗତ ପଣ୍ଡିତ ଗୋବିନ୍ଦ ରଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ନିବେଦିତା ପାଇକରାୟ। ସେ ବାହାରେ ନଷ୍ଟ କରାଯାଉଥିବା ଫଳମଞ୍ଜିକୁ ସଂଗ୍ରହ କରି ଖରାରେ ଶୁଖାଇ ସାଇତି ରଖୁଛନ୍ତି। ବିଭିନ୍ନ କାର୍ଯ୍ୟରେ ବାହାରକୁ ଗଲାବେଳେ ଖାଲିଥିବା ରାସ୍ତାଘାଟ, ନଦୀବନ୍ଧ, ପାହାଡ଼ପର୍ବତ, ମଶାଣି ପଡିଆ ଆଦିରେ ଏହି ମଞ୍ଜିକୁ ବୁଣୁଛନ୍ତି। ମଞ୍ଜିରୁ ଗଛ ହେଲେ ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ ପର୍ଯ୍ୟନ୍ତ ସମସ୍ତଙ୍କ ଖାଦ୍ୟାଭାବ ଦୂର ହେବା ସହିତ ସବୁଜ ସୁନ୍ଦର ପରିବେଶ ସୃଷ୍ଟି ହୋଇପାରିବ। ଏହାସହିତ ମୃତ୍ତିକା ସଂରକ୍ଷଣ, ବର୍ଷା ନିୟନ୍ତ୍ରଣ, ସୁଶୀତଳ ଛାୟା, ପ୍ରାକୃତିକ ବିପର୍ଯ୍ୟୟ ନିୟନ୍ତ୍ରିତ ହୋଇ ପାରିବ ବୋଲି ଶିକ୍ଷୟିତ୍ରୀ ପାଇକରାୟ କହିଛନ୍ତି। ତାଙ୍କ କାର୍ଯ୍ୟକୁ ସ୍ଥାନୀୟ ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ଉଚ୍ଚ ପ୍ରଶଂସା କରିବା ସହିତ ତାଙ୍କୁ ଏଭଳି କାର୍ଯ୍ୟରେ ସହଯୋଗ କରୁଛନ୍ତି।

# କର୍ମଚାରୀ ଅଭାବରୁ ଗୋ ଚିକିତ୍ସା ବାଧାପ୍ରାପ୍ତ

ନିଶ୍ଚିନ୍ତକୋଇଲି, ୨୭।୬ (ଅଶୋକ କୁମାର ମହାପାତ୍ର)

- ୮ ଏଲଆଇ କେନ୍ଦ୍ରରେ କର୍ମଚାରୀ ଶୂନ
- ୨ ଡାକ୍ତର ପଦବୀ ଖାଲି

ନିଶ୍ଚିନ୍ତକୋଇଲି ବ୍ଲକର ପ୍ରାଣୀ ଚିକିତ୍ସାଳୟରେ ଆବଶ୍ୟକ କର୍ମଚାରୀ ଅଭାବରୁ ଗୋ ସେବା ବାଧାପ୍ରାପ୍ତ ହୋଇଛି। ଏହାର ପ୍ରତିକାର ଦିଗରେ ପ୍ରାଣୀ ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ନିଶ୍ଚିନ୍ତକୋଇଲି ବ୍ଲକ ପ୍ରାଣୀ ଚିକିତ୍ସାଳୟ ଉପରେ ମୋଟ ୪୧ ପଞ୍ଚାୟତର ଲୋକେ ନିର୍ଭରଶୀଳ। ଏହି ପ୍ରାଣୀ ଚିକିତ୍ସାଳୟ ଅଧୀନରେ ୨୦ଟି ଏଲ୍‌ଆଇ କେନ୍ଦ୍ର ରହିଛି। ଏସବୁ କେନ୍ଦ୍ରରେ ୨୦ ଜଣ କର୍ମଚାରୀ କାର୍ଯ୍ୟ କରିବା କଥା। ମାତ୍ର ସମ୍ପ୍ରତି ୧୨ ଜଣ ଏଲଆଇ କାର୍ଯ୍ୟ କରୁଥିବା ବେଳେ ବନ୍ଧକାଟିଆ, ଦାଉଦପୁର, ଶିର୍ଲୋ, ମଣିଜଙ୍ଗ, ଝାଡେଶ୍ୱରପୁର, ବନ୍ଧୁପୁର, ଖଣ୍ଡସାହି, ଉତ୍ତରକୂଳ ଆଦି ୮ଟି କେନ୍ଦ୍ରରେ କୌଣସି ଏଲ୍‌ଆଇ ନାହାନ୍ତି। ଫଳରେ ନଦୀ ନାଳ ଘେରା ଏହି ବ୍ଲକରେ ପ୍ରାଣୀ ଚିକିତ୍ସା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ବ୍ଲକରେ ଗାଈ ଓ ମଇଁଷି ମିଶି ୫୨,୫୪୪ , ମେଣ୍ଢା ୧୧୭୫ଟି, ଛେଳି ୨୨,୬୦୮ଟି ,ଘୁଷୁରି ୩୮ ଥିବା ସରକାରୀ ବିଭାଗୀୟ ସୂତ୍ରରୁ ପ୍ରକାଶ। ଏହାଛଡ଼ା ବ୍ଲକରେ ମଧ୍ୟ ବହୁ ପରିମାଣରେ କୁକୁଡା ଓ ବତକ ରହିଛନ୍ତି। ଏସବୁ ପ୍ରାଣୀଓ ପକ୍ଷୀଙ୍କ ଚିକିତ୍ସାନିମନ୍ତେ ୨ ଜଣ ପ୍ରାଣୀ ଚିକିତ୍ସାଧିକାରୀ ଓ ୨ ଜଣ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ରହିବାର ନିୟମ ରହିଛି। ନିକଟରେ ଏହି କାର୍ଯ୍ୟାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ତନ୍ମୟ ମହାନ୍ତି କାର୍ଯ୍ୟରୁ ଅବସର ଗ୍ରହଣ କରିବା ପରେ ପଦବୀ ଖାଲି ପଡିଥିଲା। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତରଫରୁ ବଲାଙ୍ଗୀରରେ କାର୍ଯ୍ୟ କରୁଥିବା ଡାକ୍ତର ପ୍ରକାଶ ଚନ୍ଦ୍ର ବେଉରାଙ୍କୁ ନିକଟରେ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି।

ଏହି ଚିକିତ୍ସାକେନ୍ଦ୍ରରେ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ରୂପେ ଡାକ୍ତର ସୁଦୀପ୍ତା ସାହୁ କାର୍ଯ୍ୟ କରୁଛନ୍ତି। ମାତ୍ର ଏହା ଯଥେଷ୍ଟ ହେଉନାହିଁ। ଖାଲି ପଡ଼ିଥିବା ପଦବୀ ପୂରଣ ହେଉ ନଥିବାରୁ ଅନଭିଜ୍ଞ କ୍ୱାକ୍‌ଙ୍କ ଉପରେ ନିର୍ଭର କରିବାକୁ ପଡୁଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଗୋପକୁର ଗ୍ରାମର ସାବିତ୍ରୀ ସେଠୀଙ୍କ ୯ ମାସର ଗର୍ଭବତୀ ଗାଈ ଫାଇଲେରିଆରେ ଓ ନିଶ୍ଚିନ୍ତକୋଇଲି ଗୋ ଚାଷୀ ବଲ୍ଲଭ ଚରଣ ପଲେଇଙ୍କ ଜର୍ସି ଗାଈର ଚିକିତ୍ସା ଅଭାବରୁ ମୃତ୍ୟୁ ଘଟିଛି। ଏହି ଅଞ୍ଚଳର ବହୁ ଗୋରୁ ସରା ଓ ଫାଲେରିଆ ଆଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। ମାତ୍ର ଏଥିପାଇଁ କୌଣସି ପ୍ରତିକାର ବ୍ୟବସ୍ଥା ହେଉନାହିଁ। ସମ୍ପ୍ରତି ବର୍ଷାଋତୁ ଆସିଯାଇଥିବାରୁ ସ୍ଥାନୀୟ ଅଞ୍ଚଳର ଗୋରୁ ଓ ଗୃହପାଳିତ ପ୍ରାଣୀ ପକ୍ଷୀମାନେ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗର ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଏପର୍ଯ୍ୟନ୍ତ ବିଭାଗ ତରଫରୁ କୌଣସି ପ୍ରତିଷେଧକ ଟିକା ଦିଆଯାଇ ନ ଥିବା ଅଭିଯୋଗ ହୋଇଛି।

ଏସମ୍ପର୍କରେ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ପ୍ରକାଶ ଚନ୍ଦ୍ର ବେଉରାଙ୍କୁ ପଚାରିବାରୁ ସେ ନିକଟରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ କୌଣସି କର୍ମଚାରୀ ନ ଥିବା କାରଣରୁ ପ୍ରତିଷେଧକ ଟିକା ଠିକ୍ ଭାବେ ଦିଆଯାଇ ପାରିନାହିଁ। ଖୁବ୍‌ଶୀଘ୍ର ସମଗ୍ର ଅଞ୍ଚଳରେ ଟିକାଦାନର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।


ନିଶ୍ଚିନ୍ତକୋଇଲି ବ୍ଲକ ପ୍ରାଣୀ ଚିକିତ୍ସାଳୟ ।

## ସଂକ୍ଷେପରେ

### ବାଇକ୍ ଡିକିରୁ ୫୦ ହଜାର ଟଙ୍କା ଚୋରି

**ପୁରୁଣା ଭୁବନେଶ୍ୱର,୨୭।୬(ସୁବାସ ଚନ୍ଦ୍ର ପ୍ରଧାନ):** ସ୍ଥାନୀୟ କାକୁଡ଼ିକୋଷାଙ୍ଗ ଗ୍ରାମର ମୁକୁନ୍ଦ ମଲିକଙ୍କ ବାଇକ୍ ଡିକିରୁ ୫୦ହଜାର ଟଙ୍କା ଚୋରି ହୋଇଥିବା ନେଇ ମଙ୍ଗଳବାର ଉତ୍ତରା ଫାଣ୍ଡିରେ ଅଭିଯୋଗ ହୋଇଛି। ମୁକୁନ୍ଦ ପୂର୍ବାହ୍ନ ୧୧ଟାରେ ପିପିଲି ଗ୍ରାମ୍ୟ ବ୍ୟାଙ୍କରୁ ୫୦ହଜାର ଟଙ୍କା ଉଠାଣ କରିଥିଲେ। ପରେ ସେ ବାଇକ (ଓଡି଼୩୩ ଜି ୯୦୧୪)ରେ ଉକ୍ତ ଟଙ୍କା ରଖି ଗୁଡ଼ିଆପୋଖରୀ ସ୍ଥିତ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କ ସମ୍ମୁଖରେ ବାଇକ ରଖି ଭିତରକୁ ଯାଇଥିଲେ। ସେଠାରେ ସେ ଟଙ୍କା ଉଠାଇବା ପରେ ବାଇକ୍ ପାଖକୁ ଆସିଥିଲେ। ଡିକି ଖୋଲିବା ପରେ ୫୦ହଜାର ଟଙ୍କା, ୪ଟି ବ୍ୟାଙ୍କ ପାସ୍‌ବୁକ ସହ ଅନ୍ୟାନ୍ୟ କାଗଜପତ୍ର ଚୋରି ହୋଇଯାଇଥିବା ନେଇ ଜାଣିବାକୁ ପାଇଥିଲେ। ଏହା ଜାଣିବା ପରେ ସେ ବ୍ୟାଙ୍କ ଅଧିକାରୀଙ୍କୁ ସିସିଟିଭି ଯାଞ୍ଚ ପାଇଁ ଅନୁଗ୍ରହ କରିଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ଫାଣ୍ଡିରେ ଅଭିଯୋଗ କରିଥିଲେ।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଗମ୍ଭାରୀମୁଣ୍ଡା,୨୭।୬(ଦିଲୀପ ସ୍ୱାଇଁ):** ନାଚୁଣୀ ଥାନା ଅଧୀନ ଆୟତ୍ତପୁର ଗ୍ରାମର ଦୀପକ ପ୍ରଧାନଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ଦୀପକ ଆତ୍ମହତ୍ୟା କରିଛନ୍ତି ନା' ତାଙ୍କୁ ହତ୍ୟା କରାଯାଇଛି ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର



**ଟାଙ୍ଗୀ,୨୭।୬(ରଘୁନାଥ ସାହୁ):** କେୟାର ନେତ୍ରମ ପକ୍ଷରୁ ମଙ୍ଗଳବାର ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ବଡ଼ସାହି ଗୋଡ଼ିପୋଖରୀ ସ୍ଥିତ ତୈଳକ ବଣିକ ସଂଘଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ନବ କିଶୋର ସାହୁ, ବିନୋଦ ସୁବୁଦ୍ଧିଙ୍କ ସହଯୋଗ ଏବଂ କାଳନ୍ଦି ଦାସଙ୍କ ତତ୍ତ୍ୱାବଧାନରେ କେୟାର ନେତ୍ରମର ମୁଖ୍ୟ ସୁଶାନ୍ତ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମରେ ପହଞ୍ଚିଥିଲା ଚକ୍ଷୁ ପରୀକ୍ଷା ଗାଡ଼ି। ୮୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହିତ କେତେଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ଚକ୍ଷୁ ବିଶେଷଜ୍ଞ ମିତାଲି ରାଉତ, ସୁଶାନ୍ତ କୁମାର ମଲ୍ଲ, ପ୍ରଣତି ସାହୁ, ପ୍ରତିମା ଜେନା, ଜଲି ନାୟକ ପ୍ରମୁଖ ଚକ୍ଷୁକୁ କିପରି ସୁସ୍ଥ ରଖି ହେବ ସଚେତନତା ବାର୍ତ୍ତା ଦେଇଥିଲେ। ଗ୍ରାମର ନାରାୟଣ ସେଠୀ, ପ୍ରମୋଦ କୁମାର ସାହୁଙ୍କ ସମେତ ଅନ୍ୟ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାପା, ଭାଉଜଙ୍କୁ ଖଣ୍ଡାରେ ହାଣିଲେ

## ପାରିବାରିକ ବିବାଦର କରୁଣ ପରିଣତି

- ଦୁଇ ଭାଇ ଓ ସହଯୋଗୀଙ୍କୁ ଖୋଜୁଛି ପୋଲିସ
- କିଛିଦିନ ହେଲା ପରିବାରରେ ଲାଗି ରହିଥିଲା ବିବାଦ

**ଭୁବନେଶ୍ୱର,୨୭।୬(ସତ୍ୟଜିତ୍ ରାଉତ)**

କିଛିଦିନ ହେଲା ରାଜଧାନୀରେ ଏକ ପରିବାର ମଧ୍ୟରେ ଲାଗି ବିବାଦ ମଙ୍ଗଳବାର କରୁଣ ପରିଣତିର ରୂପ ନେଇଛି। ବାପା ଓ ଭାଉଜଙ୍କୁ ଦୁଇ ଭାଇ ଓ ସହଯୋଗୀମାନେ ଖଣ୍ଡାରେ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି। ଖାରବେଳନଗର ଥାନା ଅନ୍ତର୍ଗତ ତାରିଣୀବସ୍ତି ନିକଟ ପ୍ରେସକ୍ଲବ୍ ପଛପଟେ ରାତି ପ୍ରାୟ ୧୦ଟା ବେଳେ ଏଭଳି ଘଟଣା ଘଟିଛି। ଏହି ଆକ୍ରମଣରେ ବାପା ରବି ନାୟକ ଓ ଭାଉଜ ଲକ୍ଷ୍ମୀପ୍ରିୟା ପତି ଗୁରୁତର ହୋଇଛନ୍ତି। ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କୁ ସ୍ଥାନୀୟ ଲୋକ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଅପରପକ୍ଷରେ ଆକ୍ରମଣକାରୀ ଦୁଇ ନମ୍ବର ଭାଇ ପ୍ରମୋଦ, ପାଞ୍ଚ ନମ୍ବର ଭାଇ ମୁକେଶ ଓ ସହଯୋଗୀମାନେ ଘଟଣାସ୍ଥଳ ଛାଡ଼ି ଫେରାର ହୋଇଯାଇଛନ୍ତି। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଏକାଧିକ ଲୋକଙ୍କୁ ପଚରାଉଚରା କରି ତଦନ୍ତ ଜାରି ରଖିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଏସଂକ୍ରାନ୍ତରେ ମାମଲା ରୁଜୁ ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ଆହତ ରବିଙ୍କ ୫ ପୁଅ। ସେ ପରିବାର ସହ କେଦାରପଲ୍ଲୀ ବସ୍ତିରେ ରହି ଆସୁଛନ୍ତି। ତୃତୀୟ ନମ୍ବର ପୁଅ ରାକେଶଙ୍କ ପାଖରେ ରବି କିଛି ବର୍ଷ ହେବ ରହୁଛନ୍ତି। ତେବେ ରାକେଶଙ୍କ ପରିବାର ସହ ପ୍ରମୋଦ ଓ ମୁକେଶଙ୍କ ବିବାଦ ଲାଗି ରହୁଥିଲା। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ହେଉଥିଲା। ତେବେ ଝଗଡ଼ା ଅତ୍ୟଧିକ ହେବାରୁ ରାକେଶଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ପ୍ରେସକ୍ଲବ୍ ପଛପଟସ୍ଥିତ ବାପଘରକୁ ପଳା ଆସିଥିଲେ। ଏପରିକି ସେ ତାଙ୍କ ସହ ଶ୍ୱଶୁର ରବି, ସ୍ୱାମୀ ରାକେଶ ଓ ପିଲାମାନଙ୍କୁ ମଧ୍ୟ ନେଇ ଆସିଥିଲେ। ତେବେ ପ୍ରମୋଦ ଓ ମୁକେଶ ରାକେଶଙ୍କ ପରିବାର ଉପରେ ଆକ୍ରମଣ କରିବାକୁ ଯୋଜନା କରିଥିଲେ। ଦୁଇ ଭାଇ ଓ ତାଙ୍କ ସହଯୋଗୀମାନେ ରାତି ପ୍ରାୟ ୧୦ଟା ବେଳେ ଲକ୍ଷ୍ମୀପ୍ରିୟାଙ୍କ ବାପଘରକୁ ଆସିଥିଲେ। ଏହି ସମୟରେ ରାକେଶ ସେଠାରେ ନ ଥିଲେ। ସେମାନେ ଲକ୍ଷ୍ମୀପ୍ରିୟାଙ୍କୁ ଗାଳିଗୁଲଜ କରିବା ସହ ହଠାତ୍ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ସମୟରେ ରବି ସେଠରେ ପହଞ୍ଚି ବିରୋଧ କରିବାରୁ ପୁଅମାନେ ମଧ୍ୟ ତାଙ୍କୁ ଖଣ୍ଡାରେ ଗୋଡ଼ାଇ ହାଣିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିଯିବାରୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ତେବେ କ୍ୟାପିଟାଲ ହସ୍ପିଟାଲରେ ଗୁରୁତର ରବିଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଏନେଇ ପ୍ରାଥମିକ ତଦନ୍ତ ଜାରି ରହିବା ସହ ଅଭିଯୁକ୍ତମାନଙ୍କୁ ଧରିବାକୁ ପ୍ରୟାସ ଜାରି ରହିଥିବା ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି।




ପଲ୍ଲିଶ୍ରୀ ମେଳାରେ ପୁରୀ ଜିଲା ଲେଖକ ସହଯୋଗ ସମିତି ପକ୍ଷରୁ ଅନୁଷ୍ଠିତ ଭାବ ଓ ଭକ୍ତିର ଆଡ଼ପ କବିତା ଆସରରେ ମଞ୍ଚାସୀନ ଅତିଥି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଗଜପତି, ରାଜ ପରିବାର



ମହାପ୍ରଭୁଙ୍କ ଦର୍ଶନ ସାରି ଗଜପତି ଦିବ୍ୟସିଂହଦେବ ପରିବାର ସହ ଫେରୁଛନ୍ତି।

**ପୁରୀ,୨୭।୬(ଅଜିତ ମହାନ୍ତି)**

ପବିତ୍ର ସନ୍ଧ୍ୟା ଦର୍ଶନ ଅବସରରେ ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟସିଂହଦେବ, ମହାରାଣୀ ଏବଂ ପରିବାସ ସହ ଗୁଣ୍ଡିଚା ମନ୍ଦିର ଯାଇ ଜନ୍ମବେଦିରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ଦର୍ଶନ ସମୟରେ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ସହ ତାଙ୍କ ସହଧର୍ମିଣୀ ଓ ଝିଅମାନେ ଆସି ଆଡ଼ପମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ତେବେ ଗଜପତି ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ସେବାୟତମାନେ ଗଜପତି ଏବଂ ତାଙ୍କ ପରିବାର ଲୋକଙ୍କୁ ପାଛୋଟି ନେଇଥିଲେ। ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଗଜପତି, ମହାରାଣୀ ଏବଂ ରାଜ ପରିବାର ଶ୍ରୀଗୁଣ୍ଡିଚା ମନ୍ଦିର ପରିସରକୁ ଯାଇଥିଲେ। ସିଂହଦ୍ୱାର ଦେଇ ପ୍ରବେଶ ପରେ ମହାରାଜା ପ୍ରଥମେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ଗରୁଡ଼ସ୍ତମ୍ଭ ଦେଇ ରତ୍ନସିଂହାସନ ନିକଟକୁ ଯାଇଥିଲେ। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସୁଭଦ୍ରାଙ୍କୁ ଦର୍ଶନ କରି ପ୍ରଣାମ କରିଥିଲେ। ଗଜପତି ମହାରାଜା ପରିବାର ସହ ଗର୍ଭଗୃହ ନିକଟକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଗଜପତି ମହାରାଜା ୩୦ମିନିଟ୍‌ରୁ ଅଧିକ ସମୟ ଗୁଣ୍ଡିଚା ମନ୍ଦିରରେ ବିତାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ଦର୍ଶନ ସାରି ସିଂହଦ୍ୱାର ଦେଇ ବାହାରକୁ ବାହାରିଥିଲେ। ଏ ନେଇ ଗଜପତି ମହାରାଜା କହିଛନ୍ତି, ସନ୍ଧ୍ୟା ଦର୍ଶନ ଅବସରରେ ଆଡ଼ପମଣ୍ଡପକୁ ଆସି ସପରିବାର ମହାପ୍ରଭୁଙ୍କୁ ଦର୍ଶନ କରିଥିଲୁ। ପ୍ରତ୍ୟେକ ବର୍ଷ ସୁଯୋଗ ମିଳେ ନାହିଁ। ମହାପ୍ରଭୁଙ୍କ କୃପା ହେଲେ କେଉଁ କେଉଁ ବର୍ଷ ମହାପ୍ରଭୁଙ୍କ ଦର୍ଶନ ଆଡ଼ପମଣ୍ଡପରେ ମିଳେ। ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ଗର୍ଭ ଗୃହକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବାର ସୌଭାଗ୍ୟ ଭକ୍ତମାନେ ପାଉଛନ୍ତି। ମହାପ୍ରଭୁଙ୍କ ନୀତିକାନ୍ତି ଭଲ ଭାବେ ଚାଲିଛି। ବାହୁଡ଼ାରେ ମଧ୍ୟ ମହାପ୍ରଭୁଙ୍କ ନୀତି ଶୃଙ୍ଖଳିତ ହେବ ବୋଲି ଆଶା ରହିଛି।

## ଚେନ୍ନାଇରୁ ଗୋପରେ ପହଞ୍ଚିଲା ଯୁବକଙ୍କ ମୃତଦେହ

**ଗୋପ,୨୭।୬(ଭାରତୀ ଭୂଷଣ ଉପାଧ୍ୟାୟ)**

ଜଣେ ଗରିବ ପରିବାରର ମୃତଦେହ ଚେନ୍ନାଇରୁ ଗୋପ ଆଣିବାରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସୂଚନା ମୁତାବକ, ଗୋପ ଥାନା ଅଧୀନ ନୂଆଖୋଲମରା ପଞ୍ଚାୟତସ୍ଥିତ ଓରତଣ୍ଡା ଗ୍ରାମର କୈଳାସ ଚନ୍ଦ୍ର ପ୍ରଧାନଙ୍କ ପୁଅ ଦେବପ୍ରିୟ ପ୍ରଧାନ ଚେନ୍ନାଇକୁ କାମ କରିବାକୁ ଯାଉଥିବାବେଳେ ଟ୍ରେନ୍‌ରୁ ଖସି ତାଙ୍କର ମୃତ୍ୟୁ ହୋଇଥିଲା। ଚେନ୍ନାଇସ୍ଥିତ ତିରିପୁର ରେଲୱେ ପୋଲିସ ପାଖରେ ମୃତଦେହ ରହିଥିବାବେଳେ ତାକୁ ଆଣିବାକୁ ତାଙ୍କ ପରିବାର ଗୋପ ଥାନା ଓ ପ୍ରଶାସନ ନିକଟରେ ନିବେଦନ କରିଥିଲେ। ପରେ ଏହି ଘଟଣାରେ ବିଧାୟକ ଦାଶ ହସ୍ତକ୍ଷେପ କରିବା ସହ ପୁରୀ ଜିଲା ପ୍ରଶାସନକୁ ମୃତଦେହ ଆଣିବା ଲାଗି ଅନୁରୋଧ କରିଥିଲେ। ଏହି ଘଟଣାରେ ଓଡ଼ିଶା ମୋ ପରିବାର ସଦସ୍ୟ ତିରିପୁର ଷ୍ଟେଶନରୁ ମୃତଦେହ ଆଣିବାକୁ ବ୍ୟବସ୍ଥା କରିଥିଲେ। ଭୁବନେଶ୍ୱରରୁ ଓଡ଼ିଶା ମୋ ପରିବାରର କେତେକ ସଦସ୍ୟ ସୋମବାର ମୃତଦେହକୁ ଗୋପ ବ୍ଲକ ଅଧୀନ ଓରତଣ୍ଡା ଗ୍ରାମରେ ପହଞ୍ଚାଇଥିଲେ। ଏହା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସେଠାରେ ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋ, ସମିତିସଭ୍ୟ ବିଜୟ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

## ବାହୁଡ଼ାଯାତ୍ରା ଅବସରରେ ଚିତ୍ର ପ୍ରଦର୍ଶନୀ 'ଶ୍ରୀକ୍ଷେତ୍ରେ ଜଗନ୍ନାଥ'

**ପୁରୀ ଅଫିସ,୨୭।୬(ଅଜିତ୍ ମହାନ୍ତି)**

ପବିତ୍ର ବାହୁଡ଼ାଯାତ୍ରା ଅବସରରେ ଶ୍ରୀକ୍ଷେତ୍ରକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଭକ୍ତିଡୋରିରେ ବାନ୍ଧି ରଖିବାକୁ ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଏକାଡେମୀର ସଂରକ୍ଷିତ ୩୦ଟି ଛବି ପୁରୀ ଆର୍ଟ ଗ୍ୟାଲେରି ପରିସରରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଚିତ୍ରକଳା ପ୍ରଦର୍ଶନୀ ଶୀର୍ଷକ 'ଶ୍ରୀକ୍ଷେତ୍ରେ ଜଗନ୍ନାଥ'କୁ ବରିଷ୍ଠ ଚିତ୍ରଶିଳ୍ପୀ ଦେବେନ୍ଦ୍ର ଦାସ, ଚନ୍ଦ୍ରଶେଖର ମହାରଣା ଉଦ୍‌ଘାଟନ କରିଥିଲେ। ଜଗନ୍ନାଥଙ୍କ ରଥଯାତ୍ରା ଓ ତାଙ୍କ ମହିମା ପ୍ରଚାର ସହ ଶିଳ୍ପୀଙ୍କ ମହନୀୟତା ଏହି ପ୍ରଦର୍ଶନୀ ପ୍ରକାଶ କରୁଛି ବୋଲି ଅତିଥିମାନେ କହିଥିଲେ। ଆର୍ଟ ଗ୍ୟାଲେରି ପରିଚାଳକ ଶିଳ୍ପୀ ସତ୍ୟ ପାଢ଼ି ଅତିଥି ପରିଚୟ ପ୍ରଦାନ ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ୧୮ ଦିନିଆ ଏହି ପ୍ରଦର୍ଶନୀ ଜଗନ୍ନାଥପ୍ରେମୀ ଓ ଚିତ୍ରପ୍ରେମୀଙ୍କୁ ଭକ୍ତିରସରେ ଉଦ୍‌ବୁଦ୍ଧ କରିବ ବୋଲି ସେ କହିଥିଲେ। ପ୍ରଦର୍ଶନୀରେ ତିନି ଠାକୁର ଓ ରଥ, ବଡ଼ଦାଣ୍ଡରେ ରଥ ଓ ଶ୍ରୀ ମନ୍ଦିରର ଦୃଶ୍ୟ, ଭକ୍ତ ଓ ଭଗବାନଙ୍କ ଭାବାବେଗ, ରଥ ତିଆରି ଦୃଶ୍ୟ, ବାଲିରଥ ଓ ମହାପ୍ରସାଦ, ଶଙ୍ଖକ୍ଷେତ୍ର, ପତିତପାବନ ବାନା, ନୀଳଚକ୍ରଙ୍କୁ ନେଇ ଚିତ୍ରଗୁଡ଼ିକ ପ୍ରଦର୍ଶିତ ହୋଇଛି। ପୁରୀ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ଏକାଡେମୀର ସତ୍ୟ ପାଢୀଙ୍କ ଦ୍ୱାରା ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଉପସ୍ଥିତ ସମସ୍ତ ଦର୍ଶକ ଛବିକୁ ବୁଲି ଦେଖିଥିଲେ। ପ୍ରଦର୍ଶନୀ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ।



ପୁରୀ ଆର୍ଟ ଗ୍ୟାଲେରିରେ ହୋଇଥିବା ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ଥାନା ପରିସରରେ ଚାରା ରୋପଣ



ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚାରାରୋପଣ କରାଯାଉଛି।

**ବୋଲଗଡ଼,୨୭।୬(ଦେବବ୍ରତ ହୋତା)**

ସ୍ଥାନୀୟ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ବୋଲଗଡ଼ ଥାନା ପରିସରରେ ଚାରାରୋପଣ କରିଛନ୍ତି। ଥାନା ପରିସରକୁ ସବୁଜସୁନ୍ଦର ପରିବେଶ ସୃଷ୍ଟି କରିବା ପାଇଁ ଚାରାରୋପଣ କରାଯାଇଛି। ଥାନା ନିରୀକ୍ଷକ ରଶ୍ମି ରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀ ଓ ଗୃହରକ୍ଷୀ ସହଯୋଗ କରିଥିଲେ। ଏଥିରେ ବନବିଭାଗ ପକ୍ଷରୁ ନିକଟ ଚାରାବଣ୍ଟନ କେନ୍ଦ୍ରରୁ ୫ଶହରୁ ଊର୍ଦ୍ଧ୍ୱ ଫୁଲଫଳ ଓ ଔଷଧୀୟ ଚାରା ଯୋଗାଇ ଦିଆଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚ ସଭାପତି ଗୋପୀନାଥ ଖାଡଙ୍ଗା, ଉପସଭାପତି ଦିବାକର ପରମଗୁରୁ ଓ ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ସମ୍ପାଦକ ବାଲ୍ମୀକ ବଳିୟାରସିଂହ, କୋଷାଧ୍ୟକ୍ଷ ଅଇଁଠୁ ରଣଜିତସିଂହଙ୍କ ସମେତ ଅନ୍ୟ ସଦସ୍ୟ, ଥାନା କର୍ମଚାରୀମାନେ ଚାରାରୋପଣ କରିବା ସହ ପାଣି ସିଞ୍ଚନ କରିଥିଲେ।

## ଗୁଣ୍ଡିଚା ମନ୍ଦିରକୁ ଗଲେ ତିନି ଆଖଡ଼ାର ନିଶାନ

**ପୁରୀ,୨୭।୬(ଅଜିତ୍ ମହାନ୍ତି)**

ଆଷାଢ଼ ମାସ ଶୁକ୍ଳ ନବମୀ ତିଥି ଅବସରରେ ପରମ୍ପରା ଅନୁଯାୟୀ ୩ଟି ଆଖଡ଼ାର ହନୁମାନଙ୍କ ନିଶାନ ଶୋଭାଯାତ୍ରା ସମ୍ପନ୍ନ ହୋଇଛି। ବଡ଼ ଆଖଡ଼ା, ହାତୀ ଆଖଡ଼ା ଏବଂ ନିର୍ମୋହି ଆଖଡ଼ା ପକ୍ଷରୁ ନିଶାନ ସହ ମଠର ମହନ୍ତମାନେ ସନ୍ଧ୍ୟା ଦର୍ଶନ ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସୂଚନା ଅନୁଯାୟୀ, ଆଜକୁ ୬୦୦ ବର୍ଷ ପୂର୍ବେ, ଯେତେବେଳେ ରାମାନନ୍ଦ ଆଚାର୍ଯ୍ୟ ଜଗନ୍ନାଥ ଧାମକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଇଥିଲେ। ସେତେବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆଡ଼ପ ମଣ୍ଡପରେ ଅବସ୍ଥାନ କରିଥିଲେ। ତେଣୁ ସେହି ସମୟରେ ରାମାନନ୍ଦ ଆଚାର୍ଯ୍ୟ ବଡ଼ ଆଖଡ଼ା ମଠ ଶାଖା ଦଶାବତାର ମଠରେ ଅବସ୍ଥାନ କରିଥିଲେ ଏବଂ ସନ୍ଧ୍ୟା ଦର୍ଶନ ଅର୍ଥାତ ଆଷାଢ଼ ଶୁକ୍ଳ ନବମୀ ତିଥିରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆଡ଼ପ ମଣ୍ଡପକୁ ଯାଇଥିଲେ। ସେ ଯିବା ସମୟରେ ତିନିଗୋଟି ଆଖଡ଼ା ଯଥା ବଡ଼ ଆଖଡ଼ା, ହାତୀ ଆଖଡ଼ା ଏବଂ ନିର୍ମୋହି ଆଖଡ଼ାର ନିଶାନକୁ ସାଥିରେ ନେଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହି ପରମ୍ପରାକୁ ପାଥେୟ କରି ମଙ୍ଗଳବାର ନବମୀ ତିଥିରେ ହାତୀ ଆଖଡା ମଠର ମହନ୍ତ ସୁଖରାମ ଦାସ, ବଡ଼ ଆଖଡ଼ା ମଠର ମହନ୍ତ ହରି ନାରାୟଣ ଦାସ ଏବଂ ନିର୍ମୋହି ମଠର ବାବନ ଚରଣ ଦାସଙ୍କ ସମେତ ପୁରୀରେ ଥିବା ସମସ୍ତ ରାମାନନ୍ଦୀ ମଠର ମହନ୍ତମାନେ ସେମାନଙ୍କ ନିଶାନ ସହ ଆଡ଼ପ ମଣ୍ଡପ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ।



ବିଭିନ୍ନ ମଠର ମୁଖ୍ୟମାନେ ହନୁମାନଙ୍କ ନିଶାନ ସହିତ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

# ପ୍ରତିଶ୍ରୁତି ପରେ ସେବାୟତଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

## ସେବାୟତ ଶ୍ମଶାନ ଉଚ୍ଛେଦ ପ୍ରସଙ୍ଗ

- ୧୨ଘଣ୍ଟା ପରେ ସାକ୍ଷୀଗୋପାଳଙ୍କ ନୀତି ସ୍ୱାଭାବିକ

**ସାକ୍ଷୀଗୋପାଳ,୨୭।୬ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)**

ପୁରୀ ଜିଲା ସତ୍ୟବାଦୀ ବ୍ଲକରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟବେଳେ ସୋମବାର ସେବାୟତ ଶ୍ମଶାନ ଉଚ୍ଛେଦ କରାଯାଇଥିଲା। ଏହାକୁ ବିରୋଧ କରି ସାକ୍ଷୀଗୋପାଳ ମନ୍ଦିରରେ ସୋମବାର ଅପରାହ୍ନ ୪ଟାରୁ ମଙ୍ଗଳବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସେବାୟତମାନେ ଧାରଣାରେ ବସିଥିଲେ। ଫଳରେ ଦେବନୀତି ବନ୍ଦ କରିବା ସହ ସକାଳରୁ ସିଂହଦ୍ୱାର ବନ୍ଦ ରହିଥିବାରୁ ଠାକୁରଙ୍କ ଦର୍ଶନ କରି ନ ପାରି ଶ୍ରଦ୍ଧାଳୁମାନେ ଦୁଃଖରେ ଫେରିଥିଲେ। ତେବେ ସମସ୍ୟାର ସମାଧାନ ପାଇଁ ଅପରାହ୍ନ ପ୍ରାୟ ୪ଟାରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ତହସିଲଦାର ଜୟନ୍ତ କୁମାର ଜୟସିଂ, ବିଡିଓ ଲୋଚନ ଦାସ, ଆଇଆଇସି ବିଜୟ କେତନ ବେହେରା ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ ପ୍ରମୁଖ ପହଞ୍ଚି ଆନ୍ଦୋଳନ ଚଳାଇଥିବା ସେବାୟତମାନଙ୍କ ସହ ସିଂହଦ୍ୱାର ସମ୍ମୁଖରେ ଆଲୋଚନା କରିଥିଲେ। ସେବାୟତ ସଂଘ ପକ୍ଷରୁ ଏଥିପାଇଁ ୫ ଦଫା ସମ୍ବଳିତ ଦାବିପତ୍ର ଉପସ୍ଥିତ ଅଧିକାରୀଙ୍କୁ ଦେଇଥିଲେ। ଉକ୍ତ ଦାବିପତ୍ରରେ ସେବାୟତଙ୍କ ସମସ୍ୟା ସହ ବର୍ତ୍ତମାନର ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀଙ୍କୁ ତୁରନ୍ତ ବରଖାସ୍ତ କରି ଜଣେ(ଓଏଏସ) କ୍ୟାଡରର ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ ଦାବି କରିଥିଲେ। ଏଥିପାଇଁ ଉକ୍ତ ଦାବିପତ୍ରରେ ଉପସ୍ଥିତ ସମସ୍ତ ଅଧିକାରୀ ଦସ୍ତଖତ କରିଥିଲେ ମଧ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦସ୍ତଖତ କରି ନଥିଲେ। ଅନ୍ୟପଟେ ଓଡ଼ିଶା ସେତୁ ନିର୍ମାଣ ନିଗମ ତରଫରୁ ଉଚ୍ଛେଦ ହୋଇଥିବା ସେବାୟତ ଶ୍ମଶାନ ଓ ରାଧାକୁଣ୍ଡ ତୀର୍ଥ ପୁଷ୍କରିଣୀ ମନ୍ଦିର ପ୍ରଶାସନକୁ ଫେରିବା ପାଇଁ ଜୁଲାଇ ୫ ତାରିଖ ସୁଦ୍ଧା ଜିଲାପାଳ, ପୁରୀ ଓ ଦେବୋତ୍ତର ଆୟୁକ୍ତଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଉପସ୍ଥିତ ପଦାଧିକାରୀମାନେ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିବା ପରେ ସେବାୟତ ସଙ୍ଘ ତରଫରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସେବାୟତ ସଙ୍ଘ ତରଫରୁ ସଭାପତି ଶ୍ରୀବସ୍ତ ମହାପାତ୍ର, ସମ୍ପାଦକ ବିଜୟ କୁମାର ନନ୍ଦ, ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ସାମନ୍ତରାୟଙ୍କ ସମେତ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ଅନ୍ୟପଟେ ପ୍ରାୟ ୧୨ଘଣ୍ଟା ପରେ ସନ୍ଧ୍ୟା ୬ଟାଠାରୁ ଠାକୁରଙ୍କ ନୀତି ସ୍ୱାଭାବିକ ହୋଇଥିଲା।

ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ନିର୍ମାଣ କରୁଥିବା ସଂସ୍ଥା ଅଧିକାରୀଙ୍କ ସହ ଯୋଗାଯୋଗ କରିବାରେ ସେ କହିଛନ୍ତି, ବିଶ୍ୱବିଦ୍ୟାଳୟ ଯେଉଁ ଜମି କିଣିଛି ସେଥିରେ ତା'ର ନିର୍ମାଣ କାର୍ଯ୍ୟ କରୁଛି। କୌଣସି ବେଆଇନ କାର୍ଯ୍ୟ କରୁନାହିଁ। ବରଂ ଏତେ ବଡ଼ ଶିକ୍ଷାନୁଷ୍ଠାନ ପାଖରେ କିଭଳି ଗୋଟେ ଶ୍ମଶାନ ରହିବ। ତଥାପି ଠିକ୍ ଅନୁଧ୍ୟାନ କରାଯାଇ ଘଟଣାର ସମାଧାନ କରାଯିବ। ଏପଟେ ସୋମବାର ରାତି ପ୍ରାୟ ୧ଟାରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଧାରଣାରତ ସେବାୟତଙ୍କ ସହିତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ମଧ ଆଲୋଚନା ଫଳପ୍ରଦ ନ ହେବାରୁ ସେବାୟତମାନେ ମନ୍ଦିର କାର୍ଯ୍ୟାଳୟ, ଯାତ୍ରୀନିବାସ ସମେତ ପାନ୍ଥଶାଳାରେ ତାଲା ପକାଇ ଦେଇଥିଲେ। ଅନ୍ୟ ପକ୍ଷରେ ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ, ଭାଜପା ନେତା ଓମ ପ୍ରକାଶ ମିଶ୍ର, ଜୟପୁର ସମିତି ସଭ୍ୟ ଦୀପକଶତପଥୀ, ୩୨ ନମ୍ବର ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ରଞ୍ଜନ କୁମାର ବରାଳଙ୍କ ସମେତ ଅନ୍ୟମାନେ ଆନ୍ଦୋଳନରତ ସେବାୟତଙ୍କ ଦାବିକୁ ସମର୍ଥନ ଜଣାଇ ସହଯୋଗ କରିବାକୁ କହିଥିଲେ। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ମନ୍ଦିର କାର୍ଯ୍ୟାଳୟରେ ପଡିଥିବା ତାଲା ଖୋଲାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି।



ଧାରଣାରତ ସେବାୟତମାନଙ୍କ ସହ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ଆଡ଼ପମଣ୍ଡପରେ ଶେଷ ଦର୍ଶନ କଲେ ଶ୍ରଦ୍ଧାଳୁ

ପୁରୀ,୨୭।୬(ଅଜିତ ମହାନ୍ତି)



ନବଦିନ ଯାତ୍ରାରେ ଆସିଥିବା ଶ୍ରୀବିଗ୍ରହମାନେ ଆଷାଢ଼ ଶୁକ୍ଳ ଦଶମୀ ତିଥିରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ, ଯାହା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତେବେ ମଙ୍ଗଳବାର ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଶେଷ ଦର୍ଶନ କରିଛନ୍ତି ଭକ୍ତ ଏବଂ ଶ୍ରଦ୍ଧାଳୁ। ଦିନସାରା ପାଗ ଶୁଖିଲା ଥିବାରୁ ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟାରିକେଡ୍ ଦେଇ ଭକ୍ତମାନେ ଶୃଙ୍ଖଳାର ସହ ଧାଡ଼ିରେ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ତେବେ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ପ୍ରଶାସନ ପକ୍ଷରୁ ସନ୍ଧ୍ୟା ଦର୍ଶନକୁ ଅପରାହ୍ନ ୫ଟାରେ ବନ୍ଦ କରାଯାଇଥିଲା। ଫଳରେ ଶହ ଶହ ଭକ୍ତ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇଥିଲେ, ଯାହାକୁ ନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ଅନେକ ନୀତିକାନ୍ତି ରହିଥିବାରୁ ସନ୍ଧ୍ୟା ଦର୍ଶନକୁ ୫ଟାରେ ବନ୍ଦ କରାଯାଇଛି। ୫ଟା ପରେ ଭକ୍ତଙ୍କ ଦର୍ଶନ ବନ୍ଦ ପରେ ମହାପ୍ରଭୁଙ୍କ ବିଶେଷ ନୀତି ଆରମ୍ଭ ହୋଇଥିଲା।

ସୂଚନା ଅନୁଯାୟୀ, ଶ୍ରୀବିଗ୍ରହଙ୍କ ବାହୁଡ଼ା ଯାତ୍ରାର ନୀତିକୁ ଦୃଷ୍ଟିରେ ରଖି ପ୍ରଶାସନ ଏବଂ ଦଇତାପତିମାନଙ୍କ ମଧ୍ୟରେ ଆଲୋଚନା କରାଯାଇ ନୀତି ଶୃଙ୍ଖଳିତ ତଥା ଶୀଘ୍ର କରିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ତେଣୁ ନୀତି ପାଇଁ ସନ୍ଧ୍ୟା ଦର୍ଶନକୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟା ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ବିଶ୍ୱାସ ରହିଛି, ଆଡ଼ପ ମଣ୍ଡପରେ ସନ୍ଧ୍ୟା ଦର୍ଶନ ଦିନ ମହାପ୍ରଭୁଙ୍କୁ ଦର୍ଶନ କଲେ ପୁଣ୍ୟ ମିଳିଥାଏ। ତେଣୁ ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ କରିବା ପାଇଁ ମଙ୍ଗଳବାର ଲକ୍ଷାଧିକ ଭକ୍ତଙ୍କ ସୁଅ ଛୁଟିଥିଲା। ଅପରପକ୍ଷେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ବ୍ୟାରିକେଡ୍ କରାଯାଇଥିଲା। ଭକ୍ତମାନେ ବ୍ୟାରିକେଡ ଦେଇ ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରକୁ ଯାଇଥିଲେ। ନିଷ୍ପତ୍ତି ଅନୁଯାୟୀ, ସକାଳୁ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ ମଧ୍ୟ ଧାଡ଼ି କରି ଯାଇଥିଲେ। ତେବେ ଭକ୍ତଙ୍କ ସମାଗମ ଏତେ ରହିଥିଲା ଯେ, ଧାଡ଼ି ଭୋଳାନାଥ ସ୍କୁଲ ସମ୍ମୁଖ ପର୍ଯ୍ୟନ୍ତ ଲମ୍ୱା ଲାଇନ ରହିଥିଲା। ଦିନତମାମ ଭକ୍ତମାନେ ଗୁଣ୍ଡିଚା ମନ୍ଦିରକୁ ଯାଇ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିଥିଲେ। ତେବେ ପ୍ରଶାସନର ନିଷ୍ପତ୍ତି ଅନୁସାରେ ୫ଟାରେ ଦର୍ଶନ ବନ୍ଦ କରାଯାଇଥିଲା। ଶେଷ ସମୟରେ ବ୍ୟାରିକେଡ ପରିସରରେ ଥିବା ଭକ୍ତମାନଙ୍କୁ କେବଳ ଗୁଣ୍ଡିଚା ମନ୍ଦିର ଭିତରକୁ ଦର୍ଶନ ପାଇଁ ଛଡ଼ାଯାଇଥିଲା। ବ୍ୟାରିକେଡ ଭିତରେ ଥିବା ଭକ୍ତମାନେ ମନ୍ଦିର ପରିସରକୁ ଯିବାପରେ ଗୁଣ୍ଡିଚା ମନ୍ଦିରର ସିଂହଦ୍ୱାରକୁ ବନ୍ଦ କରାଯାଇଥିଲା। ଅପରପକ୍ଷେ ବ୍ୟାରିକେଡ ବାହାରେ ଥିବା ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ନ ପାଇ ମନଦୁଃଖରେ ଅନେକ ସମୟ ଧରି ମନ୍ଦିର ନିକଟରେ ଠିଆ ହେବା ପରେ ବାଧହୋଇ ଫେରିଯାଇଥିଲେ। ତେବେ ସନ୍ଧ୍ୟା ପୂର୍ବରୁ ଦର୍ଶନ ବନ୍ଦ କରାଯିବାକୁ ଭକ୍ତମାନେ ନାପସନ୍ଦ କରିବା ସହ ପ୍ରଶାସନର ଏପରି ନିଷ୍ପତ୍ତିକୁ ବିରୋଧ କରି ଅସନ୍ତୋଷ ପ୍ରକାଶ କରିଥିଲେ।

ଗଞ୍ଜାମରୁ ଆସିଥିବା ହେମଲତା ବେହେରା କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ପାଇଁ ବହୁ ଦୂରରୁ ଆସିଥିଲି। ପୁରୀରେ ୪ଟାରେ ପହଞ୍ଚି କେଉଁ ରାସ୍ତା ଦେଇ ଦର୍ଶନ କରାଯାଉଛି ଖୋଜିବା ବେଳେ ଜାଣିପାରି ନଥିଲୁ। ଶେଷରେ ଦର୍ଶନ ପାଇଁ ବ୍ୟାରିକେଡ ପାଖରେ ପହଞ୍ଚିବା ବେଳକୁ ଦର୍ଶନ ବନ୍ଦ

## ସନ୍ଧ୍ୟା ପୂର୍ବରୁ ଦର୍ଶନ ବନ୍ଦ କରିବାରୁ ଭକ୍ତ ଅସନ୍ତୋଷ

ବୋଲି କହିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବାର ଆଶା ଆଶାରେ ରହିଗଲା। ଜୀବନର ଶେଷ ବୟସରେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦେଖିବା ପାଇଁ ବହୁତ ଇଚ୍ଛା ଥିଲା। ସେହିପରି କଟକରୁ ଆସିଥିବା ଗୋପାଳ ନାୟକ କହିଛନ୍ତି, ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲି। ସନ୍ଧ୍ୟା ପୂର୍ବରୁ ପ୍ରଶାସନ ସନ୍ଧ୍ୟା ଦର୍ଶନ ବନ୍ଦ କରିବା ନିଷ୍ପତ୍ତି ଠିକ୍ ନୁହେଁ। ଏଥିଯୋଗୁ ଅନେକ ଭକ୍ତ ଦର୍ଶନରୁ ବଞ୍ଚିତ ହେଲେ। ମହାପ୍ରଭୁଙ୍କ ଦର୍ଶନ ନ ପାଇ ମନ ଦୁଃଖ ରହିଛି। ଆସନ୍ତାକାଲି ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ କରିବି। ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ ଶୃଙ୍ଖଳିତ ଭାବେ ହୋଇଛି। ଭକ୍ତମାନେ ଗରୁଡ଼ ସ୍ତମ୍ଭ ନିକଟରେ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି। ସମସ୍ତ ସମନ୍ୱୟ ରଖି କାର୍ଯ୍ୟ ଚାଲିଛି। ମହାପ୍ରଭୁଙ୍କ ନୀତି ଶୃଙ୍ଖଳିତ ଭାବରେ ହେଉଛି। ସେନାପଟା ଲାଗି କରାଯିବ। ନୀତି ଶୀଘ୍ର ସରିଲେ ବାହୁଡା ପାଇଁ ନୀତି ସଅଳରେ ପହଣ୍ଡି ଆରମ୍ଭ ହେବ। ଏସ୍‌ପି କେ. ବିଶାଳ ସିଂ କହିଛନ୍ତି, ସନ୍ଧ୍ୟା ଦର୍ଶନ ଶୃଙ୍ଖଳିତ ଭାବେ ଶ୍ରଦ୍ଧାଳୁ କରିଛନ୍ତି। ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମହାପ୍ରଭୁଙ୍କ କୃପାରୁ ସମସ୍ତ ନୀତି ଶୃଙ୍ଖଳିତ ଭାବେ ହେବ।

# ଯୁବକଙ୍କୁ ଉଲଗ୍ନ କରି ମାଡ଼ ଘଟଣା: ୨ ଗିରଫ

ଭୁବନେଶ୍ୱର,୨୭।୬(ସତ୍ୟଜିତ୍ ରାଉତ)

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଚୋର ସନ୍ଦେହରେ ଜଣେ ଯୁବକଙ୍କୁ ଉଲଗ୍ନକରି ମାଡ଼ ମାରିବା ଘଟଣାରେ ମଙ୍ଗଳବାର ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ଭଦ୍ରକ ଜିଲା ଧୁଷୁରୀ ଥାନା ଅଞ୍ଚଳର କରୁଣାକର ମଣ୍ଡଳ ଓ ନାୟକାଣିଡିହି ଥାନା ଅଞ୍ଚଳର ଇନ୍ଦ୍ରମଣି ପରୀଡ଼ା ଓରଫ ସୁଦାମ। ପୋଲିସ ଉଭୟଙ୍କୁ କୋର୍ଟଚାଲାଣ କରିବା ପରେ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ମଞ୍ଚେଶ୍ୱର ଅଞ୍ଚଳରେ ରହୁଥିବା ଝାଡ଼ଖଣ୍ଡର ଶ୍ୟାମକୁମାର ରାମ ଶୁକ୍ରବାର ରାତିରେ ପଳାଶୁଣି ହାଟକୁ ଯାଇଥିଲେ। ଏହି ସମୟରେ ମୋବାଇଲ ଚୋରି କରିଥିବା ସନ୍ଦେହରେ ସ୍ଥାନୀୟ ଲୋକେ ଶ୍ୟାମ କୁମାରଙ୍କୁ ଏକ ଗ୍ରୀଲରେ ବାନ୍ଧି ପକାଇଥିଲେ। ଏଥିସହ ତାଙ୍କ ମୁହଁକୁ ଛେପ ପକାଇ ଓ ଉଲଗ୍ନ କରି ଚପଲରେ ଅତି ଅମାନୁଷିକ ଭାବେ ମାଡ ମାରିଥିଲେ। ଶ୍ୟାମକୁମାର ଯେତେ ନେହୁରା ହୋଇ ଚୋରି କରି ନ ଥିବା କହିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଏନେଇ ପୋଲିସ ନିଜ ଆଡୁ ମାମଲା (ନଂ.୨୬୭/୨୩) ରୁଜୁ କରି ତଦନ୍ତ ଚଳାଇଛି। ସେପଟେ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମାନବ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଥିଲା।

## ସଂକ୍ଷେପରେ

### ପଞ୍ଚମୁଖୀ ହନୁମାନ ମନ୍ଦିର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୨୭।୬(ଅଭିଜିତ୍ ଦାସ): ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଲେନ୍ ୫ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୩୨ ଫୁଟ ଉଚ୍ଚତାର ହନୁମାନ ମନ୍ଦିର ମାତ୍ର ୫୮ ଦିନରେ ନିର୍ମାଣ ହୋଇଥିବାରୁ ଏହାର ବିଶେଷ ଅଲୌକିକ ଶକ୍ତି ରହିଥିବା ସ୍ଥାନୀୟ ବାସିନ୍ଦା ମତ ପ୍ରକାଶ କରିଛନ୍ତି। ମଙ୍ଗଳବାର ପାଳନ କରାଯାଇଥିବା ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବୃନ୍ଦାବନର ବ୍ରହ୍ମଚାରୀ ବାବା ବନମାଳୀ ଦାସ ଯୋଗ ଦେଇଥିଲେ। ଦିବସବ୍ୟାପୀ ହୋମଯଜ୍ଞ ସହ ହନୁମାନ ଚାଲିଶା ପାଠ କରାଯାଇଥିବାବେଳେ ସନ୍ଧ୍ୟା ସମୟରେ ଭଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜୟଦେବ ବିହାର ବିକାଶ ମଞ୍ଚର ସଭାପତି ମିହିର ରଞ୍ଜନ ରଥ, ମୁଖ୍ୟ ଉପଦେଷ୍ଟା ପ୍ରଦ୍ୟୁମ୍ନ ମହାନ୍ତି, ସମାଜସେବୀ ଯୁଧିଷ୍ଠିର ସାହୁ, ସାମ୍ବାଦିକ କଲ୍ୟାଣ ବୋର୍ଡର ସାଧାରଣ ସମ୍ପାଦକ ସନତ୍ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅତିଥିମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ।

### ବାଇକ୍ ଡିକିରୁ ୫୦ହଜାର ଟଙ୍କା ଚୋରି

ପୁରୁଣା ଭୁବନେଶ୍ୱର,୨୭।୬(ସୁବାସ ଚନ୍ଦ୍ର ପ୍ରଧାନ): ସ୍ଥାନୀୟ କାକୁଡ଼ିକୋଷାଙ୍ଗ ଗ୍ରାମର ମୁକୁନ୍ଦ ମଲିକଙ୍କ ବାଇକ୍ ଡିକିରୁ ୫୦ହଜାର ଟଙ୍କା ଚୋରି ହୋଇଥିବା ନେଇ ମଙ୍ଗଳବାର ଉତ୍ତରା ଫାଣ୍ଡିରେ ଅଭିଯୋଗ ହୋଇଛି। ମୁକୁନ୍ଦ ପୂର୍ବାହ୍ନ ୧୧ଟାରେ ପିପିଲି ଗ୍ରାମ୍ୟ ବ୍ୟାଙ୍କରୁ ୫୦ହଜାର ଟଙ୍କା ଉଠାଣ କରିଥିଲେ। ପରେ ସେ ବାଇକ (ଓଡିଶା୩ ଜି ୯୦୧୪)ରେ ଉକ୍ତ ଟଙ୍କା ରଖି ଗୁଡ଼ିଆପୋଖରୀ ସ୍ଥିତ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କ ସମ୍ମୁଖରେ ବାଇକ ରଖି ଭିତରକୁ ଯାଇଥିଲେ। ସେଠାରେ ସେ ଟଙ୍କା ଉଠାଇବା ପରେ ବାଇକ୍ ପାଖକୁ ଆସିଥିଲେ। ଡିକି ଖୋଲିବା ପରେ ୫୦ହଜାର ଟଙ୍କା, ୪ଟି ବ୍ୟାଙ୍କ ପାସ୍‌ବୁକ ସହ ଅନ୍ୟାନ୍ୟ କାଗଜପତ୍ର ଚୋରି ହୋଇଯାଇଥିବା ନେଇ ଜାଣିବାକୁ ପାଇଥିଲେ। ଏହା ଜାଣିବା ପରେ ସେ ବ୍ୟାଙ୍କ ଅଧିକାରୀଙ୍କୁ ସିସିଟିଭି ଯାଞ୍ଚ ପାଇଁ ଅନୁଗ୍ରହ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଫାଣ୍ଡିରେ ଅଭିଯୋଗ କରିଥିଲେ।




ସେଭ୍ ଇଣ୍ଡିଆନ୍ ଫ୍ୟାମିଲି ଫାଉଣ୍ଡେଶନ ପକ୍ଷରୁ ପରିବାର ସୁରକ୍ଷା ଉଦ୍ଦେଶ୍ୟରେ ମାଷ୍ଟର କ୍ୟାଣ୍ଟିନ ଛକରୁ ପୁରୀ ଅଭିମୁଖେ ବାହାରିଥିବା ପଦଯାତ୍ରା। (ଫଟୋ- ମନୋରଞ୍ଜନ)

# ଋଣ ଶୁଝି ନ ପାରି ଚରମ ନିଷ୍ପତ୍ତି

## ମହିଳାଙ୍କ ଆତ୍ମହତ୍ୟା ଘଟଣା

ଭୁବନେଶ୍ୱର,୨୭।୬(ସତ୍ୟଜିତ୍ ରାଉତ)

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚିନ୍ତାମଣିଶ୍ୱର ଜେନା କଲୋନୀରେ ରହୁଥିବା ମହିଳା ଜେ.କେ. ମିଲନଙ୍କ ଆତ୍ମହତ୍ୟା ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ମିଲନ୍ ଏସ୍‌ଏଚ୍‌ଜି ଋଣ ନେଇଥିବାରୁ ଏହାକୁ ଶୁଝି ନ ପାରି ଚିନ୍ତାରେ ଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ପୋଲିସ ପରିବାର ଲୋକଙ୍କ ବୟାନ୍ ରେକର୍ଡ କରି ଖୋଳତାଡ଼ ଜାରି ରଖିଛି। ସୂଚନା ଅନୁଯାୟୀ, ମୃତା ମିଲନ ସ୍ୱାମୀଙ୍କ ସହ ଏଠାରେ କିଛି ବର୍ଷ ହେବ ରହୁଥିଲେ। ତାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। କିଛିଦିନ ହେଲା ସ୍ୱାମୀ ଓ ପିଲାମାନେ ଗାଁକୁ ଚାଲିଯାଇଥିଲେ। ସୋମବାର ମିଲନ୍ ଦୀର୍ଘସମୟ ପର୍ଯ୍ୟନ୍ତ କବାଟ ଖୋଲୁ ନ ଥିବାରୁ ପଡ଼ୋଶୀଙ୍କ ସନ୍ଦେହ ହୋଇଥିଲା। ସନ୍ଧ୍ୟାରେ ମିଲନ୍ ଘରେ ଆତ୍ମହତ୍ୟା କରିଥିବା ଝରକା ପାଖେ ପଡ଼ୋଶୀ ଦେଖିବାକୁ ପାଇ ଖବର ଦେବା ପରେ ପୋଲିସ ସେଠାରେ ପହଞ୍ଚିଥିଲା। ପରିବାର ଲୋକଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନୃତ୍ୟ ନାଟିକା କୃଷ୍ଣାୟ ତୁଭ୍ୟଂ ନମାମି...

ଭୁବନେଶ୍ୱର,୨୭।୬(ଶର୍ମିଷ୍ଠା ପାଣିଗ୍ରାହୀ)

## ଶ୍ରୀରାଧା କଳାକୁଞ୍ଜର ତ୍ରୟୋଦଶ ବାର୍ଷିକ ଉତ୍ସବ

ନୃତ୍ୟାନୁଷ୍ଠାନ ଶ୍ରୀରାଧା କଳାକୁଞ୍ଜର ତ୍ରୟୋଦଶ ବାର୍ଷିକ ଉତ୍ସବ ମଙ୍ଗଳବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ଓଡ଼ିଶୀ ନୃତ୍ୟାଙ୍ଗନା ସିକତା ଦାସ, ଓଡ଼ିଶୀ ସଙ୍ଗୀତ ଗୁରୁ କେଶବ ଚନ୍ଦ୍ର ରାଉତ, ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ତବଲା ବାଦକ ପ୍ରଫୁଲ୍ଲ ବଳ, ବେହେଲା ବାଦକ ସୁରମଣି ରମେଶ ଚନ୍ଦ୍ର ଦାସ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଚେୟାରମ୍ୟାନ ଡ. ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗଣେଶ ବନ୍ଦନାର ମଙ୍ଗଳ ଗୁଞ୍ଜନରେ ଅନୁଷ୍ଠାନର ବରିଷ୍ଠ କଳାକାରମାନେ ମଞ୍ଚ ପ୍ରବେଶ କରିଥିଲେ। ପରେ ବଟୁ, ମଙ୍ଗଳାଚରଣରେ ନମାମୀ ବିଘ୍ନରାଜ ବେଶ ମନଛୁଆଁ ହୋଇପାରିଥିଲା। ତବଲା ବାଦନରେ ଶିଳ୍ପୀ ଶ୍ରୀକାନ୍ତ ପ୍ରଧାନ ଦର୍ଶକଙ୍କୁ ବାନ୍ଧିରଖିଥିଲେ। ପରେ ସ୍ଥାୟୀ, ବସନ୍ତ ପଲ୍ଲବୀ, ସାବେରୀ ପଲ୍ଲବୀ ବେଶ୍ ଦର୍ଶକାଦୃତି ଲାଭ କରିଥିଲା। ସନ୍ଧ୍ୟାରେ ଗୁରୁ ଲିନା ନନ୍ଦଙ୍କ ଏକକ ଓଡ଼ିଶୀ ନୃତ୍ୟ ଶ୍ରୀଦୁର୍ଗା ଆକର୍ଷଣୀୟ ହୋଇଥିଲା। ଅନୁଷ୍ଠାନ ତରଫରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ନୃତ୍ୟ ନାଟିକା କୃଷ୍ଣାୟ ତୁଭ୍ୟଂ ନମାମି ଏବଂ ଦାଣ୍ଡିଆ ନୃତ୍ୟ ମନ ଛୁଇଁଥିଲା। ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ ସ୍ୱତନ୍ତ୍ର ନୃତ୍ୟ ମାଣିକ ଶେଷ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧିରଖିଥିଲା। ଶେଷରେ ସମ୍ବଲପୁରୀ ନୃତ୍ୟରେ ଝୁମିଥିଲେ ଦର୍ଶକ। କାର୍ଯ୍ୟକ୍ରମକୁ ଗୁରୁ ମିନତୀ ପ୍ରଧାନ ସଞ୍ଚାଳନ ଓ ଗୁରୁ ମନୋରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ବିଶ୍ୱଜିତ୍ ବଳିୟାରସିଂହ କାର୍ଯ୍ୟକ୍ରମର ସଂଯୋଜକ ଥିଲେ।



ଶ୍ରୀରାଧା କଳାକୁଞ୍ଜର ତ୍ରୟୋଦଶ ବାର୍ଷିକ ଉତ୍ସବରେ କଳାକାରଙ୍କ ନୃତ୍ୟ ପରିବେଷଣ।

# ୨୦୨୦ ବ୍ୟାଚ୍ ଓଏଏସ୍ ପ୍ରୋବେଶନରଙ୍କ ନିଯୁକ୍ତି ପ୍ରଶିକ୍ଷଣ ଉଦ୍‌ଘାଟିତ

ଭୁବନେଶ୍ୱର,୨୭।୬(ଅନିଲ ଦାସ)

## ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ

ନବନିଯୁକ୍ତ ଅଧିକାରୀମାନେ ପ୍ରାୟ ୩୦ରୁ ୩୫ ବର୍ଷ ଧରି ସରକାରଙ୍କ ସେବା କରିବାକୁ ଯାଉଛନ୍ତି। ପ୍ରୋବେସନରମାନେ ନିରନ୍ତର ଜ୍ଞାନ ଅର୍ଜନ, ରାଜ୍ୟ ସରକାରଙ୍କ '୫-ଟି' ଆଭିମୁଖ୍ୟକୁ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିବା, ଅଭିନବ ଚିନ୍ତାଧାରା ବ୍ୟବହାର ପୂର୍ବକ ଦକ୍ଷ ସେବା ପ୍ରଦାନ, ସାମର୍ଥ୍ୟକୁ ସର୍ବାଧିକ ଉପଯୋଗ କରିବା, ସେବାରେ ଗୁଣବତ୍ତା ସୁନିଶ୍ଚିତ କରିବା ଏବଂ ଓଡ଼ିଶା ସରକାରୀ ସେବା ଆଚରଣ ନିୟମକୁ କଡ଼ାକଡ଼ି ପାଳନକରି ରାଜ୍ୟର ରୂପାନ୍ତରଣକୁ ଆହୁରି ଆଗେଇନେବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓଏଏସ୍ ପ୍ରୋବେଶନରଙ୍କୁ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ୨୦୨୦ ବ୍ୟାଚ୍ ଓଏଏସ୍ ପ୍ରୋବେଶନରଙ୍କର ନିଯୁକ୍ତି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସେମାନଙ୍କୁ ମୁଖ୍ୟ ଶାସନ ସଚିବ କହିଛନ୍ତି, ଜୀବନରେ ଶିକ୍ଷଣ ହେଉଛି ଏକ ନିରନ୍ତର ପ୍ରକ୍ରିୟା ଯାହା ପ୍ରାରମ୍ଭିକ ପର୍ଯ୍ୟାୟରେ ଠିକ୍ ପୋଷଣ ଏବଂ ପରାମର୍ଶ ସହ ଆରମ୍ଭ ହୁଏ । ନିଷ୍ଠା ଓ ଶୃଙ୍ଖଳାର ସହ କାର୍ଯ୍ୟ କରିବା ପାଇଁ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ । ଏହି ଅବସରରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମିର ମହାନିର୍ଦ୍ଦେଶକ ତଥା ଓଡ଼ିଶା ରାଜସ୍ୱ ପର୍ଷଦର ସଦସ୍ୟ ରାଜକୁମାର ଶର୍ମା କହିଛନ୍ତି, ରୂପାନ୍ତରଣ ଜାରି ରହିଥିବା ଓଡ଼ିଶାରେ ଶାସନର ପ୍ରମୁଖ ମାଧ୍ୟମ ଭାବେ ସେମାନେ କାର୍ଯ୍ୟ କରି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିବେ । ଶୃଙ୍ଖଳା ଅନୁସରଣ ପୂର୍ବକ ଠିକ୍ ମାର୍ଗରେ ପରିଚାଳିତ ହେବା ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପ୍ରଶିକ୍ଷଣ ଦିବସର ପ୍ରାରମ୍ଭରେ ପରାମର୍ଶ ଦିଆଯାଇଛି। ଗୋପବନ୍ଧୁ ପ୍ରଶାସନିକ ଏକାଡେମି ଅଧୀନରେ ପ୍ରଶିକ୍ଷଣ ନେବା ପାଇଁ ଯୋଗଦେଇଥିବା ୧୨୯ ଜଣ ଓଏଏସ୍ ପ୍ରୋବେଶନରଙ୍କ ମଧ୍ୟରୁ ୧୨୮ ଜଣ ଓଏଏସ୍ -୨୦୨୦ ବ୍ୟାଚ୍ ଏବଂ ଜଣେ ଓଏଏସ୍- ୨୦୧୮ ବ୍ୟାଚ୍‌ର ଅଛନ୍ତି । ଏହି ବ୍ୟାଚ୍‌ରେ ୫୬ ଜଣ ମହିଳା ଓ ୭୩ ଜଣ ପୁରୁଷ ପ୍ରଶିକ୍ଷାର୍ଥୀ ରହିଛନ୍ତି । ୨୨ ସପ୍ତାହ ବ୍ୟାପୀ ଏହି ନିଯୁକ୍ତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜୁନ୍ ୨୬ରୁ ଅକ୍ଟୋବର ୨୪ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ପ୍ରାରମ୍ଭରେ ଏକାଡେମିର ଅତିରିକ୍ତ ମହାନିର୍ଦ୍ଦେଶକ ମନୀଷ ଅଗ୍ରୱାଲ ୨୦୨୦ବ୍ୟାଚ୍ ର ପ୍ରଶିକ୍ଷଣ ପ୍ରଣାଳୀର ପ୍ରସ୍ତୁତି, ଅବଧି ଏବଂ ନକ୍ସା ସମ୍ପର୍କରେ ବିଶଦ ସୂଚନା ଦେଇଥିଲେ । ଏକାଡେମିର ଅତିରିକ୍ତ କମିଶନର ହିମାଂଶୁ ଭୂଷଣ ପଣ୍ଡା ଧନ୍ୟବାଦ ଦେଇଥିଲେ । ଏକାଡେମିର ଯୁଗ୍ମ ନିର୍ଦ୍ଦେଶିକା ମମତାରାଣୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# 'କାନଭାସ୍‌ରେ ପରମ୍ପରା' ଚିତ୍ର ପ୍ରଦର୍ଶନୀ

ଭୁବନେଶ୍ୱର,୨୭।୬(ଶର୍ମିଷ୍ଠା ପାଣିଗ୍ରାହୀ)

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ସମ୍ଭୃତି' ପକ୍ଷରୁ 'କାନଭାସ୍‌ରେ ପରମ୍ପରା' ଶୀର୍ଷକ ଲାଇଭ ପେଣ୍ଟିଂ ତଥା ଚିତ୍ରକଳା ପ୍ରଦର୍ଶନୀ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପୀମାନେ ଓଡ଼ିଆ ଚଳଣିକୁ ସମୃଦ୍ଧ କରୁଥିବା ଏବଂ ଓଡ଼ିଆ ପରିଚୟ ବହନ କରୁଥିବା ରଥଯାତ୍ରା, ରଜପର୍ବ, କୁମାର ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା, ମାଣବସାର ଝୋଟି ଚିତା, ମହାପ୍ରଭୁଙ୍କ ପ୍ରତି ଭକ୍ତର ଆବେଗିକ ପରିଭାଷାକୁ କାନଭାସରେ ଉତାରିଥିଲେ। ଏହି ଅବସରରେ ବିଶିଷ୍ଟ ଭାଷାବିତ ଦେବୀପ୍ରସନ୍ନ ପଟ୍ଟନାୟକ, ବିଧାୟକ ଅରୁଣ କୁମାର ସାହୁ, ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଅଶୋକ ମହାପାତ୍ର, ସ୍ୱସ୍ତି ଗ୍ରୁପର ସିଏମ୍‌ଡି ଜେ.କେ.ମହାନ୍ତି, ସାମ୍ବାଦିକ ଭବାନୀ ଶଙ୍କର ତ୍ରିପାଠୀ ଏବଂ ଓଡ଼ା ଜଳସେଚନ ନିଗମର ଅଧ୍ୟକ୍ଷ ଅମରେଶ ପତ୍ରୀ ପ୍ରମୁଖ ଚିତ୍ରଶିଳ୍ପୀ ଶିବିର ପରିଦର୍ଶନ କରିଥିଲେ। 'ସମ୍ଭୃତି'ର ପରିଚାଳନା ଟ୍ରଷ୍ଟି ମୃତ୍ୟୁଞ୍ଜୟ ରଥଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଚିତ୍ରଶିଳ୍ପୀ ଦୀପକ ବିଶ୍ୱାଳ, ପ୍ରସନ୍ନ ନାୟକ, ଜ୍ୟୋତିର୍ଦେବ ସିଂହ, ପ୍ରଭାତ କୁମାର ସାହୁ, ସୁଲୋଚନା ମହାରଣା, ଦୀପ୍ତିମୟୀ ବାରିକ, ଦେବାଶିଷ ସିଂହ, ବଟକୃଷ୍ଣ ବରାଳ, କ୍ଷୀରସିନ୍ଧୁ ଭୋଇ ଓ ଦିବ୍ୟଜ୍ୟୋତି ମାର୍ଥାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଚିତ୍ରକଳା ପ୍ରଦର୍ଶନୀରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

# ପ୍ରତିଶ୍ରୁତି ଦେଇ ଭୁଲିଗଲା ବିଏମ୍‌ସି

ଭୁବନେଶ୍ୱର, ୨୭।୬ (ବନ୍ଦନା ସେଠୀ)

## ରାଜଧାନୀରେ ଆମିଷ ମାର୍କେଟ ନିର୍ମାଣ ପ୍ରସଙ୍ଗ

- ୬ମାସ ପରେ ବି ହୋଇପାରୁନି ଆଲୋଚନା
- ଜାଗା ଚିହ୍ନଟ ନେଇ ଚିଠି ପାଇ ନାହାନ୍ତି ବିଏମ୍‌ସି ଉପାୟୁକ୍ତ

ରାଜଧାନୀ ରାସ୍ତାକଡ଼ରେ ବ୍ୟବସାୟ କରୁଥିବା ମାଂସ ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ପ୍ରତି ୱାର୍ଡରେ ମାଂସ ମାର୍କେଟ ନିର୍ମାଣ ହେବା ସହ ଆମିଷ ବ୍ୟବସାୟକୁ ବ୍ୟବସ୍ଥିତ କରାଯିବ ବୋଲି ବିଏମ୍‌ସି ପ୍ରତିଶ୍ରୁତି ଦେଇଥିଲା। ସେହିଭଳି ଆସନ୍ତା ଦୁଇ ବର୍ଷ ମଧ୍ୟରେ ସବୁ ୱାର୍ଡ଼ରେ ମାର୍କେଟ ନିର୍ମାଣ ହେବ ଏବଂ ଏଥିପାଇଁ ପ୍ରତ୍ୟେକ ୨ମାସରେ ଥରେ ମାଂସ ବ୍ୟବସାୟୀଙ୍କ ସହ ମେୟର ଆଲୋଚନା କରିବେ ବୋଲି ମଧ୍ୟ ନିର୍ଦ୍ଧାରିତ ହୋଇଥିଲା। ଏହାଦ୍ୱାରା ମାର୍କେଟ ନିର୍ମାଣ କାର୍ଯ୍ୟ କେତେବାଟ ଆଗେଇଲା ସେ ସମ୍ପର୍କରେ ବ୍ୟବସାୟୀମାନେ ଅବଗତ ହୋଇପାରିବେ। ଏଥିସହ ସେମାନଙ୍କର ସମସ୍ୟା, ଦାବି ଉପସ୍ଥାପନ କରିପାରିବେ। ଡିସେମ୍ବର ୫ରେ ପ୍ରଥମ କରି ବ୍ୟବସାୟୀଙ୍କ ସହ ବିଏମ୍‌ସି ଆଲୋଚନା କରିଥିଲା। ଏହାପରେ ଫେବୃୟାରୀ ୫ରେ ଦ୍ୱିତୀୟ ଆଲୋଚନା ହେବା କଥା। ମାତ୍ର ଏହା ଭିତରେ ୬ମାସ ସରିବାକୁ ବସିଥିଲେ ବି ବ୍ୟବସାୟୀ ଓ ବିଏମ୍‌ସିର କୌଣସି ଆଲୋଚନା ହୋଇପାରି ନାହିଁ। ତୁରନ୍ତ ବୈଠକ ଡାକି ଆଲୋଚନା କରିବାକୁ ଆମିଷ ବ୍ୟବସାୟୀ ସଂଘ ପକ୍ଷରୁ ବାରମ୍ବାର ଦାବି ରଖାଯାଉଥିଲେ ବି ବିଏମ୍‌ସି ଏହାକୁ ଅଣଦେଖା କରୁଛି। ଏପରିକି ଜୁନ୍ ୨ରେ ଭୁବନେଶ୍ୱର ଆମିଷ ବ୍ୟବସାୟିକ ମହାସଂଘ (ମାଂସ) ବିଭାଗ ପକ୍ଷରୁ ମେୟର ସୁଲୋଚନା ଦାସଙ୍କୁ ଚିଠି ଲେଖାଯାଇଥିଲା। ଏଥିରେ ଯଥାଶୀଘ୍ର ମାଂସ ବ୍ୟବସାୟୀଙ୍କ ବୈଠକ ଡାକ ଅତ୍ୟାଧୁନିକ ମାଂସ ମାର୍କେଟ ନିର୍ମାଣ କାର୍ଯ୍ୟକୁ ଆଗେଇ ନେବା ପାଇଁ ଅନୁରୋଧ କରାଯାଇଥିଲା। ଏଥିସହ ଉକ୍ତ ବୈଠକରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହିବାକୁ ପ୍ରତିଶ୍ରୁତି ଦେଇଥିବା ମହାସଂଘ ପକ୍ଷରୁ ଉଲ୍ଲେଖ କରାଯାଇଥିଲା। ତେବେ ବିଏମ୍‌ସି ପକ୍ଷରୁ ଏହି ଚିଠିର ମଧ୍ୟ କୌଣସି ଉତ୍ତର ଦିଆଯାଇ ନାହିଁ। ଅପରପକ୍ଷେ ମନ୍ତ୍ରୀ ଉପସ୍ଥିତ ରହିବାକୁ ପ୍ରତିଶ୍ରୁତି ଦେଇଥିଲେ ତାଙ୍କଠାରୁ ଏକ ଲିଖିତ ଆଣିବାକୁ ବିଏମ୍‌ସି ଅଧିକାରୀ ମହାସଂଘକୁ ପରାମର୍ଶ ଦେଇଥିବା ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସମସ୍ତ ୱାର୍ଡରେ ଆମିଷ ବଜାର ପାଇଁ ଜାଗା ଚିହ୍ନଟ କରିବାକୁ ମାର୍ଚ୍ଚ ୨୬ରେ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଏମ୍‌ସି ମାର୍କେଟ ବିଭାଗ ଉପଆୟୁକ୍ତଙ୍କ ପକ୍ଷରୁ ଏ ନେଇ ସହର ମୁଖ୍ୟ ଯନ୍ତ୍ରୀ, ଲ୍ୟାଣ୍ଡ ବିଭାଗ ଉପଆୟୁକ୍ତ ଓ ୩ ଜୋନର ଜୋନାଲ ଡେପୁଟି କମିଶନରଙ୍କୁ ଚିଠି କରାଯାଇଥିଲା। ଚିଠି ସଂଖ୍ୟା ୧୩,୫୫୮ରେ ମାର୍କେଟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଭୁବନେଶ୍ୱର ନନ୍‌ଭେଜ ଫେଡେରେଶନ (ମଟନ) ସମ୍ପାଦକ ଏସ. କେ. ସର୍ଜନଙ୍କ ଦ୍ୱାରା ହୋଇଥିବା ଚିଠିକୁ ଭିତ୍ତିକରି ସବୁ ୱାର୍ଡରେ ଆମିଷ ବଜାର ଲାଗି ଜମି ଚିହ୍ନଟ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଥିଲା। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଏବଂ ମେୟରଙ୍କୁ ଚିଠିର ନକଲ ପ୍ରଦାନ କରାଯିବା ସହ ସ୍ଥାନ ଚିହ୍ନଟ ପରେ ମାର୍କେଟ ବିଭାଗକୁ ଏନେଇ ପ୍ରଥମେ ଅବଗତ କରାଇବାକୁ ଚିଠିରେ ଉଲ୍ଲେଖ କରାଯାଇଥିଲା। ତେବେ ବିଜ୍ଞପ୍ତିକୁ ୩ମାସ ପୂରିଥିବାବେଳେ ବିଏମ୍‌ସି (ଲ୍ୟାଣ୍ଡ) ଉପଆୟୁକ୍ତ ଏନେଇ କୌଣସି ଚିଠି ପାଇ ନ ଥିବା ମହାସଂଘକୁ ସୂଚନା ଦେଇଛନ୍ତି। ବିଏମ୍‌ସି କେବଳ ଲୋକଦେଖାଣିଆ ଭାବେ ବିଜ୍ଞପ୍ତି ପ୍ରକାଶ କରି ଚୁପ୍ ବସିଯାଉଛି। ବାସ୍ତବରେ ଆମିଷ ବ୍ୟବସାୟୀଙ୍କ ସମସ୍ୟାକୁ ଗୁରୁତର ସହ ନିଆଯାଉ ନ ଥିବା ମହାସଂଘ ଅଭିଯୋଗ କରିଛି।

ଏ ନେଇ ଅଲ୍ ଓଡ଼ିଶା ଆମିଷ ବ୍ୟବସାୟୀ ମହାସଂଘ ରାଜ୍ୟ ସଭାପତି ଶେଖ ମୁନ୍ତାକିମ୍ ବକ୍ସ କହିଛନ୍ତି, ରାଜଧାନୀ ରହୁଥିବା ଲୋକଙ୍କ ମଧ୍ୟରେ ପ୍ରାୟ ୯୦ ପ୍ରତିଶତ ଲୋକ ଆମିଷ ପ୍ରିୟ। ଏମାନଙ୍କ ଚାହିଦା ମେଣ୍ଟାଇବା ପାଇଁ ସହରରେ ୩ହଜାର ୩୫୦ରୁ ଊର୍ଦ୍ଧ୍ୱ ଆମିଷ ବ୍ୟବସାୟୀ ରହିଛନ୍ତି। ମାତ୍ର ବ୍ୟବସ୍ଥିତ ଆମିଷ ବଜାର ନ ଥିବାରୁ ଯିଏ ଯେଉଁଠିପାରୁଛି ବେପାର କରୁଛି। ଏହାଦ୍ୱାରା ସ୍ମାର୍ଟସିଟିର ଏକ ନକାରାତ୍ମକ ଛବି ପ୍ରତିଫଳିତ ହେବା ସହ ପରିବେଶ ମଧ୍ୟ ଅପରିଷ୍କାର ରହୁଛି। ବହୁ ଦାବି ପରେ ଘାଟିକିଆରେ ନିର୍ମିତ ହୋଇଥିବା ଅତ୍ୟାଧୁନିକ ମାଂସ ମାର୍କେଟରେ ମାତ୍ର ୧୨ଜଣଙ୍କ ପାଇଁ ଥଇଥାନର ବ୍ୟବସ୍ଥା କରାଯାଇଛି। ସମ୍ପୃକ୍ତ ୱାର୍ଡରେ ୨୪ଜଣ ମଟନ୍ ବ୍ୟବସାୟୀ ଥିବାବେଳେ ଆହୁରି ୧୨ଜଣ ରାସ୍ତାକଡ଼ରେ ବ୍ୟବସାୟ କରୁଛନ୍ତି। ସହରରେ ହଜାର ହଜାର ଆମିଷ ବେପାରୀ ଥିବାବେଳେ ଘାଟିକିଆରେ ଗୋଟିଏ ମାର୍କେଟ ନିର୍ମାଣ କରିବା ସମୁଦ୍ରକୁ ସଂଖେ ସଦୃଶ। ବିଏମ୍‌ସି ବ୍ୟବସାୟୀଙ୍କ ସମସ୍ୟା ନ ବୁଝିଲେ ସେମାନଙ୍କ ପାଇଁ ବେପାର କରିବା କଷ୍ଟକର ହୋଇପଡ଼ିବ ବୋଲି ମୁନ୍ତାକିମ୍ କହିଛନ୍ତି।

## ସଂକ୍ଷେପରେ

### ବାଇକ୍ ଡିକିରୁ ୫୦ହଜାର ଟଙ୍କା ଚୋରି

**ପୁରୁଣା ଭୁବନେଶ୍ୱର,୨୭।୬(ସୁବାସ ଚନ୍ଦ୍ର ପ୍ରଧାନ):** ସ୍ଥାନୀୟ କାକୁଡ଼ିକୋଷାଙ୍ଗ ଗ୍ରାମର ମୁକୁନ୍ଦ ମଲିକଙ୍କ ବାଇକ୍ ଡିକିରୁ ୫୦ହଜାର ଟଙ୍କା ଚୋରି ହୋଇଥିବା ନେଇ ମଙ୍ଗଳବାର ଉତ୍ତରା ଫାଣ୍ଡିରେ ଅଭିଯୋଗ ହୋଇଛି। ମୁକୁନ୍ଦ ପୂର୍ବାହ୍ନ ୧୧ଟାରେ ପିପିଲି ଗ୍ରାମ୍ୟ ବ୍ୟାଙ୍କରୁ ୫୦ହଜାର ଟଙ୍କା ଉଠାଣ କରିଥିଲେ। ପରେ ସେ ବାଇକ (ଓଡିଐ୩ ଜି ୯୦୧୪)ରେ ଉକ୍ତ ଟଙ୍କା ରଖି ଗୁଡ଼ିଆପୋଖରୀ ସ୍ଥିତ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କ ସମ୍ମୁଖରେ ବାଇକ ରଖି ଭିତରକୁ ଯାଇଥିଲେ। ସେଠାରେ ସେ ଟଙ୍କା ଉଠାଇବା ପରେ ବାଇକ୍ ପାଖକୁ ଆସିଥିଲେ। ଡିକି ଖୋଲିବା ପରେ ୫୦ହଜାର ଟଙ୍କା, ୪ଟି ବ୍ୟାଙ୍କ ପାସ୍‌ବୁକ ସହ ଅନ୍ୟାନ୍ୟ କାଗଜପତ୍ର ଚୋରି ହୋଇଥିଲା।

### ଭାବ ଓ ଭକ୍ତିର ଆଡ଼ପ କବିତା ଆସର

**ପୁରୀ ଅଫିସ,୨୭।୬(ଅଜିତ୍ ମହାନ୍ତି):** ରଥଯାତ୍ରା ଅବସରରେ ମଙ୍ଗଳବାର ଭୋଳାନାଥ ବିଦ୍ୟାପୀଠରେ ଆୟୋଜିତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ପରିସରରେ ପୁରୀ ଜିଲା ଲେଖକ ସହଯୋଗ ସମିତି ପକ୍ଷରୁ ଭାବ ଓ ଭକ୍ତିର ଆଡ଼ପ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଆସରକୁ ନାଟ୍ୟଗୌରବ ବିଭୂତିଭୂଷଣ ପଟ୍ଟନାୟକ ଉଦ୍‌ଘାଟନ କରିଥିବାବେଳେ ଅନୁଷ୍ଠାନ ସଭାପତି କୈଳାସ ଚନ୍ଦ୍ର ଟିକାୟତରାୟ ସଭାପତିତ୍ୱ କରିଥିଲେ। କବି ମାନସ ରଞ୍ଜନ ମହାପାତ୍ର, ଡ. ହେମନ୍ତ ଛୋଟରାୟ, ବିଶ୍ୱପ୍ରକାଶ ପଟ୍ଟନାୟକ, ନିର୍ମଳଚନ୍ଦ୍ର ମିଶ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ନାଟ୍ୟଗୌରବ ବିଭୂତିଭୂଷଣ ପଟ୍ଟନାୟକଙ୍କ ରଚିତ ନାଟକ 'ଆକାଶଦୀପ'କୁ ଅତିଥି ଲୋକାର୍ପଣ କରିଥିଲେ। ବିପିନବିହାରୀ ଦଳାଇ ଓ ସୁଶ୍ରୀ କ୍ରିଷ୍ଣା ମହାପାତ୍ରଙ୍କ ସଂଯୋଜନାରେ ସୁରେଶ ପଟ୍ଟନାୟକ, ଡ. ସୁଚିତ୍ରା ରଥ, ବିଚିତ୍ରା ଦାଶ, ଆଲୋକ ପ୍ରଧାନ, ଯୋଗେଶ୍ୱର ପ୍ରହରାଜ, ଅନ୍ନପୂର୍ଣ୍ଣା ଦେବୀ, ଚିନ୍ମୟୀ ଗଜେନ୍ଦ୍ର, ମିନତି ମିଶ୍ର, ପ୍ରବାସିନୀ ମିଶ୍ର, ଲକ୍ଷ୍ମୀପ୍ରିୟା ଦାଶ, ପ୍ରଭାତ ଚନ୍ଦ୍ର ରଥ, ଚନ୍ଦ୍ରଶେଖର ମହାରଣା, ମିନତି ପଟ୍ଟନାୟକ, ସତ୍ୟନାରାୟଣ ମିଶ୍ର, ଉମାକାନ୍ତ ମହାପାତ୍ର ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ବୀରେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

### ପୂର୍ବତନ ବ୍ଲକ କଂଗ୍ରେସ ସଭାପତିଙ୍କ ବିୟୋଗରେ ଶୋକ

**କାକଟପୁର,୨୭।୬(ଶୁଭଦର୍ଶନ ମିଶ୍ର)** ପୂର୍ବତନ ପ୍ରଧାନ ଶିକ୍ଷକ ତଥା କାକଟପୁର ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ଲକ୍ଷ୍ମୀଧର ଖୁଣ୍ଟିଆ(୮୨)ଙ୍କର ମଙ୍ଗଳବାର ପୁରୀରେ ଜଗନ୍ନାଥ ଆଡ଼ପ ମଣ୍ଡପରେ ଦର୍ଶନ କରି ସାରିବା ପରେ ହୃଦଘାତରେ ଅକାଳ ବିୟୋଗ ଘଟିଛି। ତାଙ୍କ ମରଶରୀର କାକଟପୁରସ୍ଥିତ ବାସଭବନକୁ ଆସିବା ପରେ ପ୍ରଦେଶ କଂଗ୍ରେସର ଉପସଭାପତି ବିଶ୍ୱଭୂଷଣ ଦାସ, ବ୍ୟବସାୟୀ ଜ୍ଞାନରଞ୍ଜନ ସାହୁ, ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ଅଧାପକ ଲଲାଟେନ୍ଦୁ ସ୍ୱାଇଁ, ଆଇନଜୀବୀ ପ୍ରଫୁଲ୍ଲ ନାୟକ, ଅଶୋକ ଦାଶ, ପ୍ରଦୀପ୍ତ ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ, ତୁଷାରକାନ୍ତ ଦୀକ୍ଷିତ, କଂଗ୍ରେସ ସଭାପତି ଅବଧୂତ ସ୍ୱାଇଁ, ସୁଦର୍ଶନ ସ୍ୱାଇଁ, ଚିତ୍ତରଞ୍ଜନ ସ୍ୱାଇଁ, ଦୁର୍ଗାଚରଣ ନାୟକ, ଉତ୍ତମ ନାୟକ, ସୁକାନ୍ତ ପରିଡ଼ା, ଅରକ୍ଷିତ କାଣ୍ଡି, ନୀଳକଣ୍ଠପୁର ଗ୍ରାମବାସୀ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

# ପ୍ରତିଶ୍ରୁତି ପରେ ସେବାୟତଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

**ସାକ୍ଷୀଗୋପାଳ,୨୭।୬**
**(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)**

**ସେବାୟତ ଶ୍ମଶାନ ଉଚ୍ଛେଦ ପ୍ରସଙ୍ଗ**
- ୧୨ଘଣ୍ଟା ପରେ ସାକ୍ଷୀଗୋପାଳଙ୍କ ନୀତି ସ୍ୱାଭାବିକ


ଧାରଣାରତ ସେବାୟତମାନଙ୍କ ସହ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ପୁରୀ ଜିଲା ସତ୍ୟବାଦୀ ବ୍ଲକରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟବେଳେ ସୋମବାର ସେବାୟତ ଶ୍ମଶାନ ଉଚ୍ଛେଦ କରାଯାଇଥିଲା। ଏହାକୁ ବିରୋଧ କରି ସାକ୍ଷୀଗୋପାଳ ମନ୍ଦିରରେ ସୋମବାର ଅପରାହ୍ନ ୪ଟାରୁ ମଙ୍ଗଳବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସେବାୟତମାନେ ଧାରଣାରେ ବସିଥିଲେ। ଫଳରେ ଦେବନୀତି ବନ୍ଦ କରିବା ସହ ସକାଳରୁ ସିଂହଦ୍ୱାର ବନ୍ଦ ରହିଥିବାରୁ ଠାକୁରଙ୍କ ଦର୍ଶନ କରି ନ ପାରି ଶ୍ରଦ୍ଧାଳୁମାନେ ଦୁଃଖରେ ଫେରିଥିଲେ। ତେବେ ସମସ୍ୟାର ସମାଧାନ ପାଇଁ ଅପରାହ୍ନ ପ୍ରାୟ ୪ଟାରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ତହସିଲଦାର ଜୟନ୍ତ କୁମାର ଜୟସିଂ, ବିଡିଓ ଲୋଚନ ଦାସ, ଆଇଆଇସି ବିଜୟ କେତନ ବେହେରା ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ ପ୍ରମୁଖ ପହଞ୍ଚି ଆନ୍ଦୋଳନ ଚଳାଇଥିବା ସେବାୟତମାନଙ୍କ ସହ ସିଂହଦ୍ୱାର ସମ୍ମୁଖରେ ଆଲୋଚନା କରିଥିଲେ। ସେବାୟତ ସଂଘ ପକ୍ଷରୁ ଏଥିପାଇଁ ୫ ଦଫା ସମ୍ବଳିତ ଦାବିପତ୍ର ଉପସ୍ଥିତ ଅଧିକାରୀଙ୍କୁ ଦେଇଥିଲେ। ଉକ୍ତ ଦାବିପତ୍ରରେ ସେବାୟତଙ୍କ ସମସ୍ୟା ସହ ବର୍ତ୍ତମାନର ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀଙ୍କୁ ତୁରନ୍ତ ବରଖାସ୍ତ କରି ଜଣେ(ଓଏଏସ) କ୍ୟାଡରର ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ ଦାବି କରିଥିଲେ। ଏଥିପାଇଁ ଉକ୍ତ ଦାବିପତ୍ରରେ ଉପସ୍ଥିତ ସମସ୍ତ ଅଧିକାରୀ ଦସ୍ତଖତ କରିଥିଲେ ମଧ କାର୍ଯ୍ୟନିର୍ବାହୀ ଅଧିକାରୀ ଦସ୍ତଖତ କରି ନଥିଲେ। ଅନ୍ୟପଟେ ଓଡ଼ିଶା ସେତୁ ନିର୍ମାଣ ନିଗମ ତରଫରୁ ଉଚ୍ଛେଦ ହୋଇଥିବା ସେବାୟତ ଶ୍ମଶାନ ଓ ରାଧାକୁଣ୍ଡ ତୀର୍ଥ ପୁଷ୍କରିଣୀ ମନ୍ଦିର ପ୍ରଶାସନକୁ ଫେରିବା ପାଇଁ ଜୁଲାଇ ୫ ତାରିଖ ସୁଦ୍ଧା ଜିଲାପାଳ, ପୁରୀ ଓ ଦେବୋତ୍ତର ଆୟୁକ୍ତଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଉପସ୍ଥିତ ପଦାଧିକାରୀମାନେ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିବା ପରେ ସେବାୟତ ସଙ୍ଘ ତରଫରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସେବାୟତ ସଙ୍ଘ ତରଫରୁ ସଭାପତି ଶ୍ରୀବତ୍ସ ମହାପାତ୍ର, ସମ୍ପାଦକ ବିଜୟ କୁମାର ନନ୍ଦ, ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ସାମନ୍ତରାୟଙ୍କ ସମେତ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ଅନ୍ୟପଟେ ପ୍ରାୟ ୧୨ଘଣ୍ଟା ପରେ ସନ୍ଧ୍ୟା ୬ଟାଠାରୁ ଠାକୁରଙ୍କ ନୀତି ସ୍ୱାଭାବିକ ହୋଇଥିଲା।

ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ନିର୍ମାଣ କରୁଥିବା ସଂସ୍ଥା ଅଧିକାରୀଙ୍କ ସହ ଯୋଗାଯୋଗ କରିବାରେ ସେ କହିଛନ୍ତି, ବିଶ୍ୱବିଦ୍ୟାଳୟ ଯେଉଁ ଜମି କିଣିଛି ସେଥିରେ ତା'ର ନିର୍ମାଣ କାର୍ଯ୍ୟ କରୁଛି। କୌଣସି ବେଆଇନ କାର୍ଯ୍ୟ କରୁନାହିଁ। ବରଂ ଏତେ ବଡ଼ ଶିକ୍ଷାନୁଷ୍ଠାନ ପାଖରେ କିଭଳି ଗୋଟେ ଶ୍ମଶାନ ରହିବ। ତଥାପି ଠିକ୍ ଅନୁଧ୍ୟାନ କରାଯାଇ ଘଟଣାର ସମାଧାନ କରାଯିବ। ଏପଟେ ସୋମବାର ରାତି ପ୍ରାୟ ୧ଟାରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଧାରଣାରତ ସେବାୟତଙ୍କ ସହିତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ମଧ ଆଲୋଚନା ଫଳପ୍ରଦ ନ ହେବାରୁ ସେବାୟତମାନେ ମନ୍ଦିର କାର୍ଯ୍ୟାଳୟ, ଯାତ୍ରୀନିବାସ ସମେତ ପାଣ୍ଠଶାଳାରେ ତାଲା ପକାଇ ଦେଇଥିଲେ। ଅନ୍ୟ ପକ୍ଷରେ ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ, ଭାଜପା ନେତା ଓମ ପ୍ରକାଶ ମିଶ୍ର, ଜୟପୁର ସମିତି ସଭ୍ୟ ଦୀପକଶତପଥୀ, ୩୨ ନମ୍ବର ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ରଞ୍ଜନ କୁମାର ବରାଳଙ୍କ ସମେତ ଅନ୍ୟମାନେ ଆନ୍ଦୋଳନରତ ସେବାୟତଙ୍କ ଦାବିକୁ ସମର୍ଥନ ଜଣାଇ ସହଯୋଗ କରିବାକୁ କହିଥିଲେ। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ମନ୍ଦିର କାର୍ଯ୍ୟାଳୟରେ ପଡିଥିବା ତାଲା ଖୋଲାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି।

### ଚେନ୍ନାଇରୁ ଗୋପରେ ପହଞ୍ଚିଲା ଯୁବକଙ୍କ ମୃତଦେହ

**ଗୋପ,୨୭।୬(ଭାରତୀ ଭୂଷଣ ଉପାଧ୍ୟାୟ):** ଜଣେ ଗରିବ ପରିବାରର ମୃତଦେହ ଚେନ୍ନାଇରୁ ଗୋପ ଆଣିବାରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସୂଚନା ମୁତାବକ, ଗୋପ ଥାନା ଅଧୀନ ନୂଆଖୋଲମରା ପଞ୍ଚାୟତସ୍ଥିତ ଓରତଣ୍ଡା ଗ୍ରାମର କୈଳାସ ଚନ୍ଦ୍ର ପ୍ରଧାନଙ୍କ ପୁଅ ଦେବପ୍ରିୟ ପ୍ରଧାନ ଚେନ୍ନାଇକୁ କାମ କରିବାକୁ ଯାଉଥିବାବେଳେ ଟ୍ରେନ୍‌ରୁ ଖସି ତାଙ୍କର ମୃତ୍ୟୁ ହୋଇଥିଲା। ଚେନ୍ନାଇସ୍ଥିତ ତିରିପୁର ରେଲୱେ ପୋଲିସ ପାଖରେ ମୃତଦେହ ରହିଥିବାବେଳେ ତାକୁ ଆଣିବାକୁ ତାଙ୍କ ପରିବାର ଗୋପ ଥାନା ଓ ପ୍ରଶାସନ ନିକଟରେ ନିବେଦନ କରିଥିଲେ। ପରେ ଏହି ଘଟଣାରେ ବିଧାୟକ ଦାଶ ହସ୍ତକ୍ଷେପ କରିବା ସହ ପୁରୀ ଜିଲା ପ୍ରଶାସନକୁ ମୃତଦେହ ଆଣିବା ଲାଗି ଅନୁରୋଧ କରିଥିଲେ। ଏହି ଘଟଣାରେ ଓଡ଼ିଶା ମୋ ପରିବାର ସଦସ୍ୟ ତିରିପୁର ଷ୍ଟେଶନରୁ ମୃତଦେହ ଆଣିବାକୁ ବ୍ୟବସ୍ଥା କରିଥିଲେ। ଭୁବନେଶ୍ୱରରୁ ଓଡ଼ିଶା ମୋ ପରିବାରର କେତେକ ସଦସ୍ୟ ସୋମବାର ମୃତଦେହକୁ ଗୋପ ବ୍ଲକ ଅଧୀନ ଓରତଣ୍ଡା ଗ୍ରାମରେ ପହଞ୍ଚାଇଥିଲେ। ଏହା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସେଠାରେ ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋ, ସମିତିସଭ୍ୟ ବିଜୟ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।


ପଲ୍ଲିଶ୍ରୀ ମେଳାରେ ପୁରୀ ଜିଲା ଲେଖକ ସହଯୋଗ ସମିତି ପକ୍ଷରୁ ଅନୁଷ୍ଠିତ ଭାବ ଓ ଭକ୍ତିର ଆଡ଼ପ କବିତା ଆସରରେ ମଞ୍ଚାସୀନ ଅତିଥି।

## ବାହୁଡ଼ାଯାତ୍ରା ଅବସରରେ ଚିତ୍ର ପ୍ରଦର୍ଶନୀ 'ଶ୍ରୀକ୍ଷେତ୍ରେ ଜଗନ୍ନାଥ'

**ପୁରୀ ଅଫିସ,୨୭।୬(ଅଜିତ୍ ମହାନ୍ତି)**


ପୁରୀ ଆର୍ଟ ଗ୍ୟାଲେରିରେ ହୋଇଥିବା ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ପବିତ୍ର ବାହୁଡ଼ାଯାତ୍ରା ଅବସରରେ ଶ୍ରୀକ୍ଷେତ୍ରକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଭକ୍ତିଡୋରିରେ ବାନ୍ଧି ରଖିବାକୁ ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଏକାଡେମୀର ସଂରକ୍ଷିତ ୩୦ଟି ଛବି ପୁରୀ ଆର୍ଟ ଗ୍ୟାଲେରି ପରିସରରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଚିତ୍ରକଳା ପ୍ରଦର୍ଶନୀ ଶୀର୍ଷକ 'ଶ୍ରୀକ୍ଷେତ୍ରେ ଜଗନ୍ନାଥ'କୁ ବରିଷ୍ଠ ଚିତ୍ରଶିଳ୍ପୀ ଦେବେନ୍ଦ୍ର ଦାସ, ଚନ୍ଦ୍ରଶେଖର ମହାରଣା ଉଦ୍‌ଘାଟନ କରିଥିଲେ। ଜଗନ୍ନାଥଙ୍କ ରଥଯାତ୍ରା ଓ ତାଙ୍କ ମହିମା ପ୍ରଚାର ସହ ଶିଳ୍ପୀଙ୍କ ମହନୀୟତା ଏହି ପ୍ରଦର୍ଶନୀ ପ୍ରକାଶ କରୁଛି ବୋଲି ଅତିଥିମାନେ କହିଥିଲେ। ଆର୍ଟ ଗ୍ୟାଲେରି ପରିଚାଳକ ଶିଳ୍ପୀ ସତ୍ୟ ପାଢି ଅତିଥି ପରିଚୟ ପ୍ରଦାନ ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ୧୮ ଦିନିଆ ଏହି ପ୍ରଦର୍ଶନୀ ଜଗନ୍ନାଥପ୍ରେମୀ ଓ ଚିତ୍ରପ୍ରେମୀଙ୍କୁ ଭକ୍ତିରସରେ ଉଦ୍‌ବୁଦ୍ଧ କରିବ ବୋଲି ସେ କହିଥିଲେ। ପ୍ରଦର୍ଶନୀରେ ତିନି ଠାକୁର ଓ ରଥ, ବଡ଼ଦାଣ୍ଡରେ ରଥ ଓ ଶ୍ରୀ ମନ୍ଦିରର ଦୃଶ୍ୟ, ଭକ୍ତ ଓ ଭଗବାନଙ୍କ ଭାବାବେଗ, ରଥ ତିଆରି ଦୃଶ୍ୟ, ବାଲିରଥ ଓ ମହାପ୍ରସାଦ, ଶଙ୍ଖକ୍ଷେତ୍ର, ପତିତପାବନ ବାନା, ନୀଳଚକ୍ରଙ୍କୁ ନେଇ ଚିତ୍ରଗୁଡ଼ିକ ପ୍ରଦର୍ଶିତ ହୋଇଛି। ପୁରୀ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ଏକାଡେମୀର ସତ୍ୟ ପାଢୀଙ୍କ ଦ୍ୱାରା ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଉପସ୍ଥିତ ସମସ୍ତ ଦର୍ଶକ ଛବିକୁ ବୁଲି ଦେଖିଥିଲେ। ପ୍ରଦର୍ଶନୀ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ।

## 'ନବଦିନାତ୍ମକ ଯାତ୍ରା ଓ ଶ୍ରୀଜଗନ୍ନାଥ' ସଂକ୍ରାନ୍ତ ଆଲୋଚନାଚକ୍ର

**ପୁରୀ,୨୭।୬(ଅଜିତ୍ ମହାନ୍ତି):** ଘୋଷଯାତ୍ରା ଅବସରରେ ସୋମବାର ପଲ୍ଲିଶ୍ରୀ ମେଳା ମଞ୍ଚରେ ନୀଳାଚଳ ତତ୍ତ୍ୱ ପରିଷଦ ପୁରୀ ଆନୁକୂଲ୍ୟରେ 'ନବଦିନାତ୍ମକ ଯାତ୍ରା ଓ ଶ୍ରୀଜଗନ୍ନାଥ' ସଂକ୍ରାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜ୍ୟୋତିର୍ବିଦ୍ ଅନାମ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବାସନ୍ତୀ ମିଶ୍ର ଯୋଗଦେଇ ଶ୍ରୀବିଗ୍ରହଙ୍କ ଶ୍ରୀମନ୍ଦିରସ୍ଥ ରାସ ତ୍ରୟ (ବସନ୍ତ ରାସ, କାର୍ତ୍ତିକ ମହାରାସ ଏବଂ ଶରତ ରାସ) ସହିତ ଆଡ଼ପ ମଣ୍ଡପସ୍ଥ ପ୍ରାବୃଟ ରାସରେ ଶ୍ରୀମଦନମୋହନଙ୍କ ସାନିଧ୍ୟରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବୃନ୍ଦାବନର ମହାରାସ ସ୍ଥଳ ରୂପେ ବର୍ଣ୍ଣନା କରିଥିଲେ। ଏହି ନବଦିନାତ୍ମକ ଯାତ୍ରା ନବଗ୍ରହଙ୍କ ସହିତ ତୁଳନୀୟ। ରଥଯାତ୍ରା ଏବଂ ବାହୁଡ଼ାଯାତ୍ରାରେ ରାହୁ ଓ କେତୁଙ୍କ ପ୍ରତିନିଧିତ୍ୱ ସହ ଶ୍ରୀଜଗନ୍ନାଥଙ୍କ ଅବସ୍ଥାନ ୭ଦିନକୁ ସପ୍ତଗ୍ରହଙ୍କ ସପ୍ତବାର ଅଧିପତିତ୍ୱ ସହିତ ତୁଳନା କରାଯାଇଥାଏ। ଆଡ଼ପ ମଣ୍ଡପରେ ଶ୍ରୀଜଗନ୍ନାଥ ଦର୍ଶନରେ ରତ୍ନସିଂହାସନସ୍ଥିତ ଦର୍ଶନର ୧୦ଗୁଣା ପୁଣ୍ୟଫଳ ଲାଭ ହୋଇଥାଏ। ଶ୍ରୀଜଗନ୍ନାଥଙ୍କ ଏହି ସ୍ୱୟଂ ଲୀଳାରେ ନିଜକୁ ଭକ୍ତଙ୍କ ଭାବ ଉତ୍ସାହରେ ମିଶାଇ ଦିଅନ୍ତି। ଶ୍ରୀଜଗନ୍ନାଥଙ୍କଠାରେ ମାଧୁର୍ଯ୍ୟ ଲୀଳା, ଐଶ୍ୱର୍ଯ୍ୟ ଲୀଳା ଏବଂ ଔଦାର୍ଯ୍ୟ ଲୀଳାର ସମାରୋହ ନବଦିନାତ୍ମକ ଯାତ୍ରାରେ ଦେଖାଯାଏ। ଭକ୍ତଙ୍କ ଡାକରାରେ ରଥକୁ ଅଟକାଇ ଦେବା ଓ ବଳରାମ ଦାସଙ୍କ ବାଲିରଥରେ ସ୍ଥାନିତ ହେବା ଔଦାର୍ଯ୍ୟ ଲୀଳାର ଅନ୍ତର୍ଭୁକ୍ତ। ବାହୁଡ଼ା ଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ଏକାଦଶୀ ତିଥିରେ ସୁନାବେଶରେ ଅସ୍ତ୍ରାସ୍ତ୍ରଯୁକ୍ତ ଆୟୁଧ ଧାରଣ ଐଶ୍ୱର୍ଯ୍ୟ ଲୀଳା ଅନ୍ତର୍ଭୁକ୍ତ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଗଜପତି, ରାଜ ପରିବାର


ମହାପ୍ରଭୁଙ୍କ ଦର୍ଶନ ସାରି ଗଜପତି ଦିବ୍ୟସିଂଦେବ ପରିବାର ସହ ଫେରୁଛନ୍ତି।

**ପୁରୀ,୨୭।୬(ଅଜିତ ମହାନ୍ତି)**

ପବିତ୍ର ସନ୍ଧ୍ୟା ଦର୍ଶନ ଅବସରରେ ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟ ସିଂହଦେବ, ମହାରାଣୀ ଏବଂ ପରିବାସ ସହ ଗୁଣ୍ଡିଚା ମନ୍ଦିର ଯାଇ ଜନ୍ମବେଦିରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ଦର୍ଶନ ସମୟରେ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ସହ ତାଙ୍କ ସହଧର୍ମିଣୀ ଓ ଝିଅମାନେ ଆସି ଆଡ଼ପମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ତେବେ ଗଜପତି ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ସେବାୟତମାନେ ଗଜପତି ଏବଂ ତାଙ୍କ ପରିବାର ଲୋକଙ୍କୁ ପାଛୋଟି ନେଇଥିଲେ। ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଗଜପତି, ମହାରାଣୀ ଏବଂ ରାଜ ପରିବାର ଶ୍ରୀଗୁଣ୍ଡିଚା ମନ୍ଦିର ପରିସରକୁ ଯାଇଥିଲେ। ସିଂହଦ୍ୱାର ଦେଇ ପ୍ରବେଶ ପରେ ମହାରାଜା ପ୍ରଥମେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ଗରୁଡ଼ସ୍ତମ୍ଭ ଦେଇ ରତ୍ନସିଂହାସନ ନିକଟକୁ ଯାଇଥିଲେ। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସୁଭଦ୍ରାଙ୍କୁ ଦର୍ଶନ କରି ପ୍ରଣାମ କରିଥିଲେ। ଗଜପତି ମହାରାଜା ପରିବାର ସହ ଗର୍ଭଗୃହ ନିକଟକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଗଜପତି ମହାରାଜା ୩୦ମିନିଟ୍‌ରୁ ଅଧିକ ସମୟ ଗୁଣ୍ଡିଚା ମନ୍ଦିରରେ ବିତାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ଦର୍ଶନ ସାରି ସିଂହଦ୍ୱାର ଦେଇ ବାହାରକୁ ବାହାରିଥିଲେ। ଏ ନେଇ ଗଜପତି ମହାରାଜା କହିଛନ୍ତି, ସନ୍ଧ୍ୟା ଦର୍ଶନ ଅବସରରେ ଆଡ଼ପମଣ୍ଡପକୁ ଆସି ସପରିବାର ମହାପ୍ରଭୁଙ୍କୁ ଦର୍ଶନ କରିଥିଲୁ। ପ୍ରତ୍ୟେକ ବର୍ଷ ସୁଯୋଗ ମିଳେ ନାହିଁ। ମହାପ୍ରଭୁଙ୍କ କୃପା ହେଲେ କେଉଁ କେଉଁ ବର୍ଷ ମହାପ୍ରଭୁଙ୍କ ଦର୍ଶନ ଆଡ଼ପମଣ୍ଡପରେ ମିଳେ। ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ଗର୍ଭ ଗୃହକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବାର ସୌଭାଗ୍ୟ ଭକ୍ତମାନେ ପାଉଛନ୍ତି। ମହାପ୍ରଭୁଙ୍କ ନୀତିକାନ୍ତି ଭଲ ଭାବେ ଚାଲିଛି। ବାହୁଡ଼ାରେ ମଧ ମହାପ୍ରଭୁଙ୍କ ନୀତି ଶୃଙ୍ଖଳିତ ହେବ ବୋଲି ଆଶା ରହିଛି।

## ଭାଜପାର ୨ ମଣ୍ଡଳ ପକ୍ଷରୁ 'ମୋ ବୁଥ୍ ସବୁଠୁ ମଜଭୁତ'

**ନିମାପଡ଼ା,୨୭।୬(ବିଚିତ୍ରାନନ୍ଦ ସାହୁ)/ବଳଙ୍ଗା,(କେଦାରେଶ୍ୱର ନନ୍ଦ)**


ସମାରୋହରେ ଦଳର ରାଜ୍ୟ ସଭାପତିଙ୍କ ସମେତ ଅନ୍ୟାନ୍ୟ ଅତିଥିବୃନ୍ଦ।

ଭାଜପା ପକ୍ଷରୁ ମହାସମ୍ପର୍କ ଅଭିଯାନ ପରିପ୍ରେକ୍ଷୀରେ ନିମାପଡ଼ା ବ୍ଲକ ଅଧୀନ ଶାଇଁସଶାସନ ପଞ୍ଚାୟତ ଭଗବତୀପୁର କଲ୍ୟାଣମଣ୍ଡପଠାରେ ମୋ ବୁଥ୍ ସବୁଠୁ ମଜଭୁତ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ବରିଷ୍ଠ ଯୁବନେତା ଦିଲ୍ଲୀପ ନାୟକ, ବିଧାନସଭା ସଂଯୋଜକ ପ୍ରଦୀପ ନାୟକ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସମିତି ସଭ୍ୟା ସନ୍ଧ୍ୟାରାଣୀ ରଥ ପ୍ରମୁଖ ଯୋଗଦେଇ ଓଡ଼ିଶାର ସାମଗ୍ରିକ ବିକାଶ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ରାଜ୍ୟରେ ଦେଶରେ ଭାଜପା ସରକାରକୁ ଆଣିବାକୁ ନେତୃବୃନ୍ଦମାନେ ଆହ୍ୱାନ ଦେଇଥିଲେ। କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କ ୯ବର୍ଷର ସେବା, ସୁଶାସନ, ଗରିବକଲ୍ୟାଣ ଯୋଜନା, ବିଭିନ୍ନ ଲୋକାଭିମୁଖୀ ବିକାଶମୂଳକ ଯୋଜନାକୁ ପ୍ରତ୍ୟେକ ଗାଁଗଣ୍ଡା, ସହର ବଜାରର ଘରେ ଘରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ବଳଙ୍ଗା ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ସମାରୋହରେ ମଣ୍ଡଳ ସଭାପତି ପ୍ରସନ୍ନ ଦାଶ, ନିମାପଡ଼ା ନଗର ମଣ୍ଡଳ ସଭାପତି ନିରଞ୍ଜନ ନାୟକ, ଧନୁଆଁ ମଣ୍ଡଳ ସଭାପତି ଯତୀନ୍ଦ୍ର ସ୍ୱାଇଁ, ପ୍ରଭାତ ବିଶ୍ୱାଳ ପ୍ରମୁଖ ନେତୃବୃନ୍ଦ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି ଅବସରରେ ଶହ ଶହ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଦଳର ରାଜ୍ୟ ସଭାପତି ସାମଲଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସମାରୋହରେ ବଳଙ୍ଗା ମଣ୍ଡଳର ୪୧ଟି ବୁଥ୍‌ର ପ୍ରମୁଖ କାର୍ଯ୍ୟକର୍ତ୍ତା, ପଦାଧିକାରୀ, ଦଳର ୩ଶହରୁ ଉର୍ଦ୍ଧ୍ୱ ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ। ସେହିପରି ଭାଜପାର ଏହି ଅଭିଯାନ ପରିପ୍ରେକ୍ଷୀରରେ ମୋ ବୁଥ୍ ସବୁଠୁ ମଜଭୁତ କାର୍ଯ୍ୟକ୍ରମ ଭାଜପା ନିମାପଡ଼ା ମଣ୍ଡଳ ପକ୍ଷରୁ ଶଗଡ଼ା ପଞ୍ଚାୟତର ଜଟେଶ୍ୱର ଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଅତିଥି ଭାବେ ମଣ୍ଡଳ ସଭାପତି ମାନସ ପ୍ରଧାନ, ସମ୍ପାଦକ ସତ୍ୟଭୂଷଣ ସ୍ୱାଇଁ, ପ୍ରଭାରୀ ବାସୁଦେବ ବେହେରା, ବରିଷ୍ଠ ନେତା ଝିଲିଲତା ଦାସ, ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ୮ ପଞ୍ଚାୟତ ସଭାପତି, କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।

## ଆକର୍ଷଣ ସାଜିଛି ପଲ୍ଲିଶ୍ରୀମେଳା, ଫଟୋଚିତ୍ର ପ୍ରଦର୍ଶନୀ

**ପୁରୀ, ୨୭।୬(ଅଜିତ୍ ମହାନ୍ତି)**


ଚିତ୍ରକଳା ପ୍ରଦର୍ଶନୀକୁ ବୁଲିବାକୁ ଆସିଥିବା ଯୁବତୀମାନେ ସେଲ୍ଫି ନେଉଛନ୍ତି।

ଚଳିତ ବର୍ଷର ରଥଯାତ୍ରା ଅବସରରେ ଶରଧାବାଲିଠାରେ ପୁରୀ ଜିଲା ପ୍ରଶାସନ ଏବଂ ଓର୍‌ମାସ ପକ୍ଷରୁ ପଲ୍ଲିଶ୍ରୀ ମେଳା ଆୟୋଜିତ ହୋଇଛି। ମେଳାରେ ମୋଟ ୨୭୩ଟି ଷ୍ଟଲ ଖୋଲିଛି। ୩୫ ଷ୍ଟଲ ବାହାର ରାଜ୍ୟର ହୋଇଥିବାବେଳେ ୧୩୧ଟି ଷ୍ଟଲ ଓଡ଼ିଶାର ବିଭିନ୍ନ ଜିଲାର ରହିଛି। ବିଭିନ୍ନ ବିଭାଗ ନିମନ୍ତେ ୮୨ ଷ୍ଟଲ ରହିଛି। ୫ଟି ଷ୍ଟଲ ସେବା କାର୍ଯ୍ୟ ନିମନ୍ତେ ଉଦ୍ଦିଷ୍ଟ। ୨୦ ଷ୍ଟଲରେ ଖାଦ୍ୟ ପସରା ଖୋଲିଛି। ମେଳାରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଆସାମ, ଦିଲ୍ଲୀ, ଗୁଜରାଟ, ହରିୟାଣା, ଜମ୍ମୁ ଓ କାଶ୍ମୀର, ମଣିପୁର, କର୍ଣ୍ଣାଟକ, ମହାରାଷ୍ଟ୍ର, ରାଜସ୍ଥାନ, ପଶ୍ଚିମବଙ୍ଗ, ପଞ୍ଜାବ, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ ପ୍ରଭୃତି ରାଜ୍ୟର ଷ୍ଟଲ ପଡ଼ିଛି। ଓଡ଼ିଶା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଛି, ଯାହାକି ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରୁଛି। ବିଶେଷକରି ମହାପ୍ରଭୁଙ୍କ ବିଭିନ୍ନ ପ୍ରକାର ଦୁର୍ଲଭ ଫଟୋ, ତଥ୍ୟାବଳୀ ଓ ସୂଚନା ସହ ଉନ୍ନୟନର ଫଟୋଚିତ୍ର ପ୍ରଦର୍ଶନ କରାଯାଉଛି। ପ୍ରତ୍ୟେକ ସନ୍ଧ୍ୟାରେ ପଲ୍ଲିଶ୍ରୀ ମେଳାରେ ଜନସାଧାରଣଙ୍କ ଭିଡ଼ ଜମୁଛି। ବିଶେଷତଃ ଘରକରଣା ଜିନିଷ କିଣିବା ପାଇଁ ଗହଳି ହେଉଛି। ବାହାର ରାଜ୍ୟର ଜିନିଷର ଚାହିଦା ମଧ ଅଧିକ ରହିଛି। ପଲ୍ଲିଶ୍ରୀ ମେଳାର ପ୍ରମୁଖ ଆକର୍ଷଣ ପାଲଟିଛି ପଞ୍ଜାବୀ ଜୁତି ବା ଜୋତା। ପ୍ରାୟ ୧୦ଟି ପଞ୍ଜାବୀ ଜୁତି ଦୋକାନ ଖୋଲିଛି। ହଳେ ଜୁତିର ଦାମ୍ ୨୫୦ ଟଙ୍କାରୁ ଆରମ୍ଭ କରି ୬୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ରଙ୍ଗବେରଙ୍ଗର ଓଢ଼ଣୀ ଯୁବତୀ ଓ ମହିଳାମାନଙ୍କର ଦୃଷ୍ଟି ଆକର୍ଷଣ କରୁଛି। ଉତ୍ତରପ୍ରଦେଶରୁ ୧୦୦ରୁ ୧୫୦ ଜଣ ଓଢ଼ଣୀ ବେପାରୀ ପୁରୀ ଆସି ବେପାର ପସରା ଖୋଲିଛନ୍ତି। ମାତ୍ର ୫୦ ଟଙ୍କାରେ ଆକର୍ଷଣୀୟ ଓଢ଼ଣୀ ବିକ୍ରି ହେଉଛି। ସୁରଟରୁ ଓଢ଼ଣୀ କିଣି ଆଣି ସେମାନେ ଏଠାରେ ବିକ୍ରି କରୁଛନ୍ତି। ଦିନକରେ ୨୦୦ରୁ ୨୫୦ଟି ଓଢ଼ଣୀ ବିକ୍ରି କରୁଛନ୍ତି।

**ଭିଡ଼ ଜମୁଛି, ବ୍ୟବସାୟ ଭଲ ହେଉଛି**

ମେଳାରେ ବନାରସୀ ଭ୍ୟାନିଟି ବ୍ୟାଗ ମାତ୍ର ୧୦୦ ଟଙ୍କାରେ ବିକ୍ରି ହେଉଛି। ଏହି ବ୍ୟାଗ୍‌କୁ ଦେଖୁ ଦେଖୁ ଆଖି ଲାଖିଯାଉଛି। ତେବେ ବର୍ଷା କାରଣରୁ ଗତ ଦୁଇଦିନ ଧରି ବେପାର ମାନ୍ଦା ରହିଥିଲେ ମଧ ଚଳିତ ଥର ଭଲ ବ୍ୟବସାୟ ହେଉଛି। ଗତ ୬ଦିନରେ ମେଳାରେ ମୋଟ ୪.୬୫ କୋଟି ଟଙ୍କାର ବ୍ୟବସାୟ ହେଲାଣି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ସୁଦ୍ଧା ୪.୬୫ କୋଟି ଟଙ୍କାର ବେପାର ହୋଇଛି। ପ୍ରଥମ ଦିବସରେ ୦.୩୮ କୋଟି, ଦ୍ୱିତୀୟ ଦିବସରେ ୦.୭୫ କୋଟି, ତୃତୀୟ ଦିବସରେ ୦.୭୯ କୋଟି, ଚତୁର୍ଥ ଦିବସରେ ୦.୮୪ କୋଟି, ପଞ୍ଚମ ଦିବସରେ ୦.୯୧ କୋଟି ଏବଂ ଷଷ୍ଠ ଦିବସରେ ୦.୯୮ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ମିଳିଛି।



ଉତ୍ତରାଖଣ୍ଡର ଋଷିକେଶରେ ୩ ଦିନିଆ ଭିତ୍ତିଭୂମି କାର୍ଯ୍ୟକାରୀ ଗୋଷ୍ଠୀ (ଆଇଡବ୍ଲ୍ୟୁଜି)ର ବୈଠକ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜି-୨୦ ରାଷ୍ଟ୍ରଗୁଡ଼ିକରୁ ୬୩ ଜଣ ପ୍ରତିନିଧିଙ୍କ ସମେତ ଜାତୀୟ ଓ ଅନ୍ତାର୍ଜତୀୟ ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷ ଯୋଗଦେଇଛନ୍ତି। ଚଳିତ ବର୍ଷ ଭାରତ ଅଧକ୍ଷତା କରୁଥିବା ଜି-୨୦ର ୩ୟ ଆଇଡବ୍ଲ୍ୟୁଜି ବୈଠକ ଋଷିକେଶରେ ଆୟୋଜିତ ହୋଇଥିବା ବେଳେ ଏଥିରେ ବିଭିନ୍ନ ବିଷୟରେ ବିଶେଷଜ୍ଞ ଓ ଅନ୍ୟମାନେ ନିଜ ନିଜର ମତ ଉପସ୍ଥାପନ କରିଛନ୍ତି।

## ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡର ଏନ୍‌ଏଫ୍‌ଓ

ଭୁବନେଶ୍ୱର,୨୭।୬

ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡର ନୂଆ ଫଣ୍ଡ ଅଫର(ଏନ୍‌ଏଫ୍‌ଓ) 'ଆକ୍ସିସ୍ ନିଫ୍ଟି ଆଇଟି ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଉକ୍ତ ଫଣ୍ଡରେ ସର୍ବନିମ୍ନ ନିବେଶ ପରିମାଣ ୫୦୦୦ ଟଙ୍କା ରହିଛି। ଏ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ତଥା ସିଇଓ ବି.ଗୋପ କୁମାର କହିଛନ୍ତି, ଆକ୍ସିସ୍ ନିଫ୍ଟି ଆଇଟି ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ ସହ ଆମେ ଆମର ଉତ୍ପାଦ ଶୃଙ୍ଖଳାକୁ ବିସ୍ତାର କରିଛୁ। ସେହିଭଳି ଆକ୍ସିସ୍ ନିଫ୍ଟି ଆଇଟି ଇଣ୍ଡେକ୍ସ ଫଣ୍ଡ ନିଫ୍ଟି ଆଇଟି ଟିଆର୍‌ଆଇକୁ ଟ୍ରାକ୍ କରିବ ଏବଂ ଟ୍ରାକିଂ ତ୍ରୁଟି କ୍ଷେତ୍ରରେ ନିଫ୍ଟି ଆଇଟି ଟିଆର୍‌ଆଇର ମୋଟ ରିଟର୍ନ ସହ ଜଡ଼ିତ ଖର୍ଚ୍ଚ ପୂର୍ବରୁ ରିଟର୍ନ ପ୍ରଦାନ କରିବ। ଏହି ଏନଏଫ୍‌ଓ ୨୦୨୩ ଜୁଲାଇ ୧୧ରେ ବନ୍ଦ ହେବ।

## ଲରେନ୍ସ ଆଣ୍ଡ ମାୟୋର ନୂତନ କଲେକ୍ସନ

ଭୁବନେଶ୍ୱର,୨୭।୬




ଦେଶର ପ୍ରମୁଖ ଅପ୍ଟିକାଲ ବ୍ରାଣ୍ଡ 'ଲରେନ୍ସ ଆଣ୍ଡ ମାୟୋ'ର ନୂତନ କଲେକ୍ସନ 'ଦି ୟୁନାଇଟେଡ୍ କଲର୍ସ ଅଫ୍ ବେନେଟ୍‌ଟନ୍ (ୟୁସିବି) ଆଇୱେର' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଉକ୍ତ ବ୍ରାଣ୍ଡର ଫ୍ରେମ୍ ଏବଂ ସନ୍ ଗ୍ଲାସେସ୍‌ର ବ୍ୟାପକ ସମ୍ଭାର ଲରେନ୍ସ ଆଣ୍ଡ ମାୟୋର ସମସ୍ତ ଷ୍ଟୋରରେ ଉପଲବ୍ଧ। ଏ ସମ୍ପର୍କରେ ବ୍ରାଣ୍ଡର ନିର୍ଦ୍ଦେଶକ ଅମିତାଭ ମେଣ୍ଡୋଜା କହିଥିଲେ, ଗ୍ରାହକଙ୍କ ଚାହିଦା ମୁତାବକ ବିଭିନ୍ନ ବ୍ରାଣ୍ଡ ସହିତ ୟୁସିବି ଆଇୱେରସନ ଫ୍ରେମ୍, ସନ୍‌ଗ୍ଲାସ୍ ଓ ଅନ୍ୟାନ୍ୟ ଡିଜାଇନ ଏବଂ ବ୍ରାଣ୍ଡର ଗ୍ଲାସ୍ ଆଦି ଷ୍ଟୋରରେ ଉପଲବ୍ଧ କରାଉଛୁ। ସେହିଭଳି ବ୍ରାଣ୍ଡର ରିଟେଲ ହେଡ୍ ଇଣ୍ଡିଆ ଶୁବ୍ରମଣ୍ୟମ ହେଗେଡ୍ କହିଛନ୍ତି, ବର୍ତ୍ତମାନ ସମୟର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତାକୁ ନଜରରେ ରଖି ଏଭଳି ଏକ ଉତ୍ପାଦର ବଜାର ପ୍ରବେଶ କରାଉଛି। ସେହପରି ବ୍ରାଣ୍ଡର ଭୁବନେଶ୍ୱର ଷ୍ଟୋର ଦ୍ୱୟରେ କାରେରା, ରେବେନ୍, ଟମି ହିଲ୍‌ଫିଗର୍, ସିଲୁଏଟ୍, ଭୋଗ୍, ଏମ୍ପୋରିଓ ଅରମାନି, ଓକଲି, ଏଲେ, ବୁର୍ବେରି, ମଣ୍ଟ ବ୍ଲାଙ୍କ୍ ଭଳି ୫୦ରୁ ଅଧିକ ବ୍ରାଣ୍ଡର ଡିଜାଇନ ଚଷମା ଉପଲବ୍ଧ।

## ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଓଏସ୍‌ଏଲ୍‌ର ଗୁରୁତ୍ୱ

ଭୁବନେଶ୍ୱର,୨୭।୬



ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍‌ଏଲ୍) ପକ୍ଷରୁ କଟକ ଶିଖରପୁରସ୍ଥିତ ଆରୋଗ୍ୟ ନୀଳୟ ଫିଜିଓଥେରାପି ସେଣ୍ଟରକୁ ଏକ ଅତ୍ୟାଧୁନିକ ୱିନ୍‌ଲିଜ ଲେଜର ଥେରାପି ମେଶିନ ପ୍ରଦାନ କରାଯାଇଛି। ବିଶେଷକରି ରୋଗୀମାନଙ୍କୁ ଅତ୍ୟାଧୁନିକ ଫିଜିଓଥେରାପି ଚିକିତ୍ସା ସେବା ଯୋଗାଇ ଦେବା ପାଇଁ କମ୍ପାନୀ ପକ୍ଷରୁ ଉକ୍ତ ମେଶିନ ସମ୍ପୃକ୍ତ କେନ୍ଦ୍ରକୁ ଦାନ ଆକାରରେ ଦିଆଯାଇଛି। ଏ ସଂକ୍ରାନ୍ତରେ ଆରୋଗ୍ୟ ନୀଳୟ ଫିଜିଓଥେରାପି ସେଣ୍ଟରକୁ ଓଏସ୍‌ଏଲ୍ ପକ୍ଷରୁ ଅବଗତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଓଏସ୍‌ଏଲ୍‌ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ମେଶିନ ଆରୋଗ୍ୟ ନୀଳୟ ଫିଜିଓଥେରାପି ସେଣ୍ଟରକୁ ଦିଆଯାଇଛି। ଏ ସମ୍ପର୍କରେ ଓଏସ୍‌ଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ପି.କେ. ପଣ୍ଡା କହିଛନ୍ତି, ସମ୍ପୃକ୍ତ ସେଣ୍ଟରକୁ ଚିକିତ୍ସା ପାଇଁ ଆସୁଥିବା ବିଭିନ୍ନ ବର୍ଗର ରୋଗୀଙ୍କୁ ତୁରନ୍ତ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇପାରିବ। ଏପରିକି ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ କମ୍ପାନୀ ସର୍ବଦା ଅଗ୍ରାଧିକାର ଦେଇ ଆସୁଥିବାବେଳେ ଗୁଣାତ୍ମକ ରୋଗୀ ସେବାକୁ ମଧ୍ୟ ଗୁରୁତ୍ୱ ଦେଉଛି।

## ଖ୍ୱମ୍‌ଜୀ ହୋଣ୍ଡାରେ ସ୍ୱତନ୍ତ୍ର ଅନାବରଣ ଉତ୍ସବ

ଭୁବନେଶ୍ୱର,୨୭।୬ (ଅଭୟ ଦାଶ)



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଣ୍ଡା ସାଇନ୍-୧୦୦ ସିସି ଏବଂ ହୋଣ୍ଡା ୟୁନିକର୍ନ-୧୬୦ ସିସି ମୋଟରସାଇକେଲକୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏଚ୍‌ଏମ୍‌ଏସ୍‌ଆଇର ସ୍ୱୀକୃତିପ୍ରାପ୍ତ ଡିଲର ଖ୍ୱମ୍‌ଜୀ ହୋଣ୍ଡା ଭୁବନେଶ୍ୱର ପଟିଆ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ହୋଣ୍ଡା ସାଇନ୍-୧୦୦ସିସି ଏବଂ ହୋଣ୍ଡା ୟୁନିକର୍ନ-୧୬୦ ସିସି ମୋଟରସାଇକେଲର ଅନାବରଣ କରାଯାଇଥିଲା। ଏହି ଅବସରରେ ଏଚ୍‌ଏମ୍‌ଏସ୍‌ଆଇର ଜୋନାଲ ମ୍ୟାନେଜର ସେଲ୍‌ସ ରାଜେଶ ଚୌଧୁରୀ,ଜୋନାଲ ମ୍ୟାନେଜର ସର୍ଭିସ୍ ଶିବ୍ ପ୍ରତାପ ସିଂଙ୍କ ସମେତ ଖ୍ୱମ୍‌ଜୀ ଗ୍ରୁପ୍‌ର ନିର୍ଦ୍ଦେଶକ ସୁମିତ୍ ଖ୍ୱମ୍‌ଜୀ ଏବଂ ଖ୍ୱମ୍‌ଜୀ ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୃଷ୍ଣେନ୍ଦୁ ସେନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଖ୍ୱମ୍‌ଜୀ ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସେନ୍ କହିଛନ୍ତି, ହୋଣ୍ଡା ସାଇନ୍-୧୦୦ ସିସି ଏବଂ ହୋଣ୍ଡା ୟୁନିକର୍ନ-୧୬୦ ସିସି ମୋଟରସାଇକେଲ ସହିତ ଆମେ ଏକ ନୂତନ ଯାତ୍ରା ଆରମ୍ଭ କରିଛୁ। ଏପରିକି ହୋଣ୍ଡା ସାଇନ୍-୧୦୦ ସିସିର ନିର୍ଭରଯୋଗ୍ୟତା ଏବଂ ସୁଲଭତା ହେତୁ ଉକ୍ତ ମଡେଲର ବଜାର ଚାହିଦା ଅଧିକ ରହିଛି। ବିଶେଷକରି ଖ୍ୱମ୍‌ଜୀ ହୋଣ୍ଡା ପକ୍ଷରୁ ପ୍ରଦାନ କରାଯାଉଥିବା ସୁନାମୁଦ୍ରା ଆମର ପ୍ରତ୍ୟେକ ଗ୍ରାହକଙ୍କ ପାଇଁ କୃତଜ୍ଞତାର ଏକ ପ୍ରତୀକ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି ଅନାବରଣ ଉତ୍ସବରେ ଖ୍ୱମ୍‌ଜୀ ହୋଣ୍ଡାର ୫ଜଣ ଗ୍ରାହକଙ୍କୁ ହୋଣ୍ଡା ସାଇନ୍-୧୦୦ସିସି ବାଇକ୍ ସହ ପ୍ରତ୍ୟେକଙ୍କୁ ସୁନାମୁଦ୍ରା (ଗୋଲ୍‌ଡ କଏନ) ପ୍ରଦାନ କରାଯାଇଥିଲା। ବ୍ରାଣ୍ଡ ସମସ୍ତ ଗ୍ରାହକଙ୍କୁ ବାଇକ୍ କ୍ରୟ ଉପରେ ସୁନା ମୁଦ୍ରା ପ୍ରଦାନ କରୁଛି। ଏହି ସ୍ୱତନ୍ତ୍ର ଅଫର ସହିତ ଖ୍ୱମ୍‌ଜୀ ହୋଣ୍ଡା ଗ୍ରାହକଙ୍କ ଅଭିଜ୍ଞତାକୁ ବୃଦ୍ଧି କରିବାକୁ ଏବଂ ନିଜର ବିଶ୍ୱସ୍ତ ଗ୍ରାହକଙ୍କୁ ଅତିରିକ୍ତ ମୂଲ୍ୟ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ସୂଚନାଯୋଗ୍ୟ,ଖ୍ୱମ୍‌ଜୀ ହୋଣ୍ଡାର ପଟିଆ,ବାଲୁଗାଁ ଏବଂ ନାରୁଣୀ ଶୋ'ରୁମ୍‌ରେ ହୋଣ୍ଡା ସାଇନ୍-୧୦୦ସିସିର ପ୍ରତ୍ୟେକ କ୍ରୟରେ ଏକ ସୁନା ମୁଦ୍ରା ପ୍ରଦାନ କରୁଛି।

## ଟାଟା ଷ୍ଟିଲ୍ ଭାରତର ଶ୍ରେଷ୍ଠ ନିଯୁକ୍ତିଦାତା

ଭୁବନେଶ୍ୱର,୨୭।୬

ଦେଶର ପ୍ରମୁଖ ଶିଳ୍ପସଂସ୍ଥା ଟାଟା ଷ୍ଟିଲ୍‌କୁ ନିକଟରେ ଭାରତର ଶ୍ରେଷ୍ଠ ନିଯୁକ୍ତିଦାତାର ମାନ୍ୟତା ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ରାଣ୍ଡ୍‌ଷ୍ଟାଡ୍ ଏମ୍ପ୍ଲୟର ବ୍ରାଣ୍ଡ ରିସର୍ଚ୍ଚ (ଆର୍‌ଇବିଆର୍)-୨୦୨୩ ସୂଚନା ଅନୁସାରେ ଟାଟା ଷ୍ଟିଲ୍ ଭାରତର ଶ୍ରେଷ୍ଠ-୩ କମ୍ପାନୀ ମଧ୍ୟରେ ସ୍ଥାନ ପାଇଛି, ଯାହା କର୍ମଚାରୀମାନଙ୍କ ବିଶ୍ୱାସ, ଅଭିବୃଦ୍ଧି ଓ ଯତ୍ନର ସଂସ୍କୃତି ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏପରିକି ଆର୍‌ଇବିଆର୍ ୨୦୨୨ ସୂଚୀ ଅନୁସାରେ ଟାଟା ଷ୍ଟିଲ୍ ଶ୍ରେଷ୍ଠ-୧୦ ସବୁଠୁ ଆକର୍ଷଣୀୟ ନିଯୁକ୍ତିଦାତା ମଧ୍ୟରେ ସ୍ଥାନ ପାଇଥିଲା। ଚଳିତ ବର୍ଷର ସର୍ବେକ୍ଷଣରେ ବିଶ୍ୱର ୩୨ବଜାରକୁ ସାମିଲ କରାଯାଇଥିଲା ଓ ଏଥିରେ ୧,୬୩,୦୦୦ଲୋକ ଅଂଶଗ୍ରହଣ କରିଥିଲେ। ବିଶେଷକରି ନିଯୁକ୍ତିଦାତା ଚୟନ ବେଳେ ଭାରତୀୟ କର୍ମଚାରୀମାନେ କର୍ମ-ଜୀବନ ସନ୍ତୁଳନ, ଭଲ ଲୋକପ୍ରିୟତା ଓ ଆକର୍ଷଣୀୟ ବେତନ ଓ ସୁବିଧା ସୁଯୋଗକୁ ଗୁରୁତ୍ୱ ଦେଉଥିବା ଜଣାପଡ଼ିଥିଲା।

ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଉପସଭାପତି (ମାନବ ସମ୍ବଳ ପରିଚାଳନା) ଅତ୍ରାୟୀ ସାନ୍ୟାଲ କହିଛନ୍ତି, ରାଣ୍ଡ୍‌ଷ୍ଟାଡ୍ ଏମ୍ପ୍ଲୟର ବ୍ରାଣ୍ଡ ରିସର୍ଚ୍ଚ ୨୦୨୩ ସୂଚନା ଅନୁସାରେ ଭାରତର ୩ ସବୁଠୁ ଆକର୍ଷଣୀୟ ନିଯୁକ୍ତିଦାତାଙ୍କ ମଧ୍ୟରେ ସ୍ଥାନ ପାଇଥିବାରୁ ଆମେ ବେଶ୍ ଉତ୍ସାହିତ । ଏପରିକି ଟାଟା ଷ୍ଟିଲ୍‌ରେ ଆମେ ଏକ ଆକର୍ଷଣୀୟ କର୍ମଚାରୀ ମୂଲ୍ୟ ଉପସ୍ଥାପନା ସୃଷ୍ଟି କରିବା ଏବଂ ଅଭିବୃଦ୍ଧି ଓ ନବସୃଜନ ଆଗକୁ ବଢ଼ାଉଥିବା ଏକ ଅନ୍ତର୍ଭୁକ୍ତୀକରଣ ବିକାଶ କରିବାକୁ ଗୁରୁତ୍ୱ ଦେଉଛୁ। ଏହି ସମ୍ମାନ ଆମକୁ ଆମ ପ୍ରତିଭାବାନ କର୍ମଚାରୀଙ୍କଠାରେ ନିବେଶ କରିବା ଲାଗି ଅନୁପ୍ରାଣିତ କରିଥିବା ବେଳେ ଏକ ଅଗ୍ରଣୀ ବ୍ରାଣ୍ଡ ଭାବେ ଆମ ସ୍ଥିତିକୁ ସୁଦୃଢ଼ କରିଛି, ଯାହା ସମସ୍ତଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୃଷ୍ଟି କରିବ। କର୍ମଚାରୀମାନଙ୍କୁ ଏକ ଉଲ୍ଲେଖନୀୟ ପେସାଦାର ଯାତ୍ରା ଓ ଉନ୍ନତ ବ୍ୟକ୍ତିଗତ ଜୀବନ ପ୍ରଦାନ କରିବାକୁ ଟାଟା ଷ୍ଟିଲ୍ ପ୍ରତିବଦ୍ଧ ରହିଛି।

ଫୁର୍‌ସତ୍

# ମୁମ୍ବାଇରେ ଡେଉଁଥିବା ବୁଢ଼ିଆଣୀ

ମୁମ୍ବାଇ



ଦୁନିଆରେ ମଣିଷଙ୍କ ଅପେକ୍ଷା ପ୍ରାଣୀଙ୍କ ସଂଖ୍ୟା ଅଧିକ। ବର୍ତ୍ତମାନ ପର୍ଯ୍ୟନ୍ତ ଲୋକଲୋଚନକୁ ଆସିଥିବା ପ୍ରାଣୀଙ୍କୁ ଛାଡ଼ିଦେଲେ ଆହୁରି ଅନେକ ପ୍ରାଣୀ ଅଛନ୍ତି, ଯେଉଁମାନଙ୍କ ବିଷୟରେ ଆମେ କେବେ ଜାଣିନୁ। ନିକଟରେ ଅନୁସନ୍ଧାନକାରୀ ଏକ ନୂଆ ପ୍ରଜାତିର ଡେଉଁଥିବା ବୁଢ଼ିଆଣୀକୁ ମୁମ୍ବାଇରେ ଠାବ କରିଥିବା ଜଣାପଡ଼ିଛି। ଏହାର ନାମ 'ହାସାରିୟସ୍ ମୁମ୍ବାଇ' ରଖାଯାଇଛି। ଏହି ପ୍ରଜାତିର ବୁଢ଼ିଆଣୀକୁ ଗୋରେଗାଉଁ ପୂର୍ବ ବମ୍ବେ ପ୍ରାକୃତିକ ଇତିହାସ ସୋସାଇଟିଜ୍ (ବିଏନ୍‌ଏଚ୍‌ଏସ୍) ସଂରକ୍ଷଣ ଶିକ୍ଷା କେନ୍ଦ୍ର(ସିଇସି)ର ନିକଟବର୍ତ୍ତୀ ପଥରଗୁଡ଼ିକରେ ରହୁଥିବା ଦେଖିବାକୁ ମିଳିଥିଲା। ଏହି ୩୩ ଏକର ରିଜର୍ଭ ହେଉଛି, ଭାରତର ଅଳ୍ପ କିଛି ମିଶ୍ରିତ ଆର୍ଦ୍ର ବୃକ୍ଷଲତା ଜଙ୍ଗଲ ପ୍ରକାରର। ଏହାର ସୀମା ସଞ୍ଜୟ ଗାନ୍ଧୀ ନ୍ୟାଶନାଲ ପାର୍କ ଏବଂ ଆରେ ମିଲ୍କ କଲୋନିର ଫିଲ୍ମ ସିଟିର ଅଂଶ ଅଟେ। ହାସାରିୟସ୍ ପ୍ରଜାତି ଟାକ୍ସୋନୋମିର ଏକ ବର୍ଗ, ଯାହା ପ୍ରଜାତିଠାରୁ ଅଧିକରେ ସ୍ଥାନ ପାଇଛି। ଅନ୍ୟ ଜାତିର ବୁଢ଼ିଆଣୀ ଯେଉଁମାନେ ଜାଲ ବିଛାଇ ଶିକାରକୁ ଶିକାର କରୁଥିବାବେଳେ ଏହି ପ୍ରଜାତିର ବୁଢ଼ିଆଣୀ ଫାଶ ପକାଇବା ପରିବର୍ତ୍ତେ ସିଧାସଳଖ ଶିକାରକୁ ଶିକାର କରିଥାଏ। ୧୮୨୬ ମସିହାରେ ପ୍ରଥମେ ଏହି ବଂଶର ଆବିଷ୍କୃତ ହୋଇଥିଲା। ଏହି ବଂଶ ମୁଖ୍ୟତଃ ଉଷ୍ମ ଜଳବାୟୁରେ ରହିଥାନ୍ତି। କେରଳର ଖ୍ରୀଷ୍ଟ କଲେଜ ଅନୁସନ୍ଧାନକାରୀମାନେ ସ୍କୁଲ ଅଫ ପ୍ରାକୃତିକ ବିଜ୍ଞାନ, ମାକ୍ୱାରି ବିଶ୍ୱବିଦ୍ୟାଳୟ, ସିଡ୍‌ନୀ, ଅଷ୍ଟ୍ରେଲିଆ ଏବଂ ବମ୍ବେ ପ୍ରାକୃତିକ ଇତିହାସ ସୋସାଇଟିରେ କରିଥିବା ତାଙ୍କ ଅନୁସନ୍ଧାନର ସମୀକ୍ଷା ଆର୍ଥ୍ରୋପୋଡ଼ା ସିଲେକ୍ଟାରେ ପ୍ରକାଶ ପାଇଛି। ପ୍ରଥମ ଥର ପାଇଁ ମୁମ୍ବାଇରେ ଏହି ପ୍ରଜାତିର ଠାବ କରାଯାଇଛି। ଏହି ଲୁଣିକାଇଡେ ବଂଶର ୬୦୦ରୁ ଅଧିକ ବିଭିନ୍ନ ଜେନେରା ଏବଂ ୬ ହଜାରରୁ ଅଧିକ ପ୍ରଜାତିର ବୁଢ଼ିଆଣୀ ରହିଛନ୍ତି, ଯାହା ମଧ୍ୟରୁ ଅନେକ ଦେଶରେ ଦେଖିବାକୁ ମିଳେ।

## ପ୍ରଶଂସକଙ୍କ ପାଇଁ ଭାବପ୍ରବଣ ହେଲେ ତମନ୍ନା



**ମୁମ୍ବାଇ:** ଗତ କିଛିଦିନ ହେବ ବଲିଉଡ୍ ଅଭିନେତ୍ରୀ ତମନ୍ନା ଭାଟିଆ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ନିକଟରେ ଅଭିନେତା ବିଜୟ ବର୍ମାଙ୍କ ସହ ସେ ନିଜ ସମ୍ପର୍କକୁ ଅଫିସିଆଲି ଘୋଷଣା କରିଛନ୍ତି। ତମନ୍ନା ଏବଂ ବିଜୟଙ୍କ ପ୍ରଥମ ପ୍ରୋଜେକ୍ଟ 'ଲଷ୍ଟ ଷ୍ଟୋରିଜ ୨'ର ପ୍ରମୋଶନ ପାଇଁ ଦୁହେଁ ଏବେ ବ୍ୟସ୍ତ ଅଛନ୍ତି। ଏହା ମଧ୍ୟରେ ତମନ୍ନାଙ୍କୁ ସୋମବାର ରାତିରେ ମୁମ୍ବାଇ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା। ସେଠାରେ ସେ ଜଣେ ପ୍ରଶଂସକଙ୍କ ପାଇଁ ଭାବପ୍ରବଣ ହୋଇପଡ଼ିଥିଲେ। ଏହାର ଏକ ଭିଡିଓ ଏବେ ବେଶ ଭାଇରାଲ ହେବାରେ ଲାଗିଛି। ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି, ଅଭିନେତ୍ରୀଙ୍କ ପ୍ରଶଂସକ ଏକ ଫୁଲତୋଡ଼ା ନେଇ ତାଙ୍କ ନିକଟକୁ ଆସୁଛନ୍ତି ଓ ତାଙ୍କ ପାଦ ଛୁଇଁ ମୁଣ୍ଡିଆ ମାରୁଛନ୍ତି। କେବଳ ସେତିକି ନୁହେଁ, ପ୍ରଶଂସକଙ୍କ ହାତରେ ନିଜର ଟାଟୁ ଦେଖି ଭାବବିହ୍ୱଳ ହୋଇଯାଇଥିଲେ ଅଭିନେତ୍ରୀ। ଟାଟୁରେ ଉକ୍ତ ପ୍ରଶଂସକ ଲେଖିଥିଲେ, 'ଆଇ ଲଭ ୟୁ ତମନ୍ନା'। ଏହାକୁ ଦେଖି ଅଭିନେତ୍ରୀ ଭାବୁକ ହୋଇଯିବା ସହ ପ୍ରଶଂସକଙ୍କୁ କୁଣ୍ଢାଇ ପକାଇଥିଲେଓ ଧନ୍ୟବାଦ ଦେଇଥିଲେ।

# ଜାପାନର ରୋବୋଟିକ୍ ବାହୁ



ଟୋକିଓ

ଯୁଗ ଯେତେ ଆଗକୁ ବଢୁଛି, ତା' ସହ ବୈଜ୍ଞାନିକ ଯନ୍ତ୍ରପାତିର ସଂଖ୍ୟା ବେଳକୁ ବେଳ ବୃଦ୍ଧି ପାଉଛି। ନିକଟରେ ଜାପାନର ଅନୁସନ୍ଧାନକାରୀ ନିକଟରେ ରୋବୋଟିକ୍ ବାହୁ ତିଆରି କରିଛି; ଯେଉଁଥିରେ କି ମଣିଷ ଗୋଟିଏ ସ୍ଥାନରେ ବସି ବିଭିନ୍ନ ପ୍ରକାରର କାର୍ଯ୍ୟ କରିପାରିବ। ଜାପାନ ଟୋକିଓ ସହରରେ ଥିବା ଟୋକିଓ ୟୁନିଭର୍ସିଟିର ମାସାହିକୋ ଇନାମୀ ଏବଂ ତାଙ୍କ ଟିମ୍ ଏହି ରୋବୋଟିକ୍ ବାହୁର ପ୍ରସ୍ତୁତି କରିଛନ୍ତି। ଏହି ବାହୁକୁ ଦେହରେ ଜ୍ୟାକେଟ୍ ଭଳି ପିନ୍ଧାଯାଇ ପାରିବ। ଏଥିରେ ୪ଟି ବାହୁ ରହିଛି ; ଯାହା ଦ୍ୱାରା ମଣିଷ ଅଧିକ କାର୍ଯ୍ୟ କରିପାରିବ। ଇନାମୀଙ୍କ ଟିମ୍ ଏହି ବାହୁକୁ 'ଜିଜାଇ' ଟେକ୍ନୋଲୋଜି ଅନୁସାରେ ପ୍ରସ୍ତୁତ କରିଛି। ଏହାର ଉଦ୍ଦେଶ୍ୟ ହେଉଛି, ସଙ୍ଗୀତକାର ଏବଂ ବାଦ୍ୟଯନ୍ତ୍ରର ସମ୍ପର୍କ ଭଳି ସମ୍ପର୍କକୁ ବଢ଼ାଇବା ପରି କାର୍ଯ୍ୟ କରିବ। ଯେପରି କି ଯନ୍ତ୍ରପାତି ଶରୀରର ଏକ ଅଂଶ। ଏହା ସମ୍ପୂର୍ଣ୍ଣ ଭାବେ ମଣିଷର ପ୍ରତିଦ୍ୱନ୍ଦ୍ୱୀ ନୁହେଁ। ଏହା ମାଧ୍ୟମରେ ଲୋକେ ସାଇକେଲ କିମ୍ବା ବାଇକ୍ ଚଳାଇବାବେଳେ ନିଜ ଇଚ୍ଛା ଅନୁସାରେ ବିନା ହାତରେ ଚଳାଇପାରିବେ। 'ଜିଜାଇ ବାହୁ'କୁ କିପରି ପିନ୍ଧିବ, ସେ ନେଇ ଇନାମୀ ଏକ ଭିଡିଓ ପ୍ରସ୍ତୁତ କରିଛନ୍ତି। ଯେଉଁଥିରେ ୨ ଜଣ ନୃତ୍ୟଶିଳ୍ପୀ ଏହି ରୋବୋଟିକ୍ ବାହୁକୁ ପିନ୍ଧିଥିବା ଦେଖିବାକୁ ମିଳୁଛନ୍ତି। ଏହି ବାହୁକୁ ବ୍ୟବହାର କରି ମଣିଷ ଅନ୍ୟମାନଙ୍କୁ ମଧ୍ୟ ଉଦ୍ଧାର କରିପାରିବ।

## ସବୁଠୁ ଅସୁନ୍ଦର କୁକୁର 'ସ୍କୁଟର'



**ୱାଶିଂଟନ୍:** ବିଭିନ୍ନ ସମୟରେ ଅନେକ ପ୍ରତିଯୋଗିତା ହେଉଛି। ଯେଉଁଥିରେ ଲୋକଙ୍କୁ ଶ୍ରେଷ୍ଠ ସୁନ୍ଦରୀ ଭାବେ ପୁରସ୍କୃତ କରାଯାଉଛି। ନିକଟରେ ୭ ବର୍ଷୀୟ ଚାଇନା ପ୍ରଜାତିର ଏକ କୁକୁର 'ସ୍କୁଟର'କୁ ସବୁଠୁ ଅସୁନ୍ଦର କୁକୁର ଭାବେ ପୁରସ୍କୃତ କରାଯାଇଛି। ଏଥିରେ 'ସ୍କୁଟର'କୁ ୧୫୦୦ ଡଲାର ଅର୍ଥାତ୍ ୧୨୨ ଲକ୍ଷ ଟଙ୍କା ଏବଂ ଟ୍ରଫି ଦିଆଯାଇଛି। ଏହି ପ୍ରତିଯୋଗିତା ଆମେରିକା କାଲିଫର୍ନିଆର ସୋନୋମା- ମାରିନ୍ ମେଳାରେ ଅନୁଷ୍ଠିତ ହୋଇଥିଲା। ଏହା ଏକ ଏପରି ପ୍ରତିଯୋଗିତା, ଯେଉଁଥିରେ କୁକୁରଙ୍କୁ ପାଳିବାକୁ ପ୍ରୋତ୍ସାହିତ କରାଯାଇଥାଏ। ଏଥିରେ ବିଭିନ୍ନ ପ୍ରଜାତିର କୁକୁରଙ୍କୁ ରଖାଯାଇଥାଏ। ଯେଉଁ କୁକୁର ପାଖରେ କିଛି ସମସ୍ୟା ରହିଥାଏ (ଅର୍ଥାତ୍ ତା' ଦେହରେ ତ୍ରୁଟି ନ ଥିବା, ହାତ ବଙ୍କା ଥିବା ଆଦି ବିଭିନ୍ନ ପ୍ରକାରର ସମସ୍ୟା), ସେମାନଙ୍କୁ ନେଇ ଏହି ପ୍ରତିଯୋଗିତା କରାଯାଇ ପୁରସ୍କାର ଦିଆଯାଇଥାଏ। ଯେଉଁଥିପାଇଁ ଲୋକେ ସେମାନଙ୍କୁ ନେବାକୁ ମନା କରି ନ ଥାନ୍ତି। ଏହି ପ୍ରତିଯୋଗିତା ୫୦ ବର୍ଷ ଧରି ହୋଇଆସୁଛି। ଚଳିତବର୍ଷ ଏହି ପୁରସ୍କାର 'ସ୍କୁଟର' ନାମକ କୁକୁରକୁ ମିଳିଛି। ସ୍କୁଟର ତା' ପାଦରେ ଠିକ୍‌ରେ ଚାଲିପାରୁ ନ ଥିବାବେଳେ ତା' ଦେହରେ ତ୍ରୁଟି ନାହିଁ। କୁକୁରକୁ ଉଦ୍ଧାର କରାଯିବା ପରେ ରେସ୍କ୍ୟୁ ଟିମ୍ ୭ ବର୍ଷ ହେବା ତାଙ୍କ ପାଖରେ ରଖିଥିଲା। ଲିଣ୍ଡା ଏଲ୍‌କ୍ୱିଷ୍ଟ ନାମକ ଜଣେ ମହିଳା ମଝିରେ ମଝିରେ ସ୍କୁଟରକୁ ଦେଖିବାକୁ ଆସିଥାନ୍ତି। କୁକୁରର କିଛି ହେଲେ ତାକୁ ଡାକ୍ତରଙ୍କ ପାଖକୁ ମଧ୍ୟ ନେଇଯା'ନ୍ତି। ଯେତେବେଳେ ରେସ୍କ୍ୟୁ ଟିମ୍ କୁକୁରର ଦେଖାଶୁଣା କରିବା ଖର୍ଚ୍ଚ ଆଉ ଉଠାଇ ପାରିଲେନି, ସେତେବେଳେ ଲିଣ୍ଡା ସ୍କୁଟରକୁ ପାଳିବାକୁ ନିଜ ସହ ନେଇଗଲେ। ସ୍କୁଟର କେବଳ ତା' ଆଗ ଗୋଡ଼ ସାହାଯ୍ୟରେ ଚାଲିପାରୁଛି। ସେଥିପାଇଁ ଲିଣ୍ଡା ଡାକ୍ତରଙ୍କ ସହ ପରାମର୍ଶ କରି ତା' ପାଇଁ ଏକ ଗାଡ଼ିର ବ୍ୟବସ୍ଥା କରିବାକୁ କଥା ହୋଇଥିବା କହିଛନ୍ତି। ଗତବର୍ଷ ଅସୁନ୍ଦର କୁକୁର ପୁରସ୍କାର 'ମିଷ୍ଟର ହେପ୍ପି କେସ' ନାମକ କୁକୁରକୁ ମିଳିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...........................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏମ୍‌ପି ବିଦେଶ ଗସ୍ତରେ ଥିବାବେଳେ ବିଜେଡି ଗୁଜବ ସୃଷ୍ଟି କରିବା ହାସ୍ୟାସ୍ପଦ: ଭାଜପା

**ଭୁବନେଶ୍ୱର,୨୭।୬(ଅନିଲଦାସ)**

ଭୁବନେଶ୍ୱର ଏମ୍‌ପି ଗତ ୧୭ ତାରିଖ କରିଥିବା ଖବରଦାତା ସମ୍ମିଳନୀର ୧୦ଦିନ ପରେ ବିଜେଡି ମୁଖପାତ୍ର ମଙ୍ଗଳବାର ଯେଉଁ ତଥ୍ୟ ରଖିଛନ୍ତି ତାହା ତଥ୍ୟ ଆଧାରିତ ନୁହେଁ। ବର୍ତ୍ତମାନ ଏମ୍‌ପି ଅପରାଜିତା ଷଡଙ୍ଗୀ ଅନ୍ତର୍ଜାତୀୟ ସଂସଦୀୟ ସଂଘ (ଆଇପିୟୁ)ରେ ଯୋଗ ଦେବା ପାଇଁ ୭ଦିନିଆ ବିଦେଶ ଗସ୍ତରେ ଥିବାବେଳେ ଶାସକ ଦଳର ମୁଖପାତ୍ର ଗୁଜବ ସୃଷ୍ଟି କରିବା ଅତ୍ୟନ୍ତ ହାସ୍ୟାସ୍ପଦ ଓ ନିନ୍ଦନୀୟ ବୋଲି ଭାଜପା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ କହିଛନ୍ତି।

ମଙ୍ଗଳବାର ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦତା ସମ୍ମିଳନୀରେ ସେ କହିଛନ୍ତି, ଭୁବନେଶ୍ୱର ଜନସାଧାରଣ ଅପରାଜିତାଙ୍କୁ ଭଲ ଭାବରେ ଜାଣିଛନ୍ତି ଓ ବୁଝିଛନ୍ତି। କିଛି ତଥ୍ୟ ନ ଜାଣି ବିଜେଡିର ମୁଖପାତ୍ରମାନେ ଏମ୍‌ପିଙ୍କ ଉପରେ ମନ୍ତବ୍ୟ ରଖିବା ଅତ୍ୟନ୍ତ ହାସ୍ୟାସ୍ପଦ। ଭୁବନେଶ୍ୱରରେ କେବଳ ଇସ୍କନ ମନ୍ଦିରଠାରେ ନୁହେଁ ବଂର ସହରର ସବୁଆଡେ ଜଳ ସମସ୍ୟା ହୁଏ। ଏନେଇ ଷଡ଼ଙ୍ଗୀ ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟି (ସହରାଞ୍ଚଳ)ରେ ଉପସ୍ଥାପନା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଭୁବନେଶ୍ୱରରେ ୧୪ଟି ଡ୍ରେନ ଗଙ୍ଗୁଆ ନଦୀ ସହ ସଂଯୋଗର ମାଷ୍ଟରପ୍ଲାନ ହେବା ଆବଶ୍ୟକ। ରାଜ୍ୟ ସରକାର ଏଥିପାଇଁ କେବେ ପ୍ଲାନ ଦେବେ ଏବଂ କେତେ ଅର୍ଥ ବ୍ୟବସ୍ଥା କରିଛନ୍ତି ତାହାର ଯବାବ ଦେବା ଦରକାର। ଖୋର୍ଦ୍ଧାରୁ ଭୁବନେଶ୍ୱର ରାସ୍ତା କାମ ସମ୍ପୂର୍ଣ୍ଣ ହୋଇଛି। ଜନସାଧାରଣଙ୍କ ଆବଶ୍ୟକତା ଏବଂ ଆଗ୍ରହ ନେଇ ବିଭିନ୍ନ ଅତିରିକ୍ତ କାମ ହେଉଛି। ରାଜଧାନୀରେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ରାମେଶ୍ୱରଠାରୁ ଟାଙ୍ଗି ପର୍ଯ୍ୟନ୍ତ ୧୦୧କି.ମି. କ୍ୟାପିଟାଲ ରିଜନ୍ ରିଙ୍ଗ୍ ରୋଡ (ସିଆର୍‌ଆର୍‌ଆର୍) ନିର୍ମାଣ ହେବାକୁ ଯାଉଛି। ଏଥିପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇସାରିଲାଣି। ଓଡ଼ିଶାରେ ନେଟୱାର୍କ ସମସ୍ୟା ପାଇଁ ରାଜ୍ୟ ସରକାର କେବେ କେନ୍ଦ୍ର ସରକାରଙ୍କୁ ଜଣାଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ବ୍ୟାଙ୍କିଂ ସେକ୍ଟରରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିଶେଷ ସମସ୍ୟା ନାହିଁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଅପରାଜିତା କହିଥିବା ତଥ୍ୟ ସତ୍ୟ । ଶ୍ରୀମନ୍ଦିର ସୁରକ୍ଷା ଆମ ପାଇଁ ପ୍ରାଥମିକତା ଥିଲା। ଏମ୍‌ପିଙ୍କ ପ୍ରୟାସ ପରେ ହିଁ ରାଜ୍ୟ ସରକାର ଏଏମଏସଏଆର ଆକ୍ଟ-୧୯୫୮ ଅନୁଯାୟୀ ନିର୍ମାଣ କାର୍ଯ୍ୟ ୧୦୦ମିଟର ବାହାରକୁ ନେଇଛନ୍ତି ଏବଂ ଏନ୍‌ଏମ୍‌ଏ ନୂତନ ଭାବେ ପ୍ରସ୍ତୁତ ହୋଇଥିବା ପ୍ଲାନ ଅନୁମୋଦନ ପରେ ନିର୍ମାଣ କରାଯାଉଛି। ଏମ୍‌ପିଙ୍କ ପ୍ରୟାସରେ ହିଁ ସମସ୍ୟା ଦୂରୀକରଣ ହୋଇ ମନ୍ଦିର ସୁରକ୍ଷାକୁ ପ୍ରାଥମିକତା ନେଇ ନିର୍ମାଣ ପ୍ରକ୍ରିୟା ହେଉଛି। ମିଥ୍ୟା ଆରୋପ ଅଭିଯୋଗ କରି ଲୋକଙ୍କୁ ଭୂଆଁ ବୁଲାଇବା ଗଣତନ୍ତ୍ରରେ ସମିଚିନ ନୁହେଁ। ଏଥିରୁ ନିବୃତ ରହିବାକୁ ବାବୁ ସିଂ କହିଛନ୍ତି।

# ଟାଟା ପାୱାର ଅଫିସ୍ ଉପରକୁ କଂଗ୍ରେସର ଅଣ୍ଡା, ଟମାଟୋ ମାଡ଼



ଅଘୋଷିତ ବିଦ୍ୟୁତ୍ କାଟ ଏବଂ ଦେୟ ବିରୋଧରେ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ପାୱାର ହାଉସ୍ ଛକ ଟିପିସିଓଡିଏଲ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭକାରୀ ଓ ପୋଲିସ୍ ମଧ୍ୟରେ ଧସ୍ତାଧସ୍ତି।

**ଭୁବନେଶ୍ୱର, ୨୭।୬(ସୁନିତ୍ ମିଶ୍ର)**

ଟାଟା ପାୱାରର ମନମୁଖି କାର୍ଯ୍ୟକଳାପ ନେଇ ଏବେ ସାଧାରଣରେ ଦିନକୁ ଦିନ ଲୋକଙ୍କ ଭିତରେ ଉତ୍ତେଜନା ପ୍ରକାଶ ପାଉଛି। ବିଜୁଳି ସେବା ଯୋଗାଣରେ ଏହି କମ୍ପାନୀ ଏବେ ଭିନ୍ନଭିନ୍ନ ତରିକାରେ ଓଡ଼ିଶାବାସୀଙ୍କୁ ଠକୁଥିବା ନେଇ ବାରମ୍ବାର ନୂଆ ଅଭିଯୋଗ ସାମ୍ନାକୁ ଆସିବାରେ ଲାଗିଛି। ଫଳରେ ବିରୋଧୀ ଏବେ ଟାଟା ପାୱାର ଏବଂ ରାଜ୍ୟ ସରକାରଙ୍କୁ ସିଧାସଳଖ ଟାର୍ଗେଟ କରିବା ଆରମ୍ଭ କରିଦେଇଛନ୍ତି।

ଅଘୋଷିତ ବିଜୁଳିକାଟ୍ ଏବଂ ଲୋକଙ୍କଠାରୁ ଅଧିକ ଟଙ୍କା ଆଦାୟ ଅଭିଯୋଗ ନେଇ ରାଜ୍ୟର ବିଭିନ୍ନ ଜିଲାରେ କଂଗ୍ରେସ ମଙ୍ଗଳବାର ଟାଟା ପାୱାର ଅଫିସ୍ ଘେରାଉ କରିଛି। ଶହ ଶହ କଂଗ୍ରେସ କର୍ମୀ ଜିଲାସ୍ତରରେ ଟାଟା ପାୱାର କାର୍ଯ୍ୟାଳୟକୁ ଅଣ୍ଡା ଓ ଟମାଟୋ ମାଡ଼ କରିଥିବା ଦେଖିବାକୁ ମିଳିଛି। ନୟାଗଡ଼, କେନ୍ଦ୍ରାପଡ଼ା, କୋରାପୁଟ ଆଦି ଜିଲାରେ ଆନ୍ଦୋଳନକୁ ତୀବ୍ର କରାଯାଇଛି।

ସମାନ ଭାବେ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ବହୁ ନେତୃବୃନ୍ଦ ତଥା ଦଳୀୟ କର୍ମୀ ପାୱାରହାଉସ ଛକସ୍ଥିତ ଟାଟା ପାୱାର ଅଫିସକୁ ଘେରାଉ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗତ ୩ ବର୍ଷ ଧରି ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ପରିବର୍ତ୍ତେ ପ୍ରତିଦିନ ଘନଘନ ବିଦ୍ୟୁତ୍‌କାଟ ହେଉଛି। ବିଦ୍ୟୁତ ବିଲ୍‌ରେ ଜାଣିଶୁଣି ଠକେଇ କରିବା, ସର୍ବନିମ୍ନ ମାସିକ ଦେୟ ଆଦାୟ, ପ୍ରକୃତ ବ୍ୟବହାର ହୋଇଥିବା ବିଦ୍ୟୁତ ୟୁନିଟ୍‌ଠାରୁ ଅଧିକ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ନେଇ ଟାଟା ପାୱାର କାର୍ଯ୍ୟାଳୟକୁ ଜିଲା କଂଗ୍ରେସର ନେତୃବୃନ୍ଦମାନେ ଘେରାଉ କରିଥିଲେ। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ର ନିର୍ଦ୍ଦେଶ ପରେ ମଧ୍ୟ ଟାଟା ପାୱାର ଯେଉଁ ୨,୭୨୭ କୋଟି ଟଙ୍କା ଅଧିକ ବିଦ୍ୟୁତ୍ ଆଦାୟ କରିଛି, ତାହାକୁ ଏ ପର୍ଯ୍ୟନ୍ତ ଉପଭୋକ୍ତାଙ୍କୁ କାହିଁକି ଫେରାଉ ନାହିଁ ବୋଲି କଂଗ୍ରେସ ଅଭିଯୋଗ କରିଛି। ସେହିପରି ଜାଣିଶୁଣି ପ୍ରତି ମାସରେ ଟାଟା ପାୱାର ଓଡ଼ିଶାରୁ ୩୫ରୁ ୪୦ କୋଟି ଟଙ୍କା ଲୁଟ୍ କରୁଥିଲା ବେଳେ ଓଡ଼ିଶା ସରକାର କମ୍ପାନୀକୁ ଏଥିରେ ସହଯୋଗ କରୁଛନ୍ତି ବୋଲି କଂଗ୍ରେସ କହିଛି। ଜିଲା କଂଗ୍ରେସ ନେତୃବୃନ୍ଦମାନେ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରି ବିଭିନ୍ନ ସ୍ଲୋଗାନ ଦେଇଥିବା ଓ ସ୍ଥଳବିଶେଷରେ ପୋଲିସ ସହିତ ଧସ୍ତାଧସ୍ତି ସ୍ଥିତି ମଧ୍ୟ ସୃଷ୍ଟି ହୋଇଥିବା ଦେଖାଯାଇଛି। ଜିଲା କଂଗ୍ରେସ ତରଫରୁ ଟାଟା ପାୱାର ସିଇଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବା ଓ ସେହି କାର୍ଯ୍ୟାଳୟର ଅଧିକାରୀବୃନ୍ଦଙ୍କ ସହିତ ଏହି ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜ୍ୟବ୍ୟାପୀ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ପିସିସି ସଭାପତି ଶରତ ପଟ୍ଟନାୟକ ଦଳୀୟ ନେତା ଓ କର୍ମୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଓଡ଼ିଶାରେ ଦୁର୍ନୀତି ନୀତି ହୋଇଛି: ଧର୍ମେନ୍ଦ୍ର

## ଗଁଦିଆରେ ଗରିବ କଲ୍ୟାଣ ସମାବେଶ

**ଢେଙ୍କାନାଳ, ୨୭।୬ (ରତନ ନାୟାର)**



ଗଁଦିଆରେ ଅନୁଷ୍ଠିତ 'ଗରିବ କଲ୍ୟାଣ ସମାବେଶ'ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

ରାଜ୍ୟ ଆଜି ଓଡ଼ିଆଙ୍କ ଅସ୍ମିତା ଓ ଭାବାବେଗକୁ ବୁଝୁ ନ ଥିବା ଦୁର୍ନୀତିଖୋରଙ୍କ ହାବୁଡ଼ରେ ପଡ଼ିଛି। ଏଠି ବାବୁମାନେ ପ୍ରତିନିଧି। ବାବୁଙ୍କ ଚୌକି ପକାଇବା ପାଇଁ ଜନପ୍ରତିନିଧିଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଏଠାରେ ଦୁର୍ନୀତି ନୀତି ହୋଇଛି ବୋଲି ମଙ୍ଗଳବାର ଢେଙ୍କାନାଳ ଜିଲା ଗଁଦିଆରେ ଅନୁଷ୍ଠିତ 'ଗରିବ କଲ୍ୟାଣ ସମାବେଶ'ରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ଏଭଳି କଡ଼ା ଭାଷାରେ ଟାର୍ଗେଟ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର କହିଲେ, ସବ୍‌କା ସାଥ, ସବ୍‌କା ବିକାଶ, ସବକା ବିଶ୍ୱାସ, ସବ୍‌କା ପ୍ରୟାସ କେନ୍ଦ୍ର ସରକାରଙ୍କ ଶାସନର ମୂଳମନ୍ତ୍ର ହୋଇଛି। ଗରିବ କଲ୍ୟାଣ ଯୋଜନାରେ ଢେଙ୍କାନାଳ ଜିଲାର ୨ ଲକ୍ଷ ୭୦ ହଜାର ୮୭୬ ପରିବାରକୁ ୮ ହଜାର ୮୧୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ପରିବାର ପିଛା ପ୍ରାୟ ୩ ଲକ୍ଷ ୨୫ ହଜାର ୪୬୭ ଟଙ୍କା ମିଳିଛି। ମୋଦି ସରକାରରେ ଓଡ଼ିଶାରେ ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ। ହେଲେ କେନ୍ଦ୍ରୀୟ ଅନୁଦାନକୁ ବିଭିନ୍ନ ବାଟରେ ହଡ଼ପ କରାଯାଉଛି। ଯୋଗ୍ୟ ହିତାଧିକାରୀଙ୍କୁ ଏହାର ସୁଫଳରୁ ବଞ୍ଚିତ କରାଯାଉଛି। ଓଡ଼ିଶାରେ ଶାସନ ନୁହେଁ ଭ୍ରଷ୍ଟାଚାର ଚାଲିଛି। କେନ୍ଦ୍ର ସରକାରଙ୍କ ଆବାସ ଯୋଜନାରେ ହାତଗୁଞ୍ଜା ଦାବି କରାଯାଉଛି। ଯିଏ ଦେଇପାରୁନାହିଁ, ତାହାର ନାମ ୱେଟିଂଲିଷ୍ଟରେ ରହୁଛି। କୋଇଲାରେ ଭରପୂର ଓଡ଼ିଶା ଦୀପତଳ ଭଳି ଅନ୍ଧାର। ନିକଟରେ ଦୁର୍ନୀତିରେ ଲିପ୍ତ ଜଣେ ସହକାରୀ ଉପଜିଲାପାଳଙ୍କ ଘରୁ ଟଙ୍କାର ପାହାଡ଼ ଠାବ ହୋଇଥିଲା। ଏଭଳି ଦୁର୍ନୀତିଗ୍ରସ୍ତ ଅଧିକାରୀ ତୃତୀୟ ମହଲା ଅଧିକାରୀଙ୍କ ଅଧିକ ପ୍ରିୟ। ଏ ବିଷୟରେ ପଚାରିଲେ ଶାସକ କଳର ଭଡ଼ାଟିଆ ଗୁଣ୍ଡା ଚଉଦ ପୁରୁଷ ବଖାଣୁଛନ୍ତି। ଧର୍ମେନ୍ଦ୍ର ଆହୁରି ମଧ୍ୟ କହିଲେ, ସେ ଯୁଆଡ଼େ ଯାଉଛନ୍ତି ରାଜ୍ୟ ସରକାର ଉକ୍ତ ସ୍ଥାନକୁ ତୁରନ୍ତ ଅନୁଦାନ ଦେଉଛନ୍ତି। ଯଦି ଏଭଳି ହେଉଛି, ତେବେ ସେ ସପ୍ତଶଯ୍ୟା, କୁଆଲୋ ଅଷ୍ଟଶମ୍ଭୁ, ସରାଙ୍ଗ ଅନନ୍ତଶୟନ, ଶହୀଦ ପୀଠ ନୀଳକଣ୍ଠପୁର ଯିବେ। ସେଠାକୁ ମଧ୍ୟ ରାଜ୍ୟ ସରକାର ଅନୁଦାନ ଦିଅନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, ପ୍ରେମାନନ୍ଦ ଜେନା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାମଚନ୍ଦ୍ର ପାତ୍ର, ଶତ୍ରୁଘ୍ନ ଜେନା, ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ, ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର, ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ବହୁ ନେତୃବୃନ୍ଦ ଓ କର୍ମକର୍ତ୍ତା ଯୋଗଦେଇଥିଲେ।


# Classified Everyday
**0674-2580101, 2549949**




### BRIDE WANTED

Handsome Kumhara boy 1981/Professor IIT, Settled Bhubaneswar. Caste no bar. 7008967858. D-71056

### GROOM WANTED

Beautiful Karan Girl 1988, 5'3" M.A, BE.d Serving Govt. High School Teacher "SUNASANSAR". 9937512659, 8249969649. D-74878




### SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200 sqft. 3,60,000/-, ଛତାବର 1200 sqft. 3,00,000/-, ନଖରା 300/-. 7978663279. D-74875

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୭୦୦ ଜାଗା ବିକ୍ରି ହେଉଛି। 9437621753. D-75122

Demarcated ଘରବାରି ପ୍ଲଟ୍ KEC, ଗୁଡ଼ିଆପୋଖରୀ sqft.- 1000/-ରେ immediate registration, ଅଗ୍ରିମ boundarywall, electricity, 30ft. road ମିଳୁଛି। 7008045582, 9692003948. D-0661

ଭୁବନେଶ୍ୱର-ପୁରୀ ବାଇପାସ୍ NH-203 ପାଖରେ ଘରବାରି ବାଉଣ୍ଡରି ପ୍ଲଟ୍ ବିକ୍ରିହେବ। 9439832956. D-0645

ଭୁବନେଶ୍ୱର ପିପିଲି ଟୋଲ୍‌ଗେଟ୍ NH side 30' road, ଘରବାରି, ପାଚେରି, ଇଲେକ୍ଟ୍ରିସିଟି ଥାଇ ଏବଂ ନଖରା ତ୍ରିନାଥ ବଜାର ପାଖରେ ପ୍ଲଟ୍ କିଣି ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 8917487982. D-74877

3BHK Duplex for sale near East Engineering College Nakhara with gated society. Contact: 9437581914. D-0648

Dhenkanalରେ ଜାଗା ବିକିବା କିଣିବା ପାଇଁ ଯୋଗାଯୋଗ କରନ୍ତୁ : 8144302373. D-74074

କଟକ ୪୨ ମୌଜା, ଝାରକଟାଠାରେ ରାସ୍ତାକୁ ଲାଗି ୧୨ ଗୁଣ୍ଠ ସ୍ଥିତିବାନ ଜମି ବିକ୍ରି ହେବ । ଜମିଟି ବିବାହ ମଣ୍ଡପ, ବିଦ୍ୟାଳୟ, କଲେଜ, ନର୍ସିଂହୋମ୍, ସିମ୍ପ୍ଲେକ୍ସ / ଡୁପ୍ଲେକ୍ସ ନିମନ୍ତେ ଉପଯୁକ୍ତ। ମୋବାଇଲ- 8917230636 । ମଧ୍ୟସ୍ଥିଙ୍କୁ ସ୍ୱାଗତମ୍ । D-0676




**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-0627




On Janpath 1450 and 2300 sqft. furnished office space available on 3rd floor with lift. 8598923231. D-71057




Newly open health benefits SPA special offer @ 799 Jaydev Vihar. 8018429809. D-75121

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74697

Newly healthcare benefited SPA experience Therapist, Bhubaneswar. Please visit this SPA. 7749034655. D-75124

Newly open Salon/ SPA with expert therapist (health benefits). 8114322659. D-75123

Newly open Relax, Refresh Paras Aurvedic SPA at Bhubaneswar. 9124433891. D-0633

Newly healthcare benefited SPA experience Therapist, Bhubaneswar. Please visit this SPA. 7846814019. D-75125

Spa Kerala body massage only best Therapist @699/-Bhubaneswar. 9337672475. D-0678

### AFFIDAVIT

ଏତଦ୍ୱାରା ପ୍ରକାଶ କରୁଅଛୁ କି ଆମ୍ଭେ ଅଲକା ମଳୀକ, ମାତା ସରସ୍ୱତୀ ମଳୀକ, ପିତା ଗୁଣମଣି ମଳୀକ ବରିପଦା ଆରୁହାବାଡ଼ ବାଲେଶ୍ୱର ଆମ୍ଭର ଜନ୍ମ ଓ ବିଦ୍ୟାଳୟ ପ୍ରମାଣପତ୍ର ଅନୁଯାୟୀ ଜନ୍ମ ତାରିଖ ୦୧।୧୦।୨୦୦୪ ଅଟେ। ମାତ୍ର ତିନିଥର ଚେଷ୍ଟାକରି ମଧ ଆଧାର କାର୍ଡରେ ଉକ୍ତ ତାରିଖ ସଂଶୋଧନ କରିବା ସମ୍ଭବ ହୋଇନାହିଁ। ଏଣୁ ସଂଶୋଧନ ପାଇଁ ସୁଯୋଗ ଦେବାକୁ ଅନୁରୋଧ। ଅଲକା ମଳୀକ
ଧ-୦୬୭୨

By an affidavit Sl. No. 8, sworn before the Executive Magistrate, Puri on 15 February 2022. I, Dhirendra Bhola, At/P.O. Chhaitana, P.S.- Sadar, Dist. Puri have changed my surname from Dhirendra Kumar Bhoi to Dhirendra Bhola. Henceforth, I shall be known as Dhirendra Bhola for all future purposes. D-0673

I, Kuladeep Sahoo, S/o Debendra Kumar Sahoo, resident of Tarini Kothi, Water Works Road, Dist.- Puri, P.S. - Sea Beach, Pin- 725002, Odisha declare by this Affidavit No.- 12AA 172253, Dtd.- 12.06.2023 that now onwards I shall be known as Kuldeep Sahoo for all future purposes. D-69087

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# 'ନିର୍ବାଚନମଣ୍ଡଳୀ ସମସ୍ୟା ସମାଧାନରେ ଅପରାଜିତା ବିଫଳ'

**ଭୁବନେଶ୍ୱର,୨୭।୬(ଅନିଲ ଦାସ)**



ଶ୍ରୀମୟୀ ମିଶ୍ର

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ବିଜେଡି ପୁଣି ଟାର୍ଗେଟ କରିଛି। ଗତ ୪ ବର୍ଷ ମଧ୍ୟରେ ଏମ୍‌ପି ଅପରାଜିତା ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀରେ ଲୋକଙ୍କ ସମସ୍ୟା ସମାଧାନରେ ବିଫଳ ହୋଇଛନ୍ତି ବୋଲି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି। ମଙ୍ଗଳବାର ଶଙ୍ଖଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଶ୍ରୀମୟୀ କହିଛନ୍ତି, ଭୁବନେଶ୍ୱର ଏମ୍‌ପିଙ୍କ ଅପାରଗତା ପଦାରେ ପଡ଼ିଛି। ଯେତେବେଳେ ବର୍ଷା ଆସେ, ଭୁବନେଶ୍ୱରର ଇସ୍କନ୍ ମନ୍ଦିର ନିକଟରେ ଥିବା ଜାତୀୟ ରାଜପଥରେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହୁଏ। ଏହା ଯାତାୟାତ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଗତ ୪ ବର୍ଷ ଧରି ଏହି ଅଞ୍ଚଳର ଏମ୍‌ପି ହୋଇଥିଲେ ମଧ୍ୟ ସମସ୍ୟା ଦୂର କରିବା ପାଇଁ କ'ଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ଭୁବନେଶ୍ୱରରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଜାତୀୟ ରାଜପଥ କାମ ଗତ ୪ବର୍ଷ ଧରି ଚାଲିଥିବାବେଳେ ଏହା ଶେଷ ହେବାର ନାଁ ନାହିଁ। ଏମ୍ବକୁ ସଂଯୋଗ କରୁଥିବା ରାସ୍ତା, ପାତ୍ରପଡ଼ା, ଯାଆଁଳା ଏବଂ ଭୁବନେଶ୍ୱର- ଖୋର୍ଦ୍ଧା ଜାତୀୟ ରାଜପଥର ଅନେକ ସ୍ଥାନରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଅବ୍ୟବସ୍ଥା ମଧ୍ୟରେ ରହିଛି। ଜାତୀୟ ରାଜପଥ କାର୍ଯ୍ୟ ମନ୍ଥର ଗତିରେ ଚାଲିବା ହେତୁ ଏହି ୨ ସହର ମଧ୍ୟରେ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଅଟକି ରହୁଛନ୍ତି। ଏନ୍‌ଏଚ୍‌ଏଆଇ ଦ୍ୱାରା କରାଯିବାକୁ ଥିବା ଭୁବନେଶ୍ୱରର କ୍ୟାପିଟାଲ ରିଜିୟନ ଆଉଟର୍ ରିଙ୍ଗ୍‌ରୋଡ୍ କେବଳ ଫାଇଲ୍‌ରେ ସୀମିତ ଅଛି। ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀରେ ବେଗୁନିଆ, ବୋଲଗଡ଼, ବାଲିଅନ୍ତା ଏବଂ ବାଲିପାଟଣା ବ୍ଲକ ସହିତ ବରିମୁଣ୍ଡା, କଳାରାହାଙ୍ଗ, ବାସୁଆଘାଇ, ଇଟିପୁର, ଟିକରପଡା, ଧଉଳି, ଶିଶୁପାଳ, ଗଡ଼ହଳଦିଆ, କେରଙ୍ଗ, ମାଳିପୁର, ଟାଙ୍ଗିଆପଡ଼ା, ପୁରୁସାହି, ନାଳିପଡା-ଅର୍ଜୁନପୁର ଭଳି ବହୁ ସ୍ଥାନରେ ଟେଲିକମ୍ ସଂଯୋଗ ଦୁର୍ବଳ ରହିଛି। ଗତ ୪ ବର୍ଷରେ ଏହାର ଉନ୍ନତି ପାଇଁ ଏମ୍‌ପି କିଛି କରିନାହାନ୍ତି। ବ୍ୟାଙ୍କିଙ୍ଗ୍ ସେବା ମଧ୍ୟ ଖୋର୍ଦ୍ଧା ଜିଲାର ବିଭିନ୍ନ ପଞ୍ଚାୟତ ଯଥା ଚନ୍ଦକା, ଦାରୁଠେଙ୍ଗ, ଅନ୍ଧାରୁଆ, ପାଇକରାପୁର, ମେଣ୍ଢାଶାଳ,ତମାଣ୍ଡୋ, ନାନପୁଟ, ପାଲତୋଟାପଡ଼ା, ବାଜପୁର, ନିଜିଗଡ଼, ତାପଙ୍ଗ, କାନପୁର, ଧଉଳିମୁହଁ, ବ୍ରଜମୋହନପୁର, ନାରଣଗଡ଼, ଗୋଡ଼ିପଡ଼ା, ଜଙ୍କିଆ, ଗୋଳବାଇଶାସନ, ଓରାବରସିଂହ, କୁରାଡ଼ମଲ, ବଙ୍ଗିଦା ଏବଂ କାଇପଦର ପଞ୍ଚାୟତ ଏବଂ ଟାଙ୍ଗି ବ୍ଲକରେ ମଧ୍ୟ ଅତ୍ୟନ୍ତ ଦୁର୍ବଳ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଐତିହ୍ୟ କରିଡର କାମ ବନ୍ଦ ହେବା ପାଇଁ ଅପରାଜିତା କିଛି ଲୋକଙ୍କ ସହ ଷଡ଼ଯନ୍ତ୍ର ରଚି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରି ପ୍ରକଳ୍ପ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ଏପରିକି ସେ ବିଭିନ୍ନ ସ୍ତରର ଲୋକଙ୍କ ସହ ଷଡ଼ଯନ୍ତ୍ର କରି ଏକାମ୍ରକ୍ଷେତ୍ର ଐତିହ୍ୟ ବିକାଶ ପ୍ରକଳ୍ପ କାର୍ଯ୍ୟକୁ ରୋକିବା ପାଇଁ ନିଜ ସ୍ତରରେ ଯଥାସମ୍ଭବ ଚେଷ୍ଟା କରୁଛନ୍ତି। ସେ ମଧ୍ୟ ଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶକୁ ମଞ୍ଜୁର ନ କରିବାକୁ ଷଡ଼ଯନ୍ତ୍ର କରିଛନ୍ତି। ଆମେ ଆଶା କରୁଛୁ ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀର ଲୋକମାନେ ଏମ୍‌ପିଙ୍କ ଅସଲ ଚେହେରା ଦେଖନ୍ତୁ। ଗତ ଚାରିବର୍ଷ ମଧ୍ୟରେ ସେ ଲୋକଙ୍କ ପାଇଁ କାମ କରିବା ବଦଳରେ ଆତ୍ମପ୍ରଚାରରେ ସମୟ କାଟିଛନ୍ତି ବୋଲି ଶ୍ରୀମୟୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ମଧୁସ୍ମିତା ନାୟକ ଉପସ୍ଥିତ ଥିଲେ।


# ମନେ ପଡ଼ନ୍ତି

ସ୍ମୃତିରେ ...
**ଗାନ୍ଧୀ ମଣିଷ ଦୋଳଗୋବିନ୍ଦ**



୯୮ତମ ଜୟନ୍ତୀ
ତା: ୨୮.୦୬.୨୦୨୩
(ବୁଧବାର)

ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଦେବରାଜ, ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ଧ-୦୬୭୯

**ଶ୍ରାଦ୍ଧ ଉପଲକ୍ଷେ**



**୰ହେମଲତା ରଥ**
ବୀରରାମଚନ୍ଦ୍ରପୁର, ପୁରୀ
ଚାହୁଁ ଚାହୁଁ ସାତବର୍ଷ ହୋଇଗଲା । ବୋଉ, ତୁମର ଅନୁପସ୍ଥିତି ସର୍ବଦା ଅନୁଭବ କରୁଛୁ । ଆମମାନଙ୍କ ପ୍ରତି ତୁମର ଆଶୀର୍ବାଦ ଅତୁଟ ରହିଥାଉ।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୦୬୬୪

**ଏକାଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ପ୍ରମୋଦା କାନୁନଗୋ**
ଶିବାଜୀ ନଗର, ତୁଳସୀପୁର, କଟକ
ଆବିର୍ଭାବ-୦୬-୦୮-୧୯୩୨
ତିରୋଧାନ-୧୯-୦୬-୨୦୨୩
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମମାନଙ୍କ ପ୍ରତି ଚିର ସ୍ମରଣୀୟ ହୋଇ ରହିବ । ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ। ଶୋକ ସନ୍ତପ୍ତ : ତୋର ଭଉଣୀ, ଭାଇ, ପୁଅ, ବୋହୂ, ଝିଅ, ଜୋଇଁ, ନାତୁଣୀ, ନାତି, ଝିଆରୀ, ପୁତୁରା ଓ ପରିବାର ବର୍ଗ ।
ଧ-୦୬୭୧

# ବିଶ୍ୱକପ୍ ଭେନ୍ୟୁ ଚୟନକୁ ନେଇ ନୈରାଶ୍ୟ

ନୂଆଦିଲ୍ଲୀ, ୨୭।୬ (ପି.ଟି.)

ଦେଶରେ ହେବାକୁଥିବା ଆଇସିସି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ମଙ୍ଗଳବାର ପ୍ରକାଶିତ କାର୍ଯ୍ୟସୂଚୀରେ କେତେକ ପ୍ରମୁଖ କ୍ରିକେଟ ସେଣ୍ଟରର ଅଫିସିଆଲ ନୈରାଶ୍ୟ ପ୍ରକାଶ କରିଛନ୍ତି। ଅକ୍ଟୋବର ୫ରୁ ଆରମ୍ଭ ହେବାକୁଥିବା ଏହି ଇଭେଣ୍ଟ ଲାଗି ୧୦ ଭେନ୍ୟୁ ଚୂଡ଼ାନ୍ତ ହୋଇଛି। ହେଲେ ଏଥିରୁ ମୋହଲି, ଇନ୍ଦୋର, ରାଜକୋଟ, ରାଞ୍ଚି ଓ ନାଗପୁର ଭଳି ପ୍ରତିଷ୍ଠିତ କ୍ରିକେଟ ସେଣ୍ଟରଗୁଡ଼ିକ ବାଦ୍ ପଡ଼ିଛନ୍ତି। ବଛାଯାଇଥିବା ଭେନ୍ୟୁଗୁଡ଼ିକ ହେଲା ହାଇଦ୍ରାବାଦ, ଅହମଦାବାଦ, ଧର୍ମଶାଳା, ଦିଲ୍ଲୀ, ଚେନ୍ନାଇ, ଲକ୍ଷ୍ନୌ, ପୁଣେ, ବେଙ୍ଗାଲୁରୁ, ମୁମ୍ବାଇ ଓ କୋଲକାତା। ସାଧାରଣତଃ ଭାବେ ମେଟ୍ରୋ ସହରଗୁଡ଼ିକ ବିଶ୍ୱକପ୍ ଗେମ୍ ଆୟୋଜନର ସୁଯୋଗ ପାଇଥାନ୍ତି। ଏହାଛଡ଼ା ଜୋନ୍ ଭିତ୍ତିରେ ଏବଂ ବ୍ୟକ୍ତିଗତ ପସନ୍ଦରେ ମଧ୍ୟ ଭେନ୍ୟୁ ସ୍ଥିର କରାଯାଇଥାଏ। ଏହା ଏକ ଆଇସିସି ଇଭେଣ୍ଟ ହୋଇଥିବାରୁ ସ୍ଥାନୀୟ ଆୟୋଜକ କମିଟି ଭେନ୍ୟୁ ସୁପାରିସ କରାଯାଇଥାଏ। ଭାରତରେ ଆୟୋଜକ କମିଟି ହେଉଛି ବିସିସିଆଇ। ଇନ୍ଦୋରକୁ ମ୍ୟାଚ ଆୟୋଜନ ସୁଯୋଗ ନ ମିଳିଥିବାରୁ ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନ ସଭାପତି ଅଭିଲାଷ ଖାଣ୍ଡେକର ନୈରାଶ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଅତୀତରେ




୧୯୮୭ରେ ଇନ୍ଦୋର ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏକ ବିଶ୍ୱକପ୍ ମ୍ୟାଚ ଆୟୋଜନ କରିଥିଲା। ପୁନଶ୍ଚ ଇନ୍ଦୋରର କ୍ରିକେଟ ଇତିହାସ ସମୃଦ୍ଧ। ତେଣୁ ଏହା ବିଶ୍ୱକପ୍‌ର ଏକ ଭେନ୍ୟୁ ହେବ ବୋଲି ଆମେ ଆଶା କରିଥିଲୁ। ୨୦୧୯ ଦିନିକିଆ ବିଶ୍ୱକପ୍ ୧୧ଟି ଭେନ୍ୟୁରେ ଖେଳାଯାଇଥିଲା। ଏହା ଇଂଲଣ୍ଡରେ ହୋଇଥିବାରୁ ଯଦିଓ ଦଳଗୁଡ଼ିକୁ ବିମାନ ବ୍ୟବହାର ଆବଶ୍ୟକ ପଡ଼ି ନ ଥିଲା। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଇଭେଣ୍ଟର ୨୦୧୫ ସଂସ୍କରଣରେ ୪୯ଟି ମ୍ୟାଚ ୧୪ଟି ଭେନ୍ୟୁରେ ଖେଳାଯାଇଥିଲା। ହାଇଦ୍ରାବାଦକୁ ଛାଡ଼ିଦେଲେ ମନୋନୀତ ସମସ୍ତ ଭେନ୍ୟୁ ୫ଟି ଲେଖାଏଁ ମ୍ୟାଚ ପାଇଛନ୍ତି। କୌତୂହଳର କଥା ଗତ ଦୁଇଟି ଆଇପିଏଲ୍ ଫାଇନାଲ ଆୟୋଜନ କରିଥିବା ଅହମଦାବାଦ ବିଶ୍ୱକପ୍ ଫାଇନାଲ ଆୟୋଜନ କରିବ। ଏଥିସହିତ ଅକ୍ଟୋବର ୧୫ରେ ଟୁର୍ନାମେଣ୍ଟର ସବୁଠାରୁ ଅଧିକ ଅର୍ଥକରୀ ଭାରତ-ପାକିସ୍ତାନ ମ୍ୟାଚ ମଧ୍ୟ ସେଠାରେ ଖେଳାଯିବ। ୧୯୯୬ରୁ ବିଶ୍ୱକପଖ ଗେମ୍ ଆୟୋଜନ କରିଆସୁଥିବା ପଞ୍ଜାବ କ୍ରିକେଟ ଆସୋସିଏଶନ କହିଛି, ଯାହା ଜଣାପଡୁଛି ମେଟ୍ରୋ ସହରଗୁଡ଼ିକୁ ଛାଡ଼ି ଦେଲେ କେତେକ ବିସିସିଆଇ କର୍ମକର୍ତ୍ତାଙ୍କ ସହର ଗେମ୍ ଆୟୋଜନର ଅଧିକାର ପାଇଛନ୍ତି। ଏପରିକି ଏକ ପ୍ରାକ୍ଟିସ ଗେମ୍ ନ ମିଳିବା ଦୁଃର୍ଭାଗ୍ୟଜନକ। ପଞ୍ଜାବ କ୍ରୀଡ଼ାମନ୍ତ୍ରୀ ଗୁର୍‌ମିତ ସିଂ ମିତ୍ ହେୟର କହିଛନ୍ତି, ବିଶ୍ୱକପ୍ ଭେନ୍ୟୁରୁ ମୋହାଲି ବାଦ୍ ପଡ଼ିବା ଏକ ରାଜନୈତିକ ନିଷ୍ପତ୍ତି ଛଡ଼ା ଆଉ କିଛି ନୁହେଁ।

# ଭାଗନେବେ ଆଶିଷ, ଆଦିତ୍ୟ

ଭୁବନେଶ୍ୱର, ୨୭।୬

ତପନ ସ୍ୱାଇଁ

ରାଉରକେଲାଠାରେ ରାଜ୍ୟ ଜୁନିୟର ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ, ଖୋର୍ଦ୍ଧା, ଗଞ୍ଜାମ, ସୋନପୁର, ପୁରୀ, ସୁନ୍ଦରଗଡ଼, ରାଉରକେଲା ଆଦିରୁ ୮୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ

**ଜାତୀୟ ଜୁନିୟର ବକ୍ସିଂ**

ଉନ୍ନତ ପ୍ରଦର୍ଶନ ଭିତ୍ତିରେ ଉତ୍କଳ କରାଟେ ସ୍କୁଲର ଦୁଇ ବକ୍ସର ଆଶିଷ କୁମାର ମଲିକ ଓ ଆଦିତ୍ୟ ଅମ୍ଲାନ ରାଉତ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଖୋର୍ଦ୍ଧା ଜିଲାରୁ ପ୍ରତିନିଧିତ୍ୱ କରିଥିବା ଆଶିଷ ଜୁନିୟର ପୁରୁଷ ୬୦ କେଜି ବର୍ଗରେ ପ୍ରଥମ ଏବଂ



କୋଚ୍‌ଙ୍କ ସହ ଆଶିଷ କୁମାର ମଲିକ ଓ ଆଦିତ୍ୟ ଅମ୍ଲାନ ରାଉତ।

ଆଦିତ୍ୟ ଜୁନିୟର ପୁରୁଷ ୭୫କେଜି ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ଜାତୀୟ ଜୁନିୟର ବକ୍ସିଂ ପ୍ରତିଯୋଗିତା ଆସନ୍ତା ଜୁଲାଇ ୯ରୁ ୧୪ ପର୍ଯ୍ୟନ୍ତ ଅରୁଣାଚଳ ପ୍ରଦେଶର ଇଟାନଗରଠାରେ ଅନୁଷ୍ଠିତ ହେବ। ଆଶିଷ ଓ ଆଦିତ୍ୟଙ୍କୁ ଖୋର୍ଦ୍ଧା ଆମେଚର ବକ୍ସିଂ ଆସୋସିଏଶନ ସମ୍ପାଦକ ରାଧାକାନ୍ତ ମହାପାତ୍ର, ସୌର୍ଯ୍ୟରଞ୍ଜନ ପରିଜା ଓ ଉତ୍କଳ କରାଟେ ସ୍କୁଲ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।

# ଧୃମାନ, ଅଜିତାଭ ରାଜ୍ୟ ଚାମ୍ପିୟନ

ଭୁବନେଶ୍ୱର, ୨୭।୬

**ଫିଟ୍ ଇଣ୍ଡିଆ କୁଇଜ୍**

ଫିଟ୍ ଇଣ୍ଡିଆ କୁଇଜ୍-୨୦୨୨ର ରାଜ୍ୟ ଫାଇନାଲ ୨୦୨୩ ମେ' ଓ ଜୁନ୍‌ରେ ଆୟୋଜିତ ହୋଇଥିଲା। କ୍ରୀଡ଼ା ଏବଂ ଫିଟନେସ୍ ଉପରେ ଭାରତର ସବୁଠାରୁ ବଡ଼ କୁଇଜ ପ୍ରତିଯୋଗିତାର ମୋଟ ପୁରସ୍କାର ରାଶି ହେଉଛି ୩କୋଟି ୨୫ ଲକ୍ଷ ଟଙ୍କା। ଓଡ଼ିଶାର ଚାରୋଟି ଦଳ କ୍ୱାର୍ଟରଫାଇନାଲ ଏବଂ ସେମିଫାଇନାଲ ରାଉଣ୍ଡ ପରେ ରାଜ୍ୟ ଫାଇନାଲ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିଥିଲେ। ଏଥିରେ ଡିଏଭି ପବ୍ଲିକ ସ୍କୁଲ, ପୋଖରିପୁଟ ଖୋର୍ଦ୍ଧା, ନ୍ୟୁ ଡି ପଲ୍ ସ୍କୁଲ ଗଞ୍ଜାମ, ନବୋଦୟ ବିଦ୍ୟାଳୟ କୋଣାର୍କ ଏବଂ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ବରପାଲି, ବରଗଡ଼ ଆଦି ପ୍ରତ୍ୟେକ ବିଦ୍ୟାଳୟରୁ ୨ଜଣିଆ ଛାତ୍ର ଦଳ ଫାଇନାଲରେ ଭାଗ ନେଇଥିଲେ। ଏହି ତୀବ୍ର ପ୍ରତିଯୋଗିତାମୂଳକ ରାଉଣ୍ଡ ପରେ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଧୃମାନ ମହାନ୍ତି ଏବଂ ଅଜିତାଭ ରଣସିଂହ ଓଡ଼ିଶା ରାଜ୍ୟ ଚାମ୍ପିୟନ ଘୋଷିତ ହୋଇଥିଲେ। ଏଥିସହିତ ଦୁହେଁ ମୁମ୍ବାଇରେ ହେବାକୁ ଥିବା ଫିଟ୍ ଇଣ୍ଡିଆ କୁଇଜ୍‌ର ଜାତୀୟ ଫାଇନାଲକୁ ମନୋନୀତ ହୋଇଛନ୍ତି। ଧୃମାନ ଓ ଅଜିତାଭ ପୁରସ୍କାର ବାବଦରେ ମୋଟ ୨୫,୦୦୦ ଟଙ୍କା ପାଇବେ। ଏହାଛଡ଼ା ବିଦ୍ୟାଳୟକୁ ମଧ୍ୟ ୨,୫୦,୦୦୦ ଟଙ୍କା ପୁରସ୍କାର ମିଳିବ। ନ୍ୟୁ ଡି ପଲ ସ୍କୁଲ ଗଞ୍ଜାମ ୧,୦୦,୦୦୦ ଏବଂ ଉକ୍ତ ସ୍କୁଲର ପ୍ରତିଯୋଗୀମାନେ ମୋଟ ୧୦,୦୦୦ ଟଙ୍କା ପୁରସ୍କାର ପାଇବେ। ସେହିପରି ନବୋଦୟ ବିଦ୍ୟାଳୟ କୋଣାର୍କ ୫୦ ହଜାର ଟଙ୍କା ନଗଦ ପୁରସ୍କାର ଏବଂ ଅଂଶଗ୍ରହଣକାରୀ ପ୍ରତିଯୋଗୀମାନଙ୍କୁ ମୋଟ ୫,୦୦୦ ଟଙ୍କା ପୁରସ୍କାର ମିଳିବ। ଅନ୍ୟପକ୍ଷରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ରାଉଣ୍ଡରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟଗୁଡିକ ୧୫,୦୦୦ଟଙ୍କା ଏବଂ ପ୍ରତିଯୋଗୀମାନେ ମୋଟ ୨,୦୦୦ ଟଙ୍କା ପୁରସ୍କାର ପାଇବେ। ଜାତୀୟ ପରୀକ୍ଷା ଏଜେନ୍ସି ଦ୍ୱାରା କରାଯାଇଥିବା ପ୍ରାଥମିକ ରାଉଣ୍ଡ ପରେ ରାଜ୍ୟ ରାଉଣ୍ଡ ପାଇଁ ଦଳ ଚିହ୍ନଟ କରାଯାଇଥିଲା, ଯେଉଁଥିରେ ଭାରତର ୭୦୨ଟି ଜିଲାର ୧୬,୭୦୨ ବିଦ୍ୟାଳୟର ୬୧,୯୮୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଫିଟ୍ ଇଣ୍ଡିଆ କୁଇଜ୍‌ର ପ୍ରାଥମିକ ରାଉଣ୍ଡ ପରେ ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ୩୪୮ଟି ବିଦ୍ୟାଳୟକୁ ରାଉଣ୍ଡ ପାଇଁ ଚୟନ କରାଯାଇଥିଲା। ଓଡ଼ିଶା ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳରୁ ମୋଟ ୨୩୬ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ ଏବଂ ୮ଟି ବିଦ୍ୟାଳୟ, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ, ଯାହା ଏକ ନିର୍ଦ୍ଦିଷ୍ଟ ପରିକଳ୍ପିତ ୱେବ୍ ପ୍ଲାଟଫର୍ମରେ କରାଯାଇଥିଲା। ଫିଟ୍ ଇଣ୍ଡିଆ ମୁଭମେଣ୍ଟର ୟୁଟ୍ୟୁବ୍ ଚ୍ୟାନେଲରେ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ରାଉଣ୍ଡ ପ୍ରସାରଣ ହେଉଛି ଏବଂ ରାଜ୍ୟ ଫାଇନାଲ ଦୂରଦର୍ଶନ ଏବଂ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରସାରଣ ହେବ।

# ସାଫ୍ ଚାମ୍ପିୟନଶିପ୍: କୁଏଟ୍ ସହ ପଏଣ୍ଟ ବାଣ୍ଟିଲା ଭାରତ

ବେଙ୍ଗାଲୁରୁ, ୨୭।୬(ପି.ଟି.)

ସାଫ୍ ଚାମ୍ପିୟନଶିପ୍ ୨୦୨୩ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ କୁଏଟ୍ ସହ ପଏଣ୍ଟ ବାଣ୍ଟିଛି ଭାରତ। ଅଧିନାୟକ ସୁନୀଲ ଛେତ୍ରୀଙ୍କ ଗୋଲ ବଳରେ ଭାରତ ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ଅନୱର ଅଲୀଙ୍କ ଆତ୍ମଘାତୀ ଗୋଲ୍ ବଳରେ ମ୍ୟାଚ୍ ୧-୧ରେ ଡ୍ର ରହିଥିଲା। ଉଭୟ ଦଳ ପଏଣ୍ଟ ବାଣ୍ଟିଥିବା ବେଳେ ଭାରତ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନରେ ରହିଛି। ସୁନୀଲ ଛେତ୍ରୀ (୪୫+୨) ମିନିଟରେ ସ୍କୋର କରିଥିବା ବେଳେ ଅନୱର ଅଲୀ ଅତିରିକ୍ତ ସମୟରେ ଆତ୍ମଘାତୀ ଗୋଲ ଦେଇଥିଲେ।

ଉଭୟ ଦଳ ପୂର୍ବରୁ ସେମି ଫାଇନାଲ ପାଇଁ ଯୋଗ୍ୟତା ହାସଲ କରି ସାରିଥିବା ବେଳେ ଏହି ମ୍ୟାଚ୍‌ରେ ଆରମ୍ଭରୁ ଆକ୍ରମଣାତ୍ମକ ମୁଦ୍ରାରେ ନଜର ଆସିଥିଲେ। ଭାରତ ୱିଙ୍ଗରଙ୍କ ଜରିଆରେ ଆଟାକ୍ କରିଥିବା ବେଳେ କୁଏଟ୍ ଶର୍ଟ ପାଶ୍ ଉପରେ ନିର୍ଭର



ଗୋଲ୍ ଦେବା ପରେ ସୁନୀଲ ଛେତ୍ରୀଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

କରିଥିଲା। ମ୍ୟାଚ୍‌ର ଷଷ୍ଠ ମିନିଟରେ ଭାରତୀୟ ଫରୱାର୍ଡ କୁଏଟ୍ ଗୋଲ ପୋଷ୍ଟର ନିକଟତର ହୋଇଥିବା ବେଳେ ଆକାଶ ମିଶ୍ରଙ୍କ କ୍ରସ୍‌କୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। ୨୦ତମ ମିନିଟରେ କୁଏଟ୍ ନିକଟରେ ସୁଯୋଗ ରହିଥିଲେ ହେଁ ସଦାବ ଅଲ ଖାଲଦିଙ୍କ ଶଟ୍ ବାର୍ ଉପରେ ଯାଇଥିଲା। ୩୫ ତମ ମିନିଟରେ ଅନିରୁଦ୍ଧ ଥାପାଙ୍କ କର୍ନରରେ ଅନୱର ଅଲୀଙ୍କ ହେଡର କୁଏଟ୍ ଗୋଲିଙ୍କୁ ପାର କରି ନ ଥିଲା। ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ଥାପାଙ୍କ ପାଶ୍‌କୁ ଚମତ୍କାର ଭଳି ଜରିଆରେ ଗୋଲ ସ୍କୋର କରିଥିଲେ ଛେତ୍ରୀ। ୨୬ ତମ ସାଫ୍ ଚାମ୍ପିୟନଶିପ୍ ମ୍ୟାଚ୍‌ରେ ଏହା ଛେତ୍ରୀଙ୍କ ୨୪ ତମ ଗୋଲ୍ ଥିଲା।

ଦ୍ୱିତୀୟାର୍ଦ୍ଧର ଅର୍ଦ୍ଧାଧିକ ଭାଗ ଭାରତ ନିୟନ୍ତ୍ରଣରେ ରହଥିବା ବେଳେ ୮୧ ତମ ମିନିଟରେ କୋଚ୍ ଇଗୋର ଷ୍ଟିମାକଙ୍କୁ ମିଳିଥିଲା ରେଡକାର୍ଡ। ମ୍ୟାଚ୍ ଅଫିସିଆଲଙ୍କ ସହିତ ଯୁକ୍ତି କାରଣରୁ ଚଳିତ ଟୁର୍ନାମେଣ୍ଟରେ ଦ୍ୱିତୀୟ ଥର ପାଇଁ ତାଙ୍କୁ ରେଡକାର୍ଡ ମିଳିଥିଲା। ଷ୍ଟିମାକଙ୍କ ରେଡ କାର୍ଡ ମିଳିବାର ୩ ମିନିଟ ମଧ୍ୟରେ ଭାରତୀୟ ଖେଳାଳି ରହିମ ଅଲୀ ଓ କୁଏଟ୍‌ର ଅଲ୍ କଲାଫଙ୍କୁ ରେଡ୍ କାର୍ଡ ମିଳିଥିଲା। କଲାଫ୍ ଭାରତୀୟ ଖେଳାଳି ସହଲ ଅବଦୁଲ୍ ସମଦଙ୍କୁ ଧକା ମାରିବା ପରେ ରହିମ୍ ତାଙ୍କୁ ଠେଲି ଦେଇଥିଲେ। ରେଫରୀ ଉଭୟ ଖେଳାଳିଙ୍କୁ ରେଡ୍ କାର୍ଡ ଦେଇଥିଲେ। ମ୍ୟାଚ୍ ଅତିରିକ୍ତ ସମୟକୁ ଯାଇଥିବା ବେଳେ ଭାରତର ଅନୱର ଅଲୀ(୯୦+୨) ମିନିଟରେ ଏକ ଆତ୍ମଘାତୀ ଗୋଲ ଦେଇଥିଲେ । ଭାରତ ଶନିବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଲେବାନନକୁ ଭେଟିବ। ଏହା ପୂର୍ବରୁ ଇଣ୍ଟର କଣ୍ଟିନେଣ୍ଟାଲ କପ୍‌ରେ ଲେବାନନକୁ ପରାସ୍ତ କରି ଭାରତ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା।

## ରାଜ୍ୟ ଖବର

**ସଂକ୍ଷେପରେ**

### ଓଟିଇଟି ପାଇଁ ଭିନ୍ନ କେନ୍ଦ୍ର ଘଟଣା: ଗୋଟିଏ କେନ୍ଦ୍ରରେ ପରୀକ୍ଷା ଦେବେ ପରୀକ୍ଷାର୍ଥୀ

**କଟକ,୨୭।୬(ସୁପ୍ରିୟା ପ୍ରିୟଦର୍ଶିନୀ):** ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପାଇଁ ଭିନ୍ନ ଭିନ୍ନ କେନ୍ଦ୍ରକୁ ନେଇ ଦେଖାଦେଇଥିବା ସମସ୍ୟାର ସମାଧାନ କରାଯାଇଛି। ଏହି

**ବୋର୍ଡ ପକ୍ଷରୁ ସଂଶୋଧିତ ଆଡ୍‌ମିଟ୍ କାର୍ଡ ଜାରି**

ପରୀକ୍ଷା ପାଇଁ ସମସ୍ୟାର ସମ୍ମୁଖୀନ ହୋଇଥିବା ପରୀକ୍ଷାର୍ଥୀମାନେ ଗୋଟିଏ କେନ୍ଦ୍ରରେ ପରୀକ୍ଷା ଦେବେ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ଜୁଲାଇ ୧ରେ ଓଟିଇଟି ଅନୁଷ୍ଠିତ ହେବ। ଉକ୍ତ ଦିନ ପରୀକ୍ଷାର୍ଥୀମାନେ ଦୁଇଟି ପେପର ପରୀକ୍ଷା ଦେଇପାରିବେ। କିଛି ପରୀକ୍ଷାର୍ଥୀ ପେପର-୧ ଗୋଟିଏ ସ୍ଥାନରେ ଏବଂ ପେପର-୨ ଆଉ ଏକ ସ୍ଥାନରେ ଦେବା ପାଇଁ ସ୍ଥିର ହୋଇଥିଲା। ଏ ନେଇ ପରୀକ୍ଷାର୍ଥୀମାନେ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଫଳରେ ସେମାନଙ୍କ ସମସ୍ୟାର ସମାଧାନ କରାଯାଇ ସଂଶୋଧିତ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ କରାଯାଇଛି। ସେମାନେ ଏହାକୁ ଡାଉନ୍‌ଲୋଡ୍ କରିପାରିବେ। ଯଦି କେହି ପରୀକ୍ଷାର୍ଥୀ ପଞ୍ଜୀକରଣ ନମ୍ବର ଏବଂ ପଞ୍ଜୀକୃତ ମୋବାଇଲ ନମ୍ବର ଦ୍ୱାରା ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତା'ହେଲେ ସେମାନେ ନିଜ ନାମ ଏବଂ ବାପାଙ୍କ ନାମ ୱେବ୍‌ସାଇଟ୍‌ରେ ଦାଖଲ କରି ଆଡ୍‌ମିଟ୍ କାର୍ଡ ପାଇପାରିବେ।

### ହାତୀ ଆକ୍ରମଣରେ ବୃଦ୍ଧା ମୃତ

**ବିଶ୍ରା,୨୭।୬(ବଟକୃଷ୍ଣ ସ୍ୱାଇଁ):** ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଚିତପେଢ଼ି ପଞ୍ଚାୟତ ଚିଟିକିଦ୍ରି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୋଲେ ରଣା(୮୦)। ବନପାଳ କେ. ମହାନ୍ତ ଓ ବିଜୟ କଲାର ଗାଁରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ପରିବାର ଲୋକେ ବିଶ୍ରା ଥାନାରେ ଏତଲା ଦେଇଛନ୍ତି। ଶବ ସତ୍କାର ପାଇଁ ବିଭାଗ ପକ୍ଷରୁ ୨୦ହଜାର ଟଙ୍କା ଦିଆଯାଇଛି। ସୂଚନାଯୋଗ୍ୟ, ଚିଟିକିଦ୍ରି ଗ୍ରାମର ଦୋଲେ ସୋମବାର ଘରେ ଶୋଇଥିବାବେଳେ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି

ସମ୍ବଲପୁର,୨୭।୬ (ଶୁଭାଶିଷ ପାଢ଼ୀ)

ସମଗ୍ର ରାଜ୍ୟରେ ଦୁଇଦିନ ହେଲା ଦୁହାକୁ ଦୁହା ବର୍ଷା ଲାଗିରହିଛି। ହୀରାକୁଦ ଜଳଭଣ୍ଡାର ଉପରମୁଣ୍ଡରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ଫଳରେ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇଛି। ଦୁଇଦିନ ଭିତରେ ଜଳଭଣ୍ଡାରରେ ଜଳସ୍ତର ୨ ଫୁଟ୍ ବଢ଼ିଛି। ଜୁନ ୨୨ରେ ଜଳସ୍ତର ୬୦୦.୩୨ଫୁଟ୍ ରହିଥିଲା। ହେଲେ ଜୁନ ୨୪ଠାରୁ ନିୟମିତ ବର୍ଷା ଯୋଗୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଏହା ୬୦୨.୩୭ଫୁଟ୍‌ରେ ପହଞ୍ଚିଛି। ଆଗକୁ ବର୍ଷା ହେବା ନେଇ ପାଣିପାଗ ବିଭାଗ ମଧ୍ୟ ସୂଚନା ଦେଇଛି। ଯଦି ଉପରମୁଣ୍ଡ ଛତିଶଗଡରେ ବର୍ଷା ଲାଗିରହେ ଓ ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇ ୬୧୦ ଫୁଟ୍‌ରେ ପହଞ୍ଚିଯାଏ ତେବେ ଜୁଲାଇ ମାସରେ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇପାରେ ବୋଲି ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

**ରହିଛି ୬୦୨ଫୁଟ୍, ୬୧୦ ହେଲେ ଖୋଲିପାରେ ଗେଟ୍**



ହୀରାକୁଦ ଡ୍ୟାମ୍।

ମିଳିଥିବା ସୂଚନା ମୁତାବକ ସୋମବାର ଉପରମୁଣ୍ଡରେ ୫୩.୫୬ମି.ମି. ଓ ମଙ୍ଗଳବାର ୪୪.୫୬ମି.ମି. ବର୍ଷା ରେକର୍ଡ କରାଯାଇଛି। ଉପରମୁଣ୍ଡରେ ବର୍ଷା ଲାଗି ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩୨ ହଜାର ୮୭୮ କ୍ୟୁସେକ ପାଣି ପ୍ରବେଶ କରୁଛି। ପାୱାରଚ୍ୟାନେଲରେ ୧୧,୩୨୮, ଚାଷ ପାଇଁ ୩୦୦, ଶିଳ୍ପ ଲାଗି ୨୬୮ ଏଭଳି ମୋଟ ୧୨ ହଜାର ୫୪୮ କ୍ୟୁସେକ ପାଣି ବ୍ୟବହାର ହେଉଛି। ବଳକା ପାଣି ଡ୍ୟାମ୍‌ରେ ଗଚ୍ଛିତ ହୋଇ ରହୁଛି। ଯଦି ଉପରମୁଣ୍ଡରେ ବର୍ଷା ଲାଗିରହେ ତା'ହେଲେ ଜୁଲାଇ ଶେଷ ସୁଦ୍ଧା ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବ। ଜଳ ପରିଚାଳନା ନିୟମ ଅନୁସାରେ ଅଗଷ୍ଟ ପହିଲାରେ ଡ୍ୟାମ୍‌ରେ ଜଳସ୍ତର ୬୧୦ ଫୁଟ୍ ରହିବ। ବର୍ଷା ପରିମାଣ ଓ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣକୁ ନେଇ ବନ୍ୟାଜଳ ନିଷ୍କାସନ କରାଯାଇଥାଏ। ସୂଚନାଯୋଗ୍ୟ, ୨୦୨୨ରେ ପ୍ରଥମ ବନ୍ୟାଜଳ ଜୁଲାଇ ୧୮ରେ ନିଷ୍କାସନ ହୋଇଥିଲା। ସେ ସମୟରେ ଜଳସ୍ତର ୬୧୩.୭୧ ଫୁଟ୍ ରହିଥିଲା। ସେହିପରି ୨୦୨୧ ମସିହାରେ ଜୁଲାଇ ୧୧, ୨୦୨୦ରେ ଜୁନ ୨୫ରେ ବନ୍ୟାଜଳ ନିଷ୍କାସନ କରାଯାଇଥିଲା।

# ନାବାଳିକା ହତ୍ୟା ମାମଲା: ଭାଇଙ୍କୁ ଆଜୀବନ ଜେଲ

ଜଗତ୍‌ସିଂହପୁର, ୨୭।୬
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ମହାକାଳେଶ୍ୱର ଗାଁରେ ୨୦୧୪ରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଜଣେ ୯ ବର୍ଷର ନାବାଳିକାଙ୍କୁ ଭାଇ ତଣ୍ଟିଚିପି ହତ୍ୟା କରିବା ପରେ ନିକଟସ୍ଥ ନଦୀରେ ଫିଙ୍ଗି ଦେଇଥିଲେ। ମଙ୍ଗଳବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଏହାର ବିଚାର କରି ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ନାବାଳିକାଙ୍କ ଭାଇ ତପନ ନାଥ ଓରଫ ଦିପୁନା(୪୨)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି।

ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ଜଗବନ୍ଧୁଙ୍କ ୨ ଜଣ ସ୍ତ୍ରୀ। ଉଭୟ ସ୍ତ୍ରୀଙ୍କ ମଧ୍ୟରେ ଭଲ ସମ୍ପର୍କ ନ ଥିଲା। ଏପରି କି ସେମାନେ ଅଲଗା ଭାବେ ରହୁଥିଲେ। ପ୍ରଥମ ସ୍ତ୍ରୀଙ୍କ ପୁଅ ହେଉଛନ୍ତି ତପନ। ଦ୍ୱିତୀୟ ସ୍ତ୍ରୀଙ୍କ କନ୍ୟା ହେଲେ ମୃତ ନାବାଳିକା ଅନସୂୟା। ୧୪।୧୨।୧୪ ଅପରାହ୍ନରେ ନାବାଳିକାଙ୍କୁ କିଛି ଖାଇବାକୁ ଦେବା ବାହାନା କରି ତପନ ନିକଟସ୍ଥ ଗଡଭୁଣୀ ପଡ଼ିଆ ବଜାର ଦୋକାନ ଅଭିମୁଖେ ସାଇକେଲରେ ବସାଇ ନେଇ ଯାଇଥିଲେ। ତା'ପରେ ଯୋଜନା ମୁତାବକ ଏକ ନିଛାଟିଆ ସ୍ଥାନରେ ତଣ୍ଟି ଚିପି ନାବାଳିକାଙ୍କୁ ମାରି ନିକଟସ୍ଥ ଅଳକା ନଦୀ ପୋଲ ପାଖରେ ଫିଙ୍ଗି ଦେଇଥିଲେ। ଜଗବନ୍ଧୁ ଏସମ୍ପର୍କରେ ଖବରପାଇବା ପରେ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଏହା ଭିତ୍ତି କରି ପୋଲିସ ମାମଲା (ନଂ.୩୫୫/୧୪) ରୁଜୁ କରିଥିଲା। ଏହି ମାମଲାରେ ୨୮ଜଣଙ୍କ ସାକ୍ଷୀ ଓ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ଦାସ ସୂଚନା ଦେଇଛନ୍ତି।

# ସ୍ୱାଭାବିକ ହେଲା ବାହାନଗା ରେଳଷ୍ଟେଶନ

- ଅଟକିଲା ୩ ପାସେଞ୍ଜର ଟ୍ରେନ୍
- ଆଜିଠୁ ଖୋଲିବ ଟିକେଟ କାଉଣ୍ଟର

ବାହାନଗା,୨୭।୬(ଅରୂପ କୁମାର ଦାସ)

ଟ୍ରେନ ଦୁର୍ଘଟଣାର ୨୫ ଦିନ ପରେ ସ୍ୱାଭାବିକ ହୋଇଛି ବାହାନଗା ରେଳଷ୍ଟେଶନ। ମଙ୍ଗଳବାର ଏହି ଷ୍ଟେଶନରେ ଅଟକିଛି ୩ ପାସେଞ୍ଜର ଟ୍ରେନ। ଜଳେଶ୍ୱର-ପୁରୀ ମେମୁ, ବାଲେଶ୍ୱର-ଭଦ୍ରକ ପାସେଞ୍ଜର, ଭଦ୍ରକ- ଖଡଗପୁର ମେମୁ ଅପ୍ ପାସେଞ୍ଜର ରହଣି କରିଛି। ତେବେ ବୁଧବାର ଷ୍ଟେଶନ କାଉଣ୍ଟରରେ ଟିକେଟ ପ୍ରଦାନ କରାଯିବ ବୋଲି ଷ୍ଟେଶନ ମାଷ୍ଟର ଏସ୍.କେ. ପଟ୍ଟନାୟକ ପ୍ରକାଶ କରିଛନ୍ତି।

ଗତ ୨ ତାରିଖ ସନ୍ଧ୍ୟାରେ ବାହାନଗା ରେଳଷ୍ଟେଶନ ପୂର୍ବରୁ ଟ୍ରେନ ଦୁର୍ଘଟଣା ଘଟିଥିଲା। ଫଳରେ ସେଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୨୯୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭୦୦ରୁ ଊର୍ଦ୍ଧ୍ୱ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣାର ତଦନ୍ତ ନିମନ୍ତେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇବା ପରେ ସିବିଆଇ ତଦନ୍ତ ଆରମ୍ଭ କରିଥିଲା। ଷ୍ଟେଶନ ରିଲେ ରୁମ୍‌କୁ ସିବିଆଇ ସିଲ୍ କରିବା ସହିତ ବିଭିନ୍ନ କାଗଜପତ୍ର ଜବତ କରିଥିଲା। ପରେ ବାହାନଗା ଷ୍ଟେଶନ ଦାୟିତ୍ୱରେ ଥିବା ୩ କର୍ମଚାରୀଙ୍କୁ ନିଜ ହେପାଜତକୁ ନେଇ ପଚରାଉଚରା କରିଥିଲା। ଷ୍ଟେଶନ ସିଗ୍‌ନାଲ ଜେଇଙ୍କ ଭଡ଼ାଘରକୁ ସିଲ୍ କରିବା ସହିତ ଜେଇ ଅମିର୍ ଖାନଙ୍କୁ ହେପାଜତକୁ ନେଇଥିଲା। ତେବେ ଦୁର୍ଘଟଣାର ପ୍ରକୃତ କାରଣ ଓ ମୁଖ୍ୟ ଅଭିଯୁକ୍ତ କିଏ ତାହା ଅଦ୍ୟାବଧି ସିବିଆଇ ପ୍ରମାଣ କରିପାରିନାହିଁ। ଦୁର୍ଘଟଣାପରଠାରୁ ବାହାନଗା-ଗୋପାଳପୁର ମୁଖ୍ୟ ରାସ୍ତାରେ ଥିବା ରେଳ ଫାଟକ ଓ ରାସ୍ତା କାମ ହେଉଥିବାରୁ ତାହା ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ କରାଯାଇଥିଲା। ଏନେଇ ଲୋକେ ଯାତାୟାତ ଲାଗି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମଙ୍ଗଳବାର ଅପରାହ୍ନରେ ସର୍ବସାଧାରଣଙ୍କ ନିମନ୍ତେ ମୁଖ୍ୟ ରାସ୍ତା ଖୋଲାଯାଇଛି।



ବାହାନଗା ଷ୍ଟେଶନ ସ୍ୱାଭାବିକ ହେବା ପରେ ଅପେକ୍ଷାରତ ଯାତ୍ରୀ।

# ରାଇପାହାଡ଼ ଗ୍ରାମ ଉପରେ ଆନ୍ଧ୍ର ନଜର

- ଅନୁପ୍ରବେଶ କରି ୧୭ ପରିବାରକୁ ଯୋଗାଉଛି ସବୁ ସହାୟତା
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରୁଛନ୍ତି ୬ ହିତାଧିକାରୀ
- ଜିଲପାଳଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ନେବୁ: ନନ୍ଦପୁର ବିଡିଓ

ନନ୍ଦପୁର, ୨୭।୬ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ପଟ୍ଟଙ୍ଗି ବ୍ଲକ ଉପରେ ଆନ୍ଧ୍ର ନଜର ପକାଇ କୋଟିଆକୁ ନିଜ ଅଧୀନକୁ ନେବାକୁ ଉଦ୍ୟମ ଚଳାଇଥିବା ବେଳେ ଏବେ ଜିଲାର ନନ୍ଦପୁର ବ୍ଲକ ଉପରେ ନଜର ପକାଇଛି। ଏହି ବ୍ଲକର ଗୋଲୁର ରାଇପାହାଡ ଗ୍ରାମରେ ଆନ୍ଧ୍ର ଅନୁପ୍ରବେଶ କରି ବିଭିନ୍ନ କାର୍ଯ୍ୟ କରୁଛି। ପୂର୍ବରୁ ଉକ୍ତ ଅଞ୍ଚଳର ଜନସାଧାରଣଙ୍କୁ ଆଧାର, ରାଶନ୍, ଭୋଟର କାର୍ଡ, ଭତ୍ତା, ବ୍ୟାଙ୍କ ଜମା ଖାତା, ବିଦ୍ୟୁତ ଓ ପାନୀୟ ଜଳ ବ୍ୟବସ୍ଥା କରିଥିବା ଆନ୍ଧ୍ର ସରକାର ଏବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ



ଆନ୍ଧ୍ର ସହାୟତାରେ ହିତାଧିକାରୀ ଗୃହ ନିର୍ମାଣ ଆରମ୍ଭ କରିଛନ୍ତି।

୬ ଜଣ ହିତାଧିକାରୀଙ୍କୁ ସାମିଲ କରିଛି। ଗ୍ରାମର ମୁଶୁରି ଖରା, ହନ୍ତାଳ ସୁରେଶ, ପାଙ୍ଗି ରାଜୁ, ରାଜାରାଓ ହନ୍ତାଳ, ଏଙ୍କଟ ରାଓ ଖିଲ ଓ ଖରା ସୁବାସଙ୍କୁ ଗୃହ ନିର୍ମାଣ ଲାଗି କାର୍ଯ୍ୟାଦେଶ ଦେଇ ନିର୍ମାଣ ପାଇଁ ପ୍ରଥମ କିସ୍ତି ୪୦ ହଜାର ଟଙ୍କା ପ୍ରଦାନ କରିଛି। ଫଳରେ ସମ୍ପୃକ୍ତ ହିତାଧିକାରୀମାନେ ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ରାଇପାହାଡ ଗ୍ରାମରେ ବସବାସ କରୁଥିବା ୧୭ ପରିବାର ଅଭିଯୋଗ କରିଛନ୍ତି ଯେ, ଓଡ଼ିଶା ସରକାରଙ୍କ ପକ୍ଷରୁ ନନ୍ଦପୁର ବ୍ଲକ ପ୍ରଶାସନ ଆମ ୧୭ ପରିବାରକୁ ଆବାସ ଯୋଜନାରେ ସାମିଲ କରିବାକୁ କହି ବାରମ୍ବାର କାଗଜପତ୍ର ନେଇଥିଲେ। ଗ୍ରାମରେ ଆମେ ସମସ୍ତେ ସମାନ ଶ୍ରେଣୀର ଲୋକ ବସବାସ କରୁଛୁ। ମାତ୍ର ନନ୍ଦପୁର ବ୍ଲକ ପ୍ରଶାସନ ୩ ଜଣଙ୍କୁ ଆବାସ ଯୋଜନାରେ ସାମିଲ କରିଛନ୍ତି। ଓଡ଼ିଶା ସରକାର ଆମକୁ ଅଣଦେଖା କରୁଥିବା ବେଳେ ଆନ୍ଧ୍ର ସରକାର ଆମକୁ ଡାକି ଆବାସ ଯୋଜନାରେ ଗୃହ ଯୋଗାଇ ଦେଇଛି ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ଜିଲାପାଳଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ନନ୍ଦପୁର ବିଡିଓ ସୁଜିତ ମିଶ୍ର କହିଛନ୍ତି।

## ଦିନିକିଆ ବିଶ୍ୱକପ୍ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୫ ଅକ୍ଟୋବର | ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ | ଅହମଦାବାଦ |
| ୬ ଅକ୍ଟୋବର | ପାକିସ୍ତାନ ବନାମ କ୍ୱାଲିଫାୟର-୧ | ହାଇଦ୍ରାବାଦ |
| ୭ ଅକ୍ଟୋବର | ବାଂଲାଦେଶ ବନାମ ଆଫଗାନିସ୍ତାନ | ଧର୍ମଶାଳା |
| ୭ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ କ୍ୱାଲିଫାୟର-୨ | ଦିଲ୍ଲୀ |
| ୮ ଅକ୍ଟୋବର | ଭାରତ ବନାମ ଅଷ୍ଟ୍ରେଲିଆ | ଚେନ୍ନାଇ |
| ୯ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ କ୍ୱାଲିଫାୟର-୧ | ହାଇଦ୍ରାବାଦ |
| ୧୦ ଅକ୍ଟୋବର | ଇଂଲଣ୍ଡ ବନାମ ବାଂଲାଦେଶ | ଧର୍ମଶାଳା |
| ୧୧ ଅକ୍ଟୋବର | ଭାରତ ବନାମ ଆଫଗାନିସ୍ତାନ | ଦିଲ୍ଲୀ |
| ୧୨ ଅକ୍ଟୋବର | ପାକିସ୍ତାନ ବନାମ କ୍ୱାଲିଫାୟର-୨ | ହାଇଦ୍ରାବାଦ |
| ୧୩ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା | ଲକ୍ଷ୍ନୌ |
| ୧୪ ଅକ୍ଟୋବର | ଇଂଲଣ୍ଡ ବନାମ ଆଫଗାନିସ୍ତାନ | ଦିଲ୍ଲୀ |
| ୧୪ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ବାଂଲାଦେଶ | ଚେନ୍ନାଇ |
| ୧୫ ଅକ୍ଟୋବର | ଭାରତ ବନାମ ପାକିସ୍ତାନ | ଅହମଦାବାଦ |
| ୧୬ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ କ୍ୱାଲିଫାୟର-୨ | ଲକ୍ଷ୍ନୌ |
| ୧୭ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ କ୍ୱାଲିଫାୟର-୧ | ଧର୍ମଶାଳା |
| ୧୮ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ଆଫଗାନିସ୍ତାନ | ଚେନ୍ନାଇ |
| ୧୯ ଅକ୍ଟୋବର | ଭାରତ ବନାମ ବାଂଲାଦେଶ | ପୁଣେ |
| ୨୦ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ପାକିସ୍ତାନ | ବେଙ୍ଗାଲୁରୁ |
| ୨୧ ଅକ୍ଟୋବର | ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ମୁମ୍ବାଇ |
| ୨୧ ଅକ୍ଟୋବର | କ୍ୱାଲିଫାୟର-୧ ବନାମ କ୍ୱାଲିଫାୟର-୨ | ଲକ୍ଷ୍ନୌ |
| ୨୨ ଅକ୍ଟୋବର | ଭାରତ ବନାମ ନ୍ୟୁଜିଲାଣ୍ଡ | ଧର୍ମଶାଳା |
| ୨୩ ଅକ୍ଟୋବର | ପାକିସ୍ତାନ ବନାମ ଆଫଗାନିସ୍ତାନ | ଚେନ୍ନାଇ |
| ୨୪ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ | ମୁମ୍ବାଇ |
| ୨୫ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ କ୍ୱାଲିଫାୟର-୧ | ଦିଲ୍ଲୀ |
| ୨୬ ଅକ୍ଟୋବର | ଇଂଲଣ୍ଡ ବନାମ କ୍ୱାଲିଫାୟର-୨ | ବେଙ୍ଗାଲୁରୁ |
| ୨୭ ଅକ୍ଟୋବର | ପାକିସ୍ତାନ ବନାମ ଦକ୍ଷିଣ ଆଫ୍ରିକା | ଚେନ୍ନାଇ |
| ୨୮ ଅକ୍ଟୋବର | କ୍ୱାଲିଫାୟର-୧ ବନାମ ବାଂଲାଦେଶ | କୋଲକାତା |
| ୨୮ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ନ୍ୟୁଜିଲାଣ୍ଡ | ଧର୍ମଶାଳା |
| ୨୯ ଅକ୍ଟୋବର | ଭାରତ ବନାମ ଇଂଲଣ୍ଡ | ଲକ୍ଷ୍ନୌ |
| ୩୦ ଅକ୍ଟୋବର | ଆଫଗାନିସ୍ତାନ ବନାମ କ୍ୱାଲିଫାୟର-୨ | ପୁଣେ |
| ୩୧ ଅକ୍ଟୋବର | ପାକିସ୍ତାନ ବନାମ ବାଂଲାଦେଶ | କୋଲକାତା |
| ୧ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ପୁଣେ |
| ୨ ନଭେମ୍ବର | ଭାରତ ବନାମ କ୍ୱାଲିଫାୟର-୨ | ମୁମ୍ବାଇ |
| ୩ ନଭେମ୍ବର | କ୍ୱାଲିଫାୟର-୧ ବନାମ ଆଫଗାନିସ୍ତାନ | ଲକ୍ଷ୍ନୌ |
| ୪ ନଭେମ୍ବର | ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ | ଅହମଦାବାଦ |
| ୪ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ପାକିସ୍ତାନ | ବେଙ୍ଗାଲୁରୁ |
| ୫ ନଭେମ୍ବର | ଭାରତ ବନାମ ଦକ୍ଷିଣ ଆଫ୍ରିକା | କୋଲକାତା |
| ୬ ନଭେମ୍ବର | ବାଂଲାଦେଶ ବନାମ କ୍ୱାଲିଫାୟର-୨ | ଦିଲ୍ଲୀ |
| ୭ ନଭେମ୍ବର | ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ | ମୁମ୍ବାଇ |
| ୮ ନଭେମ୍ବର | ଇଂଲଣ୍ଡ ବନାମ କ୍ୱାଲିଫାୟର-୧ | ପୁଣେ |
| ୯ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ କ୍ୱାଲିଫାୟର-୨ | ବେଙ୍ଗାଲୁରୁ |
| ୧୦ ନଭେମ୍ବର | ଦକ୍ଷିଣ ଆଫ୍ରିକା ବନାମ ଆଫଗାନିସ୍ତାନ | ଅହମଦାବାଦ |
| ୧୧ ନଭେମ୍ବର | ଭାରତ ବନାମ କ୍ୱାଲିଫାୟର-୧ | ବେଙ୍ଗାଲୁରୁ |
| ୧୨ ନଭେମ୍ବର | ଇଂଲଣ୍ଡ ବନାମ ପାକିସ୍ତାନ | କୋଲକାତା |
| ୧୨ ନଭେମ୍ବର | ଅଷ୍ଟ୍ରେଲିଆ ବନାମ ବାଂଲାଦେଶ | ପୁଣେ |
| ୧୫ ନଭେମ୍ବର | ସେମି ଫାଇନାଲ-୧ | ମୁମ୍ବାଇ |
| ୧୬ ନଭେମ୍ବର | ସେମି ଫାଇନାଲ-୨ | କୋଲକାତା |
| ୧୯ ନଭେମ୍ବର | ଫାଇନାଲ | ଅହମଦାବାଦ |

# ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଉଦ୍‌ଘାଟନୀ ମ୍ୟାଚ୍

**ମୁମ୍ବାଇ, ୨୭।୬ (ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ୍-୨୦୨୩କୁ ୧୦୦ ଦିନ ବାକି ରହିଥିବା ବେଳେ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ(ଆଇସିସି) ପକ୍ଷରୁ ପ୍ରକାଶ ପାଇଛି ଚୂଡାନ୍ତ କାର୍ଯ୍ୟସୂଚୀ। ବିଶ୍ୱର ସର୍ବବୃହତ୍ ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରୁ ଅକ୍ଟୋବର ୫ ତାରିଖରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ସହ ଟୁର୍ନାମେଣ୍ଟର ବିଗୁଲ ବାଜିବ। ଏହା ସହିତ ୧ ଲକ୍ଷ ୩୨ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମରେ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଅକ୍ଟୋବର ୧୫ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ହାଇ ଭୋଲ୍‌ଟେଜ୍ ମ୍ୟାଚ ମଧ୍ୟ ସମାନ ଷ୍ଟାଡିୟମରେ ଖେଳାଯିବ। ଅହମଦାବାଦରୁ ଆରମ୍ଭ ହୋଇ ଅହମଦାବାଦରେ ଏହି ଟୁର୍ନାମେଣ୍ଟ ସମାପିତ ହେବ। ଦୁଇଟି ସେମିଫାଇନାଲ ମୁମ୍ବାଇର ୱାଙ୍ଖଡେ ଓ କୋଲକାତାର ଇଡେନ୍ ଗାର୍ଡେନ୍ସରେ ଖେଳାଯିବ। ଅହମଦାବାଦ, ହାଇଦ୍ରାବାଦ, ଧର୍ମଶାଳା, ଦିଲ୍ଲୀ, ଚେନ୍ନାଇ, ଲକ୍ଷ୍ନୌ, ପୁଣେ, ବେଙ୍ଗାଲୁରୁ, ମୁମ୍ବାଇ ଓ କୋଲକାତା ଭଳି ୧୦ଟି ଭେନ୍ୟୁରେ ସମସ୍ତ ମ୍ୟାଚ୍ ଖେଳାଯିବ। ତେବେ ୱାର୍ମଅପ୍ ମ୍ୟାଚ୍‌ଗୁଡିକ ହାଇଦ୍ରାବାଦ, ଥିରୁଭାନନ୍ତପୁରମ୍ ଓ ଗୁଆହାଟୀରେ ଖେଳାଯିବ। ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୩ ତାରିଖ ମଧ୍ୟରେ ସମସ୍ତ ଅଭ୍ୟାସ ମ୍ୟାଚ୍ ଖେଳାଯିବ। ଘରୋଇ ମାଟିରେ ବିଶ୍ୱକପ ଖେଳୁଥିବା ଭାରତ ଅକ୍ଟୋବର ୮ରେ ଚେନ୍ନାଇରେ ଅଷ୍ଟ୍ରେଲିଆ ବିପକ୍ଷରୁ ନିଜର ଅଭିଯାନ ଆରମ୍ଭ କରିବ।

ଚଳିତ ବର୍ଷର ବିଶ୍ୱକପ୍‌ରେ ୧୦ ଦଳ ଅଂଶଗ୍ରହଣ କରୁଛନ୍ତି। ଆୟୋଜକ ଦେଶ ଭାବରେ ଭାରତ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ବାଂଲାଦେଶ, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ୨୦୨୦-୨୦୨୩ ବିଶ୍ୱକପ୍ ସୁପର ଲିଗ୍ ମାଧ୍ୟମରେ ସିଧାସଳଖ ଯୋଗ୍ୟତା ହାସଲ କରିଛନ୍ତି। ଜିମ୍ବାୱେରେ ଅନୁଷ୍ଠିତ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରୁ ବାକି ୩ଟି ଦଳ ଯୋଗ୍ୟତା ଅର୍ଜନ କରିବେ। ଚଳିତ ବିଶ୍ୱକପ୍‌ରେ ସମୁଦାୟ ୪୮ ମ୍ୟାଚ୍ ଖେଳାଯିବ। ଦୁଇଟି ସେମିଫାଇନାଲ ଓ

## ବିଶ୍ୱକପ୍ କାର୍ଯ୍ୟସୂଚୀ ଚୂଡ଼ାନ୍ତ
## ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଫାଇନାଲ

ଫାଇନାଲ ମୁକାବିଲାକୁ ବାଦ୍ ଦେଲେ ପ୍ରତ୍ୟେକ ଦଳ ପରସ୍ପର ସହିତ ରାଉଣ୍ଡ ରବିନ୍ ଲିଗ୍ ଅନୁସାରେ ୪୫ଟି ମ୍ୟାଚ୍ ଖେଳିବେ। ଶେଷ ଥର ପାଇଁ ଭାରତରେ ୨୦୧୧ ବିଶ୍ୱକପ୍ ଖେଳା ଯାଇଥିଲା। ଶ୍ରୀଲଙ୍କା ଓ ବାଂଲାଦେଶ ସହିତ ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜନ ହୋଇଥିବା ବେଳେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ୨୮ ବର୍ଷ ପରେ ଟ୍ରଫି ଜିତିଥିଲା ଭାରତ।

**୯ ଭେନ୍ୟୁରେ ଖେଳିବ ଭାରତ:** ଚଳିତ ବିଶ୍ୱକପ୍‌ରେ ସମୁଦାୟ ୧୦ ଭେନ୍ୟୁ ରହିଥିବା ବେଳେ ଭାରତୀୟ ଦଳ ଏହା ମଧ୍ୟରୁ ୯ଟି ଭେନ୍ୟୁରେ ଖେଳିବ । ଅଷ୍ଟ୍ରେଲିଆ, ଆଫଗାନିସ୍ତାନ ଓ ପାକିସ୍ତାନ ବିପକ୍ଷରେ ଦଳ ଏହାର ପ୍ରଥମ ୩ ମ୍ୟାଚ୍ ଖେଳିବ । ୧୨ ବର୍ଷ ଧରି ଆଇସିସି ଇଭେଣ୍ଟରେ ଟାଇଟଲ ଶୂନ୍ୟ ରହିଥିବା ଭାରତ ରୋହିତ ଶର୍ମାଙ୍କ ନେତୃତ୍ୱରେ ଏହା ଭାଙ୍ଗିବାକୁ ପ୍ରୟାସ କରିବ । ଟାଇବିଶ୍ୱକପରେ ଅଷ୍ଟ୍ରେଲିଆ ଅନ୍ୟତମ ଶକ୍ତିଶାଳୀ ଦଳ ରହିଥିବା ବେଳେ ସର୍ବାଧିକ ଥର ଟାଇଟଲ ମଧ୍ୟ ଜିତିଛି। ଆଫଗାନିସ୍ତାନର ସ୍ପିନ୍ ବିଭାଗ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଆକ୍ରମଣ ହୋଇଥିବା ବେଳେ ପାକିସ୍ତାନ ବିପକ୍ଷରେ ମଧ୍ୟ ଦଳ ଆଉ ଅପରାଜେୟ ନାହିଁ। ଘରୋଇ ମାଟିରେ ପାକିସ୍ତାନ ବିପକ୍ଷରେ ଭାରତକୁ ଏହାର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପଡିବ ।



ମୁମ୍ବାଇଠାରେ ମଙ୍ଗଳବାର ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ କାର୍ଯ୍ୟସୂଚୀ ଘୋଷଣା କାର୍ଯ୍ୟକ୍ରମ ଅବସରରେ ଟ୍ରଫି ସହ ଭାରତର ବୀରେନ୍ଦ୍ର ସେହ୍ୱାଗ ଓ ଶ୍ରୀଲଙ୍କାର ମୁଥୟା ମୁରଲୀଧରନ।


ଭାରତୀୟ ଦଳରେ ସାମିଲ ହୋଇ ଅନେକଙ୍କୁ ବିସ୍ମିତ କରିଥିବା ଓଡ଼ିଶା ଆଦିତ୍ୟ ବିର୍ଲା ଗଗନ ନାରଙ୍ଗ ଶୁଟିଂ ଏଚ୍‌ପିସି ଆଥଲେଟ୍ ମାନ୍ୟତା ସିଂ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି।

## ଆଣ୍ଡ୍ରିଆ ଗଡେଞ୍ଜି ଚେୟାରମ୍ୟାନ ପୁନଃ ନିର୍ବାଚିତ

**ଲଣ୍ଡନ, ୨୭।୬ (ଏପି):** ଆଣ୍ଡ୍ରିଆ ଗଡେଞ୍ଜି କ୍ରମାଗତ ଦ୍ୱିତୀୟ ଥର ପାଇଁ ଏଟିପି ପୁରୁଷ ଟେନିସ ଟୁର୍‌ର ଚେୟାରମ୍ୟାନ ଭାବେ ପୁନଃନିର୍ବାଚିତ ହୋଇଛନ୍ତି। ଏହି ପଦବୀରେ ସେ ୨୦୨୬ ପର୍ଯ୍ୟନ୍ତ ରହିବେ। ଗଡେଞ୍ଜି ହେଉଛନ୍ତି ଜଣେ ପୂର୍ବତନ ପେସାଦାର ଖେଳାଳି। ସେ ୨୦୨୦ ଜାନୁୟାରୀରେ ପ୍ରଥମ ଥର ଏଟିପି ପୁରୁଷ ଟୁର୍ ଚେୟାରମ୍ୟାନ ଭାବେ ନିର୍ବାଚିତ ହୋଇଥିଲେ। ଗଡେଞ୍ଜିଙ୍କ କାର୍ଯ୍ୟକାଳ ସମୟରେ ୫୦-୫୦ ପ୍ରଫିଟ୍ ଶେୟାରିଂ ଫର୍ମୁଲା କାର୍ଯ୍ୟକାରୀ କରାଯାଇଥିଲା। ଏହାଫଳରେ ୨୦୨୩ରେ ଏଟିପି ଟୁର୍ ଓ ଲୋୟର ଟୁର୍‌ରେ ପୁରସ୍କାର ରାଶି ୩୭.୫ ନିୟୁତ ଡଲାର ବୃଦ୍ଧି ଘଟିଥିଲା।

## ଲେନି, ଆମେଙ୍କ ସହ ଓଏଫ୍‌ସିର ଚୁକ୍ତି

**ଭୁବନେଶ୍ୱର, ୨୭।୬**
**(ସରୋଜ ଜେନା)**

ଓଡ଼ିଶା ଫୁଟବଲ୍ କ୍ଲବ୍(ଓଏଫ୍‌ସି) ପକ୍ଷରୁ ଆସନ୍ତା ସିଜନ ପାଇଁ ମିଡଫିଲ୍ଡର ଲେନି ରୋଡ୍ରିଗ୍ସେଜ ଓ ଡିଫେଣ୍ଡର ଆମେ ରଣାୱ୍ଡେଙ୍କ ସହ ଚୁକ୍ତି ସ୍ୱାକ୍ଷର କରାଯାଇଛି। ମଙ୍ଗଳବାର ଲେନିଙ୍କ ସହିତ ଏକବର୍ଷର ଚୁକ୍ତି ସ୍ୱାକ୍ଷର ହୋଇଥିବା ବେଳେ ଏକ ବର୍ଷର ଅପ୍‌ସନ ରହିଛି। ଅନ୍ୟ ପକ୍ଷରେ ଆମେଙ୍କୁ ଏକ ବର୍ଷ ପାଇଁ ମୁମ୍ବାଇ ସିଟି ଏଫ୍‌ସିରୁ ଲୋନ୍‌ରେ ଆଣିଛି ଓଏଫ୍‌ସି।

ଲେନିଏକାଧିକ କ୍ଲବ ପାଇଁ ଖେଳିଥିବା ବେଳେ ଆଇଏସଏଲ୍ ଟାଇଟଲ ମଧ୍ୟ ଜିତି ସାରିଛନ୍ତି। ଭାରତ ପାଇଁ ଖେଳି ସାରିଥିବା ଲେନି ଚର୍ଚ୍ଚିଲ ବ୍ରଦର୍ସରୁ କ୍ୟାରିୟର ଆରମ୍ଭ କରିଥିବା ବେଳେ ପରବର୍ତ୍ତୀ ସମୟରେ ଡେମ୍ପୋ, ବେଙ୍ଗାଲୁରୁ ଏଫ୍‌ସି, ଏଟିକେ ମୋହନ ବାଗାନ ଓ ଏଫ୍‌ସି ଗୋଆ ପାଇଁ ଖେଳିଛନ୍ତି। ଏଫ୍‌ସି ଗୋଆ ପକ୍ଷରୁ ସେ ସୁପର୍ କପ୍ ଜିତିଥିବାବେଳେ ଦୁଇ ଦୁଇ ଥର ଆଇ ଲିଗ୍, ଥରେ ଲେଖାଏ ଆଇଏସ୍‌ଏଲ, ଫେଡେରେଶନ କପ୍ ଓ ଡୁରାଣ୍ଡ କପ୍ ବିଜୟୀ ହୋଇଛନ୍ତି। ଲେନିଙ୍କ ଉପସ୍ଥିତିରେ ଦଳର ମିଡଫିଲ୍ଡ ଆକ୍ରମଣ ଅଧିକ ଶକ୍ତିଶାଳୀ ହେବ। ଅନ୍ୟ ପକ୍ଷରେ ମୁମ୍ବାଇ ସିଟି ଏଫ୍‌ସିର ଆମେ ରଣାୱ୍ଡେଙ୍କ ଯୋଗଦାନ ଫଳରେ ଦଳର ଡିଫେନ୍ସ ଆହୁରି ଦୃଢ ହେବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ୨୦୨୦-୨୧ରେ ମୁମ୍ବାଇର ଆଇଏସ୍‌ଏଲ ବିଜୟରେ ଆମେଙ୍କ ପ୍ରମୁଖ ଯୋଗଦାନ ରହିଥିଲା।



ଲେନି ରୋଡ୍ରିଗ୍ସେଜ



ଆମେ ରଣାୱ୍ଡେ

# ନୂଆ ମିଟ୍ ରେକର୍ଡରେ ରେକର୍ଡ

### ରାଜ୍ୟ ଆଥ୍‌ଲେଟିକ୍ସ ମିଟ୍

**ଓଡ଼ିଶା ରାଜ୍ୟ ଆଥଲେଟିକ୍ସ ମିଟ୍‌ର ୬୯ତମ ସଂସ୍କରଣ ନିକଟରେ ଶେଷ ହୋଇଛି। ଏଥର ରେକର୍ଡ ସଂଖ୍ୟକ ୪୧ଟି ନୂଆ ମିଟ୍ ରେକର୍ଡ ସୃଷ୍ଟି ହୋଇଛି। ୩ ପ୍ରତିଯୋଗୀ ୨ଟି ଲେଖାଏ ଇଭେଣ୍ଟରେ ମିଟ୍ ରେକର୍ଡ କରିବାର ସୌଭାଗ୍ୟ ପାଇଛନ୍ତି। ଏମାନେ ହେଲେ କଟକର ଓଁକାର ପ୍ରସାଦ ନନ୍ଦ, ଭୁବନେଶ୍ୱରର ଲକ୍ଷ୍ମୀପ୍ରୀୟା କିଷାନ ଓ କଳାହାଣ୍ଡିର ଡି. ଏମ. ଜୟରାମ।**

**ଭୁବନେଶ୍ୱର, ୨୭।୬**
**(ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଆଥ୍‌ଲେଟିକ୍ସ ମିଟ୍‌ର ୬୯ତମ ସଂସ୍କରଣ ଗତ ରବିବାର ଶେଷ ହୋଇଛି। କିଟ୍ ଓ କିସ୍ ପରିସରରେ ଥିବା ଦୂତୀ ଚାନ୍ଦ ଆଥ୍‌ଲେଟିକ୍ସ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୭୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏଥରର ଏହି ମିଟ୍ ଅନେକ ଦୃଷ୍ଟିକୋଣରୁ ସ୍ମରଣୀୟ ହୋଇଛି। ଓଡ଼ିଶା ଆଥ୍‌ଲେଟିକ୍ସ ଇତିହାସରେ ପ୍ରଥମଥର ପାଇଁ ୪୧ଟି ନୂଆ ମିଟ୍ ରେକର୍ଡ ସୃଷ୍ଟି ହୋଇଛି। ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ୩୨ ପଏଣ୍ଟ ପାଇ ଭୁବନେଶ୍ୱର ଗ୍ରୁପ୍ ଚାମ୍ପିୟନ ହୋଇଛି। ସେହିପରି ୧୪ ବର୍ଷରୁ କମ୍ ବାଳକରେ କେନ୍ଦୁଝର ୧୮, ୧୬ ବର୍ଷରୁ କମ୍ ବାଳିକାରେ ଜଗତ୍‌ସିଂହପୁର ୩୫, ୧୬ ବର୍ଷରୁ କମ୍ ବାଳକରେ ଭୁବନେଶ୍ୱର ୩୫, ୧୮ ବର୍ଷରୁ କମ୍ ବାଳିକାରେ ସୁନ୍ଦରଗଡ଼ ୧୦୫, ୧୮ ବର୍ଷରୁ କମ୍ ବାଳକରେ କଟକ ୮୫, ୨୦ ବର୍ଷରୁ କମ୍ ବାଳିକାରେ ସୁନ୍ଦରଗଡ଼ ୬୫, ୨୦ ବର୍ଷରୁ କମ୍ ବାଳକରେ କଟକ ୯୧, ୨୩ ବର୍ଷରୁ କମ୍ ବାଳକରେ କଟକ ୬୯, ୨୩ ବର୍ଷରୁ କମ୍ ବାଳିକାରେ କଟକ ୬୮, ମହିଳାରେ ଓଡ଼ିଶା ପୋଲିସ ୩୨ ଓ ପୁରୁଷରେ କଟକ ୯୦ ପଏଣ୍ଟ ପାଇ ଗ୍ରୁପ୍‌ରେ ଶୀର୍ଷସ୍ଥାନ ଅଧିକାର କରିଛି। ଓଭରଅଲ୍ ଦେଖିବାକୁ ଗଲେ କଟକ ୬୦୨ ପଏଣ୍ଟ ସହିତ ଦଳଗତ ଚାମ୍ପିୟନ ଏବଂ ସୁନ୍ଦରଗଡ଼ ୪୦୭ ପଏଣ୍ଟ ପାଇ ରନରଅପ୍ ହୋଇଛି।

ଚାରି ଦିନ ବିଶିଷ୍ଟ ପ୍ରତିଯୋଗିତାରେ ପ୍ରଦର୍ଶନ ଅନୁସାରେ ପ୍ରଥମ ଦିବସରେ ଜଣେ ପ୍ରତିଯୋଗୀ ନୂଆ ମିଟ୍ ରେକର୍ଡର ଅଧିକାରୀ ହୋଇଥିବାବେଳେ କେବଳ ଦ୍ୱିତୀୟ ଦିବସରେ ୧୯ ଆଥ୍‌ଲେଟ ରେକର୍ଡ ଭାଙ୍ଗିଥିଲେ। ତୃତୀୟ ଦିବସରେ ଏହି ସଂଖ୍ୟା ୯ରେ ସୀମିତ ରହିଥିବାବେଳେ ୪ର୍ଥ ତଥା ଅନ୍ତିମ ଦିବସରେ ୧୨ଟି ନୂଆ ମିଟ୍ ରେକର୍ଡ ସୃଷ୍ଟି ହୋଇଥିଲା। ୩ ପ୍ରତିଯୋଗୀ ୨ଟି ଲେଖାଏ ଇଭେଣ୍ଟରେ ନୂଆ ମିଟ୍ ରେକର୍ଡ କରିବାର ସୌଭାଗ୍ୟପ୍ରାପ୍ତ ହୋଇଥିଲେ। ଏମାନେ ହେଲେ କଟକର ଓଁକାର ପ୍ରସାଦ ନନ୍ଦ, ଭୁବନେଶ୍ୱରର ଲକ୍ଷ୍ମୀପ୍ରିୟା କିଷାନ ଓ କଳାହାଣ୍ଡିର ଡି. ଜୟରାମ। ଓଁକାର ୧୮ ବର୍ଷରୁ କମ୍ ବାଳକ ବର୍ଗର ଶଟ୍‌ପୁଟ୍ ଓ ହାମର ଥ୍ରୋରେ, ଲକ୍ଷ୍ମୀପ୍ରିୟା ୨୦ ବର୍ଷରୁ କମ୍ ବାଳିକା ୮୦୦ ମିଟର ରେସ୍ ଓ ୧୫୦୦ ମିଟର ରେସ୍ ଏବଂ ଜୟରାମ ୨୦ ବର୍ଷରୁ କମ୍ ବାଳକ ୧୦୦ ମିଟର ଓ ୨୦୦ ମିଟର ରେସ୍‌ରେ ଏହି କୃତିତ୍ୱ ଅର୍ଜନ କରିଥିଲେ।


ଓଁକାର ପ୍ରସାଦ ନନ୍ଦ



ଡି. ଏମ୍. ଜୟରାମ


ଲକ୍ଷ୍ମୀପ୍ରିୟା କିଷାନ

## ପ୍ରତିଯୋଗୀଙ୍କ କୃତିତ୍ୱ

| ଆଥ୍‌ଲେଟଙ୍କ ନାମ | ଇଭେଣ୍ଟ | ଗ୍ରୁପ୍ | ପ୍ରତିନିଧିତ୍ୱ | ପୂର୍ବ ରେକର୍ଡ | ନୂଆ ରେକର୍ଡ |
|---|---|---|---|---|---|
| ଓଁକାର ପ୍ରସାଦ ନନ୍ଦ | ଶଟ୍‌ପୁଟ୍ | -୧୮ବାଳକ | କଟକ | ୧୪.୫୨ମି. | ୧୭.୫୨ମି. |
| ଅଙ୍କିତା ମହାପାତ୍ର | ହାମର ଥ୍ରୋ | -୧୮ବାଳିକା | କଟକ | ୨୮.୩୭ମି. | ୪୪.୮୩ମି. |
| ସବିତା ଟପ୍ପୋ | ୧୦୦ମି. ହର୍ଡଲ୍ସ | -୨୦ବାଳିକା | ସୁନ୍ଦରଗଡ଼ | ୧୪.୮୦ସେ. | ୧୪.୦୬ସେ. |
| ତୁଳସୀ ମାଝି | ୮୦ମି. ହର୍ଡଲ୍ସ | -୧୬ବାଳିକା | ଭୁବନେଶ୍ୱର | ୧୪.୭ସେ. | ୧୩.୦୬ସେ |
| ଚିରଞ୍ଜୀବ ସିଂ | ଶଟ୍‌ପୁଟ୍ | -୨୩ବାଳକ | କଟକ | ୧୨.୭୬ମି. | ୧୩.୭୩ମି. |
| ହରି ବେହେରା | ଶଟ୍‌ପୁଟ୍ | ପୁରୁଷ | କଟକ | ୧୫.୦୭ମି. | ୧୫.୪୪ମି. |
| ମନୀଷା ମେରେଲ | ଲଙ୍ଗଜମ୍ପ | -୨୩ବାଳିକା | ଭୁବନେଶ୍ୱର | ୫.୬୫ମି. | ୫.୮୩ମି. |
| ସ୍ୱାଧୀନ ମାଝି | ହାଇଜମ୍ପ | ପୁରୁଷ | ଅନୁଗୋଳ | ୨.୦୭ମି. | ୨.୧୨ମି. |
| ଲକ୍ଷ୍ମୀପ୍ରିୟା କିଷାନ | ୮୦୦ମି. ରେସ୍ | -୨୦ବାଳିକା | ଭୁବନେଶ୍ୱର | ୨:୧୮.୯ସେ | ୨:୧୮.୪ସେ |
| ସୁସ୍ମିତା ଟିଗା | ୮୦୦ମି. ରେସ୍ | -୨୩ ବାଳିକା | ସୁନ୍ଦରଗଡ଼ | ୨:୩୩.୮ସେ. | ୨:୨୪.୪ସେ. |
| ମଙ୍ଗଳ ସିଙ୍କୁ | ୮୦ମି. ହର୍ଡଲ୍ସ | -୧୬ବାଳକ | ସୁନ୍ଦରଗଡ଼ | ୧୨.୬ସେ. | ୧୧.୧ସେ. |
| ପ୍ରତୀକ ମହାରଣା | ୧୦୦ମି. ରେସ୍ | -୧୮ବାଳକ | ବରଗଡ଼ | ୧୦.୭୫ସେ. | ୧୦.୭୨ସେ. |
| ଅର୍ପିତା ପଣ୍ଡା | ହାମର ଥ୍ରୋ | -୨୩ବାଳିକା | ରାଉରକେଲା | ୨୪.୬୪ମି. | ୩୨.୬୪ମି. |
| ଦିବ୍ୟା ସାଣ୍ଡିଲ୍ୟ | ହାମର ଥ୍ରୋ | ମହିଳା | ପାରାଦୀପ | ୫୦.୮୫ମି. | ୫୫.୬୦ମି. |
| ଓଁକାର ପ୍ରସାଦ ନନ୍ଦ | ହାମର ଥ୍ରୋ | -୧୮ବାଳକ | କଟକ | ୪୮.୪୨ମି. | ୫୫.୬୦ମି. |
| ଡି.ଏମ.ଜୟରାମ | ୧୦୦ମି. ରେସ୍ | -୨୦ବାଳକ | କଳାହାଣ୍ଡି | ୧୦.୬୨ସେ. | ୧୦.୫୦ସେ. |
| ଲାଲୁ ପ୍ରସାଦ ଭୋଇ | ୧୦୦ମି. ରେସ୍ | -୨୩ବାଳକ | କିଟ୍ | ୧୦.୭୦ସେ. | ୧୦.୪୪ସେ. |
| ଅଶୋକ ଦଣ୍ଡସେନା | ୧୫୦୦ମି. ରେସ୍ | ପୁରୁଷ | ଓଡ଼ିଶା ପୋଲିସ | ୩:୫୮.୭ସେ. | ୩:୫୭.୩ସେ. |
| ସୁସ୍ମିତା ଟିଗା | ୧୫୦୦ମି. ରେସ୍ | -୨୩ ବାଳିକା | ସୁନ୍ଦରଗଡ଼ | ୫:୦୦.୯ସେ. | ୪:୫୦.୮ସେ. |
| ଲକ୍ଷ୍ମୀପ୍ରିୟା କିଷାନ | ୧୫୦୦ମି. ରେସ୍ | -୨୦ବାଳିକା | ଭୁବନେଶ୍ୱର | ୪:୫୦.୨ସେ. | ୪:୪୮.୬ସେ. |
| ଦୁର୍ଗା ଚରଣ କିସ୍କୋ | ପୋଲଭଲ୍ଟ | -୨୦ବାଳକ | ଅନୁଗୋଳ | ୩.୨୦ମି. | ୩.୭୦ମି. |
| ସନାତନ ପୁର୍ତ୍ତି | ହେକ୍ସାଥଲନ | -୧୬ବାଳକ | କଟକ | ୨୭୧୦ପ. | ୩୪୧୫ପ. |
| ମେରୀ ମୁକ୍ତା ସୋରେଙ୍ଗ | ଟ୍ରିପଲ ଜମ୍ପ | -୨୦ବାଳିକା | ସୁନ୍ଦରଗଡ଼ | ୧୧.୪୯ମି. | ୧୧.୯୨ମି. |
| ସୁରସ୍ମିତା ବାଗର | ଟ୍ରିପଲ ଜମ୍ପ | ମହିଳା | ବରଗଡ଼ | ୧୧.୭୯ମି. | ୧୧.୮୧ମି. |
| ଦେବରାଜ ସିଂ | ପୋଲଭଲ୍ଟ | -୨୩ବାଳକ | କେନ୍ଦ୍ରାପଡ଼ା | ୨.୯୦ମି. | ୨.୯୬ମି. |
| ଜିତା ପାତ୍ର | ୪୦୦ମି. ହର୍ଡଲ୍ସ | -୨୩ବାଳିକା | ସୋନପୁର | ୧:୧୯.୭ସେ | ୧:୧୨.୬ସେ. |
| କବିତା ମହନ୍ତ | ୬୦ମି. ରେସ୍ | -୧୪ବାଳିକା | ରାଉରକେଲା | ୮.୬୦ସେ. | ୮.୧୦ସେ. |
| ସୁରେଶ କୃଷିକା | ୬୦ମି. ରେସ୍ | -୧୪ବାଳକ | କୋରାପୁଟ | ୭.୬୦ସେ. | ୭.୫୦ସେ. |
| ତୁଳସୀ ବାଗ୍ | ୩୦୦ମି. ରେସ୍ | -୧୬ବାଳିକା | ସୁନ୍ଦରଗଡ଼ | ୪୬.୨୦ସେ. | ୪୫.୭୦ସେ. |
| ଅନ୍‌ମୋଲ କେର୍କେଟା | ୪୦୦ମି. ରେସ୍ | -୨୩ବାଳକ | ସୁନ୍ଦରଗଡ଼ | ୫୧.୬ସେ. | ୫୦.୦ସେ |
| ଟିକନ ନାୟକ | ୧୦୦୦୦ମି. ରେସ୍ | -୨୩ ବାଳକ | ନୟାଗଡ଼ | ୩୪:୫୨.୫ସେ. | ୩୪:୩୪.୮ସେ. |
| ଭୀମ ସର୍ଦ୍ଦାର | ୪୦୦ମି. ହର୍ଡଲ୍ସ | -୨୩ବାଳକ | ଯାଜପୁର | ୧:୦୦.୩ସେ. | ୫୫.୫ସେ. |
| ଅମନ ପାଣ୍ଡେ | ଡିସ୍‌କସ୍ | -୨୩ ବାଳକ | ଭୁବନେଶ୍ୱର | ୩୪.୨୦ମି. | ୩୪.୬୫ମି. |
| ଦୋଳମଣି ଚିରଗୁନ୍ | ଷ୍ଟିପଲଚେଜ୍ | -୧୮ବାଳକ | ଯାଜପୁର | ୬:୨୧.୧ସେ. | ୬:୧୮.୨୩ସେ. |
| ଅଶୋକ ଦଣ୍ଡସେନା | ଷ୍ଟିପଲଚେଜ୍ | ପୁରୁଷ | ଓଡ଼ିଶା ପୋଲିସ | ୯:୨୭.୯ସେ. | ୯:୨୭.୭ସେ. |
| ଆଂଶିକା ରାଉତରାୟ | ଶଟ୍‌ପୁଟ୍ | -୨୦ବାଳିକା | କିଟ୍ | ୧୦.୮୫ମି. | ୧୧.୮୩ମି. |
| ଆର୍ଯ୍ୟନ ଏକ୍କା | ୨୦୦ମି. ରେସ୍ | -୨୩ବାଳକ | ସୁନ୍ଦରଗଡ଼ | ୨୨.୩ସେ. | ୨୧.୬ସେ. |
| ସୁଖୀ ବାସ୍କେ | ୨୦୦ମି.ରେସ୍ | -୨୩ବାଳିକା | ଭୁବନେଶ୍ୱର | ୨୫.୭ସେ. | ୨୫.୩ସେ. |
| ଡି.ଏମ୍.ଜୟରାମ | ୨୦୦ମି. ରେସ୍ | -୨୦ବାଳକ | କଳାହାଣ୍ଡି | ୨୨.୦ସେ. | ୨୧.୪ସେ. |
| ସୁନାରାମ ମୁର୍ମୁ | ଜାଭେଲିନ ଥ୍ରୋ | -୨୩ବାଳକ | ମୟୂରଭଞ୍ଜ | ୫୬.୩୨ମି. | ୬୯.୬୫ମି. |
| ଲିପ୍‌ତି କଡ୍ରାକା | ଶଟ୍‌ପୁଟ୍ | -୨୩ବାଳିକା | କିଟ୍ | ୮.୭୫ମି. | ୯.୮୧ମି. |

# ସଅଳ ମୁଗଚାଷ



**ଆ**ଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇପିଏମ୍ ୦୨-୩, ଆଇପିଏମ୍ ୦୨-୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶୀ), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶୀ କାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ। ବିହନକୁ ଫିମ୍ପିନାଶକ ଓ ଜୀବାଣୁ କଲ୍‌ଚର ଉପଚାରକରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପିଏସ୍‌ବି) ସହିତ ଗୋଳାଇ ବୁଣନ୍ତୁ। ଘାସମରା ବିଷ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଳୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ। ଘାସମରା ବିଷ ପ୍ରୟୋଗ କରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ା ଖୋସା କରି ଘାସ ବାଛି ଦିଅନ୍ତୁ ।

# କୁକୁଡ଼ା ଘର ଯତ୍ନ

**କୁକୁଡ଼ା**ଘର ଭିତରକୁ ଶୁଖିଲା ରଖନ୍ତୁ । ପ୍ରତି ୧୦୦ ବର୍ଗଫୁଟରେ ୮ କି.ଗ୍ରା. ଚୂନ ପକାଇ ଦିଅନ୍ତୁ । କକ୍‌ସିଡିଆ ପ୍ରତିଷେଧକ ଔଷଧ ଦାନା କିମ୍ବା ପାଣିରେ ମିଶାଇ ଖାଇବାକୁ ଦିଅନ୍ତୁ । ରାଣୀକ୍ଷେତ, ଆଇବିଡି ରୋଗର ଟିକା ଯଥାକ୍ରମେ ୫ ରୁ ୭ ଦିନ ଓ ୧୨ ରୁ ୧୪ ଦିନ ବୟସର ବ୍ରଏଲର୍ କୁକୁଡ଼ାମାନଙ୍କୁ ଦିଅନ୍ତୁ । କୁକୁଡ଼ା ଘରର ଲିଟର / ତୃଣଶଯ୍ୟାକୁ ଓଦା ହେବାକୁ ଦିଅନ୍ତୁ ନାହିଁ ଏବଂ ପ୍ରତି ୩-୪ ଦିନ ବ୍ୟବଧାନରେ ଏହାକୁ ବଦଳାନ୍ତୁ ।



# ଆଖୁ କିଆରିରୁ ଜଳ ନିଷ୍କାସନ

**ଆଖୁ** କିଆରିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ । ଫସଲ ୪-୫ ମାସର ହୋଇଥିଲେ ଭେଳା ବନ୍ଧା କାମ କରନ୍ତୁ । ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ । ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକର ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍/କ୍ଲୋରୋଣ୍ଟ୍ରାନିଲିପ୍ରୋଲ୍ ୩୭୫ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ । ସଅଳ କାଣ୍ଡବିନ୍ଧା କୀଟକୁ ଦମନ କରିବା ପାଇଁ ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ । ପ୍ରତି କନ୍ଦାରେ ଫିପ୍ରୋନିଲ୍ ଦାନାଦାର ବିଷର ୩-୪ଟି ଦାନା ପ୍ରୟୋଗ କରନ୍ତୁ। ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।



# ଅନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତି

**ଅ**ନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ। ୧ ହେକ୍ଟର ଜମି ପାଇଁ ୨୫ ଡେସିମିଲି ଜମିରେ ତଳି ପକାନ୍ତୁ । ତଳି କିଆରିକୁ ଭଲ ଭାବରେ ଚାଷକରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ । ପଟାଳିଗୁଡ଼ିକର ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ୨ପଟାଳି ମଝିରେ ୩୦ ସେ.ମି. ଓସାର ନାଳ ଛାଡିବେ କାରଣ ସେହି ନାଳଦେଇ ବେଶି ବର୍ଷା ହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ । ତଳିଘରାରେ ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ୍ ଖାଦ୍ୟସାରକୁ ଭଲ ଭାବରେ ପଟାଳିଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ବ୍ୟବଧାନରେ ଧାଡ଼ି ଧାଡ଼ି କରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ । ବର୍ଷା ନ ହେଲେ ପଟାଳିରେ ପାଣି ଛିଞ୍ଚିବେ । ବିହନକୁ ଫିମ୍ପିନାଶକରେ ବିଶୋଧନକରି ପଟାଳିରେ ବୁଣନ୍ତୁ । ସହଳ କିସମର ଧାନତଳି ୨୦-୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫-୩୦ ଦିନର ହେଲେ ରୋଇ ଦିଅନ୍ତୁ । ବୁଣାଧାନ ୩୦-୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି.



ପାଣି ରଖି ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ। ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍‌ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଧଣିଚା ବୁଣାଯାଇଥିଲେ ହେକ୍ଟର ପ୍ରତି ୫୦୦ ଗ୍ରାମ୍ ୨, ୪-ଡି ସୋଡିୟମ୍ ସଲ୍‌ଟ ପ୍ରୟୋଗକରି ଧଣିଚା ମରିଗଲା ପରେ ଜମିରେ ଚାଷକରି ମାଟିରେ ମିଶାଇ ଦିଅନ୍ତୁ କିମ୍ବା ଧଣିଚାକୁ (ଫୁଲ ହେବା ପୂର୍ବରୁ) ସିଧା ସଳଖ ହଳ

## ଜୁଲାଇ ମାସର କୃଷି ସୂଚନା

ଦ୍ୱାରା ମାଟିରେ ମିଶାଇଦିଅନ୍ତୁ। ଏହା ଧଣିଚା ବୁଣାର ୬ ରୁ ୭ ସପ୍ତାହ ବେଳକୁ କରାଯାଏ। ଜୁଲାଇ ମଧ୍ୟଭାଗରୁ ଧାନ ରୋଇବା ଆରମ୍ଭ କରନ୍ତୁ । ଜମି କାଦୁଅ ପାଇଁ ଟ୍ରାକ୍ଟର ଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟରଚାଳିତ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇପାରିବେ । ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍ ତଳିଘରା କରି ତଳି ଉତାରନ୍ତୁ । ସଘନ ଧାନଚାଷ (ଶ୍ରୀ ପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ। ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡର ବ୍ୟବହାର କରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।

**ଚିନାବାଦାମ :** ମଞ୍ଜିକୁ ଫିମ୍ପିନାଶକ (ଟେବୁକୋନାଜୋଲ୍ ଏସ୍‌ଡିସି ୩ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ଓ ରାଇଜୋବିୟମ କଲ୍‌ଚର ୧୦ କି.ଗ୍ରା. ମଞ୍ଜି ପ୍ରତି ୨୦୦ ଗ୍ରାମ୍ ହିସାବରେ ଉପଚାର କରାଇ ପ୍ରଥମ ସପ୍ତାହ ମଧ୍ୟରେ ବୁଣି ଦିଅନ୍ତୁ । ବୁଣିବାର ୧ ସପ୍ତାହ ପୂର୍ବରୁ ଫିମ୍ପିନାଶକ ଏବଂ ବୁଣିବା ଦିନ ଜୀବାଣୁ କଲ୍‌ଚର ଉପଚାର କରନ୍ତୁ। ୩ ସପ୍ତାହର ଫସଲ ହୋଇଥିଲେ କୋଡ଼ାଖୋସା କରି ଘାସ ବାଛି ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ ।

**ସୂର୍ଯ୍ୟମୁଖୀ ଓ ରାଶି :** ସୂର୍ଯ୍ୟମୁଖୀ ବିହନକୁ ଫିମ୍ପିନାଶକ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ଉପଚାର କରାଇ ଏ ମାସର ମଧ୍ୟଭାଗ ସୁଦ୍ଧା ବୁଣା କାର୍ଯ୍ୟ ଶେଷ କରନ୍ତୁ । ରାଶି ଗଛ ସଂଖ୍ୟା ଅଧିକ ଥିଲେ ୨ ସପ୍ତାହ ମଧ୍ୟରେ ଆବଶ୍ୟକ ଗଛ ରଖି ବାକି ଗଛ ଉପାଡ଼ି ଦିଅନ୍ତୁ ଏବଂ ୨୦-୨୧ ଦିନରେ କୋଡ଼ାଖୋସା କରି ଘାସ ବାଛି ଅନୁମୋଦିତ ସାର ପ୍ରୟୋଗ କରନ୍ତୁ ।

**ଗୋପାଳନ :** ଗୁହାଳର ଭିତର ଓ ବାହାର ପରିଷ୍କାର ରଖନ୍ତୁ । ଫାଟୁଆ, ପ୍ଲିହା ଜ୍ୱର, ବଜବଜିଆ, ସାହାଣ ଆଦି ରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ବର୍ଷା ପୂର୍ବରୁ ଟିକା ଦିଅନ୍ତୁ । ଗୋରୁଙ୍କର ଝାଡ଼ା ପରୀକ୍ଷା କରି କୃମି ଔଷଧ ଦିଅନ୍ତୁ । ଗୁହାଳର କାନ୍ଥ, ଫାଙ୍କ ଓ କୋଣ ଜାଗାରେ କୀଟନାଶକ ସିଞ୍ଚନ କରନ୍ତୁ । ଗୁହାଳରୁ ବର୍ଜ୍ୟବସ୍ତୁ ଏବଂ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରନ୍ତୁ । ଗୁହାଳ ଚତୁଃପାର୍ଶ୍ୱରେ ଜଳ ଜମାହେବା ପାଇଁ ଦିଅନ୍ତୁ ନାହିଁ ।

**ମାଛଚାଷ :** ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲା ପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ । ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗକରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ । ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ । କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ୨ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ । ଫଳରେ ମାଛ ଉତ୍ପାଦନ କମିଯିବ । ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ ଟି ଜାତୀୟ ଏବଂ ୩ ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ । ସଘନ ମାଛଚାଷ ପାଇଁ ଏକ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ ।

**ମନେରଖନ୍ତୁ :** ଗୋଟିଏ ଜମିରେ ବାରମ୍ବାର ଗୋଟିଏ ଫସଲ ନ କରି ଫସଲ ପର୍ଯ୍ୟାୟ ଅବଲମ୍ବନ କରନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ତଥା ପରାଗ ସଙ୍ଗମକୁ କ୍ଷତି କରିବ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ପରାଶ୍ରୟୀ ପୋକମାନଙ୍କୁ ପ୍ରୟୋଗକରି କୀଟ ନିୟନ୍ତ୍ରଣ କରିବା ପାଇଁ କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର ସହ ଯୋଗାଯୋଗ କରନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା
କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର- ୩

# ଫଳଚାଷ ସମୟରେ...

**ଆ**ମ୍ବ, ନଡ଼ିଆ, ପିଜୁଳି, ସପେଟା, ଲିଚୁ, ପଣସ,ଅମୃତଭଣ୍ଡା, କମଳା, ଲେମ୍ବୁ ଆଦିର ଉନ୍ନତ ବା ସଙ୍କର କିସମ ଗଛ କିମ୍ବା କଲମୀ ଗଛ ଆଣି ଅନୁମୋଦିତ ପ୍ରଣାଳୀରେ ରୋପଣ କରନ୍ତୁ । କଲମୀ ଚାରାର ମାଆ ଗଛ ଅଂଶରୁ ବାହାରୁଥିବା ସମସ୍ତ ଗଜା ଡାଳକୁ ନଷ୍ଟ କରିଦିଅନ୍ତୁ । ଫଳ ବଗିଚାରୁ ଘାସ ଓ ଅନାବନା ଗଛ ନଷ୍ଟକରି ସଫାସୁତୁରା ରଖନ୍ତୁ। ପ୍ରଥମ ଦଫା ସାରକୁ ଏହି ସମୟରେ ଗଛମୂଳରେ ପ୍ରୟୋଗ କରନ୍ତୁ । ଦରକାର ଅନୁଯାୟୀ ଫଳ ଗଛରେ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟକୁ ପ୍ରଲେପ ଦିଅନ୍ତୁ । ଗଛ ମୂଳରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।



# ଅଣଧାନ ଫସଲ ଚାଷ

**ଧା**ନ ବଦଳରେ ଅଣଧାନ ଫସଲ ଯଥା ମକା-ବରଗୁଡ଼ି,ହରଡ଼,ବିରି,ମାଣ୍ଡିଆ, ଚିନାବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣୀ ଥିବା ଗଭୀର ଚେର,ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟ କରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ ଯଦ୍ୱାରା ମାଟିରେ ଅଧିକ ବର୍ଷା ପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗ ,ପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ଅମ୍ଳ ମାଟିରେ ଚୂନ,କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃ ଫସଲ କରନ୍ତୁ। ଡିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା- ମୁଗ ,ବିରି, ହରଡ଼,ମାଣ୍ଡିଆ,ମକା, ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ।

# ପନିପରିବା ଚାଷ

**ବା**ଇଗଣ, ଲଙ୍କାମରିଚ ଫସଲ ତଳି ପକାନ୍ତୁ । ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରସ୍ତୁତ କରିବେ। ତଳି ପ୍ରସ୍ତୁତି - ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ତଳି ପଟି ତିଆରି କରନ୍ତୁ । ୨ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ । ତଳି ପଟିର ଚାରିପଟୁ ମାଟି ନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ତଳି ପଟିରେ ୨-୩ ଝୁଡ଼ି ଗୁଣ୍ଡ ଖତ ଦେଇ ମାଟିରେ ମିଶାନ୍ତୁ । ତା'ପରେ ପ୍ରତି ତଳି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ । ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନ କରି ବୁଣନ୍ତୁ । ମଞ୍ଜି ବୁଣିବା ପରେ ଛଣ ବା ନଡ଼ା ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରୋପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନାହିଁ। ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ଛଣ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ । ତଳି ୨୫ ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନକରି ଜମିରେ ଲଗାନ୍ତୁ। ୧ ଏକର ବାଇଗଣ ଓ ଲଙ୍କାମରିଚ ଚାଷ ପାଇଁ ଉପରୋକ୍ତ ଆକାରର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ । ଅଧିକ ବର୍ଷାରୁ ତଳି ଘରାକୁ ରକ୍ଷା କରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ। ବାଇଗଣ ମଞ୍ଜି ହେକ୍ଟର ପ୍ରତି ୫୦୦ ଗ୍ରାମ୍ ଏବଂ ଲଙ୍କାମରିଚ ମଞ୍ଜି ହେକ୍ଟର ପ୍ରତି ୧ କି.ଗ୍ରା. ଆବଶ୍ୟକ । କଖାରୁ, ଜହ୍ନି, କାକୁଡ଼ି, କଲରା, ପୋଟଳ, ଛଚିନ୍ଦ୍ରା ଆଦି ଲଗା ସରିଥିଲେ କୋଡ଼ାଖୁସା କରି ପ୍ରଥମ କିସ୍ତି ସାର ଦେଇ ହୁଡ଼ା ଟେକି ରଞ୍ଜା ଦିଅନ୍ତୁ । ବର୍ଷାଦିନେ ଡଙ୍କ ଜାତୀୟ ଫସଲକୁ ତଳେ ମଡ଼ାନ୍ତୁ ନାହିଁ। ଭେଣ୍ଡି ଫସଲ କୋଡ଼ାଖୁସା କରି ସାର ଦେଇ ହୁଡ଼ା ଟେକନ୍ତୁ । ପନିପରିବା ଫସଲରେ ବର୍ଷାଜଳକୁ ଠିକ୍ ଭାବରେ ନିଷ୍କାସନ କରନ୍ତୁ ।



# ପ୍ରାଣୀଙ୍କ ରୋଗ ଓ ପ୍ରତିକାର

(ଶେଷ ଭାଗ)

**ବଜବଜିଆ ରୋଗ :** ଏହି ରୋଗ କ୍ଲଷ୍ଟ୍ରିଡିୟମ୍ ଚଉଭିଆଇ ନାମକ ଜୀବାଣୁ ଦ୍ୱାରା ହୋଇଥାଏ। ୪ମାସରୁ ୨ବର୍ଷର ଉତ୍ତମ ସ୍ୱାସ୍ଥ୍ୟବାନ୍ ବାଛୁରୀ ବା ଗୋରୁଙ୍କଠାରେ ଏହି ରୋଗର ପ୍ରାଦୁର୍ଭାବ ଦେଖାଦେଇଥାଏ । ଜଳବାୟୁର ଆର୍ଦ୍ରତା ଓ ଉତ୍ତାପ ବୃଦ୍ଧି, ଅତ୍ୟଧିକ ପୁଷ୍ଟିସାରଯୁକ୍ତ ଖାଦ୍ୟ ଖାଇ ଜୀର୍ଣ୍ଣ ନ ହୋଇ ଅଙ୍ଗାରକାମ୍ଳଯୁକ୍ତ ପରିବେଶ ପାକସ୍ଥଳୀରେ ସୃଷ୍ଟିହେବା, ଅତ୍ୟଧିକ ଶରୀରରେ ରୋଗ ପ୍ରତିରୋଧକାରୀ ଶକ୍ତିର ଅଭାବ ଯୋଗୁ ଏହି ରୋଗ ସହଜରେ ହୁଏ । ବାଛୁରୀର ଶାରୀରିକ ଉତ୍ତାପ ବୃଦ୍ଧି ୧୦୩ ଡିଗ୍ରୀ ଫାରେନ୍‌ହାଇଟ୍‌ରୁ ଉର୍ଦ୍ଧ୍ୱରେ ରହେ। ବାଛୁରୀର କ୍ଷୁଧା ସହ ହଜମ ପ୍ରକ୍ରିୟା କମିଯାଏ । ଆଗଗୋଡ଼ର ଉପର ଅଂଶ କିମ୍ବା ପଛଗୋଡ଼ର ଚଟୁଆ ଅଂଶ ଖୁବ୍‌ଶୀଘ୍ର ଫୁଲିଯାଏ । ଏହି ଫୁଲାରେ ଗ୍ୟାସ୍ ସୃଷ୍ଟି ଯୋଗୁ ଏହାକୁ ହାତରେ ଚିପିଲେ 'କଡ଼କଡ଼' ଶବ୍ଦ ହୁଏ ଏବଂ ଶେଷରେ ବାଛୁରୀ ୨୪-୨୮ଘଣ୍ଟା ମଧ୍ୟରେ ମୃତ୍ୟୁବରଣ କରେ। ରୋଗ ଆରମ୍ଭରେ ଚିକିତ୍ସା କଲେ ବାଛୁରୀ ବଞ୍ଚିବାର ଆଶା ଅଧିକ ଥାଏ । ଆଣ୍ଟିବାଓଟିକ୍ସ ଯଥା - ଅକ୍ସଟେଟ୍ରା ସାଇକ୍ଲିନ୍, କ୍ଲୋରେଫେନିକଲ, କ୍ଲାଇଣ୍ଡୋ ମାଇସନ୍, କୋଟ୍ରିମାଜିନ, ଫର୍ଟିଫାଏଡ୍ ପ୍ରୋକେନ, ପେନ୍‌ସିଲିନ୍ (ଏଫ୍‌ପିପି)୨୦-୪୦ଲକ୍ଷ ଏକକ, ଅସ୍କିଭେଟ୍, ପାମ (ପ୍ରୋକେନ୍ ପେନ୍‌ସିଲିନ୍ ସରାଭାଇ) ଭେଟକ୍ଲକ୍ସ ଫର୍ଟ ଆଦି ଇଞ୍ଜେକ୍ସନ ସହ ଆଭିଲ, ଷ୍ଟିରଏଡ୍ ଔଷଧର ସାହାଯ୍ୟ ନିଆଗଲେ ରୋଗ ଶୀଘ୍ର ଭଲ ହୁଏ । ଅତ୍ୟଧିକ ଫୁଲା ପଡ଼ିଥିବା ମାଂସ ଭିତରେ ଘା' ସୃଷ୍ଟି ହେଲେ, ଏହି ସ୍ଥାନରୁ ସମସ୍ତ ଗ୍ୟାସ୍ ଓ ପାଣିଅଂଶ ବାହାରକରି ପ୍ରତିଦିନ ଡ୍ରେସିଂ କରିବା ଦରକାର । ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଅଳ୍ପ ବୟସ୍କ ୬ମାସରୁ ଊର୍ଦ୍ଧ୍ୱ ଏବଂ ୩ ବର୍ଷରୁ କମ୍ ଥିବା ସମସ୍ତ ବାଛୁରୀ ଓ ଗୋରୁଙ୍କୁ ବଜବଜିଆ ବା ବି.କ୍ୱିଭ୍ ଟିକା ଦେବା ଦରକାର ।

**ଫାଟୁଆ ରୋଗ :** ଏହା ଏକ ଭୂତାଣୁଜନିତ ସଂକ୍ରାମକ ରୋଗ ଏବଂ ସମସ୍ତ ଖୁରାଯୁକ୍ତ ପ୍ରାଣୀ ଯଥା-ଗୋରୁ, ମଇଁଷି, ଛେଳି, ମେଣ୍ଢା ଓ ଘୁଷୁରିଠାରେ ଦେଖାଦେଇଥାଏ । ରୋଗାକ୍ରାନ୍ତ ପ୍ରାଣୀଙ୍କ ଦେହର ଫୋଟକା, ପାଟିର ଲାଳ, ଦୁଗ୍ଧ ଓ ପରିସ୍ରାରେ ଏହି ରୋଗର ଭୂତାଣୁ ସାଧାରଣତଃ ଦେଖାଯାଆନ୍ତି । ଉକ୍ତ ରୋଗ ସାଧାରଣତଃ ପ୍ରାଣୀମାନଙ୍କ ଗୋଡ଼ର ଖୁରା ଓ ମୁହଁରେ ଦେଖାଯାଏ । ଏହି ରୋଗ ଭଲ ହେବା ପରେ ମଧ୍ୟ ଗାଈଙ୍କ ଦୁଗ୍ଧ ଦେବା ଓ ବଳଦମାନଙ୍କର କାର୍ଯ୍ୟଦକ୍ଷତା ହ୍ରାସ ପାଏ । ବର୍ତ୍ତମାନ ଫାଟୁଆରୋଗ ନିର୍ଦ୍ଦିଷ୍ଟ ଋତୁରେ ନ ହୋଇ ବର୍ଷତମାମ ବିଭିନ୍ନ ସ୍ଥାନରେ ଦେଖାଯାଉଛି । ଏହି ରୋଗରେ ଗୋରୁଙ୍କ ଶାରୀରିକ ଉତ୍ତାପ ୧୦୪-୧୦୬ ଡିଗ୍ରୀ ଫାରେନ୍‌ହାଇଟ୍‌କୁ ବୃଦ୍ଧିପାଏ । ହଠାତ୍ ଗାଈଙ୍କର କ୍ଷୀର ଦେବା ବନ୍ଦ ହୋଇଯାଏ । ଖୁରା ସନ୍ଧି, ପାଟି ମଧ୍ୟରେ ବିଭିନ୍ନ ଆକୃତିର ଫୋଟକାମାନ ହୋଇ ୨-୩ଦିନ ମଧ୍ୟରେ ଫାଟିଯାଏ ଓ ଘା'ରେ ପରିଣତ ହୁଏ । ବେଳେବେଳେ ଜିଭର ଉପର ଅଂଶ ଘା' ହୋଇ ଛିଡ଼ି ବାହାରି ଆସେ । ଗୋରୁ କିଛି ଖାଆନ୍ତି ନାହିଁ । ପାଟିରୁ ଅତିମାତ୍ରରେ ଲାଳ ବାହାରେ । ଖୁରାର ଉପର ଅଂଶ ଫୁଲିଯାଏ, ଗରମ ଲାଗେ ଓ ଯନ୍ତ୍ରଣାଦାୟକ ହୁଏ । ପ୍ରାଣୀ ଛୋଟାଏ । ବାଛୁରୀକୁ ରୋଗ ହେଲେ ହୃତ୍‌ପିଣ୍ଡରେ କ୍ଷତ ବା ପ୍ରଦାହ ସୃଷ୍ଟି ହେବା ଯୋଗୁ ମୃତ୍ୟୁବରଣ କରନ୍ତି । ଆକ୍ରାନ୍ତ ଗୋରୁର ଘା' ସୃଷ୍ଟି ହୋଇଥିବା ଖୁରା ଓ ପାଟିକୁ ୫-୧୦% ଖାଇବା ସୋଡ଼ା କିମ୍ବା ୦.୧% ପୋଟାସିୟମ ପରମାଙ୍ଗାନେଟ୍ ମିଶ୍ରିତ ଉଷୁମ ପାଣିରେ ଧୋଇଦେବା ଦରକାର । ଖୁରା ଓ ପାଦକୁ ଧୋଇସାରିବା ପରେ ହିମାକ୍ସ, ଏଣ୍ଟୋସେପ୍ ମଲମ କିମ୍ବା ନେବାସଲ୍‌ଫ, ନିଓସ୍ପୋରିନ୍ ପାଉଡର ଲଗାଇ ପାଟି ବାନ୍ଧିଦେବା ଦରକାର । ଗନ୍ଧକର୍ପୂର ନଡ଼ିଆତେଲ ଲଗାଇଲେ ମାଛି ବସି ଘା'ରେ ପୋକ ହେବାର ଭୟ ନ ଥାଏ । ପାଟିରେ ଘା' ହୋଇଥିଲେ ୧-୨% ବୋରୋଗ୍ଲିସେରିନ୍ ତରଳ ପାଟିର ତାଳୁ ଓ ଜିଭ ଆଦି ସ୍ଥାନରେ ଲଗାଇବା ଦରକାର। ଗୋଡ଼ ଖୁରା ଉପରେ ଫୁଲିଥିଲେ କିମ୍ବା ପାଟି ବା ଜିଭରେ ଘା' ସୃଷ୍ଟି ହୋଇଥିଲେ ଆଣ୍ଟିବାଓଟିକ୍ସ ଇଞ୍ଜେକଶନ ଅତିକମ୍‌ରେ ୩ ଦିନ ପର୍ଯ୍ୟନ୍ତ ଦିଆଯିବା ଦରକାର।



ପ୍ରତ୍ୟେକ ପ୍ରାଣୀକୁ ବର୍ଷରେ ୨ଥର ପ୍ରତିଷେଧକ ଏଫ୍‌ଏମ୍‌ଡି ଟିକା ଦିଆଯିବା ଦରକାର । ଗୋରୁଙ୍କୁ ଫାଟୁଆ ହେଲେ ସୁସ୍ଥ ଗୋରୁଠାରୁ ଦୂରେଇ ରଖନ୍ତୁ ଏବଂ ଗୋରୁଙ୍କୁ ଡାକ୍ତରଖାନା ଆଣି ଚିକିତ୍ସା କରିବା ପରିବର୍ତ୍ତେ ଘରୋଇ ଭାବେ ଚିକିତ୍ସା କରନ୍ତୁ।

**ଗାଈଙ୍କ ବସନ୍ତ :** ଏହା ଏକ ଭୂତାଣୁଜନିତ ରୋଗ ଓ ଦୁଧିଆଳୀ ଗାଈଙ୍କଠାରେ ଅଧିକାଂଶ ଭାବରେ ଦେଖାଦେଇଥାଏ। ଏହି ରୋଗର ଭୂତାଣୁ ବସନ୍ତ ରୋଗ ଭଳି ଗୋରୁଙ୍କଠାରେ କେବଳ ପହ୍ନାର ଚମଡ଼ାରେ ଓ ଚିରର ଉପର ଅଂଶରେ ବ୍ରଣ ପରି ଲାଲ ଫୋଟକା ସୃଷ୍ଟି କରନ୍ତି ଏବଂ ଏହା ଧୀରେ ଧୀରେ ଘା' ହୋଇ କଳା ପଡ଼ିଯାଏ । ଆକ୍ରାନ୍ତ ଗାଈଙ୍କୁ ଦୁହିଁବା ସମୟରେ ଏହି ରୋଗର ଭୂତାଣୁ ଦୁହାଁଳିଙ୍କ ହାତରେ ଯାଇ ଅନ୍ୟ ସୁସ୍ଥ ଗାଈଙ୍କୁ ଆକ୍ରାନ୍ତ କରିଥାନ୍ତି । ପହ୍ନାର ଚାରିପାଖ, ପହ୍ନା ଓ ଚିରରେ ଛୋଟ ଛୋଟ ଲାଲ ବ୍ରଣ ପରି ଫୋଟକା ଦେଖାଯାଏ । ରୋଗର ପ୍ରଥମାବସ୍ଥାରେ ଏହି ବ୍ରଣରୂପକ ଅଂଶକୁ ଛୁଇଁଲେ ଟାଣ ଓ ଗରମ ଲାଗେ । ପରେ ଏଗୁଡ଼ିକ ଫୋଟକାରେ ପରିଣତ ହୋଇ ଭିନ୍ନ ଭିନ୍ନ ଆକୃତିର ଦେଖାଯାଆନ୍ତି । ତା'ପରେ ଏଗୁଡ଼ିକ ଗାଢ଼ ପିଙ୍ଗଳବର୍ଣ୍ଣ ଧାରଣ କରନ୍ତି ଓ ଶୁଖି ଝଡ଼ି ପଡ଼ନ୍ତି। ବାଛୁରୀମାନେ ଏ ରୋଗ ହେଲେ ସେମାନଙ୍କ ମୁହଁ ଓ ନାକପୁଡ଼ାରେ ଫୋଟକା ଦେଖାଯାଏ । ଗାଈର କ୍ଷୀର ଦେବା ହ୍ରାସ ପାଏ । ୧% ପଟାସିୟମ ପରମାଙ୍ଗାନେଟ୍ ମିଶ୍ରିତ ଉଷୁମ ପାଣିରେ ପହ୍ନାକୁ ଭଲଭାବେ ଧୋଇଦେବା ଦରକାର । ତା'ପରେ ଜିଙ୍କ୍ ଅକ୍‌ସାଇଡ୍ କିମ୍ବା ହିମାକ୍ସ ମଲମ ଦୈନିକ ୨ଥର ପହ୍ନାର ଉପରଭାଗରେ ଲଗାଇଲେ ଏହି ରୋଗ ଶୀଘ୍ର ଭଲ ହୁଏ । ଅନ୍ୟାନ୍ୟ ଜୀବାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆଣ୍ଟିବାଓଟିକ୍ସ ଓ ପହ୍ନାର ଯନ୍ତ୍ରଣା କମାଇବାପାଇଁ ଦରଜ ଇଞ୍ଜେକ୍ଶନର ସାହାଯ୍ୟ ନିଆଯାଇପାରେ ।

**-ଡା. ବୀରକିଶୋର ପରିଡ଼ା,** ଅତିରିକ୍ତ ନିର୍ଦ୍ଦେଶକ(ପ୍ରାଣୀ ସମ୍ପଦ ବିକାଶ), ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ। ମୋ - ୯୪୩୭୬୦୭୩୧୨





# ଆଜିଠାରୁ ଦୁଲୀପ ଟ୍ରଫି

**ବେଙ୍ଗାଲୁରୁ, ୨୭।୬ (ପି.ଟି.)**

ବୁଧବାର ଦୁଲିପ ଟ୍ରଫି ସହ ଭାରତର ଘରୋଇ କ୍ରିକେଟ ସିଜନ ଆରମ୍ଭ ହେବ। ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ କ୍ୱାର୍ଟରଫାଇନାଲ ମ୍ୟାଚ ଖେଳାଯିବ। ଆଲୁରଠାରେ କେନ୍ଦ୍ରାଞ୍ଚଳ ଓ ପୂର୍ବାଞ୍ଚଳ ମଧ୍ୟରେ ମ୍ୟାଚ ଖେଳାଯିବାକୁ ଥିବାବେଳେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଉତ୍ତରାଞ୍ଚଳକୁ ଭେଟିବ ଉତ୍ତରପୂର୍ବାଞ୍ଚଳ। ଆସନ୍ତା ମାସରେ ଏହି ଦୁଇଟି ମ୍ୟାଚର ବିଜେତା ସେମିଫାଇନାଲରେ ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳକୁ ଭେଟିବେ। ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳ ଗତ ସିଜନର ଚାମ୍ପିୟନ ଓ ଫାଇନାଲିଷ୍ଟ ଭାବେ ସିଧାସଳଖ ସେମିଫାଇନାଲ ଖେଳିବେ। ଭାରତୀୟ ଦଳ ପାଇଁ ଚୟନକର୍ତ୍ତାଙ୍କର ଏହି ଟୁର୍ନାମେଣ୍ଟ ଉପରେ ପୂରା ନଜର ରହିବ। ଆଇପିଏଲ୍‌ରେ କୋଲକାତା ନାଇଟ ରାଇଡର୍ସ ତରଫରୁ ଜବରଦସ୍ତ ପ୍ରଦର୍ଶନ ପରେ ରିଙ୍କୁ ସିଂ କ୍ରିକେଟ ମହଲରେ ବେଶ୍ ପରିଚୟ ସୃଷ୍ଟି କରିପାରିଛନ୍ତି। ରେଡ୍‌ବଲ କ୍ରିକେଟରେ ତାଙ୍କର ପ୍ରଭାବୀ ପ୍ରଦର୍ଶନ ରହିଥିଲେ ମଧ୍ୟ ସେ ତୁଳନାରେ ସେ ସେତେଟା ନାମ କମାଇପାରିନାହାନ୍ତି। ଗତ ସିଜନରେ ୭ଟି ରଣଜୀ ଟ୍ରଫି ମ୍ୟାଚ ଖେଳି ୬୨ରନ ଆଭରେଜରେ ୪୪୨ ରନ ସଂଗ୍ରହ କରିଥିଲେ। ତେଣୁ ତାଙ୍କୁ କେନ୍ଦ୍ରାଞ୍ଚଳ ଦଳରେ ଦେଖିବାକୁ ମିଳିବ। ବର୍ତ୍ତମାନ ସମୟରେ ପ୍ରଥମଶ୍ରେଣୀ କ୍ରିକେଟରେ ମୋଟ ଉପରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବ୍ୟାଟରମାନଙ୍କ ମଧ୍ୟରେ ସେ ଅନ୍ୟତମ। ସେ ୪୦ଟି ମ୍ୟାଚରେ ୫୯.୮୯ ଆଭରେଜରେ ୭ ଶତକ ଓ ୧୯ ଅର୍ଦ୍ଧଶତକ ସମେତ ୨୮୭୫ ରନ କରିଛନ୍ତି। ରିଙ୍କୁ ଯଦି ତାଙ୍କ ପ୍ରଦର୍ଶନକୁ ଦୋହରାନ୍ତି ତେବେ ଭବିଷ୍ୟତରେ ତାଙ୍କ ନାମ ଭାରତୀୟ ଦଳ ପାଇଁ ବିଚାରକୁ ନିଆଯାଇପାରେ।

**କାର୍ଯ୍ୟସୂଚୀ:** ଜୁନ୍ ୨୮ରୁ ଜୁଲାଇ ୧: ଉତ୍ତରାଞ୍ଚଳ ବନାମ ଉତ୍ତର ପୂର୍ବାଞ୍ଚଳ, ଚିନ୍ନାସ୍ୱାମୀ ଷ୍ଟାଡିୟମ; କେନ୍ଦ୍ରାଞ୍ଚଳ ବନାମ ପୂର୍ବାଞ୍ଚଳ, ଅଲୁର। ମ୍ୟାଚ ଆରମ୍ଭ ସକାଳ ୯ଟା ୩୦।

# ଖାଣ୍ଡକର ଜୁନିୟର ମହିଳା ହକି ଦଳର ନୂଆ କୋଚ୍

**ନୂଆଦିଲ୍ଲୀ, ୨୭।୬ (ପି.ଟି.)**

ହକି ଇଣ୍ଡିଆ ମଙ୍ଗଳବାର ପୂର୍ବତନ ଅଧିନାୟକ ତୁଷାର ଖାଣ୍ଡକରଙ୍କୁ ଜୁନିୟର ମହିଳା ହକି ଦଳର ମୁଖ୍ୟ କୋଚ ଭାବେ ନିଯୁକ୍ତି ଦେଇଛି। ଏହି ଦଳ ବର୍ତ୍ତମାନ ବିଶ୍ୱକପ୍ ପାଇଁ ପ୍ରସ୍ତୁତ ହେଉଛି। ଏହା ନଭେମ୍ବର ୨୯ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ସାଣ୍ଟିଆଗୋଠାରେ ଖେଳାଯିବ। ଖାଣ୍ଡକରଙ୍କୁ ହରବିନ୍ଦର ସିଂଙ୍କ ସ୍ଥାନରେ ଅବସ୍ଥାପିତ କରାଯାଇଛି। ଜାନୁୟାରୀରେ ଏରିକ୍ ଓନିଙ୍କ ପଦତ୍ୟାଗ କରି ଚାଲିଯିବା ପରେ ହରବିନ୍ଦରଙ୍କୁ ତାଙ୍କ ସ୍ଥାନରେ ଜଣେ କାମଚଳା କୋଚ୍ ଭାବେ ନିଯୁକ୍ତି ଦିଆଯାଇଥିଲା। ସୂଚନାଯୋଗ୍ୟ, ଉଭୟ ଜୁନିୟର ଓ ସିନିୟର ଦଳ ଦାୟିତ୍ୱରେ ରହିଥିବା ମହିଳା ମୁଖ୍ୟକୋଚ୍ ବର୍ତ୍ତମାନ ଏସିଆନ ଗେମ୍ସ ପ୍ରସ୍ତୁତି କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ଏଥିପାଇଁ ଖାଣ୍ଡକରଙ୍କୁ ଜୁନିୟର ଦଳର ମୁଖ୍ୟ କୋଚ ଭାବେ ନିଯୁକ୍ତି ମିଳିଛି। ଖାଣ୍ଡକର ପୂର୍ବରୁ ୨୦୧୪ ଓ ୨୦୧୬ ମଧ୍ୟରେ ଜଣେ କୋଚ୍ ହିସାବରେ ଭାରତୀୟ ପୁରୁଷ ଦଳର ଅଂଶବିଶେଷ ଥିଲେ।



ତୁଷାର ଖାଣ୍ଡକର

ତାଙ୍କ ସମୟରେ ଭାରତୀୟ ଦଳ ଅନେକ ସଫଳତା ହାସଲ କରିଥିଲା। ତନ୍ମଧ୍ୟରେ ଲଣ୍ଡନରେ ଐତିହାସିକ ଚାମ୍ପିୟନ୍ସ ଟ୍ରଫି ୨୦୧୬ରେ ରୌପ୍ୟ, ଏସିଆନ ଚାମ୍ପିୟନଶିପ୍ ଟ୍ରଫିରେ ଏକ ସ୍ୱର୍ଣ୍ଣ ଏବଂ ରାୟପୁରରେ ବିଶ୍ୱ ହକି ଲିଗ୍‌୨୦୧୫ରେ ଏକ ବ୍ରୋଞ୍ଜ ଅନ୍ୟତମ।









## ADMISSION NOTICE - 2023-24

### GANGADHAR MEHER UNIVERSITY, AMRUTA VIHAR, SAMBALPUR

Gangadhar Meher University, Sambalpur offers popular Self-financing programs for the academic session 2023-24. Candidates seeking admission to MBA & MCA programs may apply through OJEE. Candidates interested for 4 year Int. B.Ed (Arts / Science) and 3 year BBA & B.Sc. IST programs are required to visit university website: www.gmuniversity.ac.in and http://eadmission.gmuniversity.ac.in for application form and other details.

| Programs | Duration | Annual fee | Eligibility & Admission Procedures |
|---|---|---|---|
| **MBA** (Subject to availability of seats after applicants of OJEE admission) | 2 Years | Rs.50,000/- | ⇨ Through OJEE<br>⇨ For remaining vacant seats, applicants having 50% aggregate marks in degree and score cards of OJEE/CAT/MAT/XAT/ATMA/CPET may apply directly to the university. |
| **MBA-FM** (Financial Management) *(Subject to availability of seats after applicants of CPET admission) | 2 Years | Rs.40,000/- | ⇨ Applicants having 50% aggregate marks in degree and score cards of OJEE/CAT/MAT/XAT/ATMA/CPET or University's own test* may apply directly for the vacant seats after CPET admission. |
| **BBA** | 3 Years | Rs.35,000/- | ⇨ +2 Pass or equivalent, (Students are advised to apply after the notification of self-financing UG programs for academic session 2023-24 |
| **B. Sc.IST** (Information Science & Telecommunication) | 3 Years | Rs.35,000/- | ⇨ +2 Science or equivalent with Mathematics/Physics, (Students are advised to apply after the notification of self-financing UG programs for academic session 2023-24 |
| **Int. B.Ed** (Arts & Science) | 4 Years | BA B.ED. Rs.40,000/- & B. Sc. B.Ed. Rs.45,000/- | ⇨ For B.A B.ED.: +2 Pass or Equivalent<br>⇨ For B.Sc. B.Ed.: +2 Science Pass or Equivalent., (Students are advised to apply after the notification of self-financing UG programs for academic session 2023-24 |

** University own test: After the list of eligible candidates from the above entrance tests is exhausted, University will conduct an entrance test for the remaining seats, if any, for other applicants.*

**Last date for submission of application forms online has been extended up to 04.07.2023, 11.59 PM** (For BBA, B.Sc. IST and Integrated B.Ed. program). **Last date for submission of application forms is 15.07.2023 , 11.59 PM** (For MBA and MBA-FM program)

**For admission-related queries may contact – 8658313268, 9861283124, 8984161471** **Sd./- Registrar**



# ତନିଷ୍କ ଭେଟିଦେଉଛି 'ଦିବ୍ୟାନି'

## 'ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ଗୁଣଗାନ'



ଟାଟା ଅଧୀନ ଭାରତର ସର୍ବବୃହତ୍ ପାଇକାରୀ ଗହଣା ବ୍ରାଣ୍ଡ ତନିଷ୍କ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଐଶ୍ୱରୀୟ ଶକ୍ତିକୁ ସ୍ମରଣ କରି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ବିଶେଷ ଗହଣାର ସମ୍ଭାର 'ଦିବ୍ୟାନି'ର ଶୁଭାରମ୍ଭ କରିଛି । ଏହାକୁ ଉନ୍ମୋଚନ କରିଛନ୍ତି ତନିଷ୍କର ପୂର୍ବାଂଚଳ କ୍ଷେତ୍ରିୟ ବ୍ୟବସାୟ ପ୍ରବନ୍ଧକ ଶ୍ରୀ ଅଲୋକ ରଞ୍ଜନ ।



ରଥଯାତ୍ରାକୁ ଆହୁରି ଉତ୍ସବମୁଖର କରିବାକୁ ତନିଷ୍କ ଏକ ବିଶେଷ ଅଫରର ଘୋଷଣା କରିଛି । ତନିଷ୍କ ହୀରା ଗହଣା ମୂଲ୍ୟ ଏବଂ ସୁନା ଗହଣାର ଗଢ଼ା ମଜୁରି ଉପରେ ୨୦%* ପର୍ଯ୍ୟନ୍ତ ରିହାତିର ଘୋଷଣା କରିଛି । ଓଡ଼ିଶାରେ ତନିଷ୍କର ସମସ୍ତ ଷ୍ଟୋରରେ ଏହି ଅଫର ସୀମିତ ସମୟ ପାଇଁ ଉପଲବ୍ଧ ହେବ ।

ତନିଷ୍କର ସଦ୍ୟତମ ରଥଯାତ୍ରା ସମାହାର ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରା ଦ୍ୱାରା ଅନୁପ୍ରେରିତ ଓ ଏହାର ହାତତିଆରି ଗହଣା ଓଡ଼ିଆ ନାରୀଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବ ଏଥିରେ ତିଳେମାତ୍ର ଦ୍ୱିରୁକ୍ତି ନାହିଁ । କୋଣାର୍କର ବିଶ୍ୱବିଦିତ ସୂର୍ଯ୍ୟ ମନ୍ଦିର ଠାରୁ ଆରମ୍ଭ କରି ଭୁବନେଶ୍ୱର ଲିଙ୍ଗରାଜ ଓ ମୁକ୍ତେଶ୍ୱର ମନ୍ଦିରର ସୂକ୍ଷ୍ମାତିସୂକ୍ଷ୍ମ କାରୁକାର୍ଯ୍ୟ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଭବ୍ୟ ନିର୍ମାଣଶୈଳୀ ପର୍ଯ୍ୟନ୍ତ ଏହି ସମାହାର ଏଠାକାର ସମୃଦ୍ଧ ସାଂସ୍କୃତିକ ଏବଂ ସ୍ଥାପତ୍ୟ କଳାର ଗୁଣଗାନ କରୁଛି । ଏହି ସମାହାର ଆହୁରି ମଧ୍ୟ ପାରମ୍ପରିକ ଲୋକକଥା, ପ୍ରଥା ଏବଂ କାହାଣୀ ଦ୍ୱାରା ପ୍ରଭାବିତ ଇକତ ଏବଂ ପଟ୍ଟଚିତ୍ର ଭଳି ସ୍ଥାନୀୟ କଳା ଓ ହସ୍ତକଳାର ମହିମାଗାନ କରୁଛି । ଏହି ଗହଣା ସମ୍ଭାରରେ ଆହୁରି ମଧ୍ୟ ରଥଯାତ୍ରାର ବିଭିନ୍ନ ଡିଜାଇନ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ଆକର୍ଷିତ କରିବାକୁ ଯଥାସମ୍ଭବ ଚେଷ୍ଟା କରାଯାଇଛି । ଭାରତର ସ୍ଥାପତ୍ୟ ଏବଂ କଳାତ୍ମକ ପ୍ରବୃତ୍ତି ର ଏହି ଚମତ୍କାର ଉଦାହରଣଗୁଡ଼ିକ ଜଟିଳ ତାରକାସି, ଲେଜର କଟିଂ ଏବଂ ୩-ଡାଇମେନସନାଲ ଷ୍ଟେପିଂ-ଇନ୍ ୟୁନିଟ୍ ମାଧ୍ୟମରେ ବିସ୍ତୃତ ଷ୍ଟାମ୍ପ ଏବଂ ତାର କାରୁକାର୍ଯ୍ୟ ଦ୍ୱାରା ହାସଲ କରାଯାଇଛି ।



ନୂତନ ସମାହାରର ଶୁଭାରମ୍ଭ ବିଷୟରେ ସୂଚନା ଦେଇ ତନିଷ୍କ ଆଞ୍ଚଳିକ ବ୍ୟବସାୟ ପ୍ରବନ୍ଧକ ଶ୍ରୀ ଅଲୋକ ରଞ୍ଜନ କହିଛନ୍ତି, "ଏପରି ଏକ ଦୁନିଆକୁ ଯାଅ, ଯେଉଁଠାରେ ପ୍ରାଚୀନ ମନ୍ଦିର ଏବଂ କାଳଜୟୀ କାରିଗରି ଏକତ୍ରିତ ହୁଅନ୍ତି - ଆମେ ଗର୍ବର ସହ ଆମର ରଥଯାତ୍ରା ସମାହାର 'ଦିବ୍ୟାନି' ଉନ୍ମୋଚନ କରୁଛୁ । ତନିଷ୍କ ହେଉଛି ଓଡ଼ିଆ ନାରୀଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବାକୁ ହାତତିଆରି ଅଳଙ୍କାର ସମାହାର । ଓଡ଼ିଶାର ପରମ୍ପରା ଏବଂ ସଂସ୍କୃତି ଦ୍ୱାରା ଅନୁପ୍ରେରିତ ଆମର ସମାହାର, ଏହାର ଚମତ୍କାର ମନ୍ଦିର ଏବଂ ହସ୍ତଶିଳ୍ପ ସମେତ ଓଡ଼ିଶାର ସମୃଦ୍ଧ ଆତ୍ମା ଏବଂ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ହୃଦୟରୁ ଶ୍ରଦ୍ଧାଞ୍ଜଳି । ତନିଷ୍କର ପ୍ରତ୍ୟେକ ଗହଣା ଗୋଟିଏ ଗୋଟିଏ ଚମତ୍କାର କୃତି, ଯାହା ଓଡ଼ିଶାର ଭବ୍ୟ ମନ୍ଦିର ଏବଂ ରଥଯାତ୍ରାର ପ୍ରତ୍ୟେକ ମୁହୂର୍ତ୍ତକୁ ଅବିସ୍ମରଣୀୟ କରିଦେଇଥାଏ । ଏହି ମୂଲ୍ୟବାନ ଗହଣାକୁ ଧାରଣ କରିବା ସମୟରେ ତୁମର ହୃଦୟ ସଗର୍ବେ ଫୁଲିଉଠୁ ଏବଂ ତନିଷ୍କର ଅଂଶ ହୋଇ ତୁମେ ସବୁ ସୀମାକୁ ଉଲ୍ଲଂଘନ କରିଯାଅ । ଆମ ରଥାଯାତ୍ରା ସମାହାରର ଯାଦୁକୁ ଅନୁଭବ କରି ଓଡ଼ିଶାର ଏକତା ଏବଂ ସୌନ୍ଦର୍ଯ୍ୟକୁ ଉପଭୋଗ କରନ୍ତୁ । ତନିଷ୍କ ତରଫରୁ ସମସ୍ତଙ୍କୁ ରଥଯାତ୍ରାରେ ହାର୍ଦ୍ଦିକ ଶୁଭକାମନା ।"

TANISHQ

### ତନିଷ୍କ ବିଷୟରେ ଦୁଇପଦ

ଟାଟା ଗ୍ରୁପର ଭାରତର ସବୁଠାରୁ ପ୍ରିୟ ଅଳଙ୍କାର ବ୍ରାଣ୍ଡ ତନିଷ୍କ ଦୁଇ ଦଶନ୍ଧି ଧରି ଉନ୍ନତ କାରିଗରି, ସ୍ୱତନ୍ତ୍ର ଡିଜାଇନ ଏବଂ ଗ୍ୟାରେଣ୍ଟିଯୁକ୍ତ ଏବଂ ଗୁଣବତ୍ତା ଉତ୍ପାଦ ପ୍ରସ୍ତୁତ କରିଆସୁଛି । ଏହା ଦେଶର ଏକମାତ୍ର ଅଳଙ୍କାର ବ୍ରାଣ୍ଡ ଯାହା ଭାରତୀୟ ମହିଳାଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରି ପାରମ୍ପରିକ ଏବଂ ସମସାମୟିକ ଗହଣା ପ୍ରସ୍ତୁତ କରିବାର ଭରସା ଜିତିପାରିଛି । ତନିଷ୍କର ବର୍ତ୍ତମାନ ୨୦୦ରୁ ଅଧିକ ସହରରେ ୪୦୦ରୁ ଅଧିକ ପାଇକାରୀ ଷ୍ଟୋର ରହିଛି ।

*ନିୟମ ଓ ସର୍ତ୍ତାବଳୀ ଲାଗୁ


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ